ISSN No. : 2583-147X(P)



ବାସ୍ତବତାର ପରିପ୍ରକାଶ


# ପ୍ରାଚୀ

# PRACHEE

*The Official Journal of*
*Prachee Centre for Cultural Relations*

ଅଗଷ୍ଟ ୨୦୨୪
ମୂଲ୍ୟ : ୨୫ ଟଙ୍କା





ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବ ର୍ନ ଅଛି । ଏହି ବିବ ର୍ନ ଜୀବନର ପରିବ ର୍ନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁ ର୍ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆ ର୍ଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମି   ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମି   ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଓଁ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବ ର୍ନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚି ଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସ । । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉ ଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବ ୍ରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକିଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

# ପ୍ରାଚୀ ପତ୍ରିକା

ISSN NO. 2583-147X (P)


## ଉପଦେଷ୍ଟା ମଣ୍ଡଳୀ

**ଡକ୍ଟର ପାବକ କାନୁନ୍‌ଗୋ**
ଶିକ୍ଷାବିତ୍

**ଡକ୍ଟର ମନ୍ଦାକିନୀ ଦାସ**
ଶିକ୍ଷାବିତ୍

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ୍

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡକ୍ଟର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ

## ମୁଖ୍ୟ ସଂପାଦକ

**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

## କାର୍ଯ୍ୟନିର୍ବାହୀ ସମ୍ପାଦକ

**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ସଂପାଦକ

**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**

## ସଂପାଦକ ମଣ୍ଡଳୀ

**ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ସମ୍ବିତ ପାଣିଗ୍ରାହୀ**
ପ୍ରଫେସର, ଇଂରାଜୀ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ

**ଜୟନ୍ତ କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ, ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପ୍ରାଚୀ ପ୍ରଯୁକ୍ତା**
ଶିକ୍ଷାବିତ୍

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ
ପାରାଦୀପ କଲେଜ, ପାରାଦୀପ

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- **"ପ୍ରାଚୀ"** ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତ ୍ୟ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- **"ପ୍ରାଚୀ"** ଯୁବପୀଢ଼ିଙ୍କର ଗବେଷଣାକୁ  ଅଭିଜାତ ସର୍ମନ୍ନ ଓ ସମୁନ୍ନତ  କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସର  ନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ ଆବଶ୍ୟକସ୍ଥଳେ ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବା ାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ  ଏକମାସ ପୂର୍ବରୁ ଲେଖାଟି ପହ ୍ବା ଜରୁରୀ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ ।  ପ୍ରାଚୀ ପତ୍ରିକା ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫ  ରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

**ବାସ୍ତବତାର ପରିପ୍ରକାଶ**

**ପ୍ରାଚୀ**

**Vol.- 10, August 2024, Issue No. IV**
**ISSN NO. 2583-147X(P)**
**RNI No. : ODIODI/2015/64435**
P.R. No. : CK(C)/96/2022-2024

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ପ୍ରଚ୍ଛଦ :
**ବିଭୁପ୍ରସାଦ ନାୟକ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...

ଆରିଷ୍ଟଟଲ୍‌ଙ୍କ କାବ୍ୟତତ୍ତ୍ୱ
—ଡ.ଶରତ କୁମାର ଜେନା ୯

ରେଙ୍ଗୁନ୍ ଯାତ୍ରାରେ ଓଡିଆ କୁଲି
—କିଶୋର ଚନ୍ଦ୍ର ମହାନ୍ତ(ଗବେଷକ)
—ଶକୁନ୍ତଳା ମିର୍ଦ୍ଧା (ଗବେଷିକା) ୧୪

କାଳିନ୍ଦୀଚରଣଙ୍କ ଗଳ୍ପ ଜଗତରେ ମଣିଷ ଓ ମାନବିକତା
ଅଧ୍ୟାପକ ଜ୍ୟୋତିରଞ୍ଜନ ମହାନ୍ତି ୧୮

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ
—ପବିତ୍ର ଦାସ ୨୫

ଉତ୍ତର ଅଶୀର ଉତ୍ତରଣ: ଓଡ଼ିଆ ଓ
ହିନ୍ଦୀ ଲେଖିକାଙ୍କ ଉପନ୍ୟାସର ବୈଶିଷ୍ଟ୍ୟ
—ଲୋପାମୁଦ୍ରା ସ୍ୱାଇଁ ୩୩

ଢେଙ୍କାନାଳ ଜିଲ୍ଲାରେ ଶୈବ ସଂସ୍କୃତିର ଉନ୍ମେଷ ଓ ଉତ୍ତରଣ
—ସନ୍ତୋଷ ଭୋଇ ୪୪

# ସଂପାଦକୀୟ...

## ଓଡ଼ିଆ ଇ ପତ୍ରିକା

ଏକବିଂଶ ଶତାବ୍ଦୀ ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା ଉପଯୋଗର ଶତାବ୍ଦୀ । ପ୍ରଯୁକ୍ତିବିଦ୍ୟାର ସହଜ ଓ ସୁଲଭ ଉପଲବ୍ଧି ଫଳରେ ମାନବ ସଭ୍ୟତା ତଥା ଜୀବନଶୈଳୀ ପ୍ରଭାବିତ ହୋଇଛି ଏବଂ ବହୁ ମାତ୍ରାରେ ଉପକୃତ ମଧ୍ୟ ହେଉଛି । ସାହିତ୍ୟ ଓ ପତ୍ର ପତ୍ରିକାର ଜଗତ ଏ କ୍ଷେତ୍ରରୁ ଦୂରରେ ନୁହେଁ । ସାଂପ୍ରତିକ ସମୟରେ ଲକ୍ଷ୍ୟ କରାଯାଏ ସାମାଜିକ ଗଣମାଧ୍ୟମ ଓଡ଼ିଆ ପତ୍ର ପତ୍ରିକାର ଏକ ବିକଳ୍ପ ମଂ ରୂପେ ପ୍ରତିଭାତ ହୋଇଛି । ଏ ପ୍ରଭାବ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ହୁଏତ ଆଙ୍ଗୁଳି ଗଣତି ଥିଲା କିନ୍ତୁ ପ୍ରାୟ ୨୦୧୦-୧୫ ଭିତରେ ବିକଶିତ ହେବା ଆରମ୍ଭ ହେଲା । ଏବଂ ୨୦୧୫ ପରବର୍ତ୍ତୀ ସମୟରେ ଏହାର ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇଲାଣି ।

କାଗଜକୁ ସାଇତି ରଖିବା କ୍ରମଶଃ ଗୋଟିଏ ବୋଝ ଭଳି ପ୍ରତୀୟମାନ ହେଲାଣି । ସେଥିପାଇଁ ପୁରାତନ ପତ୍ର ପତ୍ରିକା, ବହି, ଦସ୍ତାବିଜ୍ ଓ ଦଲିଲ୍ ?ଗୁଡ଼ିକର ସଂରକ୍ଷଣ ନିମନ୍ତେ ବିଭିନ୍ନ ପ୍ରକାରର ପ୍ରୟାସ ଆରମ୍ଭ ହୋଇସାରିଛି । ପ୍ରାଚୀନ ପତ୍ର ପତ୍ରିକାଗୁଡ଼ିକୁ ସଂଗ୍ରହପୂର୍ବକ ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ ସ୍କାନିଙ୍ଗ୍ ?କରି ସାଇତିବାର ପରମ୍ପରା କ୍ଷେତ୍ରରେ ନିଖିଳ ପଟ୍ଟନାୟକଙ୍କ ଅଧିନାୟକତ୍ୱରେ ସ୍ଥାପିତ ଓଡ଼ିଆ ବିଭବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ସଂସ୍ଥା ପ୍ରାୟ ଊନବିଂଶ ଓ ବିଂଶ ଶତାବ୍ଦୀର ଅଦ୍ୟାବଧି ପ୍ରାୟ ୧୨୨ଗୋଟି ପତ୍ରିକାର ଡିଜିଟାଇଜ୍ ସ୍ୱରୂପ ଉପଲବ୍ଧ କରାଇ ସାରିଛନ୍ତି । ଏବେ ରାଜ୍ୟ ସରକାର, ନିଟ୍- ରାଉରକେଲା, ସୋଆ ବିଶ୍ୱବିଦ୍ୟାଳୟ ମଧ୍ୟ ବହୁ ସଂଖ୍ୟାରେ ବହି ଓ ପତ୍ରିକା ଡିଜିଟାଇଜେସନ୍ ଉପରେ ଧ୍ୟାନ ଦେଲେଣି ।

ସାମାଜିକ ଗଣମାଧ୍ୟମରେ ତଥା ଇଣ୍ଟରନେଟରେ ମିଳୁଥିବା ପତ୍ରପତ୍ରିକାକୁ ଆମେ ବିଭାଗୀକରଣ କରିପାରିବା । (କ) ପ୍ରାଚୀନ ପତ୍ରିକାର ଡିଜିଟାଇଜେସନ (ଦ୍ର. ଓଡ଼ିଆ ବିଭବ ପତ୍ରିକା ସୂଚୀ) (ଖ) ସାଂପ୍ରତିକ ସମୟରେ ଚାଲିଥିବା ପତ୍ରିକାର ସାମାନ୍ୟ ବିଳମ୍ବିତ ଡିଜିଟାଇଜେସନ (ଦ୍ର. ଉତ୍କଳ ପ୍ରସଙ୍ଗ, କଥା,କାଦମ୍ବିନୀ, ରେବତୀ)(ଗ) ନିଜସ୍ୱ ୱେବସାଇଟ୍ ?ରେ ପ୍ରକାଶିତ ଓଡ଼ିଆ ଇ-ପତ୍ରିକା (ଘ) ନିଜସ୍ୱ ୱେବସାଇଟ୍ ବା ମୁଦ୍ରିତ ରୂପ ନଥାଇ PDF ଆକାରରେ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ଓଡ଼ିଆ ଇ-ପତ୍ରିକା

ସାଂପ୍ରତିକ ସମୟରେ ଦେଖାଯାଉଥିବା ଓଡ଼ିଆ ଇ-ପତ୍ରିକାମାନଙ୍କ ମଧ୍ୟରୁ କେତେଗୁଡ଼ିଏ ପତ୍ରିକା ନିୟମିତ ଭାବେ ପ୍ରକାଶିତ ହୋଇ ସେମାନଙ୍କ ପ୍ରଭାବ ସୃଷ୍ଟି କରିପାରିଛନ୍ତି । ଏସବୁ ପତ୍ର ପତ୍ରିକାକୁ ଡାଉନଲୋଡ୍ କରି ପଢ଼ାଯାଇ ପାରେ । ଅନେକ ଇ-ପତ୍ରକାର ନିଜସ୍ୱ ୱେବ୍‌ସାଇଟ୍ ନଥିବାରୁ ସେମାନେ ଏହାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମଧର୍ମୀ ଆପ୍‌ଗୁଡ଼ିକ ବ୍ୟବହାର କରିଥାନ୍ତି । ଏଗୁଡ଼ିକ ମୋବାଇଲ ଓ କମ୍ପ୍ୟୁଟର ମାଧ୍ୟମରେ ବଣ୍ଟନ ପ୍ରକ୍ରିୟା ଜରିଆରେ ପିଡିଏଫ୍ ଆକାରରେ ପଠାଯାଏ ଓ ଡାଉନଲୋଡ୍ କରି ପଢିବାକୁ ହୁଏ । ତାଲିକା ପ୍ରଦାନ କରିବା ଏହି ସମ୍ପାଦକୀୟର ମୂଳ ଉଦ୍ଦେଶ୍ୟ ନୁହେଁ । ଅଥବା ଏହାକୁ ସମ୍ପାଦକର ଅଜ୍ଞତା ବୋଲି ମଧ୍ୟ ଭାବି ପାରନ୍ତି ।

ପ୍ରଯୁକ୍ତିବିଦ୍ୟାର ସହଯୋଗରେ ଜଣେ ହୁଏତ ବାହାରକୁ ନଯାଇ କାଗଜ ପାଇଁ ଅର୍ଥହାନି ନକରି ଏହି ପତ୍ରିକା ଗୁଡ଼ିକ ପଢ଼ିପାରେ । ମାତ୍ର ସମସ୍ୟା ହେଉଛି ଇ-ପତ୍ରିକା ଗୁଡ଼ିକର ପ୍ରକାଶନରେ ଯେଉଁ ନିଷ୍ଠା ଦେଖାଯିବା କଥା ଅନେକ କ୍ଷେତ୍ରରେ ତାହା ଦେଖିବାକୁ ମିଳେନାହିଁ । ଇ-ପତ୍ରିକାର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହାର ସମ୍ପାଦନା ବିହୀନତା । ଲେଖକମାନେ ଅନେକ ସମୟରେ ଯାହା ନିଜେ ଟାଇପ୍ କରି ଦେଇଥାନ୍ତି, ତାକୁ ଅବିକଳ ଭାବରେ ପ୍ରକାଶ କରିବା ଫଳରେ ସେଥିରେ ବନାନ୍ ?ଗତ ତ୍ରୁଟି ଗୋଟିଏ ପ୍ରମୁଖ ସମସ୍ୟା ଭାବରେ ପ୍ରତିଭାତ ହୁଏ । ଇ-ପତ୍ରିକା ପ୍ରକାଶନ ପାଇଁ ବିଶେଷ ଅର୍ଥ ଖର୍ଚ୍ଚ ହୁଏନାହିଁ । ଅନେକ ସମୟରେ ସମ୍ପାଦକମାନେ ମଧ୍ୟ ସମ୍ପାଦନା ସମୟରେ ପତ୍ରିକାର କଳେବର ପ୍ରତି ଯେତିକି ଦୃଷ୍ଟିଦେବା କଥା ତାହା ଦେଇନଥାନ୍ତି । ପୁନଶ୍ଚ ସମୟେସମୟେ ସମ୍ପାଦକମାନେ ପତ୍ରିକାର ଲେ ଆଉଟ୍ ଓ ଡିଜାଇନ୍ ପ୍ରତି ଧ୍ୟାନ ଦେଇଥିବା ସତ୍ତ୍ୱେ ପତ୍ରିକାର ଉପାଦାନ ଓ ବନାନଗତ ତ୍ରୁଟି ସଂପର୍କରେ ସମ୍ପୂର୍ଣ୍ଣ ଭାବରେ ଆଖିବୁଜି ଦେଇଥାନ୍ତି । ଫଳତଃ ବ୍ୟାକରଣ ଅଶୁଦ୍ଧି ତଥା ଶବ୍ଦଗତ ଅଶୁଦ୍ଧି ପତ୍ରିକାଟିର ଛତ୍ରେଛତ୍ରେ ଉପଲବ୍ଧ ହୋଇଥାଏ । ଇ-ପତ୍ରିକା ସମ୍ପାଦନାରେ ଲେଖାର ସଠିକତା ଓ ପ୍ରାମାଣିକତା ଅନେକ ସମୟରେ ପରୀକ୍ଷା ନହୋଇଥିବା କାରଣରୁ ଏବଂ ଲେଖକମାନେ ପଠେଇଥିବା ଲେଖାକୁ ନପଢି ପ୍ରକାଶ କରାଯାଉଥିବାରୁ ପତ୍ରିକାର ମାନ ମଧ୍ୟ ହ୍ରାସ ହେବାର ସମ୍ଭାବନା ଥାଏ । ଅବଶ୍ୟ ଏହି ଅଭିଯୋଗ ଆପଣ କେତେକ ମୁଦ୍ରିତ ପତ୍ରିକା ବା ପୂଜା ସଂଖ୍ୟା କ୍ଷେତ୍ରରେ ମଧ୍ୟ ଦେଖିପାରନ୍ତି ।

ମୁଦ୍ରିତ ଅକ୍ଷରରେ ପ୍ରକାଶ ପାଉଥିବା କେତେକ ପତ୍ରିକାର ଡିଜିଟାଇଜ୍ ସ୍ୱରୂପ ମଧ୍ୟ ଦେଖାଯାଇଥାଏ । ଏହା ଇ-ପତ୍ରିକା ଠାରୁ ଅପେକ୍ଷାକୃତ ଭଲ ଉଦ୍ୟମ ବୋଲି ବିଚାର କରାଯାଇପାରେ । ମୁଦ୍ରିତ ପତ୍ରିକାର ବିକ୍ରି ପାଇଁ ନିର୍ଦ୍ଧାରିତ ସମୟ ଥାଏ । ଏହି ସମୟ ଅତିକ୍ରମ କରିବାପରେ ପତ୍ରିକାର ଡିଜିଟାଇଜେସନ ସ୍ୱରୂପକୁ ଇ[ରନେଟ୍ ଜରିଆରେ ୱେବ୍ ?ସାଇଟରେ ଅପ୍ ?ଲୋଡ୍ କରାଯାଇଥାଏ । ଫଳରେ ମୁଦ୍ରିତ ପତ୍ରିକାର ଗ୍ରାହକ ରୁଚିଶୀଳ, ସମ୍ଭ୍ରାନ୍ତ ବା ବୟସ୍କ ବ୍ୟକ୍ତିମାନେ ହେଉଥିବାବେଳେ ଯୁବ ବର୍ଗୀୟ ପାଠକମାନେ ଇ ପତ୍ରିକାର ସାହାଯ୍ୟ ନେବାର ସୁଯୋଗ ସୃଷ୍ଟି ହୁଏ ଓ ଭୌଗୋଳିକ ଦୂରତାକୁ ମଧ୍ୟ ଅତିକ୍ରମ କରିହୁଏ । 'ଉତ୍କଳ ପ୍ରସଙ୍ଗ', 'କଥା', 'କାଦମ୍ବିନୀ', 'ରେବତୀ' ଭଳି ମାସିକ ଓ ନିୟମିତ ପତ୍ରିକା ଏହି ଜରିଆରେ ମୁଦ୍ରିତ ପତ୍ରିକା ଓ ଇ-ପତ୍ରିକା ଉଭୟ ଭାବରେ ପାଠକମାନଙ୍କ ସାମ୍ନାକୁ ଆସିବାର ସୁଯୋଗ ସୃଷ୍ଟି ହୋଇଥାଏ ।

ବଦଳୁଥିବା ସମୟ ସହ ଆମର ରୁଚି ଓ ଦାୟିତ୍ୱବୋଧ ବଦଳିବା ଏକପ୍ରକାର ସ୍ୱାଭାବିକତା । ମାତ୍ର ଆଧୁନିକତା ସହିତ ଭାଷା ଓ ସାହିତ୍ୟ ପ୍ରତି ଦାୟବଦ୍ଧତା ମଧ୍ୟ ବଜାୟ ରଖିବାର ଯଥେଷ୍ଟ ଆବଶ୍ୟକତା ଅଛି । ଆମେମାନେ ଦାୟିତ୍ୱ ସଚେତନ ହେଲେ ଓଡ଼ିଆ ଇ ପତ୍ରିକାର ଚମତ୍କାର ସମ୍ଭାବନା ଆଗକୁ ଆହୁରି ଉଦ୍ଭାସିତ ହେବ ।

**- ଜ୍ଞାନୀ ଦେବାଶିଷ**

ମୂଳ ପ୍ରବନ୍ଧ

# ଆରିଷ୍ଟଟଲ୍‌ଙ୍କ କାବ୍ୟତତ୍ତ୍ୱ

ଡ.ଶରତ କୁମାର ଜେନା

**ସାରାଂଶ:**

ଆରିଷ୍ଟଟଲ୍ ହେଉଛନ୍ତି ପୃଥିବୀର ସର୍ବପ୍ରଥମ ସାହିତ୍ୟ ସମାଲୋଚକ । ତାଙ୍କର ପିତା ନିକୋମେକସ୍ ଥିଲେ ମାସିଡ଼ୋନିଆ ରାଜ୍ୟର ରାଜବୈଦ୍ୟ । ବାଳକ ଆରିଷ୍ଟଟଲ୍ ପିତାଙ୍କ ସହ ରାଜକୀୟ ସଂସ୍ପର୍ଶରେ ଆସିବା ସହ ପିଲାବେଳୁ ରସାୟନ ଓ ଆୟୁର୍ବେଦ ଶାସ୍ତ୍ରରେ ପ୍ରବୀଣ ଥିଲେ । ପରେ ଜ୍ଞାନବିଜ୍ଞାନ ଚର୍ଚ୍ଚା କ୍ଷେତ୍ରରେ ଏଥେନସ୍ ନଗରୀରେ ପ୍ଲାଟୋ ଯେଉଁ ଏକାଡ଼େମୀ ଖୋଲିଥିଲେ ସେ ତାର ଜଣେ ମେଧାବୀ ଛାତ୍ରଥିଲେ । ସେଠାରୁ ସେ ଦର୍ଶନ, ଗଣିତ ଓ ତର୍କଶାସ୍ତ୍ରରେ ସମଧିକ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ପ୍ଲାଟୋଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ ମଧ ତାଙ୍କର ସ୍ୱାଧୀନଚେତା ମନ ବହୁ ବିଷୟରେ ଗୁରୁଙ୍କ ତତ୍ୱଠାରୁ ଭିନ୍ନ ଥିଲା । କେତେକ ଐତିହାସିକଙ୍କ ମତରେ ଶେଷବେଳକୁ ଗୁରୁଶିଷ୍ୟଙ୍କର ମତଭେଦ ବି ହୋଇଥିଲା । ତଥାପି ପ୍ଲାଟୋ ଆରିଷ୍ଟଟଲଙ୍କର ଗୁଣଗାନ କରୁଥିଲେ । ଖ୍ରୀ.ପୂ. ୩୪୩-୨ରେ ମାସଡୋନର ରାଜା ଫିଲିପ ତାଙ୍କୁ ନିଜ ପୁତ୍ର ଆଲେକଜାଣ୍ଡାରଙ୍କ ଗୃହଶିକ୍ଷକ ଭାବେ ନିଯୁକ୍ତ କରିଥିଲେ । ସେଠାରେ ତାଙ୍କର ରାଜନୀତି ଦର୍ଶନର ମୂଳଭିତ୍ତି ସ୍ଥାପନ ହୋଇଥିଲା । ପ୍ରାଚୀନ ସଂସ୍କୃତ ସାହିତ୍ୟର ବିଷ୍ଣୁଶର୍ମାଙ୍କ ପରି ବିଭିନ୍ନ ଉପାୟରେ ସେ ରାଜକୁମାରଙ୍କୁ ଶିକ୍ଷା ପ୍ରଦାନ କରିଥିଲେ । ଖ୍ରୀ.ପୂ. ୩୩୫-୪ରେ ଫିଲିପଙ୍କ ମୃତ୍ୟୁ ପରେ ସେ ଏଥେନସ୍ ନଗରୀକୁ ଆସି ଏକ ବିଦ୍ୟାପୀଠ ଖୋଲିଲେ । ପ୍ରାଚୀନ ହିନ୍ଦୁ ବନବିଦ୍ୟାଳୟର ଆର୍ଯ୍ୟଋଷିଙ୍କ ଭଳି ଦିବସରେ ବୃକ୍ଷଛାୟାରେ ବସି ସେ ଶିଷ୍ୟମାନଙ୍କ ସହିତ ଗଭୀର ଦାର୍ସନିକ ତତ୍ତ୍ୱ ଆଲୋଚନା କଲେ ଏବଂ ସାୟଂକାଳରେ ସାହିତ୍ୟ, ଅଳଂକାରଶାସ୍ତ୍ର ଓ ସଂଗୀତ ଆଦି ଚାରୁକଳା ପ୍ରଭୃତିର ଜ୍ଞାନ ପରିବେଷଣ କଲେ । ତାଙ୍କର 'କାବ୍ୟତତ୍ତ୍ୱ' ଗୋଟିଏ ଛୋଟିଆ ଗ୍ରନ୍ଥ, ଯେଉଁଥିରେ ସେ ଅନୁକରଣ ତତ୍ତ୍ୱ, ବିରେଚନ ତତ୍ତ୍ୱ ଓ ଟ୍ରାଜେଡି ତତ୍ତ୍ୱ ଆଦି ସଂପର୍କରେ ବିଶେଷ ଆଲୋଚନା କରାଯାଇଛି ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI :
https://doi.org/10.5281/zenodo.13619378

Article No - BPPP00212

**ବୀଜଶବ୍ଦ:**

ଅନୁକରଣ, ବିରେଚନ, ଟ୍ରାଜେଡ଼ି, ହାମାର୍ସିଆ, ପେରିପେଟିଆ, କମେଡ଼ି

ପାଶ୍ଚାତ୍ୟ ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ଗ୍ରୀକ୍‌ର ବିଖ୍ୟାତ ଦାର୍ଶନିକ ଆରିଷ୍ଟଟଲ୍ (ଖ୍ରୀ:ପୂ:୩୮୪-୩୨୨)ଙ୍କ ସ୍ଥାନ ସର୍ବଦା ମହତ୍ତ୍ୱପୂର୍ଣ୍ଣ । ପାଶ୍ଚାତ୍ୟ ବିଦ୍ୱାନ୍‌ମାନଙ୍କର ଆଦିଆଚାର୍ଯ୍ୟ ଭାବେ ତାଙ୍କୁ ଗ୍ରହଣ କରାଯାଏ । ପ୍ରଥମତଃ ପ୍ରସିଦ୍ଧ ଦାର୍ଶନିକ ପ୍ଲାଟୋଙ୍କ ପ୍ରିୟ ଶିଷ୍ୟ ଭାବରେ ସେ ଯେତିକି ପରିଚିତ, ବିଶ୍ୱବିଜେତା ଆଲେକଜାଣ୍ଡାରଙ୍କ ଗୁରୁ ଭାବରେ ମଧ ସେତିକି ଖ୍ୟାତ । ନିଜ ଜୀବନକାଳ ମଧରେ ସେ ପ୍ରାୟତଃ ଚାରିଶହରୁ ଅଧିକ ଗ୍ରନ୍ଥ ରଚନା କରିଥିଲେ, ଯେଉଁଥିରେ ତର୍କଶାସ୍ତ୍ର, ପଦାର୍ଥ ବିଜ୍ଞାନ, ମନୋବିଜ୍ଞାନ, ପ୍ରାକୃତିକ ଇତିହାସ, ପ୍ରାଣୀ ବିଜ୍ଞାନ, ଜ୍ୟୋର୍ତିବିଜ୍ଞାନ, ଅଧ୍ୟାତ୍ମ ଶାସ୍ତ୍ର, ଗଣିତ, ସଙ୍ଗୀତ, ଶରୀର ବିଜ୍ଞାନ, ରାଜନୀତି ବିଜ୍ଞାନ, ଅର୍ଥନୀତି, ଅଳଙ୍କାରଶାସ୍ତ୍ର ଓ କାବ୍ୟଶାସ୍ତ୍ର ଆଦି ଅନ୍ତର୍ଭୁକ୍ତ । 'କାବ୍ୟଶାସ୍ତ୍ର' ହେଉଛି ତାଙ୍କର ଶେଷ ଗ୍ରନ୍ଥ । ଅନ୍ୟାନ୍ୟ

**ଯୋଗାଯୋଗ :**
**ଡ. ଶରତ କୁମାର ଜେନା,** ସହକାରୀ ପ୍ରଫେସର,
ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ-୭୩୧୨୩୫
**E-Mail ID:** jksarat@gmail.com
**ORCID ID:** https://orcid.org/0000-0003-2668-8774

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୭.୨୦୨୪ | ୧୭.୭.୨୦୨୪ | ୨୫.୭.୨୦୨୪ | ୧.୮.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, ଶରତ କୁମାର ୨୦୨୪ । ଆରିଷ୍ଟଟଲ୍‌ଙ୍କ କାବ୍ୟତତ୍ତ୍ୱ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଙ; ପୃଷ୍ଠା :୯-୧୩ ।

ଗ୍ରନ୍ଥ ରଚନାର ସମ୍ପୂର୍ଣ୍ଣ ଦକ୍ଷତା ଲାଭ କରି ସେ ଏହି ଗ୍ରନ୍ଥକୁ ରଚନା କରିଛନ୍ତି । ଛବିଶିଟି ଅଧ୍ୟାୟ ବିଶିଷ୍ଟ ଏହି 'କାବ୍ୟତତ୍ତ୍ୱ' ଗ୍ରନ୍ଥକୁ ଆଧାର କରି ତାଙ୍କ କାବ୍ୟତତ୍ତ୍ୱକୁ ବିଚାର କରାଯାଇପାରେ ।

**ଅନୁକରଣ ତତ୍ତ୍ୱ (MimesisTheory) :**

ଏହି ତତ୍ତ୍ୱ ହେଉଛି ଆରିଷ୍ଟଟଲଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ, ଯାହା ମାଧ୍ୟମରେ ଆରିଷ୍ଟଟଲ୍ ତାଙ୍କର ଗୁରୁ ପ୍ଲାଟୋଙ୍କ ତତ୍ତ୍ୱକୁ ଖଣ୍ଡନ କରି ସମକାଳୀନ ଗ୍ରୀକ୍ ସମାଜରେ କଳା ଓ କଳାକାରମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରିଥିଲେ । ପୂର୍ବରୁ ପ୍ଲାଟୋ କଳା ବା ସାହିତ୍ୟକୁ ମିଥ୍ୟା ଜଗତର ମିଥ୍ୟା ଅନୁଭୂତି ବୋଲି କହିଥିଲେ । ତାଙ୍କ ମତ ଅନୁସାରେ– ସାହିତ୍ୟିକ ଯେଉଁ ବସ୍ତୁ ବା କ୍ରିୟାକଳାପକୁ ବର୍ଣ୍ଣନା କରିଥାଏ, ତାହା ପୂର୍ବରୁ ଏହି ଭୌତିକ ଜଗତରେ ରହିଛି, ସେ କେବଳ ତାର ଅନୁକୃତିକୁ ପ୍ରତିଫଳିତ କରିଥାଏ । ଈଶ୍ୱରଙ୍କ ସୃଷ୍ଟିକୁ ସାହିତ୍ୟିକ କେବଳ ନକଲ କରିଥାଏ । ସେହି ନ୍ୟାୟରେ କଳା ପ୍ରକୃତିକୁ ଅନୁକରଣ କରେ । ଜଣେ କଳାକାର ବା ସାହିତ୍ୟିକ ପ୍ରକୃତିକୁ ଅନୁକରଣ କରି କଳା ବା ସାହିତ୍ୟ ସୃଷ୍ଟି କରିଥାନ୍ତି । ନକଲ ବା ଅନୁକରଣ କରିବା ଏକ ନିକୃଷ୍ଟ କାର୍ଯ୍ୟ ହୋଇଥିବାରୁ ସେ କଳା ବା ସାହିତ୍ୟକୁ ନିକୃଷ୍ଟ କର୍ମ ବୋଲି କହିଥିଲେ । 'ସମାଜ ଗଠନରେ ଶିକ୍ଷାର ଆବଶ୍ୟକତା' ସମ୍ପର୍କରେ ପ୍ଲାଟୋ ସମଗ୍ର କାବ୍ୟଜଗତକୁ ତିନିଭାଗରେ ବିଭକ୍ତ କରିଥିଲେ । ଅନୁକରଣାତ୍ମକ, ବର୍ଣ୍ଣନାତ୍ମକ ଓ ମିଶ୍ର । ଟ୍ରାଜେଡ଼ି ଓ କମେଡ଼ି ହେଉଛି ଅନୁକରଣାତ୍ମକ କାବ୍ୟ । ବନ୍ଦନାଗୀତି ହେଉଛି ବର୍ଣ୍ଣନାତ୍ମକ କାବ୍ୟ ଏବଂ ଏପିକ୍ ବା ପୁରାଣ ହେଉଛି ମିଶ୍ରକାବ୍ୟ । ଅନୁକରଣାତ୍ମକ କାବ୍ୟର ପ୍ରଭାବ ସିଧାସଳଖ ଲୋକଙ୍କ ଉପରେ ପଡେ । ଏହାଦ୍ୱାରା ସାଧୁ ଲୋକମାନେ ବି ଅସାଧୁ ହେବାର ସମ୍ଭାବନା ରହିଛି । ତେଣୁ ପ୍ଲାଟୋ କଳା ବା ସାହିତ୍ୟକୁ ବର୍ଜନ କରିବାକୁ କହିଥିଲେ ।

ସାଧାରଣତଃ ଅନୁକରଣ କହିଲେ ତିନୋଟି ବିଷୟକୁ ବୁଝାଏ । ଯଥା– ୧. କୌଣସି ଆଦର୍ଶ ବ୍ୟକ୍ତିଙ୍କର ସ୍ୱଭାବ ଅନୁକରଣ କରିବା, ୨. ସାଦୃଶ୍ୟ, ୩. ଅବିକଳ ନକଲ ବା ଦାର୍ପଣିକ ପ୍ରତିଫଳନ । ପ୍ଲାଟୋ ଅନୁକରଣର ଅର୍ଥ ବୁଝିଥିଲେ ଅବିକଳ ନକଲ ବା ଦାର୍ପଣିକ ପ୍ରତିଫଳନ । କିନ୍ତୁ ଆରିଷ୍ଟଟଲ 'ଅନୁକରଣ'କୁ ସାଦୃଶ୍ୟ ଅର୍ଥରେ ଗ୍ରହଣ କରିଥିଲେ । ଈଶ୍ୱରଙ୍କ ସୃଷ୍ଟି ବସ୍ତୁ ବା ପ୍ରକୃତିକୁ ଜଣେ କଳାକାର ତାର କଳା ମାଧ୍ୟମରେ ପ୍ରକାଶ କରି ତାର ଏକ ସାଦୃଶ୍ୟ ସୃଷ୍ଟି କରିଥାଏ, କିନ୍ତୁ ଅବିକଳ ନକଲ ନୁହେଁ । ଆରିଷ୍ଟଟଲଙ୍କ ମତରେ, ସୂର୍ଯ୍ୟୋଦୟର ଚିତ୍ରକୁ ଯଦି ତିନିଜଣ ଚିତ୍ରକର ଆଙ୍କିବେ ତେବେ ସେମାନଙ୍କର ସୃଷ୍ଟି ଅଲଗା ଅଲଗା ହେବ । ସୂର୍ଯ୍ୟୋଦୟର ଚିତ୍ରଟି ମୂଳ ସୂର୍ଯ୍ୟୋଦୟର ସାଦୃଶ୍ୟ ହେବ ସିନା ଅବିକଳ ନକଲ ହୋଇପାରିବ ନାହିଁ । 'ଅନୁକରଣ'ର ବାଖ୍ୟା କଲାବେଳେ କାବ୍ୟ ପ୍ରସଙ୍ଗରେ ସେ କହିଥିଲେ–

୧. କାବ୍ୟର ଲକ୍ଷ୍ୟ ଅନୁକରଣ ନୁହେଁ, ପ୍ରକାଶ ।
୨. ଏହା ସ୍ୱର ଓ ଛନ୍ଦ ମାଧ୍ୟମରେ ହୋଇଥାଏ ।
୩. ପ୍ରକାଶର ବିଷୟ କୌଣସି ବସ୍ତୁର ଅନୁକରଣ ହୋଇଥାଏ ।
୪. ପ୍ରକାଶ କାର୍ଯ୍ୟ ସହଜ ନୁହେଁ, ଏହା ଅଧ୍ୟବସାୟ ସାପେକ୍ଷ ।
୫. ଏ ପ୍ରକାଶନ ଅଧ୍ୟବସାୟ ବ୍ୟତୀତ ଆହୁରି ଏକ ଶକ୍ତି ଉପରେ ଅଧିକ ନିର୍ଭର କରେ, ତାହା ହେଉଛି କବିଙ୍କର ମୌଳିକ ଦକ୍ଷତା ବା ପ୍ରତିଭା ।

ଏଥିରୁ ଜଣାପଡ଼େ ଯେ ବସ୍ତୁର ଅନୁକରଣ କବିଙ୍କର ବ୍ୟକ୍ତିଗତ ପ୍ରତିଭା ବଳରେ ଛନ୍ଦ ଓ ସୁର ସାହାଯ୍ୟରେ ପ୍ରକାଶିତ ହୋଇଥାଏ । ତେଣୁ ବସ୍ତୁର କେବଳ ଅନୁକରଣ, କାବ୍ୟ ନୁହେଁ । ଏହା ଏକ ଉପାଦାନ ମାତ୍ର । ଗୋଟିଏ ବସ୍ତୁର ଅନୁକରଣ ବିଭିନ୍ନ କବିପ୍ରତିଭା ଦ୍ୱାରା ସଙ୍ଗଠିତ ହୋଇ ବିଭିନ୍ନ ବିଭାବରେ ବିଭାଜିତ ହୋଇଥାଏ । ଏହି ବିଭାବନା ପ୍ରକ୍ରିୟା କବିଙ୍କର ନିଜସ୍ୱ । ତେଣୁ କାବ୍ୟ ତାଙ୍କର ଏକ ନିଜସ୍ୱ ସୃଷ୍ଟି । ଏହି ସୃଷ୍ଟି ସହିତ ମୂଳବସ୍ତୁର କେବଳ ସାଦୃଶ ରହିଥାଏ । ଅତଏବ କଳା ପ୍ରକୃତିକୁ ଅନୁକରଣ କରିନଥାଏ, ବରଂ କଳା ମନୁଷ୍ୟର କାର୍ଯ୍ୟାବଳୀକୁ ଅନୁକରଣ କରିଥାଏ ।

ସାଦୃଶ୍ୟର ଲକ୍ଷଣ ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ଆରିଷ୍ଟଟଲ୍ କହିଛନ୍ତି– କବି ଅନୁକରଣକାରୀ ହେତୁ ତିନୋଟି ବିଷୟରୁ ଗୋଟିକୁ ଅନୁକରଣ କରିବେ । ତିନୋଟି ବିଷୟ ହେଉଛି–

୧. ବସ୍ତୁ ସମୂହ ଯେପରି ଥିଲେ ବା ଅଛନ୍ତି,
୨. ବସ୍ତୁ ସମୂହ ସେପରି ଅଛନ୍ତି ବୋଲି କୁହାଯାଏ ବା ମନେ କରାଯାଏ ।
୩. ବସ୍ତୁ ସମୂହ ଯେପରି ହେବା ଉଚିତ ।

ତେଣୁ କବି ବସ୍ତୁର ଅବିକଳ ନକଲ କରିନପାରନ୍ତି । ତାଙ୍କର କାର୍ଯ୍ୟ ଯାହା ଘଟିଅଛି, ତାହା ନୁହେଁ । କିନ୍ତୁ ଯାହା ଘଟିପାରେ, ସମ୍ଭାବ୍ୟତା ବା ପ୍ରୟୋଜନୀୟତାର ବିଧି ଅନୁସାରେ ଯାହା ଘଟନୀୟ, ତାହାର ବର୍ଣ୍ଣନା କରିବା । (ପୋଏଟିକସ୍–୯ମ ଅଧ୍ୟାୟ)

ଆରିଷ୍ଟଟଲ୍‌ଙ୍କ ମତରେ ପ୍ରକୃତି ଯେପରି ଏକ ସୃଜନୀଶକ୍ତି, କଳା ମଧ୍ୟ ସେପରି ଏକ ସୃଜନୀଶକ୍ତି ଦୁହିଁଙ୍କର ଲକ୍ଷ୍ୟ ହେଲା ସୃଷ୍ଟି । କିନ୍ତୁ କଳାସୃଷ୍ଟି ପ୍ରକୃତିର ସୃଷ୍ଟି ଅପେକ୍ଷା ଅଧିକ ସୁନ୍ଦର । ଏହି ତତ୍ତ୍ୱ ମାଧ୍ୟମରେ ସେ ତାଙ୍କ ଗୁରୁ ପ୍ଲାଟୋଙ୍କ ତତ୍ତ୍ୱକୁ ଖଣ୍ଡନ କରିବା ସହ କଳା, ସାହିତ୍ୟ ଓ ସାହିତ୍ୟିକମାନଙ୍କୁ ଯଥାର୍ଥ ସମ୍ମାନ ପ୍ରଦାନ କରିଥିଲେ ।

**୧. କାବ୍ୟରେ ଅନୁକରଣର ମାଧ୍ୟମ:**

ସଙ୍ଗୀତ ଓ ନୃତ୍ୟରେ ଲୟର ଉପଯୋଗ ହେଲା ଭଳି କାବ୍ୟକଳାରେ ଭାଷାର ଉପଯୋଗ ହୋଇଥାଏ । ଗଦ୍ୟ ବା ପଦ୍ୟ ଯେ କୌଣସି ଭାଷାରେ କାବ୍ୟକଳା ଗଢି ଉଠିଥାଏ । ତେବେ ସାଧାରଣ ଲୋକମାନେ ଅନୁକୃତି ତତ୍ତ୍ୱକୁ ଭୁଲିଯାଇ କେବଳ ଛନ୍ଦକୁ ହିଁ କବିତାର ମୁଖ୍ୟ ଲକ୍ଷଣ ବୋଲି କହିଥାନ୍ତି । କବିତା ସହିତ ଛନ୍ଦକୁ ଯୋଡ଼ି, ଛନ୍ଦ ହିଁ କବିତାର ଆଧାର ବୋଲି କହିଥାନ୍ତି । କିନ୍ତୁ ଆରିଷ୍ଟଟଲ୍ ଏହାକୁ ଅସ୍ୱୀକାର କରିଥିଲେ । ତାଙ୍କ ମତରେ, ଚିକିତ୍ସା ଶାସ୍ତ୍ର ବା ଭୌତିକ ଦର୍ଶନର କୌଣସି ବିଷୟ ଛନ୍ଦୋବଦ୍ଧ ଭାବେ ପ୍ରକାଶ ହେଲେ ତାକୁ କବିତା କୁହାଯିବ କି ? ଅତଏବ ଆରିଷ୍ଟଟଲଙ୍କ ବିଚାର ଅନୁସାରେ ସାହିତ୍ୟକୁ ଭୌତିକ ଶାସ୍ତ୍ରଠାରୁ ଅଲଗା କରୁଥିବା ବିଷୟଟି ଛନ୍ଦ ନୁହେଁ, ବରଂ ଅନୁକୃତି ଅଟେ । ଏହି ଅନୁକୃତି ନିମନ୍ତେ ଛନ୍ଦ ହେଉଛି ଏକ

ମାଧ୍ୟମ ମାତ୍ର ।

**୨. କାବ୍ୟରେ ଅନୁକରଣର ବିଷୟ:**

କାବ୍ୟରେ ମନୁଷ୍ୟର କାର୍ଯ୍ୟାବଳୀକୁ ଅନୁକରଣ କରାଯାଇଥାଏ । ମନୁଷ୍ୟ କହିଲେ ସାଧୁ ଓ ଅସାଧୁ ଭେଦରେ ଦୁଇଟି ବର୍ଗକୁ ବୁଝାଏ । ଏହି ବିଭାଜନ ମନୁଷ୍ୟର ନୈତିକ ଆଚରଣ ଉପରେ ଆଧାରିତ ହୋଇଥାଏ । ତେଣୁ କାବ୍ୟରେ ମନୁଷ୍ୟର ବାସ୍ତବ ଜୀବନଠାରୁ ଶ୍ରେଷ୍ଠତର ଅଥବା ନିମ୍ନତର ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସଂପର୍କରେ ବର୍ଣ୍ଣନା କରାଯାଇଥାଏ । ଏଭଳି ବିଭେଦ ଚିତ୍ର, ନୃତ୍ୟ, ସଙ୍ଗୀତ ଆଦିରେ ମଧ୍ୟ ଲକ୍ଷ୍ୟ କରାଯାଏ । ସେଇ ନ୍ୟାୟରେ କାବ୍ୟକୁ 'ଟ୍ରାଜେଡ଼ି' ଓ 'କମେଡ଼ି' ଭେଦରେ ଦୁଇଭାଗରେ ବିଭକ୍ତ କରାଯାଇଛି । ଟ୍ରାଜେଡ଼ିରେ ଉଚ୍ଚତର ଭାବନାକୁ ଚିତ୍ରିତ କରାଗଲା ବେଳେ କମେଡ଼ିରେ ନିମ୍ନତର ଭାବନା ବର୍ଣ୍ଣିତ ହୋଇଥାଏ ।

**୩. କାବ୍ୟରେ ଅନୁକରଣର ଶୈଳୀ:**

କାବ୍ୟର ବିଭିନ୍ନ ରୂପରେ ଶୈଳୀଗତ ପାର୍ଥକ୍ୟ ରହିଥାଏ । ଆରିଷ୍ଟଟଲ୍ ସାଧାରଣତଃ ତିନିପ୍ରକାର ଶୈଳୀର ଉଲ୍ଲେଖ କରିଥିଲେ । ପ୍ରଥମ ଶୈଳୀଟି ପ୍ରବନ୍ଧାତ୍ମକ, ଯେଉଁଥିରେ କବି ନିଜ ବିଷୟରେ କିମ୍ବା ଚରିତ୍ର ପ୍ରସଙ୍ଗରେ ବର୍ଣ୍ଣନା କରିଥାନ୍ତି । ଦ୍ୱିତୀୟଟି ଆତ୍ମାଭିବ୍ୟଞ୍ଜନାତ୍ମକ, ଯେଉଁଥିରେ କବି ବା କୌଣସି ଜଣେ ଚରିତ୍ର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୁରା ବିଷୟବସ୍ତୁ ପ୍ରସ୍ତୁତ କରିଥାନ୍ତି । ତୃତୀୟଟି ହେଉଛି ନାଟ୍ୟାତ୍ମକ, ଯେଉଁଥିରେ ସବୁ ଚରିତ୍ର ବକ୍ତା ହୋଇଥାନ୍ତି ଓ କବି ନିରବ ହୋଇ ରହିଥାନ୍ତି ।

**୪. କାବ୍ୟରେ ଅନୁକରଣର ମହତ୍ତ୍ୱ:**

ଆରିଷ୍ଟଟଲଙ୍କ ମତରେ କାବ୍ୟସୃଷ୍ଟି ଓ ଏହାର ଆସ୍ୱାଦନର ମୂଳକାରଣ ହେଉଛି ଅନୁକରଣ । ଅନୁକରଣ ପ୍ରବୃତ୍ତି ହେଉଛି ମଣିଷର ଚିର ସହଜାତ । ମନୁଷ୍ୟ ଓ ମନୁଷ୍ୟେତର ମଧ୍ୟରେ ପାର୍ଥକ୍ୟ ଏହା ଯେ, ମଣିଷ ଜୀବମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଅନୁକରଣଶୀଳ ପ୍ରାଣୀ । ଏହି ଅନୁକରଣ ପ୍ରବୃତ୍ତିରୁ ହିଁ କାବ୍ୟସୃଷ୍ଟି ସହିତ କାବ୍ୟାସ୍ୱାଦନର ରହସ୍ୟ ସୃଷ୍ଟି ହୋଇଥାଏ । ଆରିଷ୍ଟଟଲଙ୍କ ମତରେ – ଯେଉଁ ବସ୍ତୁର ପ୍ରତ୍ୟକ୍ଷ ଦର୍ଶନରେ ଆମକୁ ଦୁଃଖ ଲାଗେ, ତାର ଅନୁକରଣକୁ ଦେଖି ଆନନ୍ଦ ଅନୁଭବ ହୁଏ ।" କାହିଁକି ଆନନ୍ଦ ମିଳେ ବୋଲି ପ୍ରଶ୍ନର ଉତ୍ତରରେ ଆରିଷ୍ଟଟଲ କହିଥିଲେ– ଜ୍ଞାନ ଅର୍ଜନରେ ପ୍ରତ୍ୟେକ ବ୍ୟକ୍ତିକୁ ଆନନ୍ଦ ମିଳିଥାଏ ।" ଏଣୁ ଯେ କୌଣସି ଅନୁକୃତିକୁ ଦେଖି ମନୁଷ୍ୟ ଆହ୍ଲାଦିତ ହୋଇଥାଏ ।

**ବିରେଚନ ବା ଭାବମୋକ୍ଷଣ ତତ୍ତ୍ୱ (Catharsis Theory) :**

ଆରିଷ୍ଟଟଲଙ୍କ କଳା ସମ୍ବନ୍ଧୀୟ ଦ୍ୱିତୀୟ ମହତ୍ତ୍ୱପୂର୍ଣ୍ଣ ତତ୍ତ୍ୱ ହେଉଛି ବିରେଚନ ତତ୍ତ୍ୱ । 'ବିରେଚନ'ର ଅର୍ଥ ହେଉଛି ବିଚାରର ନିଷ୍କାସନ ବା ଶୁଦ୍ଧି । ମୂଳତଃ ଗ୍ରୀକ୍ ଭାଷାରେ ଏହାକୁ 'କାଥାରସିସ୍' କୁହାଯାଏ । ଏହା ଏକ ଚିକିତ୍ସାଶାସ୍ତ୍ର ସମ୍ବନ୍ଧୀୟ ଶବ୍ଦ, ଯେଉଁଥିରେ ରେଚକ ଔଷଧି ଦ୍ୱାରା ଶାରୀରିକ ବିକାରଗୁଡ଼ିକର ଶୁଦ୍ଧିକୁ ବିରେଚନ କୁହାଯାଏ । ଆରିଷ୍ଟଟଲଙ୍କ ପୂର୍ବରୁ ବି ଏହି ଶବ୍ଦଟି ଗ୍ରୀକ୍‌ରେ ପ୍ରଚଳିତ ଥିଲା । ତେବେ ଆରିଷ୍ଟଲଙ୍କର ଏହାକୁ ଚିକିତ୍ସା ଶାସ୍ତ୍ରରୁ ଆଣି ସାହିତ୍ୟ କ୍ଷେତ୍ରରେ ପ୍ରୟୋଗ କରିଥିଲେ । ପୂର୍ବରୁ ତାଙ୍କ ଗୁରୁ ପ୍ଲାଟୋ କାବ୍ୟ ଉପରେ ଆକ୍ଷେପ କରି କହିଥିଲେ ଯେ – କଳାରେ ଆମର ଦୂଷିତ ବାସନା ଓ ମନୋବୃତ୍ତିଗୁଡ଼ିକ ଉତ୍ତେଜିତ ହୋଇଥାଏ । ଆରିଷ୍ଟଟଲ ଏହାକୁ ଖଣ୍ଡନ କରି କହିଥିଲେ, କଳା ଓ ସାହିତ୍ୟ ଦ୍ୱାରା ଆମର ଦୂଷିତ ମନୋବିକାରଗୁଡ଼ିକର ବିରେଚନ ବା ଶୋଧନ ହୋଇଥାଏ । ତେଣୁ ସେସବୁ ସମାଜ ପାଇଁ କ୍ଷତିକାରକ ନୁହେଁ । ଟ୍ରାଜେଡ଼ି ପ୍ରସଙ୍ଗରେ ସେ କହିଛନ୍ତି ଯେ, କରୁଣା ଓ ଭୟର ଉଦ୍ରେକ ଦ୍ୱାରା ଏହି ମନୋବିକାରଗୁଡ଼ିକର ଉଚିତ ମୋକ୍ଷଣ (ବିରେଚନ) ହୋଇଥାଏ । ଏଥିରୁ ସ୍ପଷ୍ଟ ଯେ, ଆରିଷ୍ଟଟଲଙ୍କ ମତରେ କଳାର ଲକ୍ଷ୍ୟ ହେଉଛି ମନୋବିକାରଗୁଡ଼ିକର ବିନାଶ କରିବା ।

**ବିରେଚନ ତତ୍ତ୍ୱ ଓ ଅଭିନବ ଗୁପ୍ତଙ୍କ ଅଭିବ୍ୟକ୍ତିବାଦ:**

ଆରିଷ୍ଟଟଲଙ୍କ 'ବିରେଚନ ତତ୍ତ୍ୱ' ସହିତ ଭାରତୀୟ ଆଚାର୍ଯ୍ୟ ଅଭିନବ ଗୁପ୍ତଙ୍କ 'ଅଭିବ୍ୟକ୍ତିବାଦ'କୁ ତୁଳନା କରାଯାଇପାରେ । କାରଣ ଦୁହେଁ ସ୍ୱୀକାର କରିଛନ୍ତି ଯେ, କାବ୍ୟାନନ୍ଦ ବା ରସାସ୍ୱାଦନ ମାଧ୍ୟମରେ ମଣିଷର ବାସନାର ବିରେଚନ ବା ଭାବମୋକ୍ଷଣ ହୋଇଥାଏ । ଅଭିନବ ଗୁପ୍ତ ସାଧାରଣୀକରଣର ବାଖ୍ୟା କରି କହିଥିଲେ ଯେ, କାବ୍ୟ ମାଧ୍ୟମରେ ପାଠକଙ୍କ ହୃଦୟରେ ଥିବା ବାସନାଗୁଡ଼ିକର ଉଦ୍ଦୀପ୍ତ ଏବଂ ଅଭିବ୍ୟକ୍ତ ହୋଇଥାଏ । ତାଙ୍କର ଏହି 'ଅଭିବ୍ୟକ୍ତ' ଶବ୍ଦ ସହିତ ଆରିଷ୍ଟଟଲଙ୍କ 'ବିରେଚନ' ଶବ୍ଦର ସମାନାର୍ଥକ ବୋଲି କୁହାଯାଇପାରେ । ଏହି ଦୃଷ୍ଟିରୁ ଦୁଇଟି ତତ୍ତ୍ୱ ସମାନ ମନେହୁଏ । ତେବେ ଏ ଦୁଇଟି ତତ୍ତ୍ୱରେ ସାମାନ୍ୟ ବିଭେଦ ଥିବା ବି ଲକ୍ଷ୍ୟ କରାଯାଏ । ଆରିଷ୍ଟଟଲ୍ କେବଳ ଦୂଷିତ ବାସନାର ବିରେଚନ କଥା କହିଲାବେଳେ ଅଭିନବ ଗୁପ୍ତ ସବୁ ପ୍ରକାର ବାସନାର ଅଭିବ୍ୟକ୍ତି କଥା କହିଥିଲେ । ଦ୍ୱିତୀୟତଃ ଆରିଷ୍ଟଟଲଙ୍କ ବିରେଚନ ତତ୍ତ୍ୱ କରୁଣା ଏବଂ ବୀଭତ୍ସ ଭାବକୁ ଆଧାର କରିଥିବା ବେଳେ ଅଭିନବଗୁପ୍ତଙ୍କ ଅଭିବ୍ୟକ୍ତିବାଦ ସବୁ ଭାବକୁ ଆଧାର କରିଥାଏ । ତଥାପି ଏ ଦୁଇଜଣଙ୍କ ତତ୍ତ୍ୱ ଅତି ନିକଟତର ମନେହୁଏ ।

**କାବ୍ୟର ପ୍ରକାରଭେଦ:**

ଆରିଷ୍ଟଟଲ୍ କାବ୍ୟକୁ ମୁଖ୍ୟତଃ ପାଞ୍ଚୋଟି ଭାଗରେ ବିଭକ୍ତ କରିଥିଲେ । ଯଥା – ୧. ମହାକାବ୍ୟ, ୨. ଟ୍ରାଜେଡ଼ି, ୩. କମେଡ଼ି, ୪. ସ୍ତୋତ୍ର, ୫. ଗୀତିକାବ୍ୟ । ଏହି ପାଞ୍ଚୋଟି ମଧ୍ୟରୁ ସେ ପ୍ରଥମ ତିନୋଟିକୁ ମୁଖ୍ୟ ଓ ଶେଷ ଦୁଇଟିକୁ ଗୌଣ ଭାବେ ଚର୍ଚ୍ଚା କରିଥିଲେ ।

ମହାକାବ୍ୟକୁ ସେ "ଉଚ୍ଚତର ଚରିତ୍ରମାନଙ୍କ ପଦ୍ୟବଦ୍ଧ ଅନୁକୃତି" ବୋଲି କହି ତାର ଅନେକ ବୈଶିଷ୍ଟ୍ୟ ଦର୍ଶାଇଥିଲେ । ତାଙ୍କ ମତରେ, ମହାକାବ୍ୟ ହେଉଛି କାବ୍ୟର ଏକ ବିଭାଗ । ଏଥିରେ ଗୋଟିଏ ସମୟରେ ଘଟୁଥିବା ଅନେକ ଘଟଣା ବର୍ଣ୍ଣିତ ହୋଇଥାଏ । ଏଥିରେ ଉଚ୍ଚକୋଟିର ଚରିତ୍ରମାନଙ୍କୁ ଚିତ୍ରଣ କରାଯାଇଥାଏ । ଏହାର ଆକାର ବୃହତ୍ ହୋଇଥାଏ । ଏଥିରେ ଗୋଟିଏ ଛନ୍ଦର ପ୍ରୟୋଗ ହୋଇଥାଏ । ଏହାବ୍ୟତୀତ ସେ ମହାକାବ୍ୟର ଚାରୋଟି ମୂଳତତ୍ତ୍ୱ, ଯଥା– କଥାବସ୍ତୁ,

ଚରିତ୍ର, ବିଚାରତତ୍ତ୍ୱ ଓ ପଦାବଳୀ ଉପରେ ଆଲୋକପାତ କରିଥିଲେ । ମହାକାବ୍ୟର କଥାବସ୍ତୁରେ ଏହି ବୈଶିଷ୍ଟ୍ୟ ରହିଥାଏ । ଯଥା -୧. ଏହା ପ୍ରଖ୍ୟାତ ହୋଇଥାଏ । ୨. ଏହାର କ୍ଷେତ୍ର ବିସ୍ତୃତ ହୋଇଥାଏ ୩. ଏହାର କାହାଣୀ ବିସ୍ତୃତ ହେଲେ ମଧ୍ୟ କୌଣସି ଗୋଟିଏ ବିଶେଷ କାର୍ଯ୍ୟ ବା ଘଟଣାରେ ସୁସମ୍ବନ୍ଧ ହୋଇଥାଏ । ୪. ଏଥିରେ ପୂର୍ବାପର କ୍ରମ, ସମ୍ଭାବ୍ୟତା, ତଥା କୌତୂହଳ ଆଦି ଗୁଣ ରହିଥାଏ ।

ମହାକାବ୍ୟର ଚରିତ୍ରମାନଙ୍କ ସମ୍ପର୍କରେ ଆରିଷ୍ଟଟଲଙ୍କ ମତ ଥିଲା ଯେ, ସେମାନେ ଭଦ୍ର, ବୈଭବଶାଳୀ, ଯଶସ୍ୱୀ, କୁଳୀନ, ଉଦାର ତଥା ସହଜ ମାନବଗୁଣ ସମ୍ପନ୍ନ ହୋଇଥିବେ । ତାଙ୍କର ଶୈଳୀରେ ଗରିମା ଓ ପ୍ରସାଦ ଗୁଣ ଥିବ । କଥାବସ୍ତୁ, ଚରିତ୍ର, ଶୈଳୀ ସବୁ ଦୃଷ୍ଟିରୁ ମହାକାବ୍ୟ ଏକ ଆଦର୍ଶ ରଚନା ହୋଇଥାଏ । ଆରିଷ୍ଟଟଲଙ୍କ ଏହି ଧାରଣା ଭାରତୀୟ ଆଚାର୍ଯ୍ୟମାନଙ୍କ ମହାକାବ୍ୟ ସମ୍ବନ୍ଧୀୟ ଧାରଣା ସହିତ ଅନେକ କିଛି ମେଳ ଖାଉଛି ।

ଆରିଷ୍ଟଟଲ ନାଟକକୁ ଟ୍ରାଜେଡ଼ି ଓ କମେଡ଼ି -ଭେଦରେ ଦୁଇ ଭାଗରେ ବିଭକ୍ତ କରି ସେ ଦୁଇଟି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

## ଟ୍ରାଜେଡ଼ି ତତ୍ତ୍ୱ (Tragedy Theory) :

ଆରିଷ୍ଟଟଲଙ୍କ ମତରେ କଳା ମାନବ ଜୀବନକୁ ଅନୁକରଣ କରେ । ଏ ଅନୁକରଣ ଅବିକଳ ନକଲ ନୁହେଁ, ବରଂ ମଣିଷର କାର୍ଯ୍ୟାବଳୀର ଅନୁକରଣ । ଏହି ଅନୁକରଣ ଯେଉଁଠି ଯେତେ ବଳିଷ୍ଠ, ସେ କଳା ସେତେ ଉନ୍ନତ । କାବ୍ୟକଳା ମଧ୍ୟରେ ନାଟକ ହେଉଛି ଏକ ଶ୍ରେଷ୍ଠ କଳା । ତେଣୁ ଏହି ଅନୁକରଣ ଏଠାରେ ଅନ୍ୟାନ୍ୟ କାବ୍ୟ ଅପେକ୍ଷା ଅଧିକ ପୂର୍ଣ୍ଣତର । ଆରିଷ୍ଟଟଲଙ୍କ ମତରେ ନାଟକ ମଧ୍ୟରେ ଟ୍ରାଜେଡ଼ି ହେଉଛି ଶ୍ରେଷ୍ଠ । କାରଣ ଏହା ତୁଚ୍ଛ ପ୍ରହସନ ସୃଷ୍ଟି ନକରି ମାନବ ଜୀବନର ଚରମ ସତ୍ୟ ଓ ଗଭୀରତମ ଅନୁକୃତିର ଅନୁକରଣ କରିଥାଏ । ଆରିଷ୍ଟଟଲଙ୍କ ମତରେ ଟ୍ରାଜେଡ଼ିର ସଂଜ୍ଞା ହେଉଛି-

"କରୁଣ ଓ ବୀଭତ୍ସ ଭାବର ରେଚନ ନିମିତ୍ତ ସେହି ଭାବୋଦ୍ଦୀପକ ଘଟଣା ସମ୍ବଳିତ , ଭିନ୍ନ ଭିନ୍ନ ସ୍ଥଳରେ ଭିନ୍ନ ଭିନ୍ନ ପ୍ରକାର ନାନାଳଂକାର ସଜ୍ଜୀଭୂତା ଭାଷା ବ୍ୟବହାର ହୋଇ ବର୍ଣ୍ଣନା ଅନୁସାରୀ ପଦ୍ଧତି ନ ହୋଇ ଅଭିନୟ ପଦ୍ଧତି ଅନୁସାରେ ହୋଇଥିବା ଏକ ଗୁରୁଗମ୍ଭୀର ଓ ସ୍ୱୟଂସଂପୂର୍ଣ୍ଣ କାର୍ଯ୍ୟର ଅନୁକୃତିକୁ ଟ୍ରାଜେଡ଼ି କୁହାଯାଏ ।"

ଗ୍ରୀସରେ 'ଟ୍ରାଗସ୍' ଶବ୍ଦର ଅର୍ଥ ହେଉଛି ଛାଗଳ । 'ଟ୍ରାଗସ୍' ଶବ୍ଦରୁ 'ଟ୍ରାଜୋଡ଼ିଆ' ଶବ୍ଦର ସୃଷ୍ଟି, ଯାହାର ଅର୍ଥ 'ଛାଗଳ ସଂଗୀତ' । ଏଠାରେ ଛାଗଳ ଶବ୍ଦଟି ଏକ ପ୍ରତୀକ ଭାବେ ବ୍ୟବହୃତ । ଗୋଟିଏ ଛାଗଳର ସମ୍ମୁଖ ଭାଗ ଘଞ୍ଚ ଲୋମଯୁକ୍ତ ଓ ପଶ୍ଚାତ ଭାଗ କ୍ରମଶ ଲୋମହୀନ । ଟ୍ରାଜେଡ଼ି ଏପରି ଏକ ମାନବର ଜୀବନ ସଂଗୀତ, ଯାହାର ପ୍ରାରମ୍ଭିକ ଜୀବନ ସୁଖ ସମୃଦ୍ଧମୟ ଓ ପରାର୍ଦ୍ଧ ଦୁଃଖମୟ । ଏହି ଅର୍ଥରେ ମଧ୍ୟଯୁଗରେ ଟ୍ରାଜେଡ଼ି ଶବ୍ଦ କେବଳ ଦୁଃଖାନ୍ତ ନାଟକ ଭିତରେ ସୀମାବଦ୍ଧ ନ ରହି ଯେ କୌଣସି ଦୁଃଖାନ୍ତ କବିତା କିମ୍ବା କାବ୍ୟକୁ ମଧ୍ୟ ନିର୍ଦ୍ଦେଶ କରୁଥିଲା । ଅତଏବ ପୂର୍ବୋକ୍ତ ସଂଜ୍ଞାରୁ ନିମ୍ନଲିଖିତ ସୂତ୍ରଗୁଡ଼ିକର ସନ୍ଧାନ ମିଳେ । ଯଥା-

୧. ଟ୍ରାଜେଡ଼ି ହେଉଛି ଅନ୍ୟାନ୍ୟ ଚାରୁକଳା ପରି ଏକ ଅନୁକୃତି ।
୨. ଏହା ମଣିଷର କାର୍ଯ୍ୟାବଳୀକୁ ଅନୁକରଣ କରିଥାଏ ।
୩. ଏଥିରେ ସନ୍ନିବେଶିତ ଘଟଣା ଗମ୍ଭୀର ଓ ସ୍ୱୟଂସମ୍ପୂର୍ଣ୍ଣ ।
୪. ଏହାର ଲକ୍ଷ୍ୟ କରୁଣ ଓ ବିଭତ୍ସ ଭାବର ରେଚନ ହେତୁ ସେହି ଭାବୋଦ୍ଦୀପକ ହୋଇଥାଏ ।
୫. ଏହାର ମାଧ୍ୟମ ବିଭିନ୍ନ ରୂପରେ ପ୍ରଯୁକ୍ତ ଅଳଙ୍କାର ଯୁକ୍ତ ଭାଷା ହୋଇଥାଏ ।
୬. ଏହା ବର୍ଣ୍ଣନାତ୍ମକ ନହୋଇ ଅଭିନୟାତ୍ମକ ହୋଇଥାଏ ।

ଟ୍ରାଜେଡ଼ିରେ ମୁଖ୍ୟତଃ ଛଅଟି ଉପାଦାନ ରହିଛି । ସେଗୁଡ଼ିକ ହେଲା - କଥାବସ୍ତୁ, ଚରିତ୍ର, ଚିନ୍ତା ବା ଭାବ, ଭାଷା ବା ସଂଳାପ, ସଙ୍ଗୀତ ଓ ପ୍ରେକ୍ଷା । ଏଥିରୁ କଥାବସ୍ତୁ, ଚରିତ୍ର ଚିତ୍ରଣ ଓ ଭାବ ହେଉଛି ଅନୁକରଣର ବିଷୟବସ୍ତୁ, ଭାଷା ଓ ସଙ୍ଗୀତ ହେଉଛି ମାଧ୍ୟମ ଓ ପ୍ରେକ୍ଷା ହେଉଛି ଅନୁକରଣ ପଦ୍ଧତି ।

ଆରିଷ୍ଟଟଲଙ୍କ ମତରେ ଟ୍ରାଜେଡ଼ିରେ କଥାବସ୍ତୁ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଏହା ହେଉଛି ନାଟକର ଆତ୍ମା । ଏଥିରେ କରୁଣ ଓ ବୀଭତ୍ସ ରସ ସୃଷ୍ଟି ହେବା ଦ୍ୱାରା ଦର୍ଶକଙ୍କ ହୃଦୟରେ ଆନନ୍ଦ ସଞ୍ଚାର ହୁଏ । ଏହାର କଥାବସ୍ତୁରେ ଯଦି ଏ ପ୍ରକାର ରସ ଉଦ୍ରେକକାରୀ ନ ହେବ ତେବେ ତାହା ଆଦର୍ଶ ସୃଷ୍ଟିକାରୀ ହୋଇପାରିବ ନାହିଁ । ତେଣୁ ନାଟ୍ୟକାରଙ୍କ ଦୃଷ୍ଟି ସର୍ବଦା କଥାବସ୍ତୁ ଉପରେ ନିବଦ୍ଧ ରହିବା ଆବଶ୍ୟକ । କଥାବସ୍ତୁ ଯେତେ ବଳିଷ୍ଠ ହେବ, ଚରିତ୍ର ଚିତ୍ରଣ ସେତେ ବଳିଷ୍ଠ ହେବ । ଦୁର୍ବଳ କଥାବସ୍ତୁକୁ ଆଶ୍ରୟ କରିଥିବା ନାଟକରେ ଚରିତ୍ରମାନଙ୍କର ଅଭିନୟ ଯେତେ ଭଲ ହେଲେ ବି ତାହା ସଫଳ ହୋଇନଥାଏ । ଅପର ପକ୍ଷରେ ବଳିଷ୍ଠ କଥାବସ୍ତୁ ସହିତ ବଳିଷ୍ଠ ଚରିତ୍ର, ମନୋମୁଗ୍ଧକର ଦୃଶ୍ୟସଜ୍ଜା ଓ ସଫଳ ଅଭିନୟ ରହିଲେ ତାହା ମଣିକାଞ୍ଚନ ସଂଯୋଗ ଘଟେ । ଏହାକୁ ନାଟକରେ 'ଜୈବିକ ସଂହତି' ବା 'ଅର୍ଗାନିକ୍ ୟୁନିଟ୍' କୁହାଯାଏ ।

ଟ୍ରାଜେଡିର କଥାବସ୍ତୁ ଅତି ବିଶାଳ କିମ୍ବା ଅତି କ୍ଷୁଦ୍ର ହେବା ଉଚିତ ନୁହେଁ । ଏଣୁ କଥାବସ୍ତୁର ଏକ ନିର୍ଦ୍ଦିଷ୍ଟ ଅବୟବ ରହିବା ଆବଶ୍ୟକ । ଏହା ଆଦି-ମଧ୍ୟ-ଅନ୍ତ ବିଶିଷ୍ଟ ହେବ ଓ ଏ ତିନୋଟି ପରସ୍ପର କାର୍ଯ୍ୟକାରଣ ସୂତ୍ରରେ ଆବଦ୍ଧ ହେବେ ।

ଟ୍ରାଜେଡ଼ିରେ ମଣିଷର କାର୍ଯ୍ୟାବଳୀକୁ ଅନୁକରଣ କରାଯାଇଥାଏ, କିନ୍ତୁ ଚରିତ୍ରକୁ ନୁହେଁ । କାର୍ଯ୍ୟର ଅନୁକରଣ କ୍ଷେତ୍ରରେ ଚରିତ୍ର ଏକ ଆନୁସଙ୍ଗିକ ଉପାଦାନ । ତାଙ୍କ ମତରେ, ଯେଉଁ ମର୍ମରେ ଆମେ କର୍ତ୍ତାକୁ କେତେକ ଉପାଧିଭୁକ୍ତ କରିଥାଉ, ତାହା ହିଁ ଏଠାରେ ଚରିତ୍ର । ଅର୍ଥାତ୍ ଏଠାରେ କେବଳ କର୍ତ୍ତାର ନୈତିକ ଗୁଣକୁ ସୂଚୀତ କରାଯାଇଛି, ସାମଗ୍ରିକ ବ୍ୟକ୍ତିତ୍ୱକୁ ନୁହେଁ । ସେ ଚରିତ୍ରମାନଙ୍କୁ କାର୍ଯ୍ୟର ଏଜେଣ୍ଟ୍ ବୋଲି କହିଛନ୍ତି । ତାଙ୍କ ମତରେ, ଏତ୍ତମ ଚରିତ୍ରମାନଙ୍କୁ ନେଇ ନାଟକ ରଚନା କରାଯାଇପାରେ, କିନ୍ତୁ ଚରିତ୍ରର କାର୍ଯ୍ୟାବଳୀ ବିନା ନାଟକ ହୋଇନପାରେ । ତାଙ୍କ ମତରେ ପୁରୁଷ, ନାରୀ ବା କ୍ରୀତଦାସ

ପ୍ରତ୍ୟେକ ଚରିତ୍ର ଉତ୍ତମ ହେବା ସହ ସେମାନଙ୍କ ଭିତରେ ସଂହତି ଥିବା ଆବଶ୍ୟକ । ପୁରୁଷ ପୌରୁଷଯୁକ୍ତ, ନାରୀ ନାରୀ ସୁଲଭ ଗୁଣ ତଥା କ୍ରୀତଦାସ ନିଜର ଅନୁରୂପ ଗୁଣ ହେବା ଆବଶ୍ୟକ । ପୁରୁଷର ନପୁଂସକ ସ୍ୱଭାବ କିମ୍ବା ନାରୀର ରଣଚଣ୍ଡୀ ରୂପ କଦାପି ଉତ୍ତମ ପଦବାଚ୍ୟ ହୋଇନପାରେ । ପୁଣି ସେ ଯେଉଁ ଚରିତ୍ରର ବ୍ୟକ୍ତି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେହି ଚରିତ୍ର ହେବା ଆବଶ୍ୟକ । ଯଦି କୌଣସି ପରିବର୍ତ୍ତନ ଦେଖାଯାଏ, ସେଥିପାଇଁ ନାଟ୍ୟକାର ତାର ଯଥାଯୋଗ୍ୟ କାରଣ ଦେଖାଇବା ଆବଶ୍ୟକ ।

ଟ୍ରାଜେଡ଼ିର ନାୟକ ନିଶ୍ଚୟ ଗମ୍ଭୀର, ଉନ୍ନତ ପୌରୁଷଯୁକ୍ତ, ସାଧୁ ଓ ନୈତିକ ଚରିତ୍ର ବିଶିଷ୍ଟ ହେବା ଆବଶ୍ୟକ । ତାଙ୍କର ଭାଗ୍ୟ ପରିବର୍ତ୍ତନ ସୁଖରୁ ଦୁଃଖକୁ ହେବ । ଫଳରେ ଦର୍ଶକମାନଙ୍କ ହୃଦୟରେ କରୁଣ ଓ ଦୟା ଭାବ ସଂଚାର ହେବ । ତେବେ ପ୍ରଶ୍ନ ଉଠେ ସାଧୁ ବ୍ୟକ୍ତି ତ ନିଶ୍ଚୟ ସାଧୁ କାର୍ଯ୍ୟ କରିବେ । ତେବେ କିଭଳି ଅବସ୍ଥା ପରିବର୍ତ୍ତନ ହେବ ? ତେଣୁ ଟ୍ରାଜେଡ଼ି ନାୟକ ଯେତେବେଳେ ସାଧୁ କାର୍ଯ୍ୟ କରିବାକୁ ଯାଇ ନିଜର ଅଜଣାତରେ ଅସାଧୁ କାର୍ଯ୍ୟ କାର୍ଯ୍ୟ କରିବସିବେ ସେତେବେଳେ ତାଙ୍କର ଭାଗ୍ୟ ବିପର୍ଯ୍ୟୟ ଘଟିବ । ନାୟକର ଏହି ଭାଗ୍ୟ ବିପର୍ଯ୍ୟୟକୁ 'ପେରିପେଟିଆ' କୁହାଯାଏ । 'ପେରିପେଟିଆ' ମାଧ୍ୟମରେ ନାଟକ ମଧ୍ୟରେ ଥିବା ଘଟଣାଗୁଡ଼ିକର ସ୍ୱାଭାବିକ ଅବସ୍ଥାରୁ ବିପରୀତ ଅବସ୍ଥାକୁ ସମ୍ଭାବ୍ୟ ଓ ପ୍ରୟୋଜନୀୟ ପରିବର୍ତ୍ତନ ଘଟେ । ଫଳରେ ଏହା ଦର୍ଶକଙ୍କ ହୃଦୟରେ ଅନୁରାଗ ସୃଷ୍ଟି କରେ । 'ପେରିପେଟିଆ' ହେଉଛି ଟ୍ରାଜିକ୍ ଜୀବନ ଦର୍ଶନର ମୂଳଭିତ୍ତି । ଏହା କୌଣସି ଦୈବୀ ଦୁର୍ବିପାକ ଦ୍ୱାରା ନ ହୋଇ ସ୍ୱୟଂ ନାୟକ ଦ୍ୱାରା ହୋଇଥାଏ । ଭାଗ୍ୟ ବିପର୍ଯ୍ୟୟ ହେବାପାଇଁ ନାୟକ ମନରେ ଯେଉଁ ଭ୍ରମ ସୃଷ୍ଟି ହୁଏ, ତାକୁ 'ହାମାର୍ସିଆ' କୁହାଯାଏ । 'ହାମାର୍ସିଆ' ହିଁ ପେରିପେଟିଆର ମୂଳ ଉତ୍ସ । ଦୈବୀ ଦୁର୍ବିପାକ ଜନିତ ବିପର୍ଯ୍ୟୟ ଦ୍ୱାରା ମନରେ ଯେଉଁ ଦୁଃଖ ଜାତ ହୁଏ, ତାହା ଅପେକ୍ଷା ମନୁଷ୍ୟ ବହୁ ଆୟାସସାଧ୍ୟ କରି ନିଜେ ନିଜର ଅଜାଣତରେ ଯେଉଁ ଭୁଲ୍ କରିବସେ ତାର ଅନୁଭବ ଗଭୀର ଦୁଃଖ ଦିଏ । ଅଜ୍ଞାନ ମଧ୍ୟରେ ଥିବା ଆନନ୍ଦବୋଧ ବା ଏହି ପରିବର୍ତ୍ତନର ଉପଲବ୍ଧିକୁ 'ଆନାଗ୍ନରିସିସ୍' ବା ଆବିଷ୍କରଣ କୁହାଯାଏ । 'ପେରିପେଟିଆ' ଓ 'ଆନାଗ୍ନରିସିସ୍' ହେଉଛି କଥାବସ୍ତୁର ଦୁଇଟି ପ୍ରଭାବଶାଳୀ ଉପାଦାନ ।

ଟ୍ରାଜେଡ଼ିର ତୃତୀୟ ଉପାଦାନ ହେଉଛି ଚିନ୍ତା ବା ଭାବ । ଇଂରାଜୀରେ ଏହାକୁ Thought, Dianoia, Intellect କୁହାଯାଏ । ଏହାର ବିଷଦ ବ୍ୟାଖ୍ୟା ଆରିଷ୍ଟଟଲ୍ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ଅଳଂକାରଶାସ୍ତ୍ର(Rhetoric)ରେ କରିଛନ୍ତି । ମନୁଷ୍ୟ ନିଜ ବିଚାର ଶକ୍ତି ଦ୍ୱାରା ଯାହା କରିବାକୁ ବା ନ କରିବାକୁ ଇଚ୍ଛା କରେ କିମ୍ବା ଅନ୍ୟ ବ୍ୟକ୍ତି ସଂପର୍କରେ ଯାହା ଭାବେ ତାକୁ ଇଚ୍ଛାଶକ୍ତି ବା ଭାବ କୁହାଯାଏ । ଏହା ବାସ୍ତବ ଜୀବନର ଚରିତ୍ର ଓ ସେମାନଙ୍କ ଚିନ୍ତା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ଏହାକୁ ବିଶେଷ ଗୁରୁତ୍ୱ ଦେଇ ନଥିଲେ ।

ଟ୍ରାଜେଡ଼ିର ଅନ୍ୟ ତିନୋଟି ଉପାଦାନ ଯଥା, ଭାଷା ବା ସଂଳାପ, ସଂଗୀତ ଓ ପ୍ରେକ୍ଷା ସଂପର୍କରେ ଅତି ସାମାନ୍ୟ ଆଲୋଚନା କରିଛନ୍ତି । ନାଟକର ସଂଳାପ, ଚରିତ୍ର ଓ ଚିନ୍ତାର ଭାବଗତ ପରିପ୍ରକାଶ । ଏହା ଗଦ୍ୟ ଓ ପଦ୍ୟରେ ମଧ୍ୟ ରଚନା କରାଯାଇପାରେ । ଆରିଷ୍ଟଟଲ୍ ସ୍ୱୟଂ ଭାଷାର ଅର୍ଥ ପଦ୍ୟରଚନା ବୋଲି ବ୍ୟାଖ୍ୟା କରିଛନ୍ତି । କିନ୍ତୁ ସଂଗୀତର ଅର୍ଥ କିଛି ସ୍ପଷ୍ଟ କରି ନାହାନ୍ତି । କାରଣ ପ୍ରାଚୀନ ଗ୍ରୀସରେ କୋରସକୁ ଆଧାର କରି ଟ୍ରାଜେଡ଼ି ସୃଷ୍ଟି ହୋଇଥିଲା । ଗ୍ରୀସର କୃଷି ଦେବତା ଡାଇଓନିସିଆଙ୍କ ଉଦ୍ଦେଶ୍ୟରେ ତାଙ୍କ ଅନୁଚରମାନେ ଛେଳିଚର୍ମ ପରିଧାନ ପୂର୍ବକ ତାଙ୍କର ସ୍ତବକୁ ସମବେତ ଗାନ କରି ଉନ୍ମତ୍ତ ନୃତ୍ୟ କରୁଥିଲେ । ତେଣୁ ସମବେତ ଗାନ ବା କୋରସ୍ ହିଁ ଟ୍ରାଜେଡ଼ି ସଂଗୀତର ମୂଳବୀଜ ।

ଟ୍ରାଜେଡ଼ି ଏକ ଅଭିନୟାତ୍ମକ କଳା ହୋଇଥିବାରୁ ପ୍ରେକ୍ଷା ଏକ ଉପାଦାନ । ଏହା ହେଉଛି ଅନୁକରଣର ପଦ୍ଧତି । ଏହି ପଦ୍ଧତି ଯୋଗୁଁ ହିଁ ତାକୁ ଏପିକ୍ ଓ ଲିରିକ୍ ଠାରୁ ସ୍ୱତନ୍ତ୍ର କରିହୁଏ । ମଂଚ ଉପରେ ଅଭିନେତାମାନଙ୍କର ଅଭିନୟ ହିଁ ବାସ୍ତବ ଜଗତର ଯଥାର୍ଥ ଅନୁକରଣ କରିଥିବା ଯୋଗୁଁ ତାହା ଅଧିକ ପ୍ରଭାବଶାଳୀ ହୋଇଥାଏ ।

### କମେଡ଼ି ତତ୍ତ୍ୱ (Comedy Theory) :

କମେଡ଼ିକୁ ଆରିଷ୍ଟଟଲ ଟ୍ରାଜେଡ଼ିଠାରୁ ହାଲୁକା ବା ଲଘୁହାସ୍ୟକର ବୋଲି ମନେ କରିଥିଲେ । କାରଣ କମେଡ଼ିର ଲକ୍ଷ୍ୟ ହେଉଛି ମନୁଷ୍ୟର ହୀନରୂପକୁ ଚିତ୍ରିତ କରିବା । କିନ୍ତୁ ଟ୍ରାଜେଡ଼ିର ଲକ୍ଷ୍ୟ ହେଉଛି ମନୁଷ୍ୟର ଭବ୍ୟ ରୂପକୁ ଚିତ୍ରିତ କରିବା । କମେଡ଼ିର ମୂଳ ଭାବ ହୋଇଥାଏ ହାସ୍ୟ ଓ ଏହାର ବିଷୟବସ୍ତୁ ଭାବରେ କୌଣସି ଦୋଷ ବା ଚାରିତ୍ରିକ ବିକୃତିକୁ ଗ୍ରହଣ କରାଯାଇଥାଏ, ଯାହା ଦର୍ଶକ ମନରେ ହାସ୍ୟ ସଞ୍ଚାର କରିପାରିବ । ତେବେ ଦୋଷ ଅଧିକ ଗମ୍ଭୀର ହେବା ଉଚିତ ନୁହେଁ, ଅନ୍ୟଥା ଏହା ହାସ୍ୟ ସୃଷ୍ଟି ନକରି କୌଣସି ଗମ୍ଭୀର ସମ୍ଭାବ ଉଦ୍ଦୀପ୍ତ କରିବ, ଯାହା କମେଡ଼ି ନିମନ୍ତେ ଅନୁକୂଳ ନୁହେଁ । ଏହା ବ୍ୟତୀତ ତାତ୍ତ୍ୱିକ ଦୃଷ୍ଟିରୁ କମେଡ଼ି ଓ ଟ୍ରାଜେଡ଼ି ମଧ୍ୟରେ କୌଣସି ଗଭୀର ପ୍ରଭେଦ ନାହିଁ ।

### ଉପସଂହାର:

ଉପରୋକ୍ତ ଆଲୋଚନାରୁ ଲକ୍ଷ୍ୟ କରାଯାଏ ଯେ, କାବ୍ୟଶାସ୍ତ୍ର କ୍ଷେତ୍ରରେ ଆରିଷ୍ଟଟଲଙ୍କ ଏହି ତତ୍ତ୍ୱ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ତାଙ୍କର ଅନୁକରଣ ତତ୍ତ୍ୱ କଳାର ମୂଳଭୂତ ପ୍ରକୃତିର ପରିଚୟ ଦେଲାବେଳେ ବିରେଚନ ତତ୍ତ୍ୱ ପାଠକଙ୍କୁ ଆନନ୍ଦାନୁଭୂତିର ରହସ୍ୟ ପ୍ରକଟ କରିଥାଏଓ ଟ୍ରାଜେଡ଼ି ତତ୍ତ୍ୱ ସମଗ୍ର ବିଶ୍ୱକୁ ନୂତନ ଦିଗଦର୍ଶନ ପ୍ରଦାନ କରିଛି ।

❖ ❖ ❖

ମୂଳ ପ୍ରବନ୍ଧ

# ରେଙ୍ଗୁନ୍ ଯାତ୍ରାରେ ଓଡିଆ କୁଲି

**କିଶୋର ଚନ୍ଦ୍ର ମହାନ୍ତ**
**ଶକୁନ୍ତଳା ମିର୍ଦ୍ଧା**

ମଣିଷ ସମାଜରେ ବଂଚିରହିବା ପାଇଁ ଖାଦ୍ୟ,ବସ୍ତ୍ର,ବାସଗୃହର ଏକାନ୍ତ ଆବଶ୍ୟକ ହୋଇଥାଏ । ମଣିଷ ବାସଗୃହକୁ ବାଦ୍ ଦେଇ ମଧ୍ୟ ଗଛତଳେ କିମ୍ବା ଗିରିଗୁହାର ପଥରତଳେ, ଗୁମ୍ଫାରେ, ଗଛକୋରଡରେ ଆଶ୍ରୟ ନେଇପାରିବ; ମାତ୍ର ଖାଦ୍ୟ, ବସ୍ତ୍ରକୁ ବାଦ୍ ଦେଇ ବଂଚିବା ସମ୍ଭବ ନୁହେଁ । ପୂର୍ବରୁ ମଣିଷ ନିଜର ଖାଦ୍ୟ ସାମଗ୍ରୀ ବଣ ଜଙ୍ଗଲରୁ ସଂଗ୍ରହ କରି ଖାଇବା ସହ ପଶୁପକ୍ଷୀ ମଧ୍ୟ ଶିକାର କରି ନିଜର କ୍ଷୁଧା ନିବାରଣ କରୁଥିଲା । ସଭ୍ୟତାର ପରିବର୍ତ୍ତନ ସହ ବଣ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଖାଦ୍ୟ ରୂପେ ଗ୍ରହଣ ନ କରି ସ୍ଥାୟୀ ଭାବେ ବସବାସ କରି ଖାଦ୍ୟ ଉତ୍ପାଦନ କରି କ୍ଷୁଧା ନିବାରଣ କରିଛି । ବଣ ଜଙ୍ଗଲରେ ମଧ୍ୟ ଖାଦ୍ୟର ଅଭାବ ଦେଖାଦେଇଛି । ବଣ ଜଙ୍ଗଲ ସଫା କରି ଚାଷ ଜମି ପ୍ରସ୍ତୁତ କରି ଖାଦ୍ୟ ଉତ୍ପାଦନ କରି କ୍ଷୁଧା ମେଂଟାଇଛି । ମାତ୍ର ଦୈବୀ ଦୁର୍ବିପାକ ତାଡ଼ନାରେ ଅକ୍ଷମଣୀୟ ହୋଇପଡିଛି । ତେଣୁ ସେ ଘରଛାଡି ବିଦେଶକୁ ଯାଇଛି ନିଜର ପେଟ ଚାଖଣ୍ଡକ ପାଇଁ ।

## ବିଦେଶରେ ଓଡିଆ

ପୂର୍ବରୁ ଓଡିଶା ପ୍ରଦେଶ କଳା ତଥା ବାଣିଜ୍ୟର ପ୍ରଦେଶ ଭାବେ ପରିଚିତ ଥିଲା । ଓଡିଆମାନେ ନୌକା ସାହାଯ୍ୟରେ ଅନେକ ସ୍ଥାନକୁ ଯାଇ ବଣିଜ କରି ଧନଦୌଲତ ନେଇ ଆସୁଥିଲେ । ପରିସ୍ଥିତି ସବୁଦିନ ସମାନ ଭାବେ ଗତି ନ କରି କ୍ରମେ ହୋଇ ପଡିଲା ଦରିଦ୍ର ଦେଶ । କୁଲି ମଜୁରିଆର ଦେଶ ଭାବେ ପରିଚିତ ହେଲା ସେମାନେ ବିଦେଶକୁ ଯାଇଛନ୍ତି, ମାତ୍ର ପୂର୍ବ ଭଳି ବଣିଜ କରିବାକୁ ନୁହେଁ ବରଂ କୁଲି ମଜୁରିଆ ଭାବେ କାମ କରିବା ପାଇଁ ସେମାନେ ନିଜର ଗୁଜୁରାଣ ମେଂଟାଇବା ନିମନ୍ତେ ସୁଦୂର କଲିକତା, ଆସାମ୍,ସୁରଟ୍, ବମ୍ବେ,ମାନ୍ଦ୍ରାଜ, ଦିଲ୍ଲୀ ଓ ରେଙ୍ଗୁନ୍ ଯାଇଛନ୍ତି । ଏହି ବିଦେଶରେ ଓଡିଆମାନେ ଯେପରି ହୀନସ୍ତା ହୋଇଛନ୍ତି ସେ ସବୁକୁ ଆମ ଓଡିଆ ସାହିତ୍ୟର ଲେଖକମାନେ କବିତା, ଗଳ୍ପ ମାଧ୍ୟମରେ ପରିବେଷଣ କରିଛନ୍ତି । ରାଜା ରାଜୁଡା ,ଜମିଦାରୀ ଶାସନ ସମୟରୁ ଅନେକ ବିଦେଶରେ ରହି ଏବଂ ସେଠାରୁ ଫେରି ଅନ୍ନଛତ୍ରରେ ଖାଇ କେହି ପରିତ୍ୟକ୍ତ ହୋଇଛି ତ ପୁଣି କିଏ ସର୍ବସ୍ୱ ହରାଇଛି । କାହାର ସ୍ତ୍ରୀ ସ୍ୱାମୀକୁ ଛାଡି ଆଉ କାହା ସହ ପଳାଇ ଯାଇଛି , କେଉଁ ଜମିଦାର ଅନ୍ୟର ଜମିବାଡି ସବୁକୁ ନିଲାମ କରିଦେଇଛି । ଏହିଭଳି କେତୋଟି ଚିତ୍ର ଅବତାରଣା କରାଯାଉଛି ।

## ରେଙ୍ଗୁନରେ ଓଡିଆ

ଓଡିଶାର ଗୋପାଳପୁର ବେଳାଭୂମିକୁ ବାଣିଜ୍ୟର ପେଣ୍ଠସ୍ଥଳୀ ରୂପେ ଗ୍ରହଣ କରାଯାଉଥିଲେ ମଧ୍ୟ ସମୟ କ୍ରମେ ସେହି ସ୍ଥାନରୁ କୁଲି ମଜୁରୀ କାମ କରିବା ପାଇଁ ବିଦେଶକୁ ଯାଉଛନ୍ତି । 'ରେଙ୍ଗୁନ ବାହୁଡା'ଗଳ୍ପରେ ଅନୁରୂପ ଭାବେ ଗୋପାଳପୁର ବେଳାଭୂମିର ଚିତ୍ର ଦିଆଯାଇଛି । ଯାହାକି ପୂର୍ବରୁ ଜାହାଜର ପେଣ୍ଠସ୍ଥଳୀ ଭାବେ ପରିଚିତ ଥିଲା, ତାହା ଓଡିଆ କୁଲ,ଚାଷୀ , ମଜୁରିଆଙ୍କ ଦୁଃଖମୟ ପୀଠ ଭାବେ ଘୋଷଣା କରାଯାଇଛି । କେଳିର ସ୍ୱାମୀ ତାର ବଡପୁଅକୁ ନେଇ

**କିଶୋର ଚନ୍ଦ୍ର ମହାନ୍ତ, ଶକୁନ୍ତଳା ମିର୍ଦ୍ଧା**
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର-୭୫୬୦୮୯
**Email ID :** mohantakishorechandra9@gmail.com
**ORCID ID :** https://orcid.org/0009-0004-7696-8664

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୬.୨୦୨୪ | ୧୭.୭.୨୦୨୪ | ୨୫.୭.୨୦୨୪ | ୧.୮.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, କିଶୋର ଚନ୍ଦ୍ର; **ମିର୍ଦ୍ଧା, ଶକୁନ୍ତଳା** ୨୦୨୪ । **ରେଙ୍ଗୁନ ଯାତ୍ରାରେ ଓଡ଼ିଆ କୁଲି** । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଘ; ପୃଷ୍ଠା :୧୪-୧୭ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.13619446
Article No - BPPP00213

ସେହି ସ୍ଥାନରୁ ରେଙ୍ଗୁନ୍ ଯାଇଥିଲେ ମଧ୍ୟ ଅନେକ ଦିନ ଧରି ସେଠାରେ ରହିବା ପରେବି କୌଣସି ଖବର ଦେଇ ନାହିଁ କି ସ୍ତୀର ଭରଣ ପୋଷଣ ପାଇଁ ଟଙ୍କା ପଠାଇ ନାହିଁ । ନିଜ ଘରେ ଯାହା କିଛି ଥିଲା ସେ ତାକୁ ବିକି ଭାଙ୍ଗି ଚଳିଛି । ବାଧ୍ୟ ହୋଇ ନିଜର ଅଳଙ୍କାର ବିକ୍ରିକରି ସାନପୁଅକୁ ରେଙ୍ଗୁନ୍ ପଠାଇବାକୁ ବେଳାଭୂମିକୁ ଯାଇଥିବା ସମୟରେ ବଡପୁଅର ପ୍ରତ୍ୟାବର୍ତନ ହେତୁ ମାଆର ମନରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ଗଳ୍ପରେ ଦୁଇଟି ଚିତ୍ର ଦେଖିବାକୁ ମିଳେ , ଗୋଟିଏ ପଟରେ ମାନସିକ ଦ୍ୱନ୍ଦ୍ୱ ଦେଖାଯାଉଥିବା ବେଳେ ଅନ୍ୟ ପଟରେ ପେଟର କ୍ଷୁଧା ନିବାରଣର ଚିତ୍ର ଦେଖିବାକୁ ମିଳିଛି । ସ୍ୱାମୀଟି ରେଙ୍ଗୁନ୍ ଯିବା ପରେ ସ୍ତୀର ଯୌବନମୟ ପ୍ରାଣଟି ପିଞ୍ଜରାରେ ରହି ବାରମ୍ବାର ଛଟପଟ ହୋଇଛି । ସେ କେବଳ ସ୍ୱାମୀର ଫେରିବା ବାଟକୁ ଚାହିଁ ରହିଛି । ଗଳ୍ପରେ କୁହାଯାଇଛି – "ସେହି ଯୌବନ ଘେନି ସେ କେତେ ଲାଞ୍ଛନା ,କେତେ ଅପମାନ ସେ ସହିଛି , କେତେ ରାତି ଯେ ଲୁହ ଢାଳିଛି ସେ କଥା ତାର ସେହି ବିରହ ତପ୍ତ ଅନ୍ତରାତ୍ମା ଛଡା କିଏ ଜାଣନ୍ତି ନାହିଁ ।" ( ଗୋଦାବରୀଶ ରଚନାବଳୀ ଭାଗ ୩,ପୃଷ୍ଠା- ୨୦୦)

ଅନ୍ୟପଟରେ ନିଜର ଉଦର କ୍ଷୁଧା ମେଂଟାଇବା ନିମନ୍ତେ ଲୋକମାନେ ଘରର ସମସ୍ତ ଜିନିଷ ପତ୍ର ବିକ୍ରି କରି ଶେଷରେ ରେଙ୍ଗୁନ୍ ଯାଇଛନ୍ତି କାମକରି ଚଳିବାକୁ । ନିଜର ମାତୃଭୂମିକୁ ବିଦାୟ ଦେଇ ବର୍ଷବର୍ଷ ଧରି କାଠପିତୁଳା ଭଳି ଓଡିଆ ଚାଷୀ,କୁଲିପଡିରହେ । ସେଠାରୁ ଫେରିଆସି କିଏ ନିଜ ପରିବାରକୁ ପାଏ ତ ପୁଣି ଆଉ କେହି ସର୍ବସ୍ୱ ହରାଏ ।

'ମୁଁ ଯେ ରେଙ୍ଗୁନରୁ ଫେରିଲି ' ଗଳ୍ପରେ ସରବକାରଙ୍କ ଶୋଷଣ ଚିତ୍ର ପ୍ରତିପାଦିତ ହୋଇଛି । ଜମିଦାରୀ ଶାସନକାଳରେ ପ୍ରଜାଟିଏ ନିଜର ଉଦର କ୍ଷୁଧା ନିବାରଣ କରିବା ପାଇଁ ଯେଉଁ ଖୁଦ ମୁଠାକ କରଜ ଆଣିଥାଏ ତାକୁ ପରିଶୋଧ କରିବା ପାଇଁ ବର୍ଷବର୍ଷ ସମୟ ଗୋଟି ଲାଗିଥାଏ । ସ୍ତୀର ଅଳଙ୍କାର ଦେଇ ସୁଝିଲେ ମଧ୍ୟ ପରିଶୋଧ ହୁଏ ନାହିଁ । ସହଦେବ ସରବକାରଙ୍କଠାରୁ ଆଣିଥିବା ଟଙ୍କାକୁ ଶୁଝିବା ପାଇଁ ରେଙ୍ଗୁନ ଯାଇ ପାଂଚ ବରଷରେ ମାସିକ ଦଶ ଟଙ୍କା ଲେଖାଏ ଦେଇଛି । ସ୍ତୀ ଯଶୋଦା ସବୁ ଅଳଙ୍କାର ଦେଇ ବିଧବା ରୂପ ଧାରଣ କରିଛି ତଥାପି ସରବକାର ଋଣ ଅଭିଯୋଗରେ ଆସି ଦୁଆର ମୁହଁରେ ଝୁଲା ଧରି ବସିଛି । କାରଣ ମଣିଷ ସବୁ ବିଦ୍ରୋହ ସହିପାରେ ମାତ୍ର ପେଟର ବିଦ୍ରୋହ ଅସହ୍ୟ । ତେଣୁ ସେ ପାଟିରେ ମୁଠାଏ ଆହାର ପାଇଁ ରେଙ୍ଗୁନ ଯାଇ ଦିନରାତି ପରିଶ୍ରମ କରି ଋଣ ଶୁଝିବାକୁ ବିଫଳ ହେଇଛି । ଧନୀର ଗରୀବ ଉପରେ ସଦାସର୍ବଦା ଶୋଷଣ ରହି ଆସିଛି । ସେମାନେ ଶତ ଚେଷ୍ଟା କଲେ ମଧ୍ୟ ଆଗକୁ ଆସି ପାରିନାହାନ୍ତି । ତାଙ୍କ ଜୀବନରେ ଖୁସି ବୋଲି ଆଉ କିଛି ନ ଥାଏ ।

ବ୍ୟକ୍ତିଟିଏ ନିଜର କ୍ଷୁଧାର ତାଡନାରେ ସବୁ କିଛି କରିବାକୁ ପ୍ରସ୍ତୁତ ଥାଏ । ତା ପାଖରେ ମାନସମ୍ମାନ,ଇଜ୍ଜତମହତ ବୋଲି କିଛି ରହି ନ ଥାଏ । ଶେଷରେ ସେ ନିଜର ଭିଟାମାଟି ଛାଡି ଅନ୍ୟତ୍ର ଚାଲିଯାଏ । 'ଭଗ୍ନ ହୃଦୟ' ରେ ମଧ୍ୟ ଗୋପାଳପୁର ବେଳାଭୂମିର ଚିତ୍ର ରହିଛି । ସେହି ବେଳାଭୂମିରୁ ଲୋକଟି ରେଙ୍ଗୁନ ଯାଇ କୁଲିକାମ ଆଦରିବାରେ ସିଦ୍ଧହସ୍ତ । ଏଠାରେ ମଧ୍ୟ ଦୁଇଟି ସଙ୍ଘର୍ଷ ଦେଖାଯାଇଛି । ଗୋଟିଏ କ୍ଷୁଧାର ତାଡନା ଓ ଅନ୍ୟଟି ଭଲପାଇବାର ପରାକାଷ୍ଠା ।

ବଂଶୀ ଓଡିଶାରୁ ଯାଇ ରେଙ୍ଗୁନରେ ଏକ ହୋଟେଲରେ କାମ କରି ନିଜର ଗୁଜୁରାଣ ମେଂଟାଇଛି । ଠିକ୍ ଅନୁରୂପ ଭାବରେ ରମା ନିଜ ଅନ୍ଧୁଣୀ ମାଆର ଏକମାତ୍ର ସାହା ଭରଷା ହୋଇ ପ୍ରଥମେ ଏକ ହୋଟେଲରେ କାମ କରିଛି । ମାତ୍ର ତାର ଯୌବନର ପଦାର୍ପଣ ଯୋଗୁଁ ସେ ନିଜକୁ ସୁରକ୍ଷିତ ମନେ କରିନାହିଁ । ତେଣୁ ସେ ନିଜର ଇଚ୍ଛାମୁତାବକ ପାନ ବିକି ମାଆର ଜୀବନ ବଂଚାଇବା ସହ ନିଜକୁ ସୁରକ୍ଷିତ କରି ପାରିଛି । ଏମାନେ ପ୍ରତିଦିନ ଉଭୟେ ଏକାଠି ବସି ବ୍ୟବସାୟ କରିବା ଭିତରେ ପରସ୍ପରର ମନ ମଧ୍ୟ ବିକ୍ରି ହୋଇଯାଇଛି । ପରସ୍ପରକୁ ପ୍ରତିଶୃତି ଦେଇଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ଏକାଠି ରହି ପାରିନାହାନ୍ତି । ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢି ଉଠିଥିଲେ ବି ଅସହାୟ ରମା ଅନ୍ୟର ସାହାରା ପାଇ ସବୁ ସତ କଥା କହି ବିବାହ ହୋଇଛି । ଦୀର୍ଘ ଦଶବର୍ଷ ପରେ ବଂଶୀ ଗୋଟି ଗୋଟି କରି କୋଡିଏଟି ଚିଠି ଦେଇଥିଲେ ବି ରମାଠାରୁ କୌଣସି ଉତର ପାଇନାହିଁ । ଯାହାକି ଭଗ୍ନହୃଦୟରେ ଏକ ଅକ୍ଷତ ସ୍ଥାନ ଚିରକାଳ ପାଇଁ ରହିଯାଇଛି ।କୁଲି ମଜୁରିଆର ପ୍ରେମ ସଫଳ ହୁଏନାହିଁ, ସେଥିପାଇଁ ଭଗବତୀ ଚରଣ ପାଣିଗ୍ରାହୀ ମଧ୍ୟ 'ହାତୁଡି ଓ ଦା' ରେ କହିଛନ୍ତି , "ମୂଲିଆ ମଣିଷର ପୁଣି ଘରଦ୍ୱାର ପିଲାମାଇପ ! ଥିଲାବାଲାଙ୍କ ସିନା ସବୁ ସଉକ ମୂଲିଆ ମଜୁରିଆର କଅଣ ତେବେ ପ୍ରେମ ସୁଆଗ କିଛି ନାହିଁ ।"

ରେଙ୍ଗୁନ୍ ହୋଇଛି ଶହଶହ ଓଡିଆ କୁଲି ମଜୁରିଆ ଚାଷୀଙ୍କ ପେଣ୍ଠସ୍ଥଳୀ ଓଡିଶାକୁ ଛାଡି ସିଧା ସଳଖ ଚାଲି ଯାଇଛନ୍ତି ରେଙ୍ଗୁନ୍ । କିଏ ବାରମ୍ବାର ଚେଷ୍ଟା କରି ମଧ୍ୟ ନିଜର ଘରଡିହଖଣ୍ଡିକ ପାଇ ପାରୁନାହାନ୍ତି ତ କିଏ ଆତ୍ମୀୟ ସ୍ୱଜନଙ୍କୁ ଛାଡି ଏକାକୀ ହୋଇଯାଇଛି । ମାଆ ପୁଅର ଅନାବିଳ ସ୍ନେହକୁ କାଟି ଭାଇଗ କେତେଥର ବାହାରିଥିଲେ ମଧ୍ୟ ଯାଇପାରି ନାହିଁ । ଗାଁର ଅନେକ ଲୋକ ରେଙ୍ଗୁନରୁ କେତେ କଅଣ ଜିନିଷ ଘେନି ଆସୁଥିଲେ ମଧ୍ୟ ଭାଇଗ ତା ମାଆର ଆକଟ ଯୋଗୁଁ ଯାଇପାରି ନାହିଁ , ମାତ୍ର ବଡ ହୋଇ ରେଙ୍ଗୁନ୍ ଯାଇଛି ନିଜର ପେଟ ଚାଖଣ୍ଡେକ ପାଇଁ । ଭାଇଗ ମାଆର କେବଳ ଗୋଟିଏ ଚିନ୍ତା ଯେ ,ଭାଇଗ ଦୁଇବେଳା ଭଲରେ ଗଣ୍ଡେ ଖାଇବାକୁ ପାଉ । ଗଳ୍ପରେ କୁହାଯାଇଛି, " ଗଣ୍ଡିରେ ଧନରେ ଯେଉଁଠି ଥା ତୋରାଣି ମନ୍ଦାକରେ ଭାତ ମୁଠେ ଖାଉଚୁ ବୋଲି ଜାଣିଲେ ମାଆ ତୋର ବଂଚିଛି ବୋଲି

ଭାବିବୁ " (ଗୋଦାବରୀଶ ରଚନାବଳୀ, ୨ୟ ଭାଗ, ପୃଷ୍ଠା- ୨୦୨)। ଭାଇଗ ରେଙ୍ଗୁନରୁ ଫେରିବା ସମୟକୁ ମାଆ ମୃତ୍ୟୁ ମୁଖରେ ଛଟପଟ, ତଥାପି ତାହାର ଏକମାତ୍ର ଚିନ୍ତା ପୁଅ ଖାଇବାକୁ ପାଉଥିଲା କି ନାହିଁ।'ଦୁଇଟି ଦିନ' ଗଳ୍ପରେ ଗାଳ୍ପିକ ଅନୁରୂପ ଭାବେ ମାତାପୁତ୍ରର ଅନାବିଳ ସ୍ନେହ ପ୍ରତିପାଦିତ କରିଛନ୍ତି।

ଓଡ଼ିଶାକୁ ବନ୍ୟା, ବାତ୍ୟା, ମରୁଡ଼ି ଓ ଦୁର୍ଭିକ୍ଷ ଯେପରି ଯୁଗେ ଯୁଗେ ଗ୍ରାସିଅଛି ତାକୁ ତାହାର ଆଶୀର୍ବାଦ ନା ଅଭିଶାପ କୁହାଯିବ ଦ୍ୱନ୍ଦ୍ୱ। ପ୍ରାକୃତିକ ବିପର୍ଯ୍ୟୟରୁ ସେ କେତେବେଳେ ମୁକ୍ତ ହୋଇପାରି ନାହିଁ। ଏହି ସବୁକୁ ସମ୍ମୁଖୀନ ହେବାକୁ ସବୁ ସମୟରେ ସମ୍ଭବପର ହୋଇ ନାହିଁ। କିଏ ଘରଦ୍ୱାର ଛାଡ଼ି ବିଦେଶରେ ରହିଲାଣି ତ କିଏ ପୁଣି ନିଜର ସହଭାଗିନୀକୁ ଛାଡ଼ି ପାଗଳପ୍ରାୟ ହୋଇଛି । ସେମାନେ ଓଡ଼ିଶା ଯାଇଛନ୍ତି ରୋଜଗାର ଆଶାରେ ନୁହେଁ କେବଳ ନିଜ ନିଜର ପେଟ ଚାଖଣ୍ଡକ ପାଇଁ । ଏହି 'ଦୁଇଟି ରାତ୍ରିର ଶେଷ ପ୍ରହର' ଗଳ୍ପରେ ଗମେଇ ଗାଁର ନଦୀ ଯେଉଁ ନାଚିବାର ଶିକ୍ଷା ଓ ପର୍ବତରୁ ଧୈର୍ଯ୍ୟଶୀଳତା ଶିଖାଇଥିଲା ସହଦେବ ଦୁର୍ଭିକ୍ଷ ମରୁଡ଼ିରେ ସେ ସବୁକୁ ମୂଲ୍ୟହୀନ ବୋଲି ମନେ କରିଛି । ସହଦେବ ନିଜର ପ୍ରାଣପ୍ରିୟା ପତ୍ନୀକୁ ଛାଡ଼ି ରେଙ୍ଗୁନ୍ ଯାଇ ଚାରିବର୍ଷ ପରେ ଫେରିଆସି ଦେଖେ ସେଠାରେ ଚମ୍ପେଇ ଆଉ ଜୀବିତ ହୋଇ ରହିନାହିଁ। ସ୍ତ୍ରୀ ଚମ୍ପେଇକୁ ଖୋଜି ଖୋଜି ସହଦେବ ଜୀବନର ବାକି ସମୟ କାଟି ଦେଇଛି , ଯାହା ପତି ପତ୍ନୀଙ୍କର ଭଲପାଇବାର ପରାକାଷ୍ଠା ଦର୍ଶାଯାଇଛି।

'କରୁଣା'ଗଳ୍ପରେ ଗାଳ୍ପିକ ରାଜକିଶୋର ରାୟ ଦେଖାଇଛନ୍ତି ଯେ , ଓଡ଼ିଆ କୁଲିଙ୍କର ରେଙ୍ଗୁନ୍ ଯିବାର ପେଣ୍ଠସ୍ଥଳୀ ଗୋପାଳପୁର ବେଳାଭୂମି। ଏହି ବେଳାଭୂମିରୁ ଜାହାଜ ଯୋଗେ ଶହ ଶହ ଓଡ଼ିଆ କୁଲି ରେଙ୍ଗୁନ୍ ଯାଇ କାମ କରିଛନ୍ତି। ଘରଦ୍ୱାର,ପରିବାର ଆତ୍ମୀୟସ୍ୱଜନଙ୍କୁ ଛାଡ଼ି ସମସ୍ତ ଓଡ଼ିଆ ହୋଇଛନ୍ତି ରେଙ୍ଗୁନ୍ ଅଧିବାସୀ। ଇତି ମଧ୍ୟରେ କାହାର ଜମିବାଡ଼ି ଘରଦ୍ୱାରକୁ ଜମିଦାର ନେଇ ଗଲାଣି ତ କାହାର ସ୍ତ୍ରୀ ଆଉ କାହା ସହ ଘରଛାଡ଼ି ପଳାଇ ଗଲାଣି। କିଏ ନିଜର ରୋଗିଣା ମାଆକୁ ମଧ୍ୟ ହରାଇ ସାରିଲାଣି ,ମାତ୍ର ବନାର କରୁଣା ପ୍ରତି ଯେଉଁ ପ୍ରେମ ଭାବ ଜାଗ୍ରତ ହୋଇଛି ତାହା ଅପ୍ରକାଶ୍ୟ। ଗରିବ ମୂଲିଆର ଭଲପାଇବା ସୁପ୍ତ ହୋଇ ରହିଯାଇଛି। ଅନ୍ୟ ପଟରେ ଓଡ଼ିଆ ମୂଲିଆମାନେ ପୁଞ୍ଜିପତି ବିରୋଧରେ ଜନ ଆନ୍ଦୋଳନ କରିଛନ୍ତି।

'ରେଙ୍ଗୁନ ଚିଠି' କବିତାରେ ମାୟାଧର ମାନସିଂହ ଦେଖାଇଛନ୍ତି ଯେ ,ରୋଗିଣା ମାଆର ପୁଅଟି ଦୁଇଜଣଙ୍କ ମୁଖରେ ଆହାର ମୁଠାଏ ଦେବାପାଇଁ ଯେଉଁ ଋଣ କରିଥିଲା ତାକୁ ଶୁଝିବାକୁ ସେ ରେଙ୍ଗୁନ୍ ଯାଇଛି ଦୁଇ ତିନି ମାସରେ ଋଣ ପରିଶୋଧ କରି ଗାଁକୁ ଫେରି ଆସିବ ବୋଲି ବୁଢ଼ୀ ମାଆକୁ କଥାଦେଇ ଯାଇଥିଲେ ମଧ୍ୟ ଅନେକ ଦିନ ବିତିଯାଇଛି। ପୋଷ୍ଟମାଷ୍ଟରକୁ ଦେଖିଲେ ପୁଅର ଚିଠି ଆସିଛି କି ବୋଲି ପଚାରି ବୁଝେ। ମାତ୍ର ପୋଷ୍ଟମାଷ୍ଟରର ଉତ୍ତରରେ ନିରାଶ ହୋଇ ଘରକୁ ଫେରିଆସେ। ମାଆ ମନରେ ଅସୁମାରୀ ସ୍ୱପ୍ନ ଜାଗ୍ରତ ହୁଏ , ପୁଅ ରୋଜଗାର କରି ଫେରିଲେ ବିଭା କରାଇବାକୁ ମନସ୍ଥ କରେ। ଠିକ୍ ଗୋଟିଏ ବର୍ଷ ପରେ ଏକ ପତ୍ର ଆସେ ଯାହା ମାଆର ମନକୁ ଆହୁରି ଦ୍ୱନ୍ଦ୍ୱରେ ପକାଇଦିଏ। ରାମ ଭଳି ଅନେକ ଓଡ଼ିଆ କୁଲି ରେଙ୍ଗୁନ୍ ଯାଇ ନିଖୋଜ ହେବା କଥା ଦେଖିବାକୁ ମିଳିଛି।

'ରେଙ୍ଗୁନ୍ ଯାତ୍ରୀ' କବିତାରେ ମଧ୍ୟ ସଚ୍ଚି ରାଉତରାୟ ସେହି ଓଡ଼ିଆ କୁଲିର ରେଙ୍ଗୁନ୍ ଯାତ୍ରାକୁ ଦେଖାଇଛନ୍ତି। ପେଟର ଜ୍ୱାଳାରେ ନିଜର ଜନ୍ମମାଟିକୁ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଅନିଚ୍ଛା ସତ୍ତ୍ୱେ ସେମାନେ ନିଜ ଘର ଛାଡ଼ି ରେଙ୍ଗୁନକୁ ଯାଉଛନ୍ତି କୁଲି କାମ କରିବାକୁ। ପରିବାର ମଧ୍ୟରେ ଆବଦ୍ଧ ଥିବା ଲୋକଟି ପ୍ରଥମ ଥର ଲାଗି ଘର ଛାଡ଼ି ଯାଉଥିବାବେଳେ ମନରେ ଅନେକ ଆଶା ଅସୁମାରୀ ପ୍ରଶ୍ନ ଆଗରେ ଠିଆ ହୋଇଛି। ହୁଏତ ସେ ଆଉ ଗାଁକୁ ଫେରି ପାରିବେକି ନାହିଁ ତେଣୁ ଶେଷଥର ପାଇଁ ଆଖି ବୁଲାଇ ଗାଁକୁ ଛାଡୁଛି। ତେଣୁ ଲେଖକ କହୁଛନ୍ତି-

"ଠିଆ ହୁଅ ଟିକେ ଦେଖିନିଅ ଥରେ

ଗାଁକୁ ବୁଲାଇ ଆଖି

ସତେ,ଆଉ କି ପାରିବା ଦେଖି ?"

(ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ,ପୃ-୪୨୧)

ଆହୁରି ମଧ୍ୟ କାବ୍ୟ ନାୟକ ମନେ ପକାଉଛି ତାର ଆସିବା ସମୟରେ ଝିଅଟୀ ଯେପରି ବାହୁନି ବାହୁନି କାନ୍ଦୁଥିଲା। ସେଥିପାଇଁ ମନରେ ସବୁ ପିତା ପିତା ଲାଗୁଛି। ଗୋଟିଏ ପଟରେ ଘରର ସ୍ନେହ ଶ୍ରଦ୍ଧା ଛାଡ଼ି ନ ପାରିବା ଏବଂ ଅନ୍ୟ ପଟରେ ପେଟ ଚାଖଣ୍ଡକ ପାଇଁ ରେଙ୍ଗୁନ୍ ଯାତ୍ରା କରିବା। ରେଙ୍ଗୁନକୁ ଯାଇ ସ୍ତ୍ରୀ ପାଇଁ ଭଲିକି ଭଲି ସୁନା ଗହଣା ଗଢ଼ାଇଦେବାକୁ ପ୍ରତିଶ୍ରୁତି ଦେଇଚି।

ଓଡ଼ିଶା ରାଜ୍ୟ କଳା ,ଭାସ୍କର୍ଯ୍ୟ ତଥା ବାଣିଜ୍ୟର ପ୍ରଦେଶ ଭାବରେ ପରିଚିତ। ମାତ୍ର ସମୟର ତାଡନାରେ ଏ ମାଟିର ଅଧିକାଂଶ ସନ୍ତାନ କୁଲି ମଜୁରିଆ ପାଲଟି ଯାଇଛନ୍ତି । କେହି କେହି ସେମାନଙ୍କ ସଂସାରକୁ ଫେରି ପାଇଛନ୍ତି ତ ଆଉ କିଏ ନିଜର ସର୍ବସ୍ୱ ହରାଇ ନିଃସ୍ୱ ହୋଇଯାଇଛନ୍ତି । ଗୋପାଳପୁର ବେଳାଭୂମିର ଜାହାଜ ହୋଇ ଯାଇଛି ଓଡ଼ିଆ କୁଲିଙ୍କ ରେଙ୍ଗୁନ୍ ଯାତ୍ରାର ମାଧ୍ୟମ। ସମସ୍ତ ଓଡ଼ିଆ ସେଠାକୁ ଯାଇ କୁଲି କାମକୁ ଆଦରି ନେଇଛନ୍ତି । ଏଇ ରେଙ୍ଗୁନ ହିଁ ଓଡ଼ିଆ କୁଲିଙ୍କ ଜୀବନ ନାଟିକାର କେନ୍ଦ୍ରସ୍ଥଳୀ ଭାବେ ପରିଚିତ ହୋଇଛି ।

**ସହାୟକ ଗ୍ରନ୍ଥସୂଚୀ :**

୧. ବ୍ରହ୍ମା ଗୌରୀକୁମାର, ପାଣିଗ୍ରାହୀ ବିବେକାନନ୍ଦ - ଗୋଦାବରୀଶ ରଚନାବଳୀ , ୧ମ ଭାଗ,ଗ୍ରନ୍ଥମନ୍ଦିର ବିନୋଦବିହାରୀ କଟକ-୨,ତୃତୀୟ ସଂସ୍କରଣ -୨୦୧୨ ।

୨. ତତ୍ରୈବ ,୨ୟ ଭାଗ, ଦ୍ୱିତୀୟ ସଂସ୍କରଣ -୨୦୦୫ ।

୩. ତତ୍ରୈବ ,୩ୟ ଭାଗ , ୧ମ ସଂସ୍କରଣ -୧୯୯୭ ।

୪. ରାୟ ମାଳବିକା , ରାୟ ରଚନାବଳୀ ,୧ମ ଖଣ୍ଡ, ପ୍ରକାଶକ- ଜଗନ୍ନାଥ ରଥ ,ବିନୋଦବିହାରୀ କଟକ-୨, ୧ମ ସଂସ୍କରଣ -୨୦୨୧ ।

୫. ମାନସିଂହ ମାୟାଧର- ମାନସିଂହ ଗ୍ରନ୍ଥାବଳୀ ,୧ମ ଖଣ୍ଡ ,ଗ୍ରନ୍ଥମନ୍ଦିର ବିନୋଦବିହାରୀ କଟକ-,୩ୟ ସଂସ୍କରଣ-୧୯୯୭ ।

୬. ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ ,୧ମ ଖଣ୍ଡ , ଓଡ଼ିଶା ସାହିତ୍ୟ ଏକାଡେମୀ ସଂସ୍କୃତି ଭବନ , ଭୁବନେଶ୍ୱର-୭୫୧୦୧୪ ,୧ମ ସଂସ୍କରଣ-୨୦୦୧ ।


❖ ❖ ❖

# କାଳିନ୍ଦୀଚରଣଙ୍କ ଗଳ୍ପ ଜଗତରେ ମଣିଷ ଓ ମାନବିକତା

ଜ୍ୟୋତିରଞ୍ଜନ ମହାନ୍ତି

**ସାରାଂଶ :**

*ଓଡ଼ିଆ ଗଳ୍ପ ଜଗତର ମୂର୍ଦ୍ଧନ୍ୟ ରୂପକାର କାଳିନ୍ଦୀଚରଣ ପାଣିଗ୍ରାହୀ ମାଟି ଓ ମଣିଷର କଥାକାର । ମଣିଷ ଭିତରେ ଅନାବିଳ ଆପଣାପଣ ଜାଗ୍ରତ ହେଲେ ସେ ଦେବତାସ୍ତରକୁ ଉତ୍ତୀର୍ଣ୍ଣ ହୋଇପାରିବ ବୋଲି ତାଙ୍କ କଥା ସାହିତ୍ୟ ପାଠକଙ୍କୁ ଭରସାଦିଏ । ତାଙ୍କ ଗପଗୁଡ଼ିକରେ ସାଧାରଣ ମଣିଷକୁ ନାୟକତ୍ୱ ପ୍ରଦାନ କରିବାପାଇଁ ଥାଏ ଏକପ୍ରକାର ଉଦ୍‌ଘୋଷଣା । ମୁଖ୍ୟତଃ ଗ୍ରାମ୍ୟ ଚରିତ୍ର ଆଧାରିତ ତାଙ୍କ ଗଳ୍ପ ସମୂହ ଯେଉଁ ମାନବୀୟ ସଂବେଦନର ସ୍ୱାକ୍ଷର ଲେଖେ, ତାହା ଅବଶ୍ୟ ଆଦର୍ଶ ସ୍ଥାନୀୟ ।*

**ବୀଜଶବ୍ଦ : କାଳିନ୍ଦୀଚରଣଙ୍କ ଗଳ୍ପ - ମାନବୀୟ ସଂବେଦନାର ସାନ୍ଦ୍ରସ୍ୱର ।**

ଜୀବନକୁ ଭଲପାଇଲେ ହିଁ ଜୀବନର ରହସ୍ୟକୁ ଖୋଜିବାକୁ ଇଚ୍ଛାହୁଏ। ସେହି ଇଚ୍ଛା ଯେତିକି ଯେତିକି ନିବିଡ଼ରୁ ନିବିଡ଼ତାର ହୋଇ ଯାଉଥାଏ, ସେତିକି ସେତିକି ଯାବତୀୟ ଦୁଃଖ କଷ୍ଟ ଯନ୍ତ୍ରଣା ଓ ଅସହାୟତା ସତ୍ତ୍ୱେ ଜୀବନ ଆପଣା ଆପଣାର ମନେ ହେଉଥାଏ। ଏହିପରି ଅବସ୍ଥାରେ ନିଜ ଜୀବନ ଭିତରେ ଯେମିତି ମିଳିଯାଏ ଅଗଣିତ ନରନାରୀଙ୍କ ଜୀବନ । ଗୋଟାଏ ସମ୍ବେଦନଶୀଳ ଭାବ ବିନ୍ଦୁରେ ଅଭିଷେକ ହୁଏ ମଣିଷର । ସେଠି ଉଦ୍‌ଗୀତ ହୁଏ ମାନବିକତାର ମୁଗ୍ଧ ଗାୟତ୍ରୀ । ସେଠି ଘୃଣା ନଥାଏ, କପଟତା ନଥାଏ; ନଥାଏ ମଧ୍ୟ ଛଳନା ଓ ପ୍ରବଞ୍ଚନା। ମଣିଷ ମଣିଷ ମଧ୍ୟରେ ହୋଇଯାଏ ସଂପର୍କର ସେତୁ ବନ୍ଧନ । ସେହିଠାରେ ସ୍ନେହ, ପ୍ରେମ, ବାତ୍ସଲ୍ୟ, ବନ୍ଧୁତା ଓ ମାନବିକତା ଯେପରି ହୋଇଯାଏ ଏକ ପରମ ତତ୍ତ୍ୱ । କଣ୍ଟକିତ ଓ ବନ୍ଧୁରିତ ବାସ୍ତବତା ଉପରେ ବ୍ୟଞ୍ଜିତ ହୋଇଉଠେ ଆଦର୍ଶବାଦ । କଥାକାର ଫକୀରମୋହନଙ୍କ ପରେ ଗଳ୍ପକାର କାଳିନ୍ଦୀଚରଣ ଏହି ତତ୍ତ୍ୱ ଆଧାରରେ ରଚନା କରିଛନ୍ତି ସମସ୍ତ ଗଳ୍ପ।

୧୯୨୦ ମସିହା ପରବର୍ତ୍ତୀ ଅର୍ଥାତ୍ ସ୍ୱାଧୀନତା ପୂର୍ବର ତିନି ଦଶନ୍ଧିର ସାମାଜିକ, ସାଂସ୍କୃତିକ, ରାଜନୀତିକ ଓ ମାନବିକ ଦୃଷ୍ଟି ଓ ଦର୍ଶନ ତାଙ୍କୁ ପ୍ରଭାବିତ କରିଛି। ଏହି ସମୟସୀମା ମଧ୍ୟରେ ତାଙ୍କ ହୃଦୟ ଭିତରେ ରେଖାପାତ କରିଛି ପୁରୀ ଜିଲ୍ଲାର ଡ଼ଭାର ଅଞ୍ଚଳର ଦୁର୍ଭିକ୍ଷ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ, ଉତ୍ତର-ବାଲେଶ୍ୱରର ଦୁର୍ଭିକ୍ଷ, ଦେଶପାଇଁ ଆତ୍ମ ବଳିଦାନ କରିବାର ସଂକଳ୍ପ, ଜମିଦାର ଓ ମହାଜନମାନଙ୍କର ଶୋଷଣ, ବିଧବା-ସମସ୍ୟା, ରେଙ୍ଗୁନ୍ ଓ କାଳିମାଟି ଯାତ୍ରୀ ଶ୍ରମିକର ଦୁର୍ଦ୍ଦଶା ଓ ହିନ୍ଦୁ-ମୁସଲମାନ ସଂଘର୍ଷ ଇତ୍ୟାଦି । ଏହିସବୁ ଘଟଣା ପ୍ରବାହ ସହିତ ଗାନ୍ଧିବାଦ, ମାର୍କସବାଦ, ଫ୍ରଏଡ଼ଙ୍କ ମନୋବିଜ୍ଞାନତତ୍ତ୍ୱ, ରବୀନ୍ଦ୍ରିକ ମାନବ-ବନ୍ଦନା ଓ ସମାଜ ସଂସ୍କାର ଆନ୍ଦୋଳନ ଇତ୍ୟାଦି ମଧ୍ୟ ତାଙ୍କ ହୃଦୟ-ବୃତ୍ତରେ ଗଭୀର ରେଖାପାତ କରିଥିଲା। ତତ୍ତ୍ୱଦିଗରେ ଯଦିଓ ସେ ରୋମାଣ୍ଟିକ୍ ଚେତନାରୁ ପ୍ରଗତିବାଦୀ ବା ମାର୍କସ୍‌ବାଦୀ ଚେତନା ପ୍ରତି ଉନ୍ମୁଖ ହୋଇଛନ୍ତି, ମୁଖ୍ୟତଃ ମାନବିକ ଚେତନା ପ୍ରତି ସେ

**ଯୋଗାଯୋଗ :**
**ଜ୍ୟୋତିରଞ୍ଜନ ମହାନ୍ତି,** ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବହୁଗ୍ରାମ ଜୁନିଅର କଲେଜ,ବହୁଗ୍ରାମ, କଟକ
**E-Mail ID:** jyotimohanty1993@gmail.com
**ORCID ID:** https://orcid.org/0009-0008-1691-9229

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୬.୨୦୨୪ | ୭.୭.୨୦୨୪ | ୧୫.୭.୨୦୨୪ | ୧.୮.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତି, ଜ୍ୟୋତିରଞ୍ଜନ., ୨୦୨୪ । **କାଳିନ୍ଦୀଚରଣଙ୍କ ଗଳ୍ପ ଜଗତରେ ମଣିଷ ଓ ମାନବିକତା ।** ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଙ, ପୃଷ୍ଠା :୧୮-୨୪ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI: https://doi.org/10.5281/zenodo.13619467 Article No - BPPP00214 |

ଆଜୀବନ ରହିଛନ୍ତି ଅନୁରକ୍ତ । ସେହି ମାନବିକ ସମ୍ବେଦନା ଓ ସହାନୁଭୂତି ତାଙ୍କ ସାରସ୍ୱତ ବ୍ୟକ୍ତିତ୍ୱକୁ କରିଛି ସୃଷ୍ଟିଶୀଳ । ଆପଣା ଘରେ, ଗ୍ରାମରେ, ଚାକିରି କ୍ଷେତ୍ରରେ ଓ ସମାଜର ବିଭିନ୍ନ ସ୍ତରରେ ସେ ଯେଉଁସବୁ ଅନୁଭୂତି ଅର୍ଜନ କରିଥିଲେ ସେସବୁ ତାଙ୍କ ସାରସ୍ୱତ ସୃଷ୍ଟିର ସ୍ତରେ ସ୍ତରେ ପ୍ରତିଫଳିତ । ସମୟର ପ୍ରାଣସ୍ପନ୍ଦନ ସହିତ ବ୍ୟକ୍ତିଗତ ଜୀବନର ଆନ୍ତରିକ ଅନୁଭବ ତାଙ୍କୁ ଓଡ଼ିଆ ଗଳ୍ପ ସାହିତ୍ୟର ମଧ୍ୟପର୍ବରେ (୧୯୨୦-୧୯୫୦) ଜଣେ ବଳିଷ୍ଠ କଥାକାରର ମାନ୍ୟତା ପ୍ରଦାନ କରିଛି ଓ ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି, 'ମାଟିର ମଣିଷ', 'ମୁକ୍ତାଗଡ଼ର କ୍ଷୁଧା', 'ଅମରଚିତା', 'ଲୁହାର ମଣିଷ', 'ଆଜିର ମଣିଷ' ପରି କେତୋଟି ଉପନ୍ୟାସ ଏବଂ 'ଦ୍ୱାଦଶୀ', 'ରାଶିଫଳ', 'ଶେଷରଶ୍ମି', 'ମୋ କଥାଟି ସରିନାହିଁ', 'ସାଗରିକା', ଆଦି ଗଳ୍ପ ପୁସ୍ତକ ଦ୍ୱାରା।

କାଳିନ୍ଦୀଙ୍କ ଗଳ୍ପ ଜଗତରେ ମଣିଷ ହେଉଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ମଣିଷ ତାଙ୍କ ଗଳ୍ପରେ ହୋଇଛି ଏକମାତ୍ର ବିଷୟ (Subject) ଓ ମଣିଷ ମଧ୍ୟ ସାଜିଛି ଚରିତ୍ର (Character)। ଯଦିଓ କେତେକ ଗଳ୍ପରେ ମାନବେତର ଚରିତ୍ର ପ୍ରାଧାନ୍ୟ ଲାଭ କରିଛି, ସେସବୁ ହୋଇଯାଇଛି ସେହି ମଣିଷ ଚରିତ୍ରର ଶବ୍ଦମୟ ବ୍ୟଞ୍ଜନା। ଗଳ୍ପର ସ୍ଥାପତ୍ୟରେ ମଣିଷ ହୋଇଛି ପ୍ରଧାନ। ମଣିଷର ଅଶ୍ରୁରେ ଗଳ୍ପର ସ୍ଥାପତ୍ୟ ହୋଇଛି ସ୍ନାତ ଓ ସୁନ୍ଦର। ସେହି ସ୍ଥାପତ୍ୟରେ ପ୍ରେମ ଅଛି, ବାତ୍ସଲ୍ୟ ଅଛି, କରୁଣା ଅଛି, ହୃଦୟବା ଅଛି, ସ୍ମୃତି ଅଛି; ଅଛି ମଧ୍ୟ ମାନବୀୟ ସଂପର୍କର ସେତୁବନ୍ଧନ । ଶୋଷଣ ଅଛି, ଯନ୍ତ୍ରଣା ଅଛି, ଅସହାୟତା ଅଛି, ପୈଶାଚିକତା ଅଛି, ଉପଭୋଗୀ ଆକାଂକ୍ଷା ଅଛି; ଅଛି ମଧ୍ୟ ତ୍ୟାଗ, ଅନ୍ୟର କଲ୍ୟାଣ ପାଇଁ ବଳିଦାନ କରିବାର ସ୍ପୃହା, ଅନ୍ୟାୟ ଅବିଚାର ବିରୋଧରେ ପ୍ରତିବାଦ କରିବାର ଇଚ୍ଛା । ପରିବାର ବୃତ୍ତର ମାଆ, ବାପା, ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ, ଦିଅର-ଭାଉଜ, ଭାଇ-ଭଉଣୀ, ଯେମିତି ଗଳ୍ପର ସ୍ଥାପତ୍ୟରେ ଚିତ୍ରିତ ଠିକ୍ ସେହିପରି ସାମାଜିକ ବୃତ୍ତର ଜମିଦାର,ସାହୁକାର, ମହାଜନ, ରେଲ୍ କର୍ମଚାରୀ, ପୋଲିସ୍ କର୍ମଚାରୀ, ଦାଦନ ଶ୍ରମିକ, କଣ୍ଟ୍ରାକ୍ଟର, ଇଂରେଜ ସାହେବ, ସରକାରୀ କର୍ମଚାରୀ, ଶିକ୍ଷିତ ଯୁବକ, ଅବଧାନ, ଓକିଲ, ସାପୁଆ କେଳା, ଗାଁର ସାଧାରଣ ମଣିଷ, ବିଧବା, ବୃଦ୍ଧ, ବୃଦ୍ଧା, ଛୋଟପିଲା, ପଙ୍ଗୁ ଆଦି ମଧ୍ୟ ରୂପାୟିତ । ଏପରି ମଣିଷମାନଙ୍କୁ ନେଇ କାଳିନ୍ଦୀ ଗଳ୍ପଜଗତ ନିର୍ମିତ। ପୁନଶ୍ଚ ସେହି ସ୍ଥାପତ୍ୟରେ ସ୍ଥାନ ପାଇଛନ୍ତି କୁକୁର, ହରିଣ, ବିଲେଇ, ଚଢ଼େଇ ଇତ୍ୟାଦି କେତେକ ଜୀବଜନ୍ତୁ। ନଗର ଜୀବନର କଥା କେତୋଟି ଗଳ୍ପରେ ଥିଲେ ହେଁ ଗ୍ରାମ୍ୟଜୀବନ ଓ ଗ୍ରାମୀଣ-ମାନସିକତା ପ୍ରାଧାନ୍ୟ ଲାଭ କରିଛି । ସେହିପରି ଜମିଦାର, ମହାଜନ, ବଡ଼ ଅଫିସର, ଓକିଲ ଇତ୍ୟାଦି ଉଚ୍ଚଶ୍ରେଣୀର ମଣିଷ ଗଳ୍ପରେ ଚିତ୍ରିତ ହୋଇଥିଲେ ମଧ୍ୟ ମଧ୍ୟବିତ୍ତ; ବିଶେଷତଃ ନିମ୍ନବିତ୍ତ ମଣିଷ ପ୍ରାୟ ସମସ୍ତ ଗଳ୍ପର କେନ୍ଦ୍ରବିନ୍ଦୁ ହୋଇ ଯାଇଛନ୍ତି । ସେହି ମଣିଷମାନଙ୍କ ସମସ୍ୟା ଓ ସଂକଟ ଯେପରି ହୋଇଛି ଗଳ୍ପଗୁଡ଼ିକର ଅନ୍ତର୍ବାଣୀ । ମଣିଷମାନଙ୍କ ସହିତ କଥାକାର ସମ୍ପର୍କ ଯୋଡ଼ୁ ଯୋଡ଼ୁ ମନେ କରିଛନ୍ତି ସତେ ଯେମିତି ସେ ନିଜ ଭିତରର 'ମୁଁ' ଟିକୁ ଜାଣିପାରୁ ନାହାନ୍ତି । ସେହି 'ମୁଁ'ରେ ହିଁ ତାଙ୍କର ଆରମ୍ଭ ଓ ଶେଷ ହୋଇଯାଉଛି । 'ଆରମ୍ଭ ଓ ଶେଷ' ଗଳ୍ପରେ ସେ କହିଛନ୍ତି - "ପଶ୍ଚାତ୍‌କୁ ଦୃଷ୍ଟି ଫେରାଇଲେ ସଂସାର ପଟରେ ଅସଂଖ୍ୟ ସମ୍ବନ୍ଧ ଆଜି ଗୋଟିଏ ଚିତ୍ରଭଳି ଝୁଲୁଛି । ପୁତ୍ର, ଜାମାତା, ଛାତ୍ର, ଖେଳୁଆଡ଼, ଦେଶସେବକ, ସୁବକ୍ତା, ଗାୟକ, କିରାନି, ମାଷ୍ଟର, ଅଭିନେତା, ପିତା, ପିତାମହ ଇତ୍ୟାଦି, ଏହା ବାଦ୍ ଜ୍ଞାତସାରରେ ଅବା ଅଜ୍ଞାତରେ କେତେ ବନ୍ଧୁ ପରିଚିତ ପ୍ରିୟଜନଙ୍କୁ ମୋ ନିଜର କରିନେଇଛି । କିନ୍ତୁ ମୁଁ ନିଜେ କ'ଣ ? ଉତ୍ତର କେବଳ ମିଳୁଛି - ମୁଁ, ମୁଁ । ମୁଁରେ ହିଁ ଆରମ୍ଭ ଓ ମୁଁରେ ହିଁ ଶେଷ ।" (କାଳିନ୍ଦୀଚରଣ ଗଳ୍ପ ସମଗ୍ର, ଆରମ୍ଭ ଓ ଶେଷ, ପୃଷ୍ଠା-୨୬୮)

ଗାଳ୍ପିକ କାଳିନ୍ଦୀଙ୍କର ପ୍ରଥମ ଗଳ୍ପ 'ଆତ୍ମକାହାଣୀ' ୧୯୨୦ ମସିହା 'ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ ପାଇଛି । ବିଧବା ବିବାହ ସଂପର୍କରେ ଏହା ଏକ ମାର୍ମିକ ଆଲେଖ୍ୟ । ସାତବର୍ଷ ବୟସର ସୁଷମାକୁ ବିବାହ କରାଇଦିଆଗଲା ପଇଁଚାଳିଶ ବର୍ଷର ବାତ ରୋଗଗ୍ରସ୍ତ ତୃତୀୟ ପକ୍ଷର ବ୍ୟକ୍ତି ସହିତ । ଯୌବନପ୍ରାପ୍ତି ପରେ ତାହା ହେଲା ପୁନର୍ବିବାହ ଓ ସେ ହେଲା ଏକକାଳୀନ ତିନୋଟି ସନ୍ତାନର ଜନନୀ । ଏହା ପରେ ପରେ ରୁଗ୍ଣ ସ୍ୱାମୀର ହେଲା ମୃତ୍ୟୁ । ନବଜାତ ସନ୍ତାନମାନେ ମଧ୍ୟ ମୃତ୍ୟୁବରଣ କଲେ । ଏଥର ସୁଷମାର ଜୀବନ ହେଲା ବିପର୍ଯ୍ୟସ୍ତ । ତାର ନାରୀତ୍ୱ ହେଲା ବିଡ଼ମ୍ବିତ । ତା'ପ୍ରତି ସହାନୁଭୂତି ପ୍ରକାଶ କରିଛି ସଂସ୍କାରକାମୀ ଯୁବକ ନବୀନ । ସୁଷମାକୁ ସେ ବିବାହ କରି ଗାଁ ଛାଡ଼ି ଚାଲିଆସିଛି । କାରଣ ସେ ସମୟରେ ଓଡ଼ିଶାରେ ବିଧବା ପ୍ରତି ସହାନୁଭୂତି ପ୍ରକାଶ ପାଇଥିଲେ ହେଁ ବିଧବାର ବିବାହ ହୋଇପାରିନାହିଁ । କାଳିନ୍ଦୀଚରଣ ବିଧବା ବିବାହ କରାଇ ଦେଇଛନ୍ତି ସତ କିନ୍ତୁ ଗାଁରେ ରଖିପାରିନାହାନ୍ତି । ନବୀନ ଚିଠି ମାଧ୍ୟମରେ ବନ୍ଧୁ କିଶୋରକୁ ଜଣାଇଛି ତାର ମନର ପ୍ରତିକ୍ରିୟା ସଂପର୍କରେ । ପତ୍ରଧର୍ମୀ ଏହି ଗଳ୍ପ ଶୈଳ୍ପିକ ମୂଲ୍ୟ ଗୌଣ ହେଲେହେଁ ସେ ସମୟର ସାମାଜିକ ସ୍ୱେଚ୍ଛାଚାର ଓ କୁସଂସ୍କାର ବିରୋଧରେ ଏହା ଏକ ପ୍ରତିବାଦ । 'ରୁଦ୍ରାକ୍ଷ' (୧୯୩୨), 'ନିୟତିର କ୍ରୀଡ଼ା' (୧୯୨୫) ମଧ୍ୟ ବିଧବା ସମସ୍ୟା ଆଧାରିତ ଅନ୍ୟ ଦୁଇଟି ଗଳ୍ପ । ଏପରି ଗଳ୍ପଗୁଡ଼ିକରେ ଲେଖକ ବିଧବାର ଦୁଃଖ ଓ ଯନ୍ତ୍ରଣାକୁ ରୂପାୟନ କରିବା ସଙ୍ଗେ ସଙ୍ଗେ ନାରୀ ମୁକ୍ତି ଓ ନାରୀ ସ୍ୱାଭିମାନ ବିଷୟରେ ମଧ୍ୟ ସୂଚାଇ ଦେଇଅଛନ୍ତି । ବୃଦ୍ଧ ଅବସ୍ଥାରେ ପୁରୁଷ କନ୍ୟା ସ୍ଥାନୀୟ ଝିଅକୁ ବିବାହ କରି ଇନ୍ଦ୍ରିୟ ସୁଖ ଲାଭ

କରୁଥିଲା ବେଳେ ବାଲ୍ୟବିଧବା ହୋଇଥିବା ନିଜର କନ୍ୟାପ୍ରତି ଆଦୌ ସହାନୁଭୂତି ପ୍ରକାଶ କରେନାହିଁ । କେତେକ ସମୟରେ ଦେଖାଯାଏ ଯେ ଏପରି ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ଉପଭୋଗ କରେ କୌଣସି ଶିକ୍ଷିତ ଯୁବକ । ଯେତେବେଳେ ଯୁବତୀ ଗର୍ଭ ଧାରଣକରେ ସେତେବେଳେ ସେହି ଯୁବକ ତାକୁ ଉପେକ୍ଷା କରେ । ତାକୁ ସ୍ତ୍ରୀତ୍ୱର ମର୍ଯ୍ୟାଦା ଦିଏନାହିଁ । ବରଂ ସେହି ଯୁବତୀକୁ ପାପିନୀ ଓ କଳଙ୍କିନି କହେ । ସମାଜ ତା'ର ନାରୀତ୍ୱର ଆକାଂକ୍ଷାକୁ ନ ବୁଝି ତା' ଉପରେ ଅତ୍ୟାଚାର କରିବସେ । ସେହି ଯୁବତୀ ସନ୍ତାନଟିଏ ଜନ୍ମଦେଇ ନିଜ ହାତରେ ଗାତଖୋଳି ପୋତିଦିଏ । ତା'ର ମାତୃତ୍ୱ ହୁଏ ବିଡ଼ମ୍ବିତ । ସେ ଗାଁ ଛାଡ଼ି ଚାଲିଯାଏ । ସେ ହୋଇଯାଏ ପାଗଳିନୀ । ଲୋକେ ତାକୁ ଦେଖି ଟେକା ପକାନ୍ତି, ପରିହାସ କରନ୍ତି । ସେ କିନ୍ତୁ ସବୁ ସହେ । ଅତୀତର ସ୍ମୃତିକୁ ଖୋଜେ । କିନ୍ତୁ ତାହା ପାଏନାହିଁ । ନୀରବରେ କେବଳ ଯନ୍ତ୍ରଣା ଓ ଅସହାୟତା ଅନୁଭବ କରେ । 'ନିୟତିର କ୍ରୀଡ଼ା' ଏହିପରି ମାନବିକ ଭାବ ଚେତନାକୁ ନେଇ ରଚିତ ଏକ ଗଳ୍ପ ।

ଗାଳ୍ପିକ କାଳିନ୍ଦୀଚରଣ, ନାରୀ ଅଧିକାର ସଂପର୍କରେ ବେଶ୍ ସଚେତନ । ତେଣୁ 'ଶେଷରଶ୍ମି' ଗଳ୍ପରେ କଥାକାର ଗଳ୍ପନାୟକ ମାଧ୍ୟମରେ ନିଜେ ହିଁ କହନ୍ତି ଯେ ନାରୀ ସଦା ନାରୀ । ସେ ବୃଦ୍ଧା ନୁହେଁ, ପୌଢ଼ା ନୁହେଁ, ଯୁବତୀ ନୁହେଁ; କେବଳ ହିଁ ନାରୀ, ଚିରନ୍ତନୀ ନାରୀ । ତେଣୁ କହିବାର ତା'ର ଅଧିକାର ଅଛି; ଅଛି ମଧ୍ୟ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଅଧିକାର । ସେହି ଅଧିକାର ହେଉଛି – "ପୁରୁଷ ଉପରେ ନାରୀର ଅଧିକାର, ପାପ ଉପରେ ପୁଣ୍ୟର ଅଧିକାର, ମୃତ ଉପରେ ଅମୃତର ଅଧିକାର, ଦେହ ଉପରେ ପ୍ରାଣର ଅଧିକାର, ମନ ଉପରେ ଜ୍ଞାନର, ଇର୍ଷା ଉପରେ ପ୍ରେମର ।" (ପୃଷ୍ଠା–୬୯) ଏହି ସାମାଜିକ ସଚେତନତା ଯୋଗୁ ହିଁ ଗାଳ୍ପିକ ନାରୀକୁ ଉପଭୋଗର ସାମଗ୍ରୀ ନ କରି ତାର ଅଧିକାର ପ୍ରତି ସମ୍ମାନ ଜଣାଇବାକୁ ଉକ୍ତ ଗଳ୍ପରେ ଇଙ୍ଗିତ ଦେଇଅଛନ୍ତି । 'ଧୂଳି' ପରି ଏକ ଗ୍ରାମୀଣ ପରିବେଶଭିତ୍ତିକ ଗଳ୍ପରେ ଲେଖକ ବାଉରି କନ୍ୟା ଉପରେ ଧୂଳି ସ୍ୱାଭିମାନ, ସ୍ୱାଧିକାର ଓ ଜୀବନସାଥୀ ବାଛିବାର ସ୍ୱାଧୀନତା ସମ୍ପର୍କରେ ଉଲ୍ଲେଖ କରିଅଛନ୍ତି । ଧୂଳି ବିବାହ କରିଥିଲା । ତାର ସ୍ୱାମୀ କଲିକତାକୁ ଯାଇ କୌଣସି ଏକ ନାରୀର ମୋହରେ ପଡ଼ି ଆଉ ଘରକୁ ଆସିଲାନାହିଁ ଧୂଳି ସବୁକଥା ଲୋକ ମୁଖରୁ ଶୁଣେ; କିନ୍ତୁ ଆଦୌ ବିବ୍ରତ ହୁଏନାହିଁ ନିଜେ ମୂଲଲାଗି ଜୀବିକା ନିର୍ବାହ କରେ । କାହାରି ଭ୍ରୁକ୍ଷେପ ବା ଥଟ୍ଟା ପରିହାସ ପ୍ରତି ତାର ଭ୍ରୂକ୍ଷେପ ନଥାଏ ।  ତାକୁ ଯଦି କେହି କହେ ଯେ ତା'ର ସ୍ୱାମୀ କଲିକତାରେ ଖାନିକୀଟାଏ ରଖିଚି, ସେ ଉତ୍ତର ଦିଏ – "କାହିଁକି ଅନେଇ ବଇଥିବି ବା, ମତେ କ'ଣ ଘଇତା ମିଳୁନାହାନ୍ତି କି ? ସେ ଭାତୁଆଟା ଥିଲେ କେତେ, ମଲେ କେତେ ।" (ପୃଷ୍ଠା–୭୩) ପୁଣି କେହି ବୟସ୍କା ନାରୀ ତାକୁ ତାର ଜୀବନ ବଞ୍ଚିବା ସଂପର୍କରେ ପ୍ରଶ୍ନ କଲେ ସେ କହେ – "ଘଇତା ନଥିଲେ ମୋ ପେଟ କ'ଣ ଅପୋଷା ରହୁଚି କି ମାଉସୀ ? ମୋର ଚାରି ବାହା ଥେବାଯାକେ ଦି'ବେଳା ମତେ ଦି'ମୁଠା ଖାଇବାକୁ ମିଳିବ ନାହିଁକି ?" (ପୃଷ୍ଠା–୭୩) ଧୂଳିପୂର୍ଣ୍ଣ ଯୌବନା ଯୁବତୀ । ଘରେ ଏକୁଟିଆ କେତେ ଲୋକ ତାକୁ ଅନାନ୍ତି, ଥଟ୍ଟା ପରିହାସ କରନ୍ତି, ପ୍ରଲୋଭନ ଦେଖାନ୍ତି, ସେ ସବୁ ଶୁଣେ ନୀରବ ରହେ । ନୀରବତା ଭିତରେ ତା'ର ନାରୀତ୍ୱ ଚାହେଁ କୌଣସି ଏକ ସମର୍ଥ ପୁରୁଷକୁ ଆପଣେଇ ନେବାପାଇଁ । ତା' ପାଖକୁ ଆସେ ଗାଁର ଯୁବକ ନାଥିଆ । ତାକୁ ବିବାହ କରିବାକୁ ପ୍ରସ୍ତାବଦିଏ । ଧୂଳି କିନ୍ତୁ ତା' ପ୍ରସ୍ତାବରେ ରାଜି ହୁଏନାହିଁ । କାରଣ ସେ ଜାଣେ ଯେ ନାଥିଆ କର୍ମକୁଣ୍ଠ । ଧୂଳି ଅଗାଧୁଆକୁ ଆପଣେଇ ନେଇଛି ଓ ତାକୁ ବିବାହ କରିଛି । ଏହି ଗଳ୍ପରେ ଶ୍ରମଜୀବୀ ଯୁବତୀର ସ୍ୱାଭିମାନ ଓ ସ୍ୱାତନ୍ତ୍ର୍ୟବୋଧ । ଚମତ୍କାର ଭାବରେ ବର୍ଣ୍ଣିତ ।

କାଳିନ୍ଦୀଙ୍କର 'ଦ୍ୱିତୀୟା ଚାନ୍ଦ' ଗଳ୍ପଟି ସେ କାଳର କୃଷକ ଆନ୍ଦୋଳନ ସମୟର ରଚନା । ଏଥିରେ ଜମି ମାଲିକଙ୍କ ସ୍ୱାର୍ଥକୈନ୍ଦ୍ରିକ ମନୋଭାବ ଯେପରି ବ୍ୟଞ୍ଜିତ ସେହିପରି ଭୂମିହୀନ ଶ୍ରମିକର କର୍ତ୍ତବ୍ୟ ନିଷ୍ଠା ଓ ଭୂମି କରି ହାତଚାଷ କରିବାର ଇଛା ମଧ୍ୟ ସୂଚିତ । ଶାଶୁ ବୋହୂର ସଂଘର୍ଷ ଓ ସେଥିରେ ପୁତ୍ରର ନୀରବତା ଏହି ଗଳ୍ପକୁ ମଧ୍ୟ ହୃଦୟସ୍ପର୍ଶୀ କରିଦେଇଛି । ଗାଳ୍ପିକଙ୍କ ଅନ୍ୟ ଏକ ସାମାଜିକ ଗଳ୍ପ 'ରେଙ୍ଗୁନ୍ ଯାତ୍ରୀ' । ୧୯୨୦ ମସିହା ପରବର୍ତ୍ତୀ ସମୟରେ ରେଙ୍ଗୁନ୍ କାଳିମାଟି, ଆସାମ ଇତ୍ୟାଦିକୁ ଦାଦନ ଶ୍ରମିକ ହୋଇଯାଉଥିବା ମଣିଷଙ୍କର ଦୁଃଖଦୁର୍ଦ୍ଦଶାକୁ ନେଇ ଓଡ଼ିଆ ସାହିତ୍ୟରେ କେତେଜଣ ଗାଳ୍ପିକ ରଚନା କରିଛନ୍ତି କେତେକ ଗଳ୍ପ । କାଳିନ୍ଦୀଚରଣ ସେମାନଙ୍କ ମଧ୍ୟରେ ଜଣେ । ମହାଜନର ଋଣ ପରିଶୋଧ କରିନପାରି, ତରୁଣୀ ପତ୍ନୀ ଗୁଞ୍ଜାର ଓ ବୃଦ୍ଧା ମାଆକୁ ଘରେ ଛାଡ଼ି ସୁଜନ ରେଙ୍ଗୁନ୍ ଯାଇଛି। ସେଠାରେ ସେ ମୋଟିଆ କାମ କରିଛି । ରୂପଜୀବୀଙ୍କ ମୋହରେ ପଡ଼ି ଘରକୁ ଆସିନାହିଁ । ମାଆର ହୋଇଛି ମୃତ୍ୟୁ । ଗୁଞ୍ଜାର ମଧ୍ୟ ଦଶବର୍ଷ ଅପେକ୍ଷା କରି ଅନ୍ୟତ୍ର ବିବାହ କରିଯାଇଛି ।  ଅବଶେଷରେ ସୁଜନ ସର୍ବସ୍ୱ ହରାଇ ଫେରିଛି ଗ୍ରାମକୁ । ତାର ପତ୍ନୀ ଓ ମାଆକୁ ସେ ଆଉ ପାଇନାହିଁ । ଝିଅ ମଧ୍ୟ ମହାଜନ ନିଲାମ କରି ନେଇଯାଇଛି । ତାର ଜୀବନ ହୋଇଛି ବେଦନାର୍ତ୍ତ, ମାତ୍ର ସେ ଆଉ କିଛି କରିପାରିନାହିଁ 'ଜୟହିନ୍ଦ୍' ଗଳ୍ପ ବାହାରକୁ ଭଦ୍ର ଖୋଳ ପିନ୍ଧିଥିବା ମଣିଷ ଭିତରେ ଯେ କେତେ ନାରକୀୟ ଓ ଲମ୍ପଟ ତାହାର ଏକ ମାର୍ମିକ ଚିତ୍ର । ଏହି ଗଳ୍ପରେ ସତ୍ୟାନନ୍ଦ ଦେଶରକ୍ଷା କରିବାକୁ ଯୁଦ୍ଧକୁ ଯାଇଥିଲା ବେଳେ ଘରେ ଥିବା ତାର ସୁନ୍ଦରୀ ପତ୍ନୀ ନୂପୁରୀକୁ ଉପଭୋଗ କରିବା ପାଇଁ ବର୍ଷୀୟାନ୍ କାନ୍‌ଗୋଇବାବୁ ତା' ପାଖକୁ ଆସିଛି । ମାତ୍ର, ନୂପୁରୀର

ନାରୀତ୍ୱ ତୀବ୍ର ପ୍ରତିରୋଧ କରିଛି ଲମ୍ପଟ କାନଗୋଇକୁ । ନୂପୁରୀଠାରୁ ମାଡ଼ଖାଇ ସେ ଫେରିଯାଇଛନ୍ତି । ନାରୀର ସ୍ୱାଭିମାନ ଓ ଆତ୍ମରକ୍ଷା କରିବାର ସାମର୍ଥ୍ୟକୁ ଏହି ଗଳ୍ପରେ ଲେଖକ ଚମତ୍କାର ଭାବରେ ବର୍ଣ୍ଣନା କରିଅଛନ୍ତି । 'ସାବିତ୍ରୀର ଦୁଃଖ' ନାରୀର କ୍ଷତବିକ୍ଷତ ଜୀବନର ଚିତ୍ର ।

'ପାଷାଣର ପ୍ରତୀକ୍ଷା' ଗଳ୍ପ ଉତ୍ସର୍ଗୀକୃତ ନୀରବ ପ୍ରେମର ଆଲେଖ୍ୟ । ବିପତ୍ନୀକ ଜମିଦାର ବିଶ୍ୱେଶ୍ୱର ହରିଚନ୍ଦନଙ୍କ ଘରେ ଆଶ୍ରୟ ନେଇ ଶିକ୍ଷାଲାଭ କରିଥିବା ନିରୁପମଙ୍କ ପ୍ରତି ହରିଚନ୍ଦନଙ୍କ କନ୍ୟା ହେମମାଳୀର ନୀରବ ପ୍ରେମ, ସେହି ପ୍ରେମର ନିବିଡ଼ତାକୁ ଉପଲବ୍ଧି କରି ନପାରି ନିରୁପମର ସୁଦାମ ନରେନ୍ଦ୍ରଙ୍କ କନ୍ୟା ଚାମେଲୀ ସହିତ ବିବାହ ଓ ମାନସିକ ପ୍ରତିକ୍ରିୟା ଗଳ୍ପଟିକୁ ହୃଦୟସ୍ପର୍ଶୀ କରିଛି । ନିରୁପମ ଜାଣେ, ହେମର ତ୍ୟାଗ ଓ ନାରୀତ୍ୱର ମହିମାକୁ । ଜଗତରେ କାହାରି ପ୍ରତି ହେମର ସନ୍ଦେହ ନାହିଁ, ଦ୍ୱିଧା ନାହିଁ । କାହାରି ପ୍ରତି ମଧ ତା'ର ଦାବି ନାହିଁ; ଅଛି କେବଳ ଦାନ । ସେ ସାମାନ୍ୟ ନାରୀ-ମୂର୍ତ୍ତି ନୁହେଁ; ଦିବ୍ୟ ଦେବୀ-ମୂର୍ତ୍ତି ତା'ର ପ୍ରୟୋଜନହୀନ ସେବା ଓ ପ୍ରତ୍ୟାଶାହୀନ ତ୍ୟାଗର କୌଣସି ପ୍ରତିଦାନ ନାହିଁ । ଅଥଚ ଏପରି ଦେବୀମୂର୍ତ୍ତିକୁ କିଛି ନ ଜଣାଇ ନିରୁପମ ବିବାହ କରିଗଲା ଚାମେଲୀକୁ। ହେମ ଏହି ସମ୍ବାଦ ପାଇ ମଧ ନୀରବ ଯନ୍ତ୍ରଣା ଭିତରେ ଅବିଚଳିତ ହୋଇ ରହିଲା । ତା'ର ବିବାହ ଅନ୍ୟତ୍ର ଠିକ୍ କରାଗଲେ ମଧ ସେ ସାନଭାଇର ଯତ୍ନ ନେଇଥିବାରୁ ବିବାହ ପାଇଁ ମନାକରିଦେଲା । ତା'ର ବାପାଙ୍କର ହେଲା ମୃତ୍ୟୁ । ନିରୁପମ ସମବେଦନା ଜଣାଇବାକୁ ଚାମେଲୀ ସହିତ ଆସିଛି ହେମ ପାଖକୁ । ହେମର ବ୍ୟବହାରରେ ଚାମେଲୀ ହୋଇଛି ବିମୋହିତ । ନିରୁପମ ଚାମେଲୀ ସହିତ ଫେରିଯାଇଛି । କିଛିଦିନ ପରେ ଚାମେଲୀର ସୃଷ୍ଟି ହୋଇଛି ଗର୍ଭଯନ୍ତ୍ରଣା । ହେମ ଆସିଛି ତାକୁ ଦେଖିବା ପାଇଁ । ଚାମେଲୀ ଜନ୍ମ ଦେଇଛି ମୃତ ଶିଶୁଟିଏ। ତାର ଅବସ୍ଥା ଖରାପ ହୋଇପଡ଼ିଛି । ହେମ ତା'ର ସେବା କରିଛି। ଚାମେଲୀ ହେମର ମାତୃସୁଲଭ ବ୍ୟବହାରରେ ମୁଗ୍ଧ ହୋଇ ନିଜ ହାତରୁ ତାର ବାହାଘର ମୁଦିଟି କାଢ଼ି ହେମକୁ ପିନ୍ଧାଇ ଦେଇଛି । ଚାମେଲୀର ହୋଇଛି ମୃତ୍ୟୁ । ତା'ର ପବିତ୍ର ପ୍ରେମକୁ ନିରୁପମ ଭୁଲିପାରି ନାହିଁ । ଅପରପକ୍ଷରେ ହେମର ଦିବ୍ୟତ୍ୱ ପ୍ରତି ତା'ର ସୃଷ୍ଟି ହୋଇଛି ଶ୍ରଦ୍ଧା । ସେ ବିବାହ କରିଛି ହେମକୁ । ଉକ୍ତ ଗଳ୍ପରେ ଅଛି ପ୍ରେମର ଚାରୁ ଚିତ୍ରଣ ଓ ନାରୀତ୍ୱର ମହିମା ବର୍ଣ୍ଣନା । ଏହି ପ୍ରେମ ଦେହ ସର୍ବସ୍ୱ ନୁହେଁ । ଦିବ୍ୟ ଚେତନାରେ ଉଦ୍‌ବୁଦ୍ଧ, ତ୍ୟାଗ ଓ ମମତାର ଦୀପ୍ତିମାନ୍ ।

'ସାଗରିକା', 'ବିଟ୍‌ଘର ଓ ରେଳଗାଡ଼ି', 'ଡ଼ାହାଣୀ ବୁଢ଼ୀ', 'ରଶ୍ମିରେଖା', 'ସାବିତ୍ରୀର ଦୁଃଖ', 'ପ୍ରେମିକ' ଓ 'ପାଷାଣର ପ୍ରତୀକ୍ଷା' ଇତ୍ୟାଦି ନାନା ଗଳ୍ପରେ ପ୍ରେମର ଅଛି ବିଚିତ୍ର ରଙ୍ଗରସ । ଏହି ପ୍ରେମ କେଉଁଠି ନାରୀ ଓ ପୁରୁଷର ଜୀବସତ୍ତାର ସ୍ୱାଭାବିକ ଆକର୍ଷଣଜନିତ ପ୍ରେମ, କେଉଁଠି ଶିଳ୍ପୀର ଶିଳ୍ପ-ପ୍ରେମ ଓ ଅନ୍ୟ କେଉଁଠି ବନ୍ଧୁ-ପ୍ରେମ, ଭାତୃ-ପ୍ରେମ, ବାତ୍ସଲ୍ୟ-ପ୍ରେମ, ଦେଶ-ପ୍ରେମ । 'ହୃଦୟ' ଗଳ୍ପରେ ବନ୍ଧୁ-ପ୍ରେମ ଥିଲା ବେଳେ 'ଉପହାର' ଗଳ୍ପରେ ଅଛି ଭ୍ରାତୃପ୍ରେମ ଓ ପିତୃ ହୃଦୟର ବାତ୍ସଲ୍ୟ ପ୍ରେମ । ସେହିପରି 'ଡ଼ାହାଣୀ ବୁଢ଼ୀ' (୧୯୨୫) ଗଳ୍ପରେ ମଧ ଜନୈକା ବୃଦ୍ଧାର ପ୍ରେମର ମଧୁମୟ ସ୍ମୃତି-ଚାରଣ ବେଶ୍ ମର୍ମସ୍ପର୍ଶୀ । ଜର୍ଜ ଇଲିୟଟ୍‌ଙ୍କ 'ସାଇଲାସ ମାନନ୍' ସହିତ ଏହି ଗଳ୍ପର ଅଛି ସାଦୃଶ୍ୟ । ପ୍ରେମ, ସ୍ମୃତି ଓ କାରୁଣ୍ୟ 'ଡାହାଣୀ ବୁଢ଼ୀ' ଗଳ୍ପକୁ କରିଦେଇଛି ହୃଦୟସ୍ପର୍ଶୀ । 'ପଙ୍ଗୁ', 'ମାଂସର ବିଳାପ', 'ଆତ୍ମହତ୍ୟା', 'ପାଷାଣର ପ୍ରତୀକ୍ଷା' ଆଦି ଗଳ୍ପ ମାନବିକ ପ୍ରେମ ଓ ସମ୍ବେଦନାର ମଧ ସାଜିଛି ମର୍ମଲିପି ।

କାଳିନ୍ଦୀଚରଣଙ୍କ ଅଧିକାଂଶ ଗଳ୍ପ ସାମାଜିକ ବାସ୍ତବତା ପଟ୍ଟଭୂମୀରେ ଆଧାରିତ । 'ଅଟଳ ବିଶ୍ୱାସ' ଏହି ବାସ୍ତବତା ଉପରେ ରଚିତ ଏକ ଗଳ୍ପ । ଫକୀରମୋହନଙ୍କ 'ରାଣ୍ଡୀପୁଅ ଅନନ୍ତା' ଗଳ୍ପପରି ଏହାର ଅବେଦନ । ଗାଁର ଏକ ନିର୍ବୋଧ ନୀରିହ ବାଳକ ସଦା । ମଇଁଷି ପିଠିରେ ବସି ହାତରେ ପାଞ୍ଚଣ ଧରି ସେ ଗାଁ ସାରା ବୁଲେ । ଭଲକରି ମୁଠାଏ ସେ ଖାଇବାକୁ ପାଏ ନାହିଁ । ସେ ନିଷ୍କର୍ମା ଯୁବକ । ଗାଁ ଲୋକଙ୍କ ଦ୍ୱାରା ସେ ଉପହସିତ । କଥାକାର ଫକୀରମୋହନଙ୍କ ଅନନ୍ତା ପ୍ରତି ତା' ମାଆ ଦେବକୀର ଯେଉଁ ମମତା ଅଛି ତାହା ସଦା ଉପରେ ତା' ମାଆର ବା ପରିବାରର ନାହିଁ । ଅନନ୍ତାର ଦୁର୍ବିନୀତ ଜୀବନ ସହିତ ସଦା ଜୀବନର ସାମ୍ୟଅଛି ମାତ୍ର ଅନନ୍ତାର ଆତ୍ମ ବଳିଦାନ ସଦା ପାଖରେ ନାହିଁ । 'ଅପରାଧିନୀ' ଗଳ୍ପଟି କାଳିନ୍ଦୀଚରଣଙ୍କର ଏକ ସଂସ୍କାରମୂଳକ ଗଳ୍ପ । ଗାନ୍ଧିବାଦର ପୃଷ୍ଠଭୂମି ଉପରେ ଆଧାରିତ ଏହି ଗଳ୍ପ ବିଧବା ବିବାହକୁ ଗୁରୁତ୍ୱ ପ୍ରଦାନ କରିଅଛି । 'ମଣିମା' ଗଳ୍ପ ଅବକ୍ଷୟଗ୍ରସ୍ତ ସାମନ୍ତବାଦୀ ଚରିତ୍ରର ଏକ କରୁଣ ଚିତ୍ର। ଋଣଗ୍ରସ୍ତ ହୋଇ ଏପରି ସାମନ୍ତମାନେ ନିଃସ୍ୱ ହୋଇଗଲେ ମଧ ସେମାନଙ୍କ ପ୍ରତି ଘରର ଚାକର ପୂଜାରୀ ଓ ସାଧାରଣ ଲୋକଙ୍କର ଥାଏ ମମତା । 'ପୁନଶ୍ଚ' ଗଳ୍ପରେ ଅଛି ଗ୍ରାମ୍ୟ ସମାଜର ଜନୈକା ସରଳ ବୃଦ୍ଧାର ମାତୃହୃଦୟର ନିବିଡ଼ ବାତ୍ସଲ୍ୟବୋଧ ଓ ସାଂପ୍ରଦାୟିକ ଦଙ୍ଗାର କରୁଣ ପରିଣତି । ବୃଦ୍ଧାର ଏକମାତ୍ର ପୁତ୍ର କଲିକତାରେ ଶ୍ରମିକ କାର୍ଯ୍ୟ କରେ । ବୃଦ୍ଧା ସ୍ୱପ୍ନ ଦେଖିଛି ପୁଅକୁ ବାହାଦେବ; ଘର କରିବ । ପୁଅ ପାଖକୁ ସେ ଗାଁ ଅବଧାନଙ୍କ ପାଖରେ ବସି ଚିଠି ଲେଖାଉଥାଏ । ସେହି ସମୟରେ ଭାରତ ବିଭାଜନ ହେତୁ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ତୀବ୍ର ସାଂପ୍ରଦାୟିକ ସଂଘର୍ଷ । କଲିକତାର ମାଟି ମଣିଷର ରକ୍ତରେ ଲାଲ୍ ହୋଇଯାଉଥାଏ । ବୁଢ଼ୀ ଏକଥା ଜାଣି ନଥାଏ । ପୁଅ ସମ୍ପର୍କରେ କେତେ ସ୍ୱପ୍ନ ତା' ଭିତରେ ଫୁଟି ଉଠୁଥାଏ।

ଗାଁର ରାମ ଖାଁ ସେତେବେଳେ ପହଞ୍ଚି ଅବଧାନଙ୍କୁ ଅନୁରୋଧ କରିଛି ତା' ପୁଅ କରିମ୍ କିପରି ଅଛି ସେହି ଚିଠିରେ ଲେଖି ଦେବାପାଇଁ । ଅବଧାନ 'ପୁନଶ୍ଚ' ଲେଖି କରିମ୍ କଥା ଲେଖିଦେଲେ। ବୁଢ଼ୀର ମନ ଭିତରେ ଏହି 'ପୁନଶ୍ଚ' ଶବ୍ଦଟା ସୃଷ୍ଟି କଲା ପ୍ରତିକ୍ରିୟା । କଲିକତାରେ ତା' ପୁଅ ସିନ୍ଧୁଆ ହେଲା ସାଂପ୍ରଦାୟିକ ସଂଘର୍ଷର ଶିକାର। ତାକୁ ଦେଖିବାକୁ ଯାଇ କରିମ୍ ମଧ ହେଲା ଶିକାର। ଏକ ପକ୍ଷରେ ସାଂପ୍ରଦାୟିକତାର ବିଷ ବାଷ୍ପରେ ମଣିଷମାନେ ବର୍ବର ହୋଇ ଯାଉଥିବାର ଚିତ୍ର ଏହି ଗଳ୍ପରେ ଫୁଟି ଉଠିଥିବାବେଳେ ଅନ୍ୟ ପକ୍ଷରେ ସରଳ ନିଷ୍ପାପ ଶ୍ରମଜୀବୀ ମଣିଷର ଜାତି, ଧର୍ମ ନିର୍ବିଶେଷରେ ପାରସ୍ପରିକ ମମତା, ସାଧାରଣ ଗ୍ରାମ୍ୟ ବୃଦ୍ଧା ନାରୀର ବାତ୍ସଲ୍ୟ ମମତା ମଧ ଜୀବନ୍ତ ଭାବରେ ଫୁଟି ଉଠିଛି, ସେହିପରି 'ମଣିମା' ଗଳ୍ପରେ ପ୍ରେମାନନ୍ଦ ବାବୁଙ୍କର ଜନୈକ ଅନାଥ ବାଳକ ପ୍ରତି ଶ୍ରଦ୍ଧା ଓ ସହାନୁଭୂତି ଓ 'ବିଜୟ ଉତ୍ସବ' ଗଳ୍ପରେ ଦୁର୍ଭିକ୍ଷ ପୀଡ଼ିତ ମୁକୁନ୍ଦର ବାପା ଓ ଭଉଣୀକୁ ବଞ୍ଚାଇବାକୁ ଯାଇ ମୃତ୍ୟୁବରଣ ବେଶ୍ ହୃଦୟସ୍ପର୍ଶୀ। ସେହିପରି ଜୀବନ ଅବିଚ୍ଛିନ୍ନ ସୁଖର ଧାରା ନୁହେଁ । ଏହି ଜୀବନରେ ଅଛି ଦୁଃଖ, ମୃତ୍ୟୁ, ଶୋଷଣ, ପୀଡ଼ନ, ସଂଘର୍ଷ, ଈର୍ଷା, ଘୃଣା, ହିଂସା ଇତ୍ୟାଦି ନାନା ଅବିଗୁଣ । ଏହା ସତ୍ତ୍ୱେ ମଣିଷ ଭଲପାଏ ଜୀବନକୁ । ତା'ର ଅତିନ୍ଦ୍ର ସାଧନା ପଶୁତ୍ୱରୁ ଦେବତ୍ୱକୁ, ପରାଜୟରୁ ବିଜୟକୁ ଯାତ୍ରା । ଏହି ଭାବରେ କାଳିନ୍ଦୀଙ୍କ 'ଶେଷ ସମ୍ବଳ' ଗଳ୍ପରେ ବୃନ୍ଦଗଣ ଦାସର ମୃତ୍ୟୁକୁ ଖାତିର ନକରି ଜୀବନ ବଞ୍ଚିବା ପ୍ରତି ଅଙ୍ଗୀକାର ପାଠକ ହୃଦୟରେ ରେଖାପାତ ସୃଷ୍ଟି କରିଛି ।

ମାଂସର ବିଳାପ (୧୯୨୬) ଗଳ୍ପଟି ବିଶ୍ୱାସ ଓ ମାନବିକ ଆଦର୍ଶର ବାଙ୍ମୟରୂପ । ଗାନ୍ଧିବାଦୀ ଭାବାଦର୍ଶର ଏହା ମର୍ମଧ୍ୱନି । ଜମିଦାରଙ୍କର ଅତିଥି ହୋଇଛନ୍ତି ପୋଲିସ୍ ସାହେବ ଓ ତାଙ୍କର ପତ୍ନୀ ଜମିଦାର ସାହେବଙ୍କ ଯତ୍ନ ନେଇଛନ୍ତି । ଇଂରାଜୀ ପୋଲିସ ସାହେବ ଶିକାର ପ୍ରିୟ । ଜମିଦାରଙ୍କ ସହିତ ସେ ନିକଟସ୍ଥ ଅରଣ୍ୟକୁ ଯାଇଛନ୍ତି ଶିକାର କରିବେ ଓ ବଣଭୋଜି କରିବେ । ସାଙ୍ଗରେ ଯାଇଛନ୍ତି ମାଧିଆ ଚାକର, ଖାନସମା, ବିଦେଶୀ ଗ୍ରେ ହାଉଣ୍ଡ ଡ଼ୋରା ଓ ସ୍ୱଦେଶୀ କୃଷ୍ଣସାର ଜଲି । ଜମିଦାର ଉଚ୍ଚଶିକ୍ଷିତ ଓ ହୃଦୟବାନ୍ । ଏକଦା ସେ ଗୋଟିଏ ହରିଣୀକୁ ଶିକାର କରିଥିଲେ । ସେତେବେଳେ ହରିଣୀର ଶାବକ ତ୍ରସ୍ତ ଭାବରେ ଛିଡ଼ା ହୋଇଥାଏ । ଜମିଦାର ସେହି ହରିଣ ଶାବକକୁ ଆଣି ଆଦରରେ ପାଳିଲେ । ନାଁ ତାର ଦେଲେ ଜଲି । ସେ ମଧ ପାଳିଥିଲେ ବିଦେଶୀ କୁକୁର ଡ଼ୋରା । ଗୋଟିଏ ହିଂସ୍ର ଓ ମାଂସାଶୀ । ଅନ୍ୟଟି ଶାକାହାରୀ ଓ ନିରୀହ । ଅଥଚ ଉଭୟଙ୍କ ମଧ୍ୟରେ ମିତ୍ରତା । ଜମିଦାରଙ୍କ କନ୍ୟା ଭଲପାଏ ଜଲିକୁ । ଡ଼ୋରା ଓ ଜଲି ପରସ୍ପରକୁ ଏତେ ଭଲ ପାଆନ୍ତି ଯେ ଜଣେ ଅନ୍ୟଜଣକୁ ମୁହୂର୍ତ୍ତେ ଛାଡ଼ି ରହିପାରନ୍ତି ନାହିଁ । ଉଭୟେ ଯାଇଛନ୍ତି ଜମିଦାର ପ୍ରଭୁଙ୍କ ସହିତ ବଣକୁ । ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଶିକାର ମିଳିଲା ନାହିଁ । ସାହେବ ବ୍ୟସ୍ତ । ମାଂସ ନ ହେଲେ ନୈଶ ଭୋଜନ ହୋଇପାରିବ ନାହିଁ । ସେ ପ୍ରସ୍ତାବଦେଲେ ଜମିଦାରଙ୍କୁ ତାଙ୍କ ପୋଷା ହରିଣୀକୁ ନୈଶ ଭୋଜନ ପାଇଁ ଦେବାଲାଗି । ମହାମାନ୍ୟ ଅତିଥିଙ୍କ ପ୍ରସ୍ତାବକୁ ଉପେକ୍ଷା କରିନପାରି ଜମିଦାର ରାଜି ହୋଇଗଲେ । ଜଲିକୁ ନିଆଗଲା ବଧ୍ୟ ଭୂମିକୁ । ତାର ଗୋଡ଼କୁ ବାନ୍ଧି ଦିଆଗଲା । ସାହେବ ଶାଣିତ ଛୁରୀ ହସ୍ତରେ ଆଗେଇ ଚାଲିଲେ ହରିଣୀ ପାଖକୁ । ଜଲି କରୁଣ ଭାବରେ ଚାହିଁଲା ତାର ପ୍ରଭୁଙ୍କୁ । ମାତ୍ର ଜମିଦାର କିଂକର୍ତ୍ତବ୍ୟ ବିମୂଢ଼ । କୁକୁର ଡ଼ୋରା ଏଥର ସମ୍ଭାଳି ହୋଇ ରହିପାରିଲାନାହିଁ । ମାଧିଆ ଚାକରକୁ ଝିଙ୍କିଦେଇ ଚାଲିଯାଇ ଆକ୍ରମଣ କରିଛି ସାହେବକୁ ଓ ଖାନସମାକୁ । ସାହେବ ତଳେ ପଡ଼ିଯାଇଛନ୍ତି । ପୁଣି ଜମିଦାରଙ୍କ ଆଦେଶରେ ଶକ୍ତ ଭାବରେ ମାଧିଆ ବାନ୍ଧିଦେଲା ଡୋରାକୁ । ସାହେବ ବଧ କଲେ ହିରଣୀକୁ । ତାର ମରଣ କାଳୀନ ଶେଷ ବିଳାପ ଧ୍ୱନି ଦୋହଲାଇ ଦେଲା ଜମିଦାରଙ୍କ ମର୍ମସ୍ଥଳକୁ । ଜଲିର ମାଂସରନ୍ଧା ହେଲା । ବଡ଼ ତୃପ୍ତିରେ ସାହେବ ଆହାର କଲେ । ଜମିଦାର ବହୁ କଷ୍ଟରେ ଖଣ୍ଡେ ମାଂସ ପାଟିକୁ ନେଲେ ମାତ୍ର, ତାହା ତାଙ୍କ ଗଳାରେ ଯେମିତି ଅଟକି ରହିଲା । ସେ ଆଉ ଖାଇପାରିଲେ ନାହିଁ । ଡୋରା କିନ୍ତୁ ସେହି ମାଂସକୁ ଆଦୌ ସ୍ପର୍ଶ କଲାନାହିଁ । ସମସ୍ତେ ଫେରିଆସିଲେ ଉଆସକୁ । ଅତିଥି ବିଦାୟ ନେଇଗଲେ । ଡ଼ୋରା କୌଶଳକ୍ରମେ ଖସିଯାଇ ସେହି ବଣକୁ ପଳାଇଗଲା । ବିଳାପ ଧ୍ୱନିକରି ଖୋଜିଲା ତାର ପ୍ରିୟ ବନ୍ଧୁ ଜଲିକୁ । ଜମିଦାରଙ୍କ କନ୍ୟା ପଚାରିଲା ବାପାଙ୍କୁ – 'ଜଲି କାହିଁ' ? ଏଥର ଜମିଦାରଙ୍କର ଦେଖାଦେଲା ଭାବାନ୍ତର । ତାଙ୍କର ସୃଷ୍ଟି ହେଲା ଅନୁତାପ । ଡ଼ୋରାର ପାଦତଳେ ପଡ଼ି କ୍ଷମା ମାଗିବାକୁ ଇଚ୍ଛାକଲେ । ସେ ଭାବିଲେ "ଛିଃ ଛିଃ; ସଂସାରଟାରେ କ'ଣ କେବଳ ସବଳ ଦୁର୍ବଳକୁ ଅଧୀନ ରଖି, ଆତ୍ମସାତ୍ କରି, ଉଦରସାତ୍ କରି, ଜୀବନଧାରଣ କରିବାକୁ, ଜାତ ହୋଇଛି । ଜଣେ ବଞ୍ଚିବ ବୋଲି ଆଉ ଜଣକର ମୃତ୍ୟୁ ଏକାନ୍ତ ଆବଶ୍ୟକ । ମନୁଷ୍ୟ ଯେ ବିଶ୍ୱଗ୍ରାସ କରିବାକୁ ବସିଛି ଏହାର ଯୁକ୍ତି କ'ଣ ନା, ସେ ସବୁ ଜୀବଠାରୁ ବୁଦ୍ଧିମାନ ଓ ବିବେକବାନ୍ ।" (ପୃଷ୍ଠା–୫୩) ଜମିଦାରଙ୍କ ଏହି ଆତ୍ମ ପ୍ରତିକ୍ରିୟା ଯଥାର୍ଥରେ ଲେଖକଙ୍କ ପ୍ରତିକ୍ରିୟା । ଦୁର୍ବଳ ଓ ଅସହାୟ ଉପରେ ସବଳ ଓ ସମର୍ଥମାନଙ୍କର ଅତ୍ୟାଚାର, ଶୋଷଣ ଓ ପୀଡ଼ନକୁ ଲେଖକ ବରଦାସ୍ତ କରିପାରି ନାହାନ୍ତି । ମଣିଷ ଶ୍ରେଷ୍ଠ ଜୀବ ହୋଇ ପଶୁଠାରୁ ଯେ ହୀନ ହୋଇଯାଉଛି, ତାହା ତାଙ୍କୁ ବ୍ୟଥା ପ୍ରଦାନ କରିଛି । ଜଲିର ମାଂସ ଭକ୍ଷଣ କରିଥିବାରୁ ସେ ଅନୁତାପ କରି କହିଛନ୍ତି – "ସେ ଗଳା ଯଦି ଚିରଦିନ ପାଇଁ ରୁଦ୍ଧ ହୋଇଯାଏ ଏବଂ ସେ ଜିହ୍ୱା ଯଦି ଅବଶ ହୋଇ ଛିନ୍ନ ହୋଇପଡ଼େ, ତେବେ ତାଙ୍କର ମର୍ମନ୍ତୁଦ ଯାତନାର ଟିକିଏ ଅବା ଉପଶମ ହୋଇପାରନ୍ତା !" (ପୃଷ୍ଠା–୫୩) ଏଥର ତାଙ୍କ ଭିତରେ ଏକ ନୂତନ ମଣିଷର ଆବିର୍ଭାବ ହୋଇଛି । ସେହି ମଣିଷ ଆଉ ଉପଭୋଗୀ ମଣିଷ ନୁହେଁ, ଆତ୍ମହରା

ଅହଂକାରୀ ନୁହେଁ, ଇଂରେଜୀ ସଭ୍ୟତା ପ୍ରଭାବିତ ବସ୍ତୁବାଦୀ ମଣିଷ ନୁହେଁ । ସେ ପାଲିଟି ଯାଇଛନ୍ତି ଭିନ୍ନ ମଣିଷ । ତାଙ୍କ ହୃଦୟ ପରିବର୍ତ୍ତନ ହୋଇଛି । କରୁଣା ଓ ଅହିଂସା ତାଙ୍କୁ ଉଦ୍‌ବୁଦ୍ଧ କରିଛି । ସାହେବଙ୍କ ଲାଗି ନିର୍ମିତ ଅତିଥିଶାଳା ସାଧାରଣ ମଣିଷମାନଙ୍କ ପାଇଁ ପାନ୍ଥଶାଳାରେ ହୋଇଛି ରୂପାନ୍ତରିତ । ତାଙ୍କ ଜମିଦାରୀ ଇଲାକା ମଧ୍ୟରେ ମୃଗ ଓ ପଶୁବଦ୍ଧ ନିଷିଦ୍ଧ ହୋଇଛି । ଉଆସକୁ ମଧ୍ୟ ଆମିଷ ପ୍ରବେଶ ତାଙ୍କ ଦ୍ୱାରା ନିଷିଦ୍ଧ ହୋଇଛି । ଏହି ଗଳ୍ପଟି ପ୍ରକୃତରେ ମଣିଷର ମୁକ୍ତିପାଇଁ ବିଳାପ । ହିଂସା ଉପରେ ଅହିଂସାର, ନିର୍ମମତା ଉପରେ କରୁଣାର, ଉପଭୋଗ ଉପରେ ତ୍ୟାଗର, ଅମଣିଷ ପଣିଆ ଉପରେ ମଣିଷ ପଣିଆର ବିଜୟ ହିଁ ଏହା ଅନ୍ତର୍ଧ୍ୱନି ।

'ସାପୁଆ' ଗଳ୍ପ ନିମ୍ନଜାତି ଓ ନିମ୍ନବର୍ଗ ମଣିଷର ସ୍ୱାଭିମାନ, ସ୍ୱଜାତି-ପ୍ରୀତି, ବନ୍ଧୁବତ୍ସଳତା ଓ ନିର୍ଭୀକତାର ଏକ ମାର୍ମିକ ଆଲେଖ୍ୟ । ପଟିଆ ଅଞ୍ଚଳର ଜନୈକ ସାପୁଆ ମଦନ ବେହେରା ଭିତରେ ଜାତିଭାଇ ପ୍ରତି ପ୍ରକାଶ ପାଇଛି ସ୍ୱାଭିମାନ, ତ୍ୟାଗ, ସମ୍ବେଦନା ଓ ବିଶାଳ ହୃଦୟବତ୍ତାର ପରିଚୟ । ଚୁଟ୍‌କୀରେ ସେ ଉଡ଼େଇ ଦେଇଛି ସମାଜର ସମ୍ଭ୍ରାନ୍ତ, ବଡ଼ଲୋକ ଓ ପାଠୁଆମାନଙ୍କୁ । ଫକୀରମୋହନଙ୍କ ସମୟରେ ସମାଜର ନିମ୍ନବର୍ଗର ମଣିଷ ମଥା ଟେକି ଛିଡ଼ା ହୋଇ ପାରିନାହିଁ । ଅତ୍ୟାଚାର ଓ ଶୋଷଣକୁ ସେ ମୁଣ୍ଡପାତି ସହି ନେଇଛନ୍ତି । କିନ୍ତୁ କାଳିନ୍ଦୀଙ୍କ ସମୟକୁ ସେହି ଅବସ୍ଥାର ପରିବର୍ତ୍ତନ ଘଟିଛି । ଗାନ୍ଧିବାଦ ଓ ମାର୍କସବାଦ ପ୍ରଭାବରେ ନିମ୍ନ ବର୍ଗ ମଣିଷର ହୋଇଛି ଆତ୍ମ ଜାଗରଣ । ସେ ପ୍ରତିବାଦ କରିଛି । ମଦନ ବେହେରା ସେହି ମଣିଷର ପ୍ରତିନିଧି ଓ ସମୟର ବୈପ୍ଳବିକ ପ୍ରତିଧ୍ୱନି । ସେହିପରି 'ପଙ୍ଗୁ' ଗଳ୍ପରେ ମାନବିକ ସମ୍ବେଦନା ଓ ସହାନୁଭୂତି ହୋଇଛି ମୁଖ୍ୟ ପ୍ରାଣସ୍ପନ୍ଦନ । ଗାଁର ଏକ ବ୍ରାହ୍ମଣ ପରିବାରରେ ପଙ୍ଗୁ ସନ୍ତାନଟିଏ ହୋଇଛି ଯାବତୀୟ ଅନର୍ଥର କାରଣ । ବାପା, ମାଆ, ଭାଇ, ଭାଉଜ ପ୍ରତ୍ୟେକ ପଙ୍ଗୁପ୍ରତି ଅସହିଷ୍ଣୁ । ସେ ଯାହାକଲେ ମଧ୍ୟ ଦୋଷାବହ ବିବେଚିତ ହୋଇଛି । ନିର୍ମମ ମାଡ଼ ଖାଇଚି । ଏପରିକି ତାକୁ ଖାଇବାକୁ ଦିଆଯାଏନାହିଁ । ପଙ୍ଗୁ ଯୁବକଟି ନିର୍ବିକାର ପାଲଟିଛି । ମଣିଷ ଠାରୁ ସେ ପାଇନାହିଁ ସ୍ନେହ ଓ ସହାନୁଭୂତି । ତେଣୁ ସେ ଆପଣାର କରିନିଏ କଣା କୁତୀ ଓ ଛୋଟୀ ବିଲେଇକୁ । ଏଥିପାଇଁ ମଧ୍ୟ ସେ ଗାଳିଖାଏ, ମାଡ଼ ଖାଏ । ତଥାପି ତା'ର ସେହି ପ୍ରାଣୀ ଦୁଇଟି ସହିତ ମୈତ୍ରୀ ଅଚ୍ଛେଦ୍ୟ ରହେ । ଘରର ସବାସାନ ପୁଅ ବିବାହ କରେ । ମାତ୍ର ସେ ରହେ ବିଦେଶରେ । ଘରେ ତା'ର ସ୍ତ୍ରୀ । ପଙ୍ଗୁ ପ୍ରତି ତାର ପ୍ରକାଶ ପାଏ ଅନାବିଳ ସ୍ନେହ । ସେ ତାକୁ ଗୁଣ୍ଡାଏ ଭଲକରି ଖାଇବାକୁ ଦେଇଛି । ପଙ୍ଗୁକୁ ମାଡ଼ମାରି ଘରୁ ବାହାର କରିଦିଆଯାଇଛି । ତା ସଙ୍ଗେ ସାନବୋହୂ ମଧ୍ୟ ଘରୁ ଚାଲିଯାଇଛି । ଘରର ମର୍ଯ୍ୟାଦା ଜଗି ପଙ୍ଗୁକୁ ପୁନର୍ବାର ଘରକୁ ଅଣାଗଲା, ମାତ୍ର ସେ ବର୍ଷା ମୁଖର ପରିବେଶରେ ଘରୁ ବାହାରି ଯାଇଛି ତା'ର କଣା କୁତୀ ସହିତ । ବାଟରେ ପୋଖରୀ ଭିତରେ ବଣି ଚଢ଼େଇଟିଏ ପଡ଼ିଥିବା ଦେଖି ତାକୁ ଉଦ୍ଧାର କରିବାକୁ ପଙ୍ଗୁ ପାଣିଭିତରକୁ ପ୍ରବେଶ କରିଛି । କଣା କୁତୀ ମଧ୍ୟ ତା' ସହିତ ପହଁରି ପହଁରି ଯାଇଛି । ପୋଖରୀ ଭିତରେ ପଙ୍ଗୁ, କଣାକୁତୀ ଓ ବଣି ଚଢ଼େଇ ସମସ୍ତେ ସଳିଳ ସମାଧି ପାଲଟିଛନ୍ତି । ଘରେ ସାନ ବୋହୂ ଛୋଟୀ ବିଲେଇକୁ ଧରି ନୀରବରେ ଗଡ଼ାଇଛି ଲୁହ । ଏହି ଗଳ୍ପରେ ମଣିଷର ନିର୍ମମତା, ନିଷ୍ଠୁରତା ଓ ସ୍ୱାର୍ଥପରତା ଏକପକ୍ଷରେ ଯେପରି ରହିଛି, ସେହିପରି ଅନ୍ୟପକ୍ଷରେ ରହିଛି ତ୍ୟାଗ, କରୁଣା ଓ ସହାନୁଭୂତିର ହୃଦୟସ୍ପର୍ଶୀ ଚିତ୍ର । ଲୋକ ସଂସ୍କୃତି ଓ ଲୋକ କାହାଣୀର ଭଇଁଭୂମିରେ ଏହି ଗଳ୍ପଟି ଗଢ଼ିଉଠି ମଣିଷ ଓ ମାନବେତର ଚରିତ୍ର ମଧ୍ୟରେ ସୃଷ୍ଟି କରିଦେଇଛି ଗଭୀର ସଂପ୍ରୀତି ।

'ପ୍ରେମିକ' ଗଳ୍ପରେ ବୃଦ୍ଧ ଶିଳ୍ପୀର ନିଃସଙ୍ଗ ଜୀବନ ଓ ଜଡ଼ ମୂର୍ତ୍ତି ନିର୍ମାଣ ମଧ୍ୟଦେଇ ଆପଣାର ପାରିବାରିକ ସଂପର୍କ ପରିକଳ୍ପନା, ଅବଶେଷରେ ଶିଶୁ କଳିକା ସହିତ ତାଙ୍କର ଦିବ୍ୟ ମମତାପୂର୍ଣ୍ଣ ସଂପର୍କ ବାସ୍ତବିକ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଥାଏ । 'ସାଗରିକା' ଗଳ୍ପ କାଳିନ୍ଦୀଚରଣଙ୍କ ରୋମାଣ୍ଟିକ୍ ପ୍ରେମ ଭାବନାର ଏକ କାବ୍ୟିକ ପରିପ୍ରକାଶ । 'ମୋ କଥାଟି ସରି ନାହିଁ' ଗଳ୍ପ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ଶିଳ୍ପ-ଚାତୁର୍ଯ୍ୟର ଏକ ଚାରୁ-ଆଲେଖ୍ୟ ।

ଓଡ଼ିଆ ଗଳ୍ପ ସାହିତ୍ୟର ମଧ୍ୟ ପର୍ବରେ କାଳିନ୍ଦୀଚରଣ ଜଣେ ବିଶିଷ୍ଟ ଗଳ୍ପକାର । ଗ୍ରାମ-ଓଡ଼ିଶା ତାଙ୍କ କଥା-ସାହିତ୍ୟର ମୁଖ୍ୟ ପ୍ରାଣସ୍ରୋତ । ନିମ୍ନବର୍ଗ ମଣିଷ ତାଙ୍କ ଗଳ୍ପ ସାହିତ୍ୟର ପ୍ରାଣବୀଜ । ମାନବିକ ସମ୍ବେଦନା ତାଙ୍କ ଗଳ୍ପର କେନ୍ଦ୍ରଭାବ । ସେହି ଭାବକୁ ନେଇ କଥାବସ୍ତୁ, ପରିବେଶ ଓ ଚରିତ୍ର ପରିକଳ୍ପିତ । ତେଣୁ ଗଳ୍ପ ବର୍ଣ୍ଣନା ପ୍ରଧାନ । ବ୍ୟଞ୍ଜନା ଅପେକ୍ଷାକୃତ ଗୌଣ । ବାସ୍ତବତା ଉପରେ ଆଦର୍ଶ ହୋଇଛି ସବାର । ତଥାପି ତାଙ୍କ ଗଳ୍ପ ଫକୀରମୋହନୀୟ ଦୀର୍ଘ ବର୍ଣ୍ଣନା ନୁହେଁ । ବର୍ଣ୍ଣନା ଅଛି; ତାହା କିନ୍ତୁ ଯଥାସମ୍ଭବ ସୀମିତ । ଗ୍ରାମ୍ୟ ପରିବେଶର ଦୁଃଖୀ, ଆର୍ତ୍ତ, ଅସହାୟ ନରନାରୀ ତାଙ୍କ ଚିତ୍ତ-ବୃତ୍ତରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛନ୍ତି । ସେହିମାନଙ୍କ ପ୍ରତି ତାଙ୍କ ଅନ୍ତରରୁ ଝରି ଆସିଛି ଗଭୀର ସହାନୁଭୂତି ଓ ସମ୍ବେଦନା । ଏହି ସହାନୁଭୂତି ବସ୍ତୁବାଦର ଦ୍ୱନ୍ଦ୍ୱ ଉପରେ ପ୍ରତିଷ୍ଠିତ ନୁହେଁ; ଭାବବାଦୀ ଚିନ୍ତନ ଉପରେ ଆଧାରିତ । ତଥାପି ଏହା ମଣିଷକୁ ଆପଣାର ଶକ୍ତି ଓ ସାମର୍ଥ୍ୟ ସମ୍ପର୍କରେ ସଚେତନ ହେବାପାଇଁ ଇଙ୍ଗିତ ଦେଇଅଛି । 'ସାପୁଆ' ଗଳ୍ପର ମଦନ ବେହେରା ବା 'ପଙ୍ଗୁ' ଗଳ୍ପର ସାନବୋହୂ ଅଥବା 'ଜୟହିନ୍ଦ୍' ଗଳ୍ପର ନୂପୁରୀ ଏହି ସଚେତନତାର ଜୀବନ୍ତ ପ୍ରତିଭୂ । ନାରୀ-ମୁକ୍ତି ଓ ନାରୀ-ସ୍ୱାଭିମାନ ଯେପରି ବ୍ୟଞ୍ଜିତ ହୋଇଛି ସେହିପରି ନାରୀର ପ୍ରେମ, ତ୍ୟାଗ ଓ

ସହିଷ୍ଣୁତା ମଧ୍ୟ ପାଠକୀୟ ଦୃଷ୍ଟି ଆକର୍ଷଣ କରିଥାଏ । 'ଦ୍ୱିତୀୟା-ଚାନ୍ଦ' ଗଳ୍ପରେ ଚାନ୍ଦ ବା 'ଧୂଳି' ଗଳ୍ପର ଧୂଳି ନାରୀ-ସ୍ୱାତନ୍ତ୍ର୍ୟ ଓ ସ୍ୱାଭିମାନର ମୂର୍ତ୍ତ ପ୍ରତୀକ । ଫକୀରମୋହନଙ୍କ ଗେହ୍ଲେଇ ଯେମିତି ନୂଆ ରୂପରେ ଧୂଳି ଭିତରେ ଆତ୍ମପ୍ରକାଶ କରିଯାଇଛି । ବଧୂ ହତ୍ୟା ଓ ବଧୂ ନିର୍ଯ୍ୟାତନା ଯୁଗରେ ଚାନ୍ଦ ଯେମିତି ଏକ ଚେତାବନୀ । ଗ୍ରାମ୍ୟ ଜୀବନର କୃଷକ, ଶ୍ରମିକ ଓ ସାଧାରଣ ମଣିଷ ଯେମିତି ତାଙ୍କ ଗଳ୍ପ-ବୃତ୍ତରେ ଜୀବନ୍ତ ହୋଇ ଉଠିଛନ୍ତି ସେହିପରି ମଧ୍ୟ ଜମିଦାର, ମହାଜନ, ବଡ଼ଲୋକ, ଭୂମ୍ୟାଧିକାରୀ, ଓକିଲ ଓ ଉପଭୋଗୀ ମଣିଷମାନେ ଭିନ୍ନ ଭିନ୍ନ ପରିବେଶରେ ଆତ୍ମପ୍ରକାଶ କରିଅଛନ୍ତି । କେହି ହୁଏତ ହୋଇଛି ଉଦାର, ଅନ୍ୟ କେହି ହୋଇଛି ନିର୍ମମ, ଲମ୍ପଟ ଓ ଶୋଷକ । ରେଙ୍ଗୁନ୍ ଓ କାଳିମାଟି ଯାତ୍ରୀ ଶ୍ରମିକର ଦୁଃଖ ଓ ଦୁର୍ଦ୍ଦଶା, ମହାଯୁଦ୍ଧ ଜନିତ ସାଧାରଣ ନରନାରୀଙ୍କ ଅସହାୟତା, ସାମାଜିକ କୁସଂସ୍କାରଜନିତ ବେଦନାମୟ ପରିବେଶ, ସାଂପ୍ରଦାୟିକ ସଂଘର୍ଷର କରୁଣ ପରିଣତି ଇତ୍ୟାଦି ନାନା ବିଷୟ ତାଙ୍କ ଗଳ୍ପ ଜଗତରେ ପ୍ରକାଶ ପାଇ ସାମାଜିକ ସଚେତନତା ସୃଷ୍ଟି କରିଛି । ତାଙ୍କ ସ୍ରଷ୍ଟା-ମାନସର ସ୍ୱପ୍ନ ମଣିଷର ହୃଦୟ ପରିବର୍ତ୍ତନ ଭିତ୍ତିରେ ହିଂସା ଉପରେ ଅହିଂସାର ବିଜୟ ଓ ଶୋଷଣମୁକ୍ତ ସମାଜ ପ୍ରତିଷ୍ଠା । ଗାନ୍ଧିଜୀଙ୍କ ଆଦର୍ଶ ତେଣୁ ତାଙ୍କୁ ବହୁଭାବରେ କରିଛି ଅନୁପ୍ରାଣିତ । ତେଣୁ ତାଙ୍କର ଲକ୍ଷ୍ୟ ହୋଇଛି ମଣିଷର ଉତ୍ତରଣ । ସେ ମଧ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବ୍ୟକ୍ତିତ୍ୱ ପ୍ରତି ଶ୍ରଦ୍ଧା ନିବେଦନ କରିଅଛନ୍ତି 'ଜୟହିନ୍ଦ୍' ପରି ଗଳ୍ପରେ । ମାର୍କସଙ୍କ ଐତିହାସିକ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ ପ୍ରତି ମଧ୍ୟ ସେ ଶ୍ରଦ୍ଧାଶୀଳ । ସେ ଚାହିଁଛନ୍ତି ମଣିଷର ପରିବର୍ତ୍ତନ ଓ ଶୋଷଣମୁକ୍ତ ସମାଜ । ମାତ୍ର ତାହା ମାର୍କସବାଦ ଭିତ୍ତିରେ ନହୋଇ ଗାନ୍ଧିବାଦ ଭିତ୍ତିରେ ହେବା ଉଚିତ ବୋଲି ତାଙ୍କର ମତ । ଫ୍ରଏଡ଼ଙ୍କ ମନୋବିଶ୍ଳେଷଣ ସମ୍ପର୍କରେ ସେ ଅବିହିତ ହୋଇଛନ୍ତି । ନଗ୍ନ ଯୌବନତାକୁ ସେ କିନ୍ତୁ ପ୍ରଶୟ ଦେଇନାହାନ୍ତି । ଯୌନ ରୂପାନ୍ତରିତ ହୋଇଯାଇଛି ଦିବ୍ୟ ସୌନ୍ଦର୍ଯ୍ୟ ଓ ପ୍ରେମରେ । କାଳିନ୍ଦୀଙ୍କ ଗଳ୍ପ କାହାଣୀଧର୍ମୀ । ତେବେ ଏହା ଅଯଥା ବର୍ଣ୍ଣନା ବହୁଳ ନୁହେଁ । କାହାଣୀ ଭିତରେ ଅଛି ଚରିତ୍ରର ସ୍ୱାଭାବିକ ଗତିଶୀଳତା ଓ ତାହାରି ମଧ୍ୟଦେଇ ଜୀବନ ପ୍ରତି ପ୍ରକାଶ ପାଇଛି ଏକ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ । ଜୀବନ-ବଞ୍ଚିବା ଓ ହୃଦୟ-ଖୋଜିବା ତାଙ୍କ ଗଳ୍ପର ମର୍ମବାଣୀ । କଳିନ୍ଦୀଚରଣଙ୍କ ଗଳ୍ପ-ଜଗତରେ ମଣିଷମାନେ ଆମ ପରିଚିତ ଗ୍ରାମ-ଓଡ଼ିଶାର ମଣିଷ। ସେହି ମଣିଷମାନଙ୍କ ଭିତରେ ଏକ ମାନବିକ ଭାବ-ବଳୟ ସୃଷ୍ଟି କରି ସମସ୍ତଙ୍କୁ ଏକ ଭାବ-ଜଗତକୁ ଆଣିବା ହିଁ କାଳିନ୍ଦୀଙ୍କ ଶୈଳ୍ପିକ ସିଦ୍ଧି ଓ ସ୍ୱାକ୍ଷର ।

❖ ❖ ❖

ମୂଳ ପ୍ରବନ୍ଧ

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ

**ପବିତ୍ର ଦାସ**

**ସାରାଂଶ (Abstract) :**

*ସାଧାରଣ ଉପନ୍ୟାସରେ କଳ୍ପନା ଓ ବାସ୍ତବତାର ସମ୍ମିଶ୍ରଣ ରହିଥିଲେ ହେଁ ଭ୍ରମଣ ଉପନ୍ୟାସଗୁଡ଼ିକ ବେଶି ବାସ୍ତବାଭିମୁଖୀ । ଏଥିରେ ସ୍ଥାନ, କାଳ, ପାତ୍ର ଓ ଘଟଣା ଆଦିର ସଠିକ୍ ଅବତାରଣା ଘଟିଥାଏ । 'ଭ୍ରମଣ ଉପନ୍ୟାସ' କହିଲେ ସାଧାରଣତଃ ଭ୍ରମଣ ପ୍ରସଙ୍ଗ ଆଧାରିତ ଉପନ୍ୟାସକୁ ବୁଝାଇଥାଏ । ଭ୍ରମଣ ଉପନ୍ୟାସରେ ସାଧାରଣ ଉପନ୍ୟାସର ସମସ୍ତ ଉପାଦାନ ସହିତ ଏକ ଭ୍ରମଣ ପିପାସୁ ପର୍ଯ୍ୟଟକକୁ ମାଧ୍ୟମ କରି ଭ୍ରମଣ ସ୍ଥାନ ସମ୍ପର୍କରେ ଯଥାଯଥ ବର୍ଣ୍ଣନା ଦେଖିବାକୁ ମିଳେ । ଫଳରେ ପାଠକ ଭ୍ରମଣ ଉପନ୍ୟାସ ପଢିବା ଦ୍ୱାରା ଏକ ଗତିଶୀଳ କାହାଣୀର ଆନନ୍ଦ ନେବା ସହିତ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିବେଶର ଜନଜାତି, ରୀତିନୀତି, ସଂସ୍କୃତି ଓ ପ୍ରକୃତି ସମ୍ପର୍କରେ ଜ୍ଞାନ ଆହରଣ କରିବାରେ ସମର୍ଥ ହୁଏ । ଆଲୋଚ୍ୟ ପ୍ରବନ୍ଧରେ ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସଗୁଡ଼ିକରେ କିଭଳି ଭ୍ରମଣ ପ୍ରସଙ୍ଗର ଅବତାରଣା ଘଟିଛି ସେ ସମ୍ପର୍କରେ ଆଲୋଚନା କରାଯାଇଛି ।*

**ପ୍ରମୁଖ ଶବ୍ଦାବଳୀ(Keywords) :**

**ସ୍ୱାଧୀନତା ପରବର୍ତ୍ତୀ ସମୟ, ଭ୍ରମଣ ପ୍ରସଙ୍ଗ, ଓଡ଼ିଆ ଭ୍ରମଣ ଉପନ୍ୟାସ, ପ୍ରାକୃତିକ ସୌନ୍ଦର୍ଯ୍ୟ ।**

ଓଡ଼ିଆ ସାହିତ୍ୟରେ ଭ୍ରମଣ ପ୍ରସଙ୍ଗର ଅସ୍ତିତ୍ୱ କାବ୍ୟ, କବିତାଠାରୁ ଆରମ୍ଭ କରି ପ୍ରବନ୍ଧ, କ୍ଷୁଦ୍ରଗଳ୍ପ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ବିଦ୍ୟମାନ । ଗଦ୍ୟରେ ଭ୍ରମଣ ବୃତ୍ତାନ୍ତ ଲେଖିବାର ପରମ୍ପରା ଔପନ୍ୟାସିକମାନଙ୍କୁ ମଧ୍ୟ ପ୍ରେରିତ କଲା । ଭ୍ରମଣ ପ୍ରସଙ୍ଗକୁ ନେଇ ଯେ ଭ୍ରମଣ ଉପନ୍ୟାସ ରଚନା ସମ୍ଭବ ଏହିପରି ଏକ ଅନୁସନ୍ଧିତ୍ସାରୁ ଓଡ଼ିଆ ସାହିତ୍ୟରେ ଭ୍ରମଣ ଉପନ୍ୟାସର ଉନ୍ମେଷ ଘଟିଲା । ଊନବିଂଶ ଶତାବ୍ଦୀର ଶେଷ ଦଶନ୍ଧିରୁ ଓଡ଼ିଆ ଉପନ୍ୟାସର ବିକାଶ ପର୍ଯ୍ୟାୟ ଯେଉଁ ସାମାଜିକ ବାସ୍ତବତାକୁ କେନ୍ଦ୍ରକରି ଗଢ଼ି ଉଠିଥିଲା ସେଥିରେ ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ପରୀକ୍ଷା ନୀରିକ୍ଷା ଘଟିଲା । ସାମାଜିକ ସମସ୍ୟା ସହିତ, ଐତିହାସିକ, ରାଜନୀତିକ, ପୌରାଣିକ, ମନସ୍ତାତ୍ତ୍ୱିକ ପରି ବିଭିନ୍ନ ଉପାଦାନ ଉପନ୍ୟାସର ଭାବବସ୍ତୁକୁ ବୈଚିତ୍ର୍ୟମଣ୍ଡିତ କଲା । ଏହି ଉପାଦାନଗତ ବିଚିତ୍ରତାର ଅନ୍ୟ ଏକ ଏକକ ରୂପେ ଭ୍ରମଣ ଉପନ୍ୟାସ ମଧ୍ୟ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ନିଜର ସ୍ଥିତି ଜାହିର୍ କରି ଆସିଛି । ଯଦିଓ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଗତି ସେତେଟା ପ୍ରଭାବଶାଳୀ ନଥିଲା ମାତ୍ର ସ୍ୱାଧୀନତା ପରବର୍ତ୍ତୀ ସମୟରେ ଏହାର ପ୍ରଭାବଶାଳୀ ଏକ ଉପାଦାନ ରୂପେ ଲେଖକ, ପାଠକ ଓ ସମାଲୋଚକଙ୍କର ଆଦୃତି ଲାଭ କରିଛି ।

'ଭ୍ରମଣ ଉପନ୍ୟାସ' କହିଲେ ସାଧାରଣତଃ ଭ୍ରମଣ ପ୍ରସଙ୍ଗ ଆଧାରିତ ଉପନ୍ୟାସକୁ ବୁଝାଇଥାଏ । ଅର୍ଥାତ୍ ଭ୍ରମଣକାରୀର ଭ୍ରମଣଜନିତ କୌତୂହଳକୁ ମାଧ୍ୟମ କରି ଭିନ୍ନ ଦେଶର, ଭିନ୍ନ ପରିବେଶର, ଭିନ୍ନ ପରଂପରା, ବେଶ ପୋଷାକ ଆଦିର ବର୍ଣ୍ଣନା ଚାଲିଥାଏ ତତ୍‌ସହିତ

**ଯୋଗାଯୋଗ :**
**ପବିତ୍ର ଦାସ,** ଅଧ୍ୟାପକ, ଓଡ଼ିଆ ବିଭାଗ
ଆଗରପଡ଼ା ମହାବିଦ୍ୟାଳୟ, ଭଦ୍ରକ
**E-Mail ID:** pabitradas917@gmail.com
**ORCID ID:** https://orcid.org/0009-0000-8196-9187

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୬.୨୦୨୪ | ୭.୭.୨୦୨୪ | ୧୫.୭.୨୦୨୪ | ୧.୮.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଦାସ, ପବିତ୍ର, ୨୦୨୪ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଭ୍ରମଣ ପ୍ରସଙ୍ଗ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଙ, ପୃଷ୍ଠା :୨୫-୩୨ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.13619812
Article No - BPPP00215

ଆନ୍ତଃ ପ୍ରବାହରେ ଉପନ୍ୟାସର କଥାବସ୍ତୁଟି ନିଜସ୍ୱ ଢଙ୍ଗରେ ବାହ୍ୟ ଦ୍ୱନ୍ଦ୍ୱ, ଆନ୍ତଃଦ୍ୱନ୍ଦ୍ୱ, ଉତ୍କଣ୍ଠା, ସଂଘାତ ଆଦିରେ କ୍ରମଃ ପରିଣତାଭିମୁଖୀ ହେଉଥାଏ । ଏହି ଧରଣର ଉପନ୍ୟାସରେ କାହାଣୀର ଗୁରୁତ୍ୱ ସହିତ ସ୍ଥାନ ବା ପରିବେଶର ଗୁରୁତ୍ୱ ମଧ୍ୟ ପରିଲକ୍ଷିତ ହୋଇଥାଏ । ତେଣୁ ପ୍ରତ୍ୟେକ ଭ୍ରମଣ ଉପନ୍ୟାସର କଥାବସ୍ତୁ ଭିନ୍ନଭିନ୍ନ ହେଲେହେଁ ଜଣେ ଭ୍ରମଣକାରୀର ଭ୍ରମଣ ବୃତ୍ତାନ୍ତର ପ୍ରତ୍ୟେକ କଥାବସ୍ତୁରେ ଆନ୍ତଃସାମ୍ୟ ତିଆରି କରେ । ଏହି ଭ୍ରମଣ ବୃତ୍ତାନ୍ତଜନିତ ଆନ୍ତଃସାମ୍ୟ ହିଁ ଅନ୍ୟ ଉପନ୍ୟାସର କଥା ସଂରଚନାଠାରୁ ଭ୍ରମଣ ଉପନ୍ୟାସର କଥା ସଂରଚନାକୁ ସ୍ୱତନ୍ତ୍ର କରିଥାଏ ।

ଓଡ଼ିଆ ଭ୍ରମଣ ଉପନ୍ୟାସରେ ଆଦ୍ୟ ଉଦ୍‌ଗାତା ହେଉଛନ୍ତି ଅପର୍ଣ୍ଣା ପଣ୍ଡା । ୧୯୦୨ ମସିହାରେ ତାଙ୍କଦ୍ୱାରା ରଚିତ 'କଳାବତୀ' ଉପନ୍ୟାସ ହିଁ ଓଡ଼ିଆ ସାହିତ୍ୟର ପ୍ରଥମ ଭ୍ରମଣ ଉପନ୍ୟାସ । ଏହିଠାରୁ ଓଡ଼ିଆ ଭ୍ରମଣ ଉପନ୍ୟାସର ବିକାଶଯାତ୍ରା ଆରମ୍ଭ ହୋଇଥିଲେ ହେଁ ପ୍ରାକ୍-ସ୍ୱାଧୀନତା କାଳରେ ଭ୍ରମଣ ଉପନ୍ୟାସର ଏହିପରି କୌଣସି ଉଲ୍ଲେଖଯୋଗ୍ୟ ବିକାଶ ଘଟିଥିବାର ଲକ୍ଷ୍ୟ କରାଯାଏ ନାହିଁ । ଯଥାର୍ଥ ଭାବେ ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରୁ ଉଭୟ ପରିମାଣ ଓ ଗୁଣାତ୍ମକ ଦୃଷ୍ଟିରୁ ଭ୍ରମଣ ଉପନ୍ୟାର ବିକାଶ ସାଧିତ ହେଲା ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ରଚନା କରାଯାଇଥିବା ଭ୍ରମଣ ଉପନ୍ୟାସଗୁଡ଼ିକ ମଧ୍ୟରେ ବିଭୂତି ପଟ୍ଟନାୟକଙ୍କ 'ଆଗ୍ନେୟଗିରରେ ବଣଭୋଜି'(୧୯୮୦), ସଂଯୁକ୍ତା ରାଉତଙ୍କ 'କ୍ଷଣିକ ଉତ୍ତାପରୁ ଅନନ୍ତ ଶୀତଳତା'(୧୯୯୨), ରାଧାନାଥ ରଥଙ୍କ 'ସାଗର ସେପାରେ'(୧୯୯୬), ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ତୃଷ୍ଣା:ଏକ ଅନାବିଷ୍କୃତ ଆମେରିକା'(୧୯୯୯) ଓ ହୃଷିକେଶ ପଣ୍ଡାଙ୍କ 'ହସ ଓ ଇତିହାସ'(୧୯୯୯) ଅନ୍ୟତମ । ନିମ୍ନରେ ଏହି ଉପନ୍ୟାସଗୁଡ଼ିକରେ କିଭଳି ଭ୍ରମଣ ପ୍ରସଙ୍ଗର ଅବତାରଣା ଘଟିଛି ସେ ସମ୍ପର୍କରେ ଆଲୋଚନା କରାଗଲା ।

## ବିଭୂତି ପଟ୍ଟନାୟକ: ଆଗ୍ନେୟଗିରିରେ ବଣଭୋଜି (୧୯୮୦)

ମାୟାବିନୀ ଗୋଆର ଯାଦୁକରୀ ପ୍ରାକୃତିକ ସୌନ୍ଦର୍ଯ୍ୟର ପୃଷ୍ଠଭୂମିରେ ଆଗ୍ନେୟଗିରିରେ ବଣଭୋଜି ଭ୍ରମଣ ଉପନ୍ୟାସଟି ରଚିତ । ଐଶ୍ୱର୍ଯ୍ୟର ଅଳକାପୁରୀ ଛାଡ଼ି ମୋକ୍ଷର ଅନ୍ୱେଷଣରେ ଇଣ୍ଡିଆ ଆସିଥିବା ଜଣେ ମାର୍କିନ୍ ତରୁଣୀ ଓ ଜଣେ ଭାରତୀୟ ପର୍ଯ୍ୟଟକର କାହାଣୀକୁ ନେଇ କଥାବସ୍ତୁଟି ଗତିଶୀଳ ।

ଲେଖକ ବମ୍ବେରୁ ଗୋଆ ଯାଉଥିବା ବସରେ ଯୋଡି ହୋଇଛନ୍ତି ବନ୍ଧୁ ପ୍ରଶାନ୍ତର ଭଉଣୀ ଲିପିକା ଆଉ ତାଙ୍କ ପୁଅ ଲର୍ଡ ଏବଂ ଜଣେ ଶ୍ୱେତାଙ୍ଗ ହିପ୍‌ପିଣୀ ସହିତ । ହିପ୍‌ପିଣୀର ଘର ଲସ୍‌ଏଞ୍ଜେଲସରେ । ସେଇ ହିପ୍‌ପିଣୀ ଜଣକ ଔପନ୍ୟାସିକଙ୍କଠାରୁ ନେଇଥିବା ଚାଳିଶ ଟଙ୍କାରୁ ହିଁ ଆରମ୍ଭ ହୋଇଛି ଉପନ୍ୟାସ କାହାଣୀ । ପରବର୍ତ୍ତୀ ସମୟରେ ସେଇ ଚାଳିଶ ଟଙ୍କା ହିଁ ଲେଖକ ଓ ବିଦେଶିନୀ ହିପ୍‌ପିଣୀ ମଧ୍ୟରେ ସମ୍ପର୍କର ଯୋଗସୂତ୍ର ସ୍ଥାପନ କରିଛି । ସମ୍ପର୍କ ହୋଇଛି ଘନିଷ୍ଠ । ଏହି ଉପନ୍ୟାସରେ ଭ୍ରମଣ ଓ କଥାଭାଗ ସମାନ୍ତରାଳ ଭାବରେ ଚାଲିଛି ।

ଦିନେ ଯେଉଁ ଅଞ୍ଚଳ ଥିଲା ଗୋଧନ ସମୃଦ୍ଧ ଗୋମନ୍ତକ; ଆଜି ତାହାରି ନାମ ଗୋଆ । ଗୋଆର ରାଜଧାନୀ ହେଉଛି ପାଞ୍ଜିମ୍ । ଲେଖକ ପାଞ୍ଜିମ୍ ସହର ଭ୍ରମଣ କରୁଥିବା ସମୟରେ ଗୋଆର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ କୁହନ୍ତି–"ଉତ୍ତରରେ ମହାରାଷ୍ଟ୍ର, ପୂର୍ବରେ କର୍ଣ୍ଣାଟକ ଆଉ ପଶ୍ଚିମ ଦିଗରେ ଆରବ ମହାସାଗର । ସହରର ବନ୍ଧ ଉପରେ ତିନୋଟି ସମାନ୍ତର ସରଳରେଖା ଭଳି ପୂର୍ବରୁ ପଶ୍ଚିମକୁ ଲମ୍ବିଯାଇଛି ଆରବ ସାଗରର ଜଳରେଖା । ପାହାଡ଼, ପର୍ବତ, ନଦନଦୀ ଆଉ ସମୁଦ୍ର- ବେଳାକୁ ନେଇ ଗଢି ଉଠିଛି ଏକଦା ଧୀବର ଅଧ୍ୟୁଷିତ ଅଞ୍ଚଳ ଆଧୁନିକ ଗୋଆ । ଏହାର ୧୦୦ କିଲୋମିଟର ଦୀର୍ଘ ବେଳାଭୂମି ତୀରେ ତୀରେ ଆମ୍ବ, ନଡିଆ, ତାଳ, ଡାଳଚିନି, କାଜୁବାଦାମ୍, ଆଉ ଅନାରସ୍‌ର ଧାଡ଼ିଧାଡ଼ି ଗଛ । ପ୍ରାଚୀନ ଗିର୍ଜା, ମନ୍ଦିର-ମାଳିନୀ ଏଇ ଛୋଟ ରାଜ୍ୟ ପ୍ରକୃତିର ଅକୃତିମ ସ୍ନେହରେ ଲାବଣ୍ୟମୟୀ ।"(୧) ଗୋଆର ସୌନ୍ଦର୍ଯ୍ୟର ଲୋଭରେ ହିନ୍ଦୁ କଦମ୍ବବଂଶୀୟ ରାଜାଙ୍କଠାରୁ ଆରମ୍ଭ କରି ବାହମନି ସୁଲତାନ, ପୁଣି ଇଂରେଜ, ଡଚ୍, ଆଉ ପର୍ତ୍ତୁଗୀଜ୍ ବଣିକ ଝାମ୍ପ ଦେଇଛନ୍ତି ଗୋଆର ବୁକୁ ଉପରେ । ଶାସନ କରିଛନ୍ତି ଗୋଆବାସୀ ସରଳ ଜନସାଧାରଣଙ୍କୁ, ଶୋଷଣ କରିଛନ୍ତି ତା'ର ପ୍ରାକୃତିକ ସମ୍ପଦକୁ, ଦୀର୍ଘ ଚାରିଶହ ଏକାବନ ବର୍ଷ ବୈଦେଶିକ ଶାସନ ପରେ ୧୯୬୧ ମସିହା ଡିସେମ୍ବର ୧୯ ତାରିଖରେ ପର୍ତ୍ତୁଗୀଜ୍ ଶାସନାଧୀନ ଗୋଆ ସ୍ୱାଧୀନ ଭାରତ ସହିତ ମିଳିତ ହୋଇଛି । ଏଇ ସ୍ୱାଧୀନତା ଆଣିବା ପାଇଁ ପର୍ତ୍ତୁଗୀଜ୍ ସରକାରଙ୍କଠାରୁ ଭାରତୀୟମାନଙ୍କୁ ଲାଠି ମାଡ, ବନ୍ଧୁକର ଗୁଳିରେ ଆହତ ହେବାକୁ ପଡିଛି । ଯେଉଁଥିରେ ଉପନ୍ୟାସର ନାୟକ ମଧ୍ୟ ଅଂଶଗ୍ରହଣ କରିଥିଲେ । ପର୍ତ୍ତୁଗୀଜ୍‌ମାନେ ଆରବ ବ୍ୟବସାୟୀମାନଙ୍କୁ ହଟାଇ ଭାରତବର୍ଷରେ ବ୍ୟବସାୟ କରିବାକୁ ଆସିଥିଲେ । ପରେ ଗୋଆର ମୁସଲମାନ ବାଦଶାହାଙ୍କୁ ହରାଇ ରାଜତ୍ୱ ଆରମ୍ଭ କଲେ । ଓଲ୍‌ଡ୍ ଗୋଆରେ ଥିବା ମନ୍ଦିର, ମସଜିଦ୍ ଭାଙ୍ଗି ଗଢି ଉଠିଲା ନୂତନ ଗିର୍ଜା, କାଥେଡ୍ରାଲ୍, ଚାପେଲ୍ । ଛ ହଜାର ମୁସଲମାନମାନଙ୍କୁ ମସ୍‌ଜିଦ୍ ଭିତରେ ବନ୍ଦ ରଖି ନିଆଁ ଲଗେଇଦେଲେ । ପରେ ପରେ ସେଠାରେ ପ୍ଲେଗ୍ ମହାମାରୀ ବ୍ୟାପିବା ଯୋଗୁଁ ପର୍ତ୍ତୁଗୀଜ୍ ସରକାର ପ୍ରାଚୀନ ଗୋଆରୁ ଆଧୁନିକ ପାଞ୍ଜିମ୍ ସହରକୁ ଗୋଆର ରାଜଧାନୀ ଉଠାଇ ଆଣିଥିଲେ । ଔପନ୍ୟାସିକ ଉପନ୍ୟାସରେ ଗୋଆର ପ୍ରାକୃତିକ ସୌନ୍ଦର୍ଯ୍ୟ, ଗୋଆର ଇତିହାସକୁ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

ଗୋଆବାସୀମାନେ ଦିନକୁଦିନ କିପରି ନିଶାସକ୍ତ ହୋଇପଡ଼ିଛନ୍ତି ସେ କଥା ବର୍ଣ୍ଣିତ । ଫେନି ଗୋଆର ନିଜସ୍ୱ ମଦ- ଗୋଆର କଥିତ କୋଙ୍କଣୀ ଭାଷାରେ ଫେନି ବା ଫେଣ ଶବ୍ଦରୁ ଫେନି ଶବ୍ଦର ଉତ୍ପତ୍ତି । ଏଇ ଫେନାୟିତ ମଦ୍ୟ ପ୍ରତି ଆସକ୍ତି ପ୍ରତି ଗୋଆ ଅଧିବାସୀର ରକ୍ତରେ ମିଶି ରହିଛି । ଗୋଆନିଜ୍‌ମାନଙ୍କର L.S.D, Heroin ଭଳି ମାରାତ୍ମକ ନିଶା ଇଂଜେକ୍‌ସନ୍ ବ୍ୟବହାର କରୁଥିବାର ପ୍ରସଙ୍ଗ ସ୍ଥାନିତ । ଏଇ ମାରାତ୍ମକ ନିଶା ସେବନ ପାଇଁ ପରିବାର ମଧ୍ୟରେ ଝଗଡା ହୋଇ କିପରି ସଂପର୍କରେ ତିକ୍ତତା ସୃଷ୍ଟି ହୁଏ ତାହାର ଚିତ୍ର ମଧ୍ୟ ଲିପିକା ଓ ଡାକ୍ତର ଚୌଧୁରୀଙ୍କ ମଧ୍ୟରେ ଦେଖିବାକୁ ମିଳେ ।

କାଲାନ୍‌ଗୁଟେ ବିଚ୍ ହେଉଛି ବେଳାମାଳିନୀ ଗୋଆର ସବୁଠାରୁ ଲାବଣ୍ୟମୟୀ ବେଳାଭୂମି । କାଲାନ୍‌ଗୁଟେ ସମୁଦ୍ର ବେଳାର ଖୁବ୍ ଅଳ୍ପ ଦୂରରେ ଅଞ୍ଜୁନା । ଅଞ୍ଜୁନା ସମୁଦ୍ର କୂଳିଆ ଗ୍ରାମର ନାମ । ୟୁରୋପ୍, ଆମେରିକାର ସମାଜ-ବିଦ୍ରୋହୀ, କିଶୋର-କିଶୋରୀ, ତରୁଣ-ତରୁଣୀମାନଙ୍କ ଗ୍ରାମ୍ୟ ଉପନିବେଶ । ଏଠାରେ ହୋଟେଲ୍, ଟୁରିଷ୍ଟ କଟେଜ୍ ଅଳ୍ପ ଟଙ୍କାରେ ମିଳିଯାଏ । ହିପ୍ପି, ହିପ୍ପିଣୀମାନଙ୍କ ଆଗମନ ଯୋଗୁଁ ସମୁଦ୍ରକୁ ଜାଲ ନେଇ ମାଛ ଧରିବାକୁ ଯାଉଥିବା ଧୀବର, କ୍ଷେତକୁ ଯାଉଥିବା କୃଷକ ନିଜର କୌଳିକ ବ୍ୟବସାୟ ଛାଡିଦେଇ ଦୋକାନ ଖୋଲି ବସିଲେ । ଚୋରା ନିଶା ବଟିକା, ଫେନି ମଦର କାରବାର ମଧ୍ୟ ଗଢି ଉଠିଲା । ଅଞ୍ଜୁନାର ଗ୍ରାମୀଣ ସଂସ୍କୃତିରେ ଅନୁପ୍ରବେଶ କଲା ସହରୀ ସଭ୍ୟତାର କୃତ୍ରିମତା, ଜଟିଳତା । ପରେ ବିଦେଶିନୀମାନଙ୍କ ନଗ୍ନତାକୁ ବିରୋଧ କରି ଗ୍ରାମର ଲୋକମାନେ ପ୍ରବେଶ ପଥରେ ଲଗେଇଲେ ନୂତନ ସାଇନ୍ ବୋର୍ଡ଼ । 'NUDISIM PROHIBITED' ନଗ୍ନତା ନିଷେଧ । ହିପ୍ପିମାନେ ଗୋଆକୁ ବହୁ ସଂଖ୍ୟାରେ ଆସିବା ପରେ ଗୋଆର ପର୍ତ୍ତୁଗୀଜ୍ ପ୍ରଭାବିତ ସଂସ୍କୃତିରେ ବେଶି ଅଦଳବଦଳ ହେଉ କି ନହେଉ ଅର୍ଥନୀତିରେ ପରିବର୍ତ୍ତନ ଦେଖାଦେଇଥିଲା ।

ବିଦେଶୀମାନଙ୍କର ଭାରତୀୟ ଆଧ୍ୟାତ୍ମିକତା ପ୍ରତି ଗଭୀର ସମ୍ମାନ ଦେଖିବାକୁ ମିଳିଛି । ୟୁରୋପ, ଆମେରିକାର ସମାଜ- ବିଦ୍ରୋହୀ ଓ ବିଦ୍ରୋହୀମାନେ ଭାରତ ଆସି ଭାରତୀୟ ସଂସ୍କୃତିକୁ ଆପଣେଇ ହରେକୃଷ୍ଣ ହରେରାମ ସଂକୀର୍ତ୍ତନରେ ମଜି ଯାଇଛନ୍ତି । ଗେରୁଆ ରଙ୍ଗର ଆଣ୍ଠୁଲୁଚା ଲୁଗା, ଛାତି ମୁଣ୍ଡରେ ତିଳକ ଚିତା, ରୁଦ୍ରାକ୍ଷମାଳ ସାଙ୍ଗକୁ ମୃଦଙ୍ଗ ବଜାରେ ତଲ୍ଲିନ ହୋଇଯାଇଛନ୍ତି । ଏ ଦୃଶ୍ୟ ଦେଖି ଲେଖକ ବିମୋହିତ ହୋଇଛନ୍ତି ଏବଂ ଦୁଃଖ ପ୍ରକାଶ କରି କୁହନ୍ତି ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ବିସ୍ତାର ଫଳରେ ଭାରତୀୟମାନଙ୍କ ମନରୁ ଏହି ଧର୍ମଭାବନା କ୍ରମଶଃ ଲୋପ ପାଇ ଯିବାକୁ ବସିଥିବାବେଳେ ପାଶ୍ଚାତ୍ୟ ଦେଶର ଏହି ସମାଜ-ବିଦ୍ରୋହୀମାନେ ସେହି ଆଧ୍ୟାତ୍ମିକ ଚିନ୍ତାକୁ ଆଉଥରେ ଜୀବନ୍ୟାସ ଦେଉଛନ୍ତି । ଏହି ଉପନ୍ୟାସରେ ଔପନ୍ୟାସିକ ଗୋଆର ଇତିହାସ, ସମାଜ, ସଂସ୍କୃତି, ଲୋକକଥା, କିମ୍ବଦନ୍ତୀ, ପ୍ରାକୃତିକ ସୌନ୍ଦର୍ଯ୍ୟ ଆଦିକୁ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି ।

## ସଂଯୁକ୍ତା ରାଉତ : କ୍ଷଣିକ ଉତ୍ତାପରୁ ଅନନ୍ତ ଶୀତଳତା(୧୯୯୨)

'କ୍ଷଣିକ ଉତ୍ତାପରୁ ଅନନ୍ତ ଶୀତଳତା ଉପନ୍ୟାସରେ ସମାନ୍ତରାଳ ଭାବେ ଭ୍ରମଣର ନାନ୍ଦନିକତା ସହିତ ଉପନ୍ୟାସର କାହାଣୀଭାଗ ସନ୍ତୁଳିତ ହୋଇ ପ୍ରଦର୍ଶିତ ହେଇଛି । ଔପନ୍ୟାସିକା ସଂଯୁକ୍ତା ରାଉତ ଉପନ୍ୟାସର 'ଭୂମିକା'ରେ 'ଆଣ୍ଡାମାନ ଭ୍ରମଣ ସମୟରେ ସେଠାକାର ଭୌଗୋଳିକ ପରିବେଶରେ ବିତେଇଥିବା ମୁହୂର୍ତ୍ତସବୁକୁ ଏଥିରେ ଉଲ୍ଲେଖ କରିଛନ୍ତି । କଥାକାର ସଂଯୁକ୍ତା ରାଉତଙ୍କର 'କ୍ଷଣିକ ଉତ୍ତାପରୁ ଅନନ୍ତ ଶୀତଳତା' ପୂର୍ଣତଃ ଏକ ଭ୍ରମଣଧର୍ମୀ ଡାଏରୀ ଉପନ୍ୟାସ । ଔପନ୍ୟାସିକାଙ୍କ ପ୍ରଥମ ଆଣ୍ଡାମାନ ଭ୍ରମଣ ଜନିତ ଅନୁଭବକୁ 'ଚିଠି' ଓ 'ଡାଏରୀ' ଶୈଳୀରେ ଏକ ମାସର କାହାଣୀକୁ ପରଶିଛନ୍ତି । ଏହାକୁ ଡିସେମ୍ବର ୧ ତାରିଖରୁ ଡିସେମ୍ବର ୩୧ ତାରିଖର ସମୟ ଖଣ୍ଡ ଭିତରେ ସନ୍ଦିପ୍, କବିତା, ନନ୍ଦା ମଧ୍ୟରେ ପ୍ରେମ ଓ ଟ୍ରାଜେଡ଼ିର ସମ୍ମିଶ୍ରିତ ଫିକ୍‌ସନ ସାଙ୍ଗକୁ ଆଣ୍ଡାମାନ୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟ, ବୋଟ୍‌ରେ ଜଳଯାତ୍ରା, ସମୁଦ୍ରର ବିସ୍ତୀର୍ଣ୍ଣ ବାଲୁକା ରାଶି ଆଦି ଅପରୂପ ଆଣ୍ଡାମାନ ସ୍ମୃତି ଏହି ଉପନ୍ୟାସକୁ ଅଧିକ ଜୀବନ୍ତ କରିଚି । । ସମଗ୍ର ଉପନ୍ୟାସଟି ଡାଏରୀ ଶୈଳୀରେ 'ନନ୍ଦା' ଉଦ୍ଦେଶ୍ୟରେ ଲିଖିତ ହୋଇଚି ।

ଉପନ୍ୟାସ ଭିତରେ କବିତା, ନନ୍ଦା, କୁଲ୍‌କର୍ଣ୍ଣୀ, ସନ୍ଦୀପ୍, ଜୀବନ ଷଡ଼ଙ୍ଗୀ, ଅମରେନ୍ଦ୍ର ପଟ୍ଟନାୟକ, ସୁମିତ୍ରା ଆଦି ଚରିତ୍ର ଭଳି ଆଣ୍ଡାମାନ ମଧ୍ୟ ନିଜେ ଗୋଟେ ଚରିତ୍ର । ସନ୍ଦୀପ୍ ଓ କବିତାର ଆଣ୍ଡାମାନ ଆଗମନ ଓ ନନ୍ଦାକୁ ସନ୍ଦୀପ୍‌ର ଚିଠିଲେଖାରୁ ହିଁ ଉପନ୍ୟାସର ଆରମ୍ଭ ହୋଇଚି । ଉପନ୍ୟାସର ନାୟିକା କବିତା ପୂର୍ବରୁ ଥରେ ଆଣ୍ଡାମାନ ଦ୍ୱୀପକୁ ଆସିଥିଲା ଏବଂ ସେଠାକାର କନ୍‌ଭେଣ୍ଟ ସ୍କୁଲ୍‌ରେ କିଛି ବର୍ଷ ଚାକିରି କରିଥିଲା । ବର୍ତ୍ତମାନ କବିତା ବ୍ଲଡ୍ କ୍ୟାନ୍‌ସର୍‌ରେ ପୀଡିତା । ଆଉ ଏକ ମାସ ମଧ୍ୟରେ ମୃତ୍ୟୁକୁ ଆବୋରି ନେବା ପୂର୍ବରୁ ଆଉ ଥରେ ଆଣ୍ଡାମାନକୁ ଦେଖିବାର ସ୍ୱପ୍ନକୁ ସାକାର କରିବା ନିମନ୍ତେ ସନ୍ଦୀପ୍ ସହ ଆଣ୍ଡାମାନ୍ ଆସିଛି । ଏହା ହିଁ ଉପନ୍ୟାସର କଥାବସ୍ତୁ ।

ସନ୍ଦୀପ କଲେଜ ଜୀବନରେ ଭଲ ପାଇଚି ନନ୍ଦାକୁ । ଆଇଏଏସ୍ ହେବାପରେ ନନ୍ଦାକୁ ସନ୍ଦୀପ୍ ବିବାହ କରଛି । ବିବାହର କିଛିଦିନ ପରେ ବମ୍ବେରେ ରହିଥିବାବେଳେ ନନ୍ଦାର ଉଚ୍ଛୃଙ୍ଖଳିତ ଜୀବନଶୈଳୀ, ମଡ଼େଲ୍ ହେବାର ନିଶାକୁ ଲକ୍ଷ୍ୟ କରଛି ସନ୍ଦୀପ୍ । ସନ୍ଦୀପ୍‌ର ବାରମ୍ବାର ମନା କରିବା ସତ୍ତ୍ୱେ ନନ୍ଦା ଅମରେନ୍ଦ୍ର- କୂଲକର୍ଣ୍ଣୀ- ଜୀବନ ମାଲହୋତ୍ରା ଭଳି ଲୋକଙ୍କ ସହିତ ଘନିଷ୍ଠତା ହୋଇଛି । ମଡେଲ୍ ପାଇଁ ସନ୍ତାନ

ଜନ୍ମପ୍ରତି ଅନିଚ୍ଛା ପ୍ରକାଶ ପାଇଛି ନନ୍ଦାର । ଫଳରେ ଉଭୟଙ୍କ ସମ୍ପର୍କରେ ଦେଖାଦେଇଛି ତିକ୍ତତା । ଉଭୟଙ୍କର ଡିଭୋର୍ସ ମାଧ୍ୟମରେ ବିଚ୍ଛେଦ ଘଟିଚି । ଅନ୍ୟପଟେ ସନ୍ଦୀପର ବନ୍ଧୁ ସୁବୋଧର ଭଉଣୀ କବିତା; ଯିଏ କି ଦୀର୍ଘବର୍ଷ ଧରି ଭଲପାଇ ଆସିଚି ସନ୍ଦୀପକୁ– ହେଲେ ମୁହଁ ଖୋଲି ପ୍ରକାଶ କରିନାହିଁ । ଅପର ପକ୍ଷରେ କବିତାର ଭାଇ ସୁବୋଧ ଆମେରିକାରେ ଡୋନା ନାମ୍ନୀ ଆମେରିକୀୟ ସୁନ୍ଦରୀକୁ ବିବାହ କରି ସବୁଦିନ ପାଇଁ ରହିଯାଇଛି ଆମେରିକାରେ । ସୁବୋଧର ଘର ପ୍ରତି ବିମୁଖତାରେ ଦୋହଲି ଯାଇଚି ପରିବାରର ଆର୍ଥିକ ପରିସ୍ଥିତି । ଘରେ ପାରାଲିସିସ୍‌ଗ୍ରସ୍ତ ପିତା ପାଇଁ କବିତାକୁ ଚାକିରି କରିବାକୁ ପଡ଼ିଚି । କବିତାର ଏହି ଚାକିରି କାଳରେ ଆଣ୍ଡାମାନ୍‌ରେ ବିତେଇ ଥିବା ଚାରିବର୍ଷ ହିଁ ହୋଇଯାଇଚି ସମଗ୍ର ଜୀବନର ମହତ୍ତ୍ୱପୂର୍ଣ୍ଣ ସମୟ । ଭାଗ୍ୟର ବିଡ଼ମ୍ବନା କବିତା ଭିତରେ ଦେଖାଦେଇଚି ମାରାତ୍ମକ କ୍ୟାନ୍‌ସର । କବିତାକୁ ଡାକ୍ତର ଗୋଟିଏ ମାସ ସମୟ ଦେଇଛି । ନନ୍ଦା ପାଖରୁ ସନ୍ଦୀପ୍ ବିତାଡ଼ିତ ହେବା ପରେ ଭାଙ୍ଗିପଡ଼ିଚି ସନ୍ଦୀପ । ମାନସିକ ଅଶାନ୍ତି ଓ ଅବସାଦରେ ଚାକିରି ଛାଡ଼ିଦେବା ହିଁ ତାକୁ ଉଚିତ୍ ମନେହୋଇଛି । ସଂଯୋଗବଶତଃ ତା'ର ସାକ୍ଷାତ୍ ହୋଇଚି କବିତା ସହିତ । କ୍ରମଶଃ ସମ୍ପର୍କ ହୋଇଚି ଘନିଷ୍ଠ; ଉଭୟ ଆପଣେଇ ନେଇଛନ୍ତି ଉଭୟଙ୍କ ଦୁଃଖକୁ । କବିତାର କର୍କଟ ଆକ୍ରାନ୍ତ ରୁଗ୍ଣ କ୍ଷୟିଷ୍ଣୁ ଜୀବନରେ ସହାୟକ ସାଜିଚି ସନ୍ଦୀପ; ଦେଇଚି ଅନୁରାଗର ଆଶ୍ରୟ । ମୃତ୍ୟୁ ପୂର୍ବରୁ ପୁଣିଥରେ କବିତାର ଆଣ୍ଡାମାନ ଦେଖିବାର ସ୍ୱପ୍ନକୁ ସାକାର କରାଇଚି ।

ପରବର୍ତ୍ତୀ ସମୟରେ ସନ୍ଦୀପ ଜାଣିପାରିଚି ଯେ କବିତା କାହିଁକି ବାହା ହୋଇନାହିଁ । ଆଉ କବିତାର ପ୍ରେମିକ ଜଣକ କିଏ ? ଅତୀତରେ ଉଭୟେ ଉଭୟଙ୍କୁ ପସନ୍ଦ କରି ଥିଲେ । କବିତା ଯେଉଁଭଳି କଥାଟି ଗୁପ୍ତ ରଖିଥିଲା; ଠିକ ସେହିଭଳି ସନ୍ଦୀପର ସଂଗୁପ୍ତ ମନରେ ଥିଲା କବିତା । କବିତା, ବିବାହ କରାଇବାରେ ସଂକଳ ହୋଇଚି ଡାକ୍ତର ଅମର ଓ ରୋଜିକୁ । କାରଣ ଅମର ଓ ରୋଜି ଭଲପାଇବାର ଅତୀତର ସାକ୍ଷୀ ନିଜେ ଥିଲେ କବିତା । ଉପନ୍ୟାସର ଶେଷ ଡାଏରୀର ଫର୍ଦ୍ଦ ହେଉଛି ଡିସେମ୍ବର ୩୧ ତାରିଖ ଯାହା କବିତା ପାଇଁ ଅନ୍ତିମ ଦିନ । ସେଇଦିନ ଦୁଇଦୁଇଟି ବିବାହ ଅନୁଷ୍ଠିତ ହୋଇଛି– 'ଅମର-ରୋଜି' ଏବଂ 'ସନ୍ଦୀପ-କବିତା । ଏଇ ଦିନଟି ହିଁ ତା'ର ସମଗ୍ର ଜୀବନର ଆୟୁଷ କାଳ । ବିବାହ ପୂର୍ବରୁ ସନ୍ଦୀପ ତାଙ୍କ ବାପା-ମା' ତଥା ଅନ୍ୟମାନଙ୍କୁ ଆଣ୍ଡାମାନ୍‌କୁ ଅଣାଇଛନ୍ତି । ସମସ୍ତଙ୍କ ଗହଣରେ ବିବାହ କରିବା ସହିତ ନୂଆବର୍ଷକୁ ଅଭିନନ୍ଦନ କରିଛନ୍ତି ।

### ରାଧାନାଥ ରଥ : ସାଗର ସେପାରେ(୧୯୯୬)

'ସାଗର ସେପାରେ' ଭ୍ରମଣ ଉପନ୍ୟାସଟି ରାଧାନାଥ ରଥଙ୍କ ୧୯୪୬ ଅଗଷ୍ଟ ମାସଠାରୁ ୧୯୪୯ ମାର୍ଚ୍ଚ ପର୍ଯ୍ୟନ୍ତ ମନୋବିଜ୍ଞାନରେ ଗବେଷଣା କରିବା ଉଦ୍ଦେଶ୍ୟରେ ଲଣ୍ଡନ ରହଣିକୁ ନେଇ ରଚିତ । ଔପନ୍ୟାସିକ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଇଂଲଣ୍ଡର ସଭ୍ୟତା, ସଂସ୍କୃତି ଓ ମଣିଷର ଜୀବନ ସହିତ ପରିଚିତ ହେବା ଏବଂ ସେମାନଙ୍କର ମାନସିକ ଅବସ୍ଥାକୁ ଜାଣିବାକୁ ଥିଲେ ବେଶ୍ ଇଚ୍ଛୁକ ।

୧୯୪୬ ଅଗଷ୍ଟ ମାସଠାରୁ ୧୯୪୯ ମାର୍ଚ୍ଚ ପର୍ଯ୍ୟନ୍ତ ମନୋବିଜ୍ଞାନରେ ଗବେଷଣା କରିବା ଉଦ୍ଦେଶ୍ୟରେ ଲଣ୍ଡନରେ ଥିବା ସମୟରେ ଇଂରେଜ ମାନଙ୍କର ସାମାଜିକ, ପାରିବାରିକ ଜୀବନ ବିଷୟରେ ଜାଣିବା ପାଇଁ ବେଶ୍ ଆଗ୍ରହୀ ଥିଲେ । ସେଥିପାଇଁ ସେ ନାନା ଭାବରେ ମିଶୁଥିଲେ । ପାଶ୍ଚାତ୍ୟ ସଭ୍ୟତାର ଏକ ପ୍ରଣମ୍ୟ ତୀର୍ଥ ହେଉଛି ଲଣ୍ଡନ । ଏହାର ଅଧିବାସୀଙ୍କର ଚାଲିଚଳଣି ସହିତ ପରିଚିତ ହେବା ପାଇଁ ଔପନ୍ୟାସିକଙ୍କର ଥିଲା ଅଦମ୍ୟ କୌତୂହଳ । ବିଶ୍ୱମାନବିକତା ସହିତ ଅନ୍ତରଙ୍ଗ ପରିଚୟ ପାଇବା ଲାଗି ଏହା ଥିଲା ତାଙ୍କର – ଆନ୍ତରିକ କାମନା । ତେଣୁ କୌଣସି ହଷ୍ଟେଲରେ ନ ରହି ଇଂଲଣ୍ଡର ପ୍ରସିଦ୍ଧ ପାରିବାରିକ ଅତିଥି ଭାବରେ ରହିବା ପାଇଁ ମନସ୍ଥ କରିଥିଲେ । ଗୋଟିଏ ସଂଭ୍ରାନ୍ତ ଇଂରେଜ ପରିବାର ଔପନ୍ୟାସିକଙ୍କୁ ଅତିଥି ହିସାବରେ ଗ୍ରହଣ କରିବା ତାଙ୍କ ପାଇଁ ଗୌରବର କଥା । ଦିନେ ସେମାନେ ଉଚ୍ଚ ବର୍ଗୀୟ ଇଂରେଜ ପରିବାର ଥିଲେ; କିନ୍ତୁ ନାନା କାରଣରୁ ସେମାନଙ୍କର ଆର୍ଥିକ ଅନଟନ ଦେଖାଦେଇଥିଲା । ତେଣୁ ସେମାନେ ଜଣେ ଦୁଇଜଣ ଅତିଥି ଘରେ ରଖୁଥିଲେ । ଅତିଥିମାନେ ରହିବା ଖାଇବା ଖର୍ଚ୍ଚ ପ୍ରତି ସପ୍ତାହରେ ଦେଉଥିଲେ । ଏହା ଯେଉଁ ପରିବାରର ବହୁ ବର୍ଷ ଧରି ଅର୍ଥକାରୀ ବ୍ୟବସାୟରେ ପରିଣତ ହୋଇଯାଇଥିଲା, ସେମାନେ କେବଳ ଆର୍ଥିକ ଦେଣ ନେଣ ବିନିମୟରେ ଅତିଥିମାନଙ୍କର ଖାଇବା ପିଇବା ରହିବା କଥା ବୁଝୁଥିଲେ –କିନ୍ତୁ ଅତିଥିମାନଙ୍କ ସହିତ ସେପରି କୌଣସି ବ୍ୟକ୍ତିଗତ ଗଭୀର ସଂପର୍କ ରଖୁ ନଥିଲେ । ଔପନ୍ୟାସିକ ଯେଉଁ ପରିବାରରେ ରହିଥିଲେ, ତାହା ଅନ୍ୟ ଧରଣର ଥିଲା । ଏମାନେ ଅଳ୍ପ କିଛି ବର୍ଷ ହେଲା ନିଜର ରକ୍ଷଣାବେକ୍ଷଣର ସାମାନ୍ୟ କିଛି ଅଂଶ ଉଠାଇବା ଲାଗି ଜଣେ ଦି'ଜଣ ଅତିଥି ରଖୁଥିଲେ । ଏହି ପରିବାରରେ ମାତ୍ର ଦୁଇଜଣ ମହିଳା ଥିଲେ— ବର୍ଷୀୟସୀ ମା ମିସେସ୍ ହାର୍ଭେ । ଏବଂ ତାଙ୍କର ଏକମାତ୍ର ଯୁବତୀ ଝିଅ ଟିନା । । ଏମାନେ ଇଂଲଣ୍ଡର ସଂଭ୍ରାନ୍ତ ଶ୍ରେଣୀର ଗୋଟିଏ ରକ୍ଷଣଶୀଳ ପରିବାର ଥିଲେ । ଏମାନଙ୍କ ସହିତ କ୍ରମେ ଔପନ୍ୟାସିକଙ୍କର ଗଭୀର ଆନ୍ତରିକତା ସୃଷ୍ଟି ହୋଇଥିଲା । ଏମାନଙ୍କର ସୁଖ ଦୁଃଖ ସହିତ ଔପନ୍ୟାସିକ ଏପରି ଗଭୀର ଭାବରେ ଜଡିତ ହୋଇଥିଲେ ଯେ ତାଙ୍କର ସାମଗ୍ରିକ ଜୀବନ ଅନୁଭୂତି ଭିତରେ ସେମାନେ ଗୋଟିଏ ଆବଶ୍ୟକୀୟ ସ୍ଥାନ ଅଧିକାର କରିଥିଲେ । ଔପନ୍ୟାସିକ ପରବର୍ତ୍ତୀ ସମୟରେ ଟିନାର ସାଙ୍ଗ ନିନା ସହିତ ଯୋଡ଼ି ହୋଇଛନ୍ତି । ଏମାନଙ୍କ ସହିତ ଏବଂ ଏମାନଙ୍କ ମାଧ୍ୟମରେ ଆଉ କେତେଜଣ ଇଂରେଜ ନରନାରୀଙ୍କ ସହିତ

ଯେଉଁ ଅନ୍ତରଙ୍ଗ ଅନୁଭୂତି ହେଲା, ତାହା ତାଙ୍କର ମହାମାନବୀୟ ଦୃଷ୍ଟିକୋଣକୁ ପ୍ରସାରିତ କରିଦେଇଥିଲା ।

ଔପନ୍ୟାସିକ ନୀଟା ଓ ନିନା ଉଭୟଙ୍କ ସହ ଥିଲେ ବେଶ୍ ପରିଚିତ । ଏଇ ଦୁଇଟି ଚରିତ୍ର ଔପନ୍ୟାସିକଙ୍କ ମନକୁ କିପରି ଆନ୍ଦୋଳିତ କରିଛି ସେ ସମ୍ପର୍କରେ କୁହନ୍ତି- "ନୀଟା ବିଷୟରେ ଲେଖୁ ଲେଖୁ ତାର ବାନ୍ଧବୀ ନିନା ମଧ୍ୟ ମୋ ପରିବାରକୁ ଆସିଗଲା । ତାର ବ୍ୟକ୍ତିତ୍ୱ ମଧ୍ୟ ନୀଟା ପରି ଅତ୍ୟନ୍ତ ଛବିଳ ଥିଲାଓ ଉପନ୍ୟାସରେ ନିନା ଚରିତ୍ର ମ୍ନ ଏପରି ତେଜସ୍ୱିନୀ ହୋଇ ଉଠିଲା ଯେ ସେ ନୀଟାକୁ ବେଳେବେଳେ ନିଷ୍ପ୍ରଭ କରି ଦେଲା ପରି ଜଣାଗଲା । ଏହି ଦୁଇଟି ନାରୀ ଦ୍ୱିତୀୟ ମହାଯୁଦ୍ଧ ପର ଇଂରେଜ ସାମାଜିକ ଜୀବନର ଦୁର୍ଦ୍ଦମନୀୟ ମହାସ୍ରୋତର ଦୁଇଟି ବିରାଟ ନାରୀ ଚରିତ୍ର –ଯୁଦ୍ଧକାଳୀନ ବିଭୀଷିକାମୟ ଦୁର୍ଦ୍ଦିନ ଭିତରେ ଗଢ଼ି ଉଠିଥିବା ଦୁଇଟି ଅଶାନ୍ତ ଜୀବନ । ଭାରତରେ ଆମେମାନେ ବହୁ ବାଧା ବିଘ୍ନ ଭିତର ଦେଇ ଗତି କରୁଥିଲେ ମଧ୍ୟ ଯୁଦ୍ଧ ସମୟରେ ଜୀବନ ମୃତ୍ୟୁ ସହିତ ସଂଗ୍ରାମଶୀଳ ଦୁଇଟି ନାରୀ ସେମାନଙ୍କର ପ୍ରିୟଜନଙ୍କୁ ହରାଇ, ନାରୀତ୍ୱ ହରାଇ କିପରି ନିଃସଙ୍ଗ ଓ ନିରାଶ୍ରୟା ହୋଇ ପଡ଼ିଥିଲେ ଏବଂ ସେମାନଙ୍କର ଜୀବନଧର୍ମ କିପରି ଉଦ୍‌ଭ୍ରାନ୍ତ ହୋଇ ପଡ଼ିଥିଲା –ତାହା ବର୍ଣ୍ଣନାତୀତ ।"(୨) ଔପନ୍ୟାସିକ ଏଥିରେ ଇଂଲଣ୍ଡର ଦ୍ୱିତୀୟ ବିଶ୍ୱଯୁଦ୍ଧପରର ମଣିଷର ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି ଚରିତ୍ରମାନଙ୍କ ମଧ୍ୟରେ ଦେଖାଦେଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱକୁ ଗୁରୁତ୍ୱ ଦେବା ସହିତ ଇଂଲଣ୍ଡର ସମାଜ, ସଂସ୍କୃତି, ରାଜନୀତି, ଏବଂ ବିଭିନ୍ନ ପାର୍କ, ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ନଦନଦୀ, ହ୍ରଦ, ପାହାଡ଼, ଅରଣ୍ୟ ଆଦିକୁ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ।

### ଶାନ୍ତନୁ କୁମାର ଆଚାର୍ଯ୍ୟ: ତୃଷ୍ଣା-ଏକ ଅନାବିଷ୍କୃତ ଆମେରିକା(୧୯୯୯)

ତୃଷ୍ଣା ଏକ ଅନାବିଷ୍କୃତ ଆମେରିକା ହେଉଛି ଏକ ଭ୍ରମଣ ଉପନ୍ୟାସ । ଆମେରିକା ବୁଲିବାକୁ ନେଇ ଏ ଭ୍ରମଣ ଉପନ୍ୟାସର ସୃଷ୍ଟି ବୋଲି ଲେଖକ ପୁସ୍ତକର ପୂର୍ବାଭାସରେ କୁହନ୍ତି । ଉପନ୍ୟାସଟି ୧୨ଟି ପରିଚ୍ଛେଦରେ ବିଭକ୍ତ । ଯଥା- ଦିଲ୍ଲୀରୁ ଲଣ୍ଡନ୍, ଲଣ୍ଡନରୁ ନିୟୁର୍କ, ଗ୍ଲାସଟନବରି, ଗ୍ଲାସଟନବରିରୁ କ୍ୟାଣ୍ଟନ୍, ନାଏଗ୍ରା- ଦର୍ଶନ, ନାଏଗ୍ରାରୁ ଗ୍ଲାସଟନବରି, ସିନସିନାଟ, ଇଣ୍ଡିଆନାରୁ ସେଣ୍ଟ ଲିୟନ୍, ସିନ୍‌ସିନାଟିରୁ ଗ୍ଲାସଟନ୍‌ବରି, ଗ୍ଲାସଟନ୍‌ବରିରୁ ନ୍ୟାସଭିଲ୍, ମାମଥ୍‌କେଭ୍, କେଣ୍ଟକୀ, ଫ୍ରାଙ୍କଲିନ୍‌ରୁ ଗ୍ଲାସଟନ୍‌ବରି, ଉଜାଣି ଢେଉ, ପୁଣି ସେଇ ନ୍ୟୁୟର୍କ ବିମାନବନ୍ଦର ଚାରିମାସ ପରେ ।

ଲେଖକ ୧୯୯୭ ପୂର୍ବରୁ ୧୯୯୩ରେ ଥରେ ଆମେରିକା ଯାଇଛନ୍ତି ଓ ଦେଖିଛନ୍ତି ଆମେରିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ନଦନଦୀ, ହ୍ରଦ, ଜଳ ପ୍ରପାତ, ସୁଉଚ୍ଚ ପର୍ବତଶ୍ରେଣୀ ଏବଂ ଘଞ୍ଚ ଅରଣ୍ୟକୁ । ଆମେରିକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରାଚୁର୍ଯ୍ୟ, ବୈଭବ ଲେଖକଙ୍କୁ ଅଭିଭୂତ କରିଛି । ଲେଖକ ଆମେରିକାକୁ ଦ୍ୱିତୀୟ ଥର ଭ୍ରମଣ କରିବାବେଳେ ମହାପ୍ରକୃତିକୁ ଦର୍ଶନ କରିବା ସହିତ ଦେଖିଛନ୍ତି ମଣିଷକୁ, ମଣିଷର ମନକୁ, ମଣିଷ ପ୍ରକୃତିକୁ । ସେଇ ମଣିଷ ଆଉ କିଏ ନୁହେଁ, ବରଂ ଆମେରିକାରେ ବସବାସ କରୁଥିବା ଭାରତୀୟ ଓ ଭାରତୀୟ ସନ୍ତାନମାନଙ୍କର ମନୋବିଶ୍ଳେଷଣର ରୂପରେଖକୁ । ଯିଏକି ବସ୍ତୁବାଦୀ ଆମେରିକୀୟ ସଂସ୍କୃତିକୁ ଆବୋରି ନେଇଛନ୍ତି । ଭାରତୀୟ ହୋଇ ଭାରତୀୟ ଲୋକଙ୍କୁ ଘୃଣିତ ଦୃଷ୍ଟିରେ ଦେଖିଛନ୍ତି, ଭାରତୀୟ ବୋଲି ପରିଚୟ ଦେବାରେ କୁଣ୍ଠାବୋଧ ମଧ୍ୟ କରିଛନ୍ତି ।

ଉପନ୍ୟାସର ଆରମ୍ଭରୁ ରହିଛି ଆମେରିକା ଯାତ୍ରା ଜନିତ ଅନୁଭୂତି ଓ ନାୟିକା ତୃଷ୍ଣାର ବୈବାହିକ ଜୀବନ ଯାତ୍ରା । ଲେଖକ ଉଭୟ ଭାରତ ଓ ଆମେରିକାକୁ ଏକତ୍ର ସମାନ୍ତରାଳ ଭାବେ ଦେଖିଛନ୍ତି । ଭାରତରୁ ହିଁ ପ୍ଲେନ୍‌ରେ ଯିବାବେଳେ ନ୍ୟୁୟର୍କରେ ରହୁଥିବା ହାର୍ଟ ସ୍ପେସିଆଲିଷ୍ଟ ସର୍ଜନ ଚୈତନ୍ୟ ମିଶ୍ର, ତାଙ୍କ ପତ୍ନୀ ସୁଶୀଳା ମିଶ୍ର, ଡାକ୍ତରୀର ଶେଷ ବର୍ଷରେ ପଢୁଥିବା ଝିଅ ତୃଷ୍ଣା ଏବଂ ତା'ର ସ୍ୱାମୀ ଡାକ୍ତର ଦାମୋଦର ଷଡ଼ଙ୍ଗୀଙ୍କ ସହ ଯୋଡ଼ି ହୋଇ ଯାଇଛନ୍ତି ଔପନ୍ୟାସିକ ଏବଂ ତାଙ୍କ ଧର୍ମପତ୍ନୀ । ଏଥିରେ ଔପନ୍ୟାସିକ 'କଲ୍‌ଚରାଲ ସକ୍' ପ୍ରସଙ୍ଗର ଅବତାରଣା କରଛନ୍ତି ଏବଂ ତା'ର ଉଦାହରଣ ଭାବେ ଚୈତନ୍ୟବାବୁଙ୍କ ଝିଅ ତୃଷ୍ଣା ଓ ଜ୍ୱାଇଁ ଦାମୋଦର ସଂପର୍କକୁ ଦର୍ଶେଇଛନ୍ତି । ଯେଉଁଠି ଆମେରିକାରେ ଜନ୍ମିତ ଭାରତୀୟ ତୃଷ୍ଣା ଓ ଭାରତରେ ଜନ୍ମିତ ଦାମ ଭିତରେ ଥିବା ଭିନ୍ନତା ଓ ସାଂସ୍କୃତିକ ବିସମତାକୁ ଔପନ୍ୟାସିକ ବେଶ୍ ସୂକ୍ଷ୍ମତାର ସହ ବିଶ୍ଳେଷଣ କରିଛନ୍ତି ।

ଏହି ଉପନ୍ୟାସରେ ଆମେରିକାରେ 'ପାନ'କୁ କିଭଳି ଡ୍ରଗ ଭାବେ ବିଚାର କରାଯାଏ ତା'ର ବିଶଦ ବର୍ଣ୍ଣନା, ବିଅର କଲ୍‌ଚର, ଆମେରିକାରେ ଭିସା ପାଇଁ ଭାରତୀୟଙ୍କର ସଂଘର୍ଷ, ଆମେରିକାରେ ପିତୃପରିଚୟ ପରିବାର ନକରାତ୍ମକତା; ଆମେରିକା ଓ ଭାରତୀୟ ଶିକ୍ଷାର ତୁଳନାତ୍ମକ ଅନୁଶୀଳନ କଥା ବର୍ଣ୍ଣିତ । ଆମେରିକାରେ ଜନ୍ମିତ ଭାରତୀୟ ଏବଂ ଭାରତରେ ଜନ୍ମିତ ଭାରତୀୟଙ୍କର ଆମେରିକାରେ ଅବସ୍ଥାନ ଭିତରେ ଥିବା କଲ୍‌ଚରାଲ ଡିଫରେନ୍ସକୁ ପ୍ରତିନିଧିତ୍ୱ କରିଥିବା ଚରିତ୍ର ହେଲେ ତୃଷ୍ଣା ଓ ଦାମ । ଆମେରିକାରେ ଦୁଇ ପ୍ରକାର ଭାରତୀୟଙ୍କ ଭିତରେ ସାଂସ୍କୃତିକ ବ୍ୟବଧାନ ଦେଖିବାକୁ ମିଳେ । "ପ୍ରଥମ ଶ୍ରେଣୀର ଭାରତୀୟ ନିଜ ସଂସ୍କୃତିକୁ ଜାବୁଡ଼ି ଧରିବାରେ ବ୍ୟସ୍ତ, ଗର୍ବିତ । ଫଳସ୍ୱରୂପ ଦେଖାଯାଏ ଆମେରିକାର ପ୍ରତ୍ୟେକ ସ୍ଥାନରେ ଜଗନ୍ନାଥ ମନ୍ଦିର, ନ୍ୟାସ୍‌ଭିଲ୍‌ର ରଥଯାତ୍ରା, ଇସକନ୍, ବ୍ରାହ୍ମଣ ସନ୍ତାନର ବ୍ରତୋପନୟନ, ବୈଦିକ ରୀତିରେ ବିବାହ, ଗ୍ରହଶାନ୍ତି ପୂଜା, ପୂଜା

ପର୍ବ ପାଳନ, ଉପବାସ ଆଦିରେ ନୈଷ୍ଠିକତା । ଅପରପକ୍ଷେ ଦ୍ୱିତୀୟ ଶ୍ରେଣୀ ଭାରତୀୟଙ୍କର ହୀନମନ୍ୟତା, ଭାରତୀୟ ବୋଲି ପରିଚୟ ଦେବାରେ ଲଜ୍ଜାବୋଧ ସେମାନଙ୍କୁ ଏକ ତୃତୀୟ ଶ୍ରେଣୀର ଆମେରିକୀୟରେ ପରିଣତ କରୁଛି । ଏମାନଙ୍କୁ ଶୈଶବରେ ସ୍କୁଲ୍‌ରେ, କିଶୋରରେ ବିଶ୍ୱବିଦ୍ୟାଳୟରେ ଯୁବକ ଅବସ୍ଥାରେ ଭାରତୀୟ ବୋଲି ମିଳେ ମୃଦୁ ଲାଂଛନା ଓ ଉପେକ୍ଷା । ଯାହାଫଳରେ ଶୈଶବରୁ ଜନ୍ମନିଏ ବୀତସ୍ପୃହତା, ଭାରତ ବିରୋଧୀ ମନୋଭାବ । ନା ଏମାନେ ଭାରତକୁ ଗ୍ରହଣ କରିପାରନ୍ତି ନା ଆମେରିକା ଏମାନଙ୍କୁ ଗ୍ରହଣ କରିପାରେ ।"(୩) ଗୋପୀନାଥ ମହାନ୍ତିଙ୍କ କାଲିଫର୍ଣ୍ଣିଆ ଅବସ୍ଥାନର କଥା, ଡକ୍ଟର ବ୍ରୁନୋଙ୍କ ଭାରତୀୟ ମିଥ୍ ନେଇ ଆଗ୍ରହ ଓ ସମୀକରଣ ସହ ଭାରତୀୟ ପ୍ରୀତି, ଆମେରିକାରେ କ୍ରମଶଃ ବୃଦ୍ଧି ପାଉଥିବା ସମକାମୀ ଯୌନସଂପର୍କ ଆଦି କଥା ଔପନ୍ୟାସିକ ବର୍ଣ୍ଣନା କରିଛନ୍ତି ।

'ନାଏଗ୍ରା-ଦର୍ଶନ' ପରିଚ୍ଛେଦରେ ଔପନ୍ୟାସିକ ଆମେରିକୀୟଙ୍କ ହାଲୋଇନ୍ ପର୍ବକୁ ଭାରତର ଦିପାବଳୀ ପର୍ବ ସହିତ ତୁଳନା କରିଛନ୍ତି । ଏଥି ସହିତ କ୍ଲିଭଲ୍ୟାଣ୍ଡର ଶିବ ମନ୍ଦିର; ନାଏଗ୍ରାକୁ ଗଙ୍ଗା ସହିତ ତୁଳନା ମଧ୍ୟ କରିଛନ୍ତି । ଆମେରିକାରେ ଅନେକ ପର୍ଯ୍ୟଟନସ୍ଥଳୀ ଅଛି ଯାହା ଭାରତୀୟମାନଙ୍କ ପାଇଁ ଭବିଷ୍ୟତର ଏକ ଅଭିନବ ତୀର୍ଥଭୂମିରେ ପରିଣତ ହେବାପାଇଁ ଅପେକ୍ଷାରତ । ସେହି ପର୍ଯ୍ୟଟନସ୍ଥଳୀ ମଧ୍ୟରେ କେଣ୍ଟକୀ ପ୍ରଦେଶର ଭୂତଳସ୍ଥ ହଜାରେ ମାଇଲ୍ ଲମ୍ବର ଏକ ପ୍ରାକୃତିକ ଗହ୍ୱର- ମାମଥ କେଭ୍ । ଏଇ ବିଚିତ୍ର ଗହ୍ୱରକୁ ଯେଉଁ ଭାରତୀୟ ଦେଖିବ ଯର୍ଥାଥରେ ପାତାଳପୁରର ଅଧୀଶ୍ୱର ବାସୁକୀଙ୍କ ରାଜ୍ୟ ବୋଲି ମନେକରିବ । ସେଇ ଅନ୍ଧକାରମୟ ଗହ୍ୱରର ଏକ ଅଞ୍ଚଳରେ ଅବିକଳ ଏକ ମନ୍ଦିର ଗର୍ଭଗୃହ ପରି ଚାରିକାନ୍ଥଘେରା ସ୍ଥାନକୁ ଆଲୋକିତ କରି ପ୍ରଦର୍ଶିତ କରାଯାଇଛି ପର୍ଯ୍ୟଟକଙ୍କ ପାଇଁ । ସେଇ ଗର୍ଭଗୃହର ଉଚ୍ଚତାକୁ ଦେଖି ଔପନ୍ୟାସିକ ପୁରୀ ଶ୍ରୀ ମନ୍ଦିରର ଉଚ୍ଚତା ସହିତ ତୁଳନା କରିଛନ୍ତି ଏବଂ କାନ୍ଥର ତଳକୁ ଫଣା ବିସ୍ତାର କରି ଝୁଲୁଥିବା ଲାଲ୍ ରଙ୍ଗର ନାଗମାନଙ୍କର ପ୍ରାକୃତିକ ଶିଳାରୂପକୁ ଦେଖି ତାକୁ ବାସୁକୀ ମନ୍ଦିରର ଆଖ୍ୟା ଦେଇଛନ୍ତି । ଏହି ଉପନ୍ୟାସରେ ପାଠକ ଉଭୟ 'ଭ୍ରମଣ' ଓ ଉପନ୍ୟାସର ସ୍ୱାଦ ପାଇପାରିବେ ।

### ହୃଷିକେଶ ପଣ୍ଡା: ହସ ଓ ଇତିହାସ(୧୯୯୯)

'ହସ ଓ ଇତିହାସ' ହେଉଛି ଏକ ପର୍ଯ୍ୟଟନଧର୍ମୀ ଉପନ୍ୟାସ । ଏହା ଔପନ୍ୟାସିକ ହୃଷିକେଶ ପଣ୍ଡାଙ୍କ ଅଷ୍ଟ୍ରେଲିଆ ଅନୁଭୂତି ଜାତ । ଔପନ୍ୟାସିକଙ୍କ ଅଷ୍ଟ୍ରେଲିଆ ରହଣି କାଳରେ ବିଭିନ୍ନ ସ୍ଥାନ ଭ୍ରମଣ, ସେଠାକାର ଲୋକମାନଙ୍କ ସହ ବିତେଇଥିବା କିଛି ମୂହୁର୍ତ୍ତ, ଅଙ୍ଗେନିଭା ଅନୁଭୂତିର ଏକ ସାହିତ୍ୟିକ ରୂପ । ଭ୍ରମଣ ଉପନ୍ୟାସଟି ୨୩ ଗୋଟି ପରିଚ୍ଛେଦରେ ବିଭକ୍ତ । ହସ, ସଭା, ପ୍ଲାଟିପସ୍, ସ୍ୱପ୍ନ, ଇତିହାସ, କଫି, କ୍ରିକେଟ, ଗୌରବ, ଗୃଧ୍ରବାବୁ, ଆସଭ, ଙ୍ଗୁବାଂଙ୍ଗୁବାଃ, ବିଲ୍ କ୍ଲିଣ୍ଟନ, ଲିଭରା, ଡକାୟତ, ଝିଂକ ଷ୍ଟେସନ, ମରୁଭୂମି, ସୁନାଖଣି, କୃତ୍ରିମ ଯନ୍ତ୍ରର କଥା, ଜାନୁଆରୀ ୨୬,୧୯୯୭, ଓଡ଼ିଶା: ୧୮୧୫, ଟୋଗା, ରୁଆଣ୍ଡା ଓ ପଳାତକ ଆଦି ପର୍ଯ୍ୟାୟରେ ଅନାବିଷ୍କୃତ ଅଷ୍ଟ୍ରେଲିଆର ଅନେକ ରୂପକୁ ଦେଖିହୁଏ ।

ରେଡେଲ ବିଶ୍ୱବିଦ୍ୟାଳୟର ପରିସରରୁ ଉପନ୍ୟାସର ଆରମ୍ଭ ହୋଇ ସମଗ୍ର ଅଷ୍ଟ୍ରେଲିଆର ଅଜ୍ଞାତ ସଭ୍ୟତାର ଇତିହାସ ଆଡ଼କୁ ଗତି କରିଛି । ହସ, ପ୍ଲାଟିପସ୍, ଇତିହାସ, ଗୌରବ, ଗୃଧ୍ରବାବୁ, ଙ୍ଗୁବାଂଙ୍ଗୁବାଃ, ଡକାୟତ, କୃତ୍ରିମ ଯଂତ୍ରର କଥା ଆଦି ପରିଚ୍ଛେଦ ଅନୁସାରେ ଅଷ୍ଟ୍ରେଲିଆର ପ୍ରକୃତ ଅଧିବାସୀ ହେଉଛନ୍ତି ଆଦିବାସୀ କଳାଲୋକ । 'ପ୍ଲାଟିପସ୍' ପରିଚ୍ଛେଦରେ ପାଗଚାମଚା ପାଗଚଂଚୁ ଓରଫ୍ ପାପା ନାମକ ଇଂରେଜ୍ ବ୍ୟକ୍ତି ଯିଏକି ରେଡେଲ୍, ନଂଜର-ଦିଂଯି ନଈକୁ ଆବିଷ୍କାର କରଥିଲା ସେ କଥା ବର୍ଣ୍ଣିତ । ୧୭୮୮, ଜାନୁୟାରୀ ୨୬ରେ ଇଂଲଣ୍ଡରୁ ଅପରାଧୀଙ୍କୁ ଧରି ଆସିଥିବା ପ୍ରଥମ ଜାହାଜ ଆସି ପହଞ୍ଚିଥିଲା ଅଷ୍ଟ୍ରେଲିଆରେ । ପରବର୍ତ୍ତୀ ସମୟରେ ଏହି ଦିନକୁ ଅଷ୍ଟ୍ରେଲିଆ ଦିବସ ରୂପେ ପାଳନ କରନ୍ତି ଏଠାକାର ଅଧୀବାସୀମାନେ । ଇଂଲଣ୍ଡ ସରକାର ନିଜ ଦେଶର ଜଘନ୍ୟ ଅପରାଧୀମାନଙ୍କୁ ନିର୍ବାସିତ କରୁଥିଲା ଏଇ ଦ୍ୱୀପରେ । ଧୀରେ ଧୀରେ ନିରପରାଧ ଇଂରେଜ୍‌ମାନେ ଆସି ବସତି ସ୍ଥାପନ କରିଥିଲେ । ଧୀରେଧୀରେ ଗୋରାମାନେ ଜଙ୍ଗଲ ଅଧିକାର କଲେ, ବିଶାଳ ଉର୍ବର ଚାଷଭୂମି, ସୁନାଖଣି, ମାଗଣାରେ କଂଗାରୁ, କୁମ୍ଭୀର; ମେଣ୍ଢା, ଗୋରୁ, ଘୋଡ଼ା ଅକ୍ତିଆର କଲେ, ଆଦିବାସୀ କଳାଲେକଙ୍କୁ ସେମାନଙ୍କ ବାସଭୂମିରୁ ବିତାଡ଼ିକ କଲେ ଆଉ କିଛିଲୋକଙ୍କୁ ମାଗଣାରେ ଖଟାଇଥିଲେ, କଳାଲୋକଙ୍କୁ ଦକ୍ଷିଣର ଉର୍ବରାଞ୍ଚଳରୁ ଉତ୍ତର ଆଡ଼କୁ ତଡ଼ି, ନିର୍ମମଭାବେ ହତ୍ୟା କରିଛନ୍ତି । ଶିକ୍ଷା ଓ ଉନ୍ନତି ନାମରେ ଅତ୍ୟାଚାରର ସୀମା ବୃଦ୍ଧିପାଇଛି ।

ଅଷ୍ଟ୍ରେଲିଆ ଭ୍ରମଣ କାଳରେ ଲେଖକ ଦେଖିଛନ୍ତି ଅଷ୍ଟ୍ରେଲିଆର ଉତ୍ତରତମ ଅନ୍ତରୀପ ସାତ-ପ୍ରେତ ଉପସାଗର, ନିକଟବର୍ତ୍ତୀ ଜଂଗଲ ଓ ପାହାଡ଼, ପାହାଡ଼ କାନ୍ଥରେ ପ୍ରାକ୍ ଐତିହାସିକ କାଳର ଚିତ୍ର ସରୀସୃପ, ପଶୁ, ଘାସ ମୁକୁଟ ପିନ୍ଧିଥିବା ସ୍ତ୍ରୀଲୋକ, ଭୂତ, କଂଗାରୁ ଆଦି । ଅତି ଅଜବ ରୀତିରେ ଆଦିବାସୀମାନେ ଶେଷକୃତ୍ୟ ସମାପନ କରିଥିବା ମୃତଶରୀର, ଗଛର ବକ୍କଲରେ ଆବୃତ କଂକାଳର ଅବଶିଷ୍ଟାଂଶ, କୁମ୍ଭୀର ମାଂସ ରପ୍ତାନି, ଔଷଧ ପ୍ରସ୍ତୁତ ଓ ମନୋରଂଜନ ନିମନ୍ତେ ନିର୍ମିତ କୁମ୍ଭୀର ପାର୍କ, ମ୍ୟୁଜିୟମ୍, ଲିଭରାର ନୀଳ ପର୍ବତ, ଭାରତୀୟ-ପ୍ରଶାନ୍ତ ରେଳଗାଡ଼ିର ଯାତ୍ରା ଅନୁଭୂତି, କଂଗାରୁ ଚାଷ, ଲୁଣ ହ୍ରଦ, କାଲଗୁଲିର ସୁନାଖଣି, ସୁନାଖଣିର ଇତିହାସ, ତା'ତଳେ ଖୋଳି ହୋଇଯାଇଥିବା ଅସଂଖ୍ୟ କଳାଲୋକଙ୍କର ଭିଟାମାଟି, ଚାଷଖେତ ଏ ପର୍ଯ୍ୟାୟରେ

କେତେକ ସ୍ଥାନର ଯାତ୍ରା ଜନିତ ଅନୁଭୂତିର ପରିଚୟ ମିଳେ । 'କଫି' ପରିଚ୍ଛେଦରେ ହଜାରେ ବର୍ଷ ତଳେ କିଭଳି କଫିର ବ୍ୟବହାର ହେଉଥିଲା ଏବଂ ସେମାନେ କିଭଳି କଫି ମଂଜିକୁ ଭାଜି ପାଣିରେ ସିଝାଇ ପିଇବାର କଥାକୁ ପ୍ରଥମେ ଆବିଷ୍କାର କରିଛନ୍ତି ସେ ପ୍ରସଙ୍ଗ ସ୍ଥାନିତ । ଗୃଧ୍ରବାବୁ ପରିଚ୍ଛେଦରେ ଗୃଧ୍ରବାବୁ ଜୁର୍ବିଲ୍ ପାହାଡ଼ ଉପରେ ନିଜର ଆରାଧ୍ୟ ଦେବତାକୁ ପ୍ରାର୍ଥନା କରିବା ପରେ ଯାଇ ହିଁ କିପରି ବର୍ଷା ହୋଇଛି ଅନେକଙ୍କୁ ସେ ଦୃଶ୍ୟ ଅବିଶ୍ୱସନୀୟ ହେଲେ ହେଁ ସତ ସେ କଥା ବର୍ଣ୍ଣିତ । 'ଡକାୟତ' ପରିଚ୍ଛେଦରେ ୧୮୪୬ ମସିହାରେ ବ୍ରାଡି ନାମକ ଜଣେ ଅପରାଧୀ କିପରି ସିଡ଼ନୀ ଜେଲରୁ ଅନ୍ୟ ଦୁର୍ଦ୍ଦାନ୍ତ କଏଦୀମାନଙ୍କ ସହିତ ମିଶି ଜେଲ୍‌ର ଅଧୀକ୍ଷକଙ୍କ ଅନୁପସ୍ଥିତିରେ ସିପାହୀମାନଙ୍କୁ ମାରି ଜଙ୍ଗଲକୁ ପଳାୟନ କରଛି ଏବଂ ଡକାୟତ ଦଳ ଗଠନ କରି ଏକ ପ୍ରକାର ଆଦର୍ଶବାଦୀ ଦଳଗଠନର ପ୍ରତିଜ୍ଞାବଦ୍ଧ ବ୍ରାଡ଼ି କିଭଳି ସରକାରଙ୍କ ମୁଣ୍ଡବ୍ୟଥାର କାରଣ ସାଜିଚି, ସରକାର ସେଥିପାଇଁ ପୁରସ୍କାର ଘୋଷଣା କରିବା ଆଦି ପ୍ରସଙ୍ଗ ବର୍ଣ୍ଣିତ । ଓଡ଼ିଶା: ୧୮୧୫ ଓ ପଳାତକ ପରିଚ୍ଛେଦରେ ଅଷ୍ଟ୍ରେଲିଆ ବିଷୟରେ ନୁହଁ ବରଂ ଭାରତୀୟ ଚରିତ୍ର ଅଧିକ ବିଶ୍ଳେଷଣପୂର୍ଣ୍ଣ ହୋଇଛି । 'ପଳାତକ'ରେ ଔପନ୍ୟାସିକ ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍ ବିମାନବନ୍ଦରରେ କିଭଳି ଅନେକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଏବଂ ଅଷ୍ଟ୍ରେଲୀୟ 'ଏଣ୍ଡୁଅ'ଙ୍କର ତିନୋଟି ସ୍ୱତନ୍ତ୍ର ପ୍ରଜାତି ଏବଂ ସେମାନେ ଦେଖିବାକୁ କିଭଳି ଭିନ୍ନ ଭିନ୍ନ ସେ କଥା ବର୍ଣ୍ଣିତ । 'ହସ ଓ ଇତିହାସ'ରେ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ଓ ଇତିହାସ ସମ୍ପର୍କିତ ସୂଚନା ସହିତ ଭ୍ରମଣର ଆନନ୍ଦ ସମାନ୍ତରାଳ ଭାବେ ଗତିଶୀଳ ।

ପାଞ୍ଚୋଟି ଉପନ୍ୟାସ ମଧ୍ୟରୁ ପ୍ରଥମଟି ଭାରତର ଗୋଆ ଅଞ୍ଚଳ, ଦ୍ୱିତୀୟଟି ଆଣ୍ଡାମାନ୍ ଦ୍ୱୀପ, ତୃତୀୟ ଏବଂ ଚତୁର୍ଥଟି ଆମେରିକା ଏବଂ ପଞ୍ଚମ ଉପନ୍ୟାସଟି ଅଷ୍ଟ୍ରେଲିଆ ପୃଷ୍ଠଭୂମିକୁ ନେଇ ରଚିତ । ଉପରୋକ୍ତ ଉପନ୍ୟାସଗୁଡିକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ 'ଆଗ୍ନେୟଗିରିରେ ବଣଭୋଜି' ଭ୍ରମଣ ଉପନ୍ୟାସରେ ଗୋଆର ଇତିହାସ, ଗୋଆକୁ ଘେରିରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ, ସେଠାକାର ଲୋକଙ୍କର ଖାଦ୍ୟପେୟ, ଚାଲିଚଳଣି, କଥାବାର୍ତ୍ତା, ତତ୍‌ସହିତ ଗୋଆର ବିଭିନ୍ନ ବେଳାଭୂମିରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନଆଦି ସୁନ୍ଦର ଭାବରେ ବର୍ଣ୍ଣିତ । 'କ୍ଷଣିକ ଉତ୍ତାପରୁ ଅନନ୍ତ ଶୀତଳତା' ଉପନ୍ୟାସଟିରେ ଆଣ୍ଡାମାନ୍ ଦ୍ୱୀପକୁ ନେଇ ଗଢ଼ି ଉଠିଥିବା ସେଠାକାର ପ୍ରାକୃତିକ ପରିବେଶ, ଜଳଯାତ୍ରାକୁ ବିଶଦ୍ ଭାବରେ ବର୍ଣ୍ଣନା କରାଯାଇଛି । ସେହିପରି 'ସାଗର ସେପାରେ' ଭ୍ରମଣ ଉପନ୍ୟାସରେ ରାଧାନାଥ ରଥ ଇଂଲଣ୍ଡରେ ରହିଥିବା ଅଢେଇ ବର୍ଷର ବାସ୍ତବ ଅନୁଭୂତି ଘଟଣାକୁ ଅତି ନିଚ୍ଛକ ଭାବରେ ପାଠକଙ୍କ ଆଗରେ ଉପସ୍ଥାପନ କରିଛନ୍ତି । ଆମେରିକା ଦେଶକୁ କେନ୍ଦ୍ରକରି ରଚିତ ହୋଇଥିବା 'ତୃଷ୍ଣା-ଏକ ଅନାବିଷ୍କୃତ ଆମେରିକା' ଭ୍ରମଣ ଉପନ୍ୟାସରେ ଔପନ୍ୟାସିକ ଆମେରିକାର ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ନଦନଦୀ, ହ୍ରଦ, ଜଳପ୍ରପାତ, ସୁଉଚ୍ଚ ପର୍ବତ ଶ୍ରେଣୀ ଏବଂ ଘଞ୍ଚ ଅରଣ୍ୟକୁ ବର୍ଣ୍ଣନା କରିବା ସହିତ ଆମେରିକାରେ ବସବାସ କରୁଥିବା ଭାରତୀୟ ଲୋକଙ୍କର ମନ୍ମରେ ଦେଖାଯାଇଥିବା ଭିନ୍ନତା ଓ ସାଂସ୍କୃତିକ ବିସମତାକୁ ଅତି ସୁନ୍ଦର ଭାବରେ ଦର୍ଶେଇଛନ୍ତି । 'ହସ ଓ ଇତିହାସ' ଭ୍ରମଣ ଉପନ୍ୟାସରେ ଅଷ୍ଟ୍ରେଲିଆ ଦେଶର ଅବସ୍ଥାନ କରୁଥିବା ଆଦିବାସୀଙ୍କ ଜୀବନ ଚିତ୍ର, ପାହାଡ଼ କାନ୍ଥରେ ପ୍ରାକ୍ ଐତିହାସିକ କାଳର ଚିତ୍ର ସରୀସୃପ, ପଶୁ, ଘାସ ମୁକୁଟ ପିନ୍ଧିଥିବା ସ୍ତ୍ରୀଲୋକ, ଭୂତ, କଂଗାରୁ ଆଦି । ଅତି ଅଜବ ରୀତିରେ ଆଦିବାସୀମାନେ ଶେଷକୃତ୍ୟ ସମାପନ କରିଥିବା ମୃତଶରୀର, ଗଛର ବକ୍କଳରେ ଆବୃତ କଂକାଳର ଅବଶିଷ୍ଟାଂଶ, କୁମ୍ଭୀର ମାଂସ ରପ୍ତାନି, ଔଷଧ ପ୍ରସ୍ତୁତ, ଇଂରେଜମାନଙ୍କ ଦ୍ୱାରା ପ୍ରେରିତ ଅପରାଧୀମାନଙ୍କ ଦ୍ୱାରା ଆଦିବାସୀ କଳାଲୋକଙ୍କୁ ଅତ୍ୟାଚାର ଏବଂ ସେମାନଙ୍କୁ ନିଜ ଅଞ୍ଚଳରୁ ବିତାଡିତ କରି ସେମାନଙ୍କର ଜଙ୍ଗଲ, ପାହାଡ, ପର୍ବତକୁ ତାଡି ଖଣି ଲୁଟିବାର ଚିତ୍ର ବର୍ଣ୍ଣିତ ।

ଏହି ଭ୍ରମଣ ଉପନ୍ୟାସଗୁଡିକରୁ ଭ୍ରମଣ ପ୍ରସଙ୍ଗର ଆଲୋଚନାରେ ଏକଥା ସ୍ପଷ୍ଟ ହେଲା ଯେ ଭ୍ରମଣ ପ୍ରସଙ୍ଗ ଏହାର ମୁଖ୍ୟ ଉପଜୀବ୍ୟ ହେଲେ ହେଁ ବସ୍ତୁତଃ ଏଗୁଡିକ ଉପନ୍ୟାସ । କିନ୍ତୁ ସାଧାରଣ ଉପନ୍ୟାସରେ କଳ୍ପନା ଓ ବାସ୍ତବତାର ସମ୍ମିଶ୍ରଣ ରହିଥିଲେ ହେଁ ଭ୍ରମଣ ଉପନ୍ୟାସଗୁଡ଼ିକ ବେଶି ବାସ୍ତବାଭିମୁଖୀ । ଏଥିରେ ସ୍ଥାନ, କାଳ, ପାତ୍ର ଓ ଘଟଣା ଆଦିର ସଠିକ୍ ଅବତାରଣା ଘଟିଥାଏ । ଭ୍ରମଣ ଉପନ୍ୟାସରେ ସାଧାରଣ ଉପନ୍ୟାସର ସମସ୍ତ ଉପାଦାନ(ପ୍ଲଟ୍, ଚରିତ୍ର, ପରିବେଶ ପ୍ରଭୃତି) ସହିତ ଏକ ଭ୍ରମଣ ପିପାସୁ ପର୍ଯ୍ୟଟକକୁ ମାଧ୍ୟମ କରି ଭ୍ରମଣ ସ୍ଥାନ ସମ୍ପର୍କରେ ଯଥାଯଥ ବର୍ଣ୍ଣନା ଦେଖିବାକୁ ମିଳେ । ଫଳରେ ପାଠକ ଭ୍ରମଣ ଉପନ୍ୟାସ ପଢିବା ଦ୍ୱାରା ଏକ ଗତିଶୀଳ କାହାଣୀର ଆନନ୍ଦ ନେବା ସହିତ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିବେଶର ଜନଜାତି, ରୀତିନୀତି, ସଂସ୍କୃତି ଓ ପ୍ରକୃତି ସମ୍ପର୍କରେ ଜ୍ଞାନ ଆହରଣ କରିବାରେ ସମର୍ଥ ହୁଏ । ଏହି ଦୃଷ୍ଟିରୁ ଉପନ୍ୟାସର ଅନ୍ୟାନ୍ୟ ବିଭାଗଠାରୁ ଭ୍ରମଣ ଉପନ୍ୟାସ ଯେ ସ୍ୱତନ୍ତ୍ର ଏଥିରେ ସନ୍ଦେହର ଅବକାଶ ନାହିଁ ।

### ପ୍ରାନ୍ତ ଟୀକା :


୧. ପଟ୍ଟନାୟକ, ବିଭୂତି, ଆଗ୍ନେୟଗିରିରେ ବଣଭୋଜି, ୫ଉପନ୍ୟାସ(ଉପନ୍ୟାସ-ଏକତ୍ରିତା), ଅକ୍ଷର, କଲ୍ୟାଣୀ ନଗର, କଟକ, ପ୍ରଥମ ସଂସ୍କରଣ, ୨୦୧୩, ପୃ- ୨୩୮ ।

୨. ରଥ, ରାଧାନାଥ, ସାଗର ସେପାରେ, ଅକ୍ଷର, କଲ୍ୟାଣୀ ନଗର, କଟକ, ପ୍ରଥମ ପ୍ରକାଶ, ୧୯୯୬, ବହି ବିଷୟରେ ।

୩. ପ୍ରଧାନ, ସବିତା, ଉପନ୍ୟାସ ଅବବୋଧ, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ,୨୦୦୪, ପୃ- ୯୧-୯୨ ।

## ସହାୟକ ଗ୍ରନ୍ଥସୂଚୀ


୧. ଆଚାର୍ଯ୍ୟ, ଶାନ୍ତନୁ କୁମାର, ତୃଷ୍ଣା : ଏକ ଅନାବିଷ୍କୃତ ଆମେରିକା, ଗ୍ରନ୍ଥ ମନ୍ଦିର, କଟକ, ଦ୍ୱିତୀୟ ସଂସ୍କରଣ, ୨୦୦୮ ।

୨. ପଟ୍ଟନାୟକ, ବିଭୂତି, ଆଗ୍ନେୟଗିରିରେ ବଣଭୋଜି, ୫ଉପନ୍ୟାସ(ଉପନ୍ୟାସ-ଏକତ୍ରିତା), ଅକ୍ଷର, କଲ୍ୟାଣୀ ନଗର, କଟକ, ପ୍ରଥମ ସଂସ୍କରଣ, ୨୦୧୩ ।

୩. ପଣ୍ଡା, ହୃଷୀକେଶ, ହସ ଓ ଇତିହାସ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ପ୍ରଥମ ପ୍ରକାଶ, ୧୯୯୯ ।

୪. ପ୍ରଧାନ, ସବିତା, ଉପନ୍ୟାସ ଅବବୋଧ, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ, ୨୦୦୪ ।

୫. ବରାଳ, ଆଲୋକ, ଉପନ୍ୟାସ ଜିଜ୍ଞାସା, ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର କଟକ, ପ୍ରଥମ ପ୍ରକାଶନ, ୨୦୧୯ ।

୬. ରଥ, ରାଧାନାଥ, ସାଗର ସେପାରେ, ଅକ୍ଷର, କଲ୍ୟାଣୀ ନଗର, କଟକ, ପ୍ରଥମ ପ୍ରକାଶ, ୧୯୯୬ ।

୭. ରାଉତ ସଂଯୁକ୍ତା, କ୍ଷଣିକ ଉଡାପରୁ ଅନନ୍ତ ଶୀତଳତା, ମୟୂର ପବ୍ଲିକେସନ୍ସ, ଭୁବନେଶ୍ୱର, ପ୍ରଥମ ପ୍ରକାଶ, ୧୯୯୨ ।


❖ ❖ ❖

ମୂଳ ପ୍ରବନ୍ଧ

# ଉତ୍ତର ଅଶୀର ଉତ୍ତରଣ: ଓଡ଼ିଆ ଓ ହିନ୍ଦୀ ଲେଖିକାଙ୍କ ଉପନ୍ୟାସର ବୈଶିଷ୍ଟ୍ୟ

**ଲୋପାମୁଦ୍ରା ସ୍ୱାଇଁ**


## ସାରାଂଶ (Abstract):

ନାରୀର ଅସ୍ତିତ୍ୱ ପ୍ରତିଷ୍ଠା ଓ ଅସ୍ମିତା ପ୍ରତିପାଦନ ଦିଗରେ ହିଁ ନାରୀବାଦର ଅଭିଯାନ । ନାରୀ ସ୍ୱାଧୀନତା ଓ ସ୍ୱାଧିକାର ଦାବି ତଥା ନାରୀ ମୁକ୍ତିର ଲକ୍ଷ୍ୟ ନେଇ ଏ ବିଶ୍ୱାସ ଓ ସାହିତ୍ୟ ଆଗେଇଛି । ନାରୀକୁ ବସ୍ତୁ ଭାବରେ ଦେଖୁଥିବା ପ୍ରଥାବଦ୍ଧ ଓ ରକ୍ଷଣଶୀଳ ମାନସିକତା ବିପକ୍ଷରେ ଲେଖିକାମାନେ ସ୍ୱର ଉତ୍ତୋଳନ କରିଆସିଛନ୍ତି । ପ୍ରାଦେଶିକ ସୀମିତତା ସତ୍ତ୍ୱେ ସେମାନଙ୍କ ସ୍ୱର ଉଦାତ୍ତ ଓ ତୀବ୍ର ହୋଇଛି । ଭାଷିକ ଆଞ୍ଚଳିକ ସଂରଚନାରୁ ମୁକ୍ତ ହୋଇ ସେମାନେ ନାରୀମୁକ୍ତି ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି । ଉତ୍ତର ଅଶୀ ଅର୍ଥାତ ୧୯୮୦ ପରବର୍ତ୍ତୀ ସମୟ ସାହିତ୍ୟର ସମସ୍ତ ବିଭାଗରେ ବହୁଭାବରେ ମହତ୍ତ୍ୱପୂର୍ଣ୍ଣ । ଏ ଦୃଷ୍ଟିରୁ ଉପନ୍ୟାସ ବିଭାଗର ପରିସର ଏବଂ ସମଗ୍ର ଭାରତୀୟ ସାହିତ୍ୟରେ ନାରୀ ଲେଖନୀର ମୁକ୍ତ ପରିପ୍ରକାଶ ପାଇଁ ଅନୁକୂଳ ହୋଇଛି । ଆଲୋଚ୍ୟ ପ୍ରବନ୍ଧରେ ୧୯୮୦ ପରବର୍ତ୍ତୀ ସମୟର ବିଶେଷତ୍ୱଗୁଡ଼ିକୁ ଓଡ଼ିଆ ଏବଂ ହିନ୍ଦୀ ଲେଖିକାଙ୍କ ଉପନ୍ୟାସ ଆଧାରରେ ଦେଖାଇବାର ଚେଷ୍ଟା କରାଯାଇଛି । ପ୍ରବନ୍ଧର କଳେବର ଦୀର୍ଘ ହୋଇଯିବାର ସମ୍ଭାବନା ଯୋଗୁଁ ଓଡ଼ିଆ ଓ ହିନ୍ଦୀ ଔପନ୍ୟାସିକାଙ୍କର କେବଳ ପରିଚୟାତ୍ମକ ଆଲୋଚନା ହୋଇଛି ।



## ପ୍ରମୁଖ ଶବ୍ଦାବଳୀ (Key Words):

ଉତ୍ତର ଅଶୀ ସମୟ, ନାରୀ ବିମର୍ଶ, ଓଡ଼ିଆ ଓ ହିନ୍ଦୀ ଔପନ୍ୟାସିକା, ପ୍ରାଦେଶିକତା ଓ ଆଞ୍ଚଳିକତା ।


୧୯୮୦ ପରବର୍ତ୍ତୀ କାଳ ସମଗ୍ର ଭାରତୀୟ ସାହିତ୍ୟରେ ନାନା ପରୀକ୍ଷା ନିରୀକ୍ଷାର ସମୟ । ସାହିତ୍ୟରେ ବିବିଧତା ବହୁ ବିଶେଷତ୍ୱ ଘେନି ଉଦ୍‌ଭାଷିତ ହୋଇଛି ଏହି ସମୟରେ । ନାରୀ ସ୍ରଷ୍ଟାଙ୍କର ସାହିତ୍ୟରେ ପ୍ରବେଶ ହେଉଛି ସେହି ବିଶେଷତ୍ୱ ମଧ୍ୟରୁ ଅନ୍ୟତମ । ଲେଖକର କଳ୍ପନାରେ ନାରୀ ଜୀବନର ରୂପାୟନ ଅପେକ୍ଷା ଲେଖିକାର ଜୀବନ ଓ ବାସ୍ତବ ଅନୁଭୂତିର ରୂପାୟନ ଆବଶ୍ୟକ ହୋଇଛି ଏହି ସମୟରେ । ଏ ସଂପର୍କରେ ଆଲୋଚିକାଙ୍କ ମନ୍ତବ୍ୟ ଉଦ୍ଧାର କରାଯାଇପାରେ, "ଏହାର ବହୁବିଧ କାରଣଗୁଡ଼ିକ ମଧ୍ୟରେ ସବୁଠାରୁ ମୁଖ୍ୟ ଓ ପ୍ରଧାନ କାରଣ ହେଉଛି, ପୁରୁଷର ଯାହା ସମସ୍ୟା, ନାରୀର ସମସ୍ୟା ତାହା ନୁହେଁ, ନାରୀର ଶାରୀରିକ ଗଠନ, ପ୍ରାକୃତିକ ନିୟମର ପରିଚର୍ଯ୍ୟା ପୁରୁଷଠାରୁ ଭିନ୍ନ । ତଦନୁଯାୟୀ ତା'ର ଦେହ, ମନ ଓ ଆତ୍ମାର ଅନୁଭବ ଭିନ୍ନ । ଚିନ୍ତାଧାରା, କାର୍ଯ୍ୟକାରିତା ଶକ୍ତି, ବୁଦ୍ଧିମତାରେ ପୁରୁଷ ସହ ସେ ସମାନ ହୋଇପାରିବା ସ୍ଥଳେ ନାରୀର ଏକ ସ୍ୱତନ୍ତ୍ର ସ୍ୱାଭିମାନ, ସାମାଜିକ ସମ୍ମାନ ତଥା ତା'ର ଅଧିକାରର ସମ୍ମାନ ସେ ସବୁବେଳେ ସମାଜଠାରୁ ଆଶା କରିଛି ।"(୧) ସୁତରାଂ ନାରୀ ଲେଖନୀରେ ସାହିତ୍ୟ ଆଖିଦେଖା ଘଟଣାର ରୂପାୟନ ନହୋଇ ହୋଇଛି ଆପଣା ଅନୁଭୂତିର ଚିତ୍ରଲିପି । ଏଥିରେ ନାରୀ ଜୀବନରେ ଭୋଗିଆସୁଥିବା ଦୁଃଖ ଯନ୍ତ୍ରଣା ସହିତ ବିଭିନ୍ନ ନାରୀ-ବିରୋଧୀ ତତ୍ତ୍ୱ


ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.13619844
Article No - BPPP00216



ଯୋଗାଯୋଗ :
ଲୋପାମୁଦ୍ରା ସ୍ୱାଇଁ
ସରକାରୀ ମହାବିଦ୍ୟାଳୟ, କୋରାପୁଟ ।
E-Mail ID: swainlopamudra38@gmail.com
ORCID ID: https://orcid.org/0009-0007-4012-4816



This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*



| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୬.୨୦୨୪ | ୭.୭.୨୦୨୪ | ୧୫.୭.୨୦୨୪ | ୧.୮.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସ୍ୱାଇଁ, ଲୋପାମୁଦ୍ରା, ୨୦୨୪ । ଉତ୍ତର ଅଶୀର ଉତ୍ତରଣ: ଓଡ଼ିଆ ଓ ହିନ୍ଦୀ ଲେଖିକାଙ୍କ ଉପନ୍ୟାସର ବୈଶିଷ୍ଟ୍ୟ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଙ, ପୃଷ୍ଠା :୩୩-୪୩ ।

ପ୍ରତି ଦେଖାଦେଇଛି ପ୍ରତିବାଦର ସ୍ୱର । ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଉପନ୍ୟାସ ତା'ର ବିସ୍ତୃତ ପରିସର ପାଇଁ ଏବଂ ଗଠନ ରୀତି ପାଇଁ ଗୋଟିଏ ଲୋକପ୍ରିୟ ଶାଖା ପାଲଟିଛି । ଉତ୍ତର ଅଶୀ ସମୟ ଓ ଉପନ୍ୟାସର ବିସ୍ତୃତ ପରିସର ମଧ୍ୟରେ ନାରୀ ଲେଖନୀ ଚାଳିତ ହୋଇଛି ନୂଆ ଆଶା ଓ ସମ୍ଭାବନା ନେଇ । ଓଡ଼ିଆ ଓ ହିନ୍ଦୀ ଉପନ୍ୟାସରେ ୧୯୮୦ ପରବର୍ତ୍ତୀ କାଳର ନାରୀ ସ୍ରଷ୍ଟାଙ୍କ ଉପନ୍ୟାସରେ ପରିଲକ୍ଷିତ ବିଭିନ୍ନ ବୈଚିତ୍ର୍ୟକୁ ଅନୁଧ୍ୟାନ କଲେ ଏହି ସମୟର ସ୍ୱାତନ୍ତ୍ର୍ୟ ଉପଲବ୍ଧି କରିହୁଏ । ନୂତନତାର ଭିତ୍ତିଭୂମୀ ଓ ପରିବର୍ତ୍ତନର ସମ୍ଭାବନାକୁ ଉଜ୍ଜୀବିତ କରିବା ଓ ଚେତନାର ବହୁବିଧ ଦିଗକୁ ଉନ୍ମୋଚିତ କରିବାରେ ଅପେକ୍ଷାକୃତ ସଫଳ ଏହି ସମୟର ନାରୀ ସ୍ରଷ୍ଟା । ସମଗ୍ର ଭାରତୀୟ ସାହିତ୍ୟକୁ ଅନୁଧ୍ୟାନ କରି ରାଷ୍ଟ୍ର ଭାଷା ହିନ୍ଦୀ ଏବଂ ରାଜ୍ୟ ଭାଷା ଓଡ଼ିଆ ଭାଷାର କେତେଜଣ ମୂର୍ଦ୍ଧନ୍ୟ ଲେଖିକାଙ୍କ ଉପନ୍ୟାସ ଆଧାରରେ ବୈଶିଷ୍ଟ୍ୟ ବିଚାର ଉପଲକ୍ଷେ ଏହି ପ୍ରବନ୍ଧର ପରିକଳ୍ପନା ।

୧୯୮୦ ପରବର୍ତ୍ତୀ ସମୟର ଓଡ଼ିଆ ଓ ହିନ୍ଦୀ ଉପନ୍ୟାସରେ ନାରୀ ଲେଖନୀର ସ୍ୱାତନ୍ତ୍ର୍ୟ, କେବଳ ବିଷୟବସ୍ତୁ ଦୃଷ୍ଟିରୁ ନୁହେଁ ଚରିତ୍ର ଚିତ୍ରଣ, ମନୋବିଶ୍ଳେଷଣ, ଅନ୍ତରଙ୍ଗତା ନିର୍ମାଣ, ଚେତନାଗତ ଭିନ୍ନତା ଭଳି ବିବିଧ ପ୍ରସଙ୍ଗରେ ବାରିହୋଇପଡ଼େ । ଏଥିପାଇଁ ଯେଉଁସବୁ କାରକ ଉତ୍‌ପ୍ରେରକ ଭାବରେ କାର୍ଯ୍ୟ କରିଆସିଛି, ତନ୍ମଧ୍ୟରୁ କେତୋଟି ବିନ୍ଦୁ ତଳେ ଦିଆଯାଇଛି । ଯଥା:-

- ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ନାରୀଶିକ୍ଷାର ପ୍ରସାର ଭାରତୀୟ ନାରୀକୁ ନୂତନ ଦୀକ୍ଷାରେ ଉଦ୍‌ବୁଦ୍ଧ କରିଛି । ପରବର୍ତ୍ତୀ କାଳରେ ସତୁରୀ-ଅଶୀ ଦଶକ ବେଳକୁ ତାହା ପରିପୁଷ୍ଟ ହେବାରେ ଅନେକାଂଶରେ ସମର୍ଥ ହୋଇଛି ।
- ନାରୀର ଏହି ପରିବର୍ତ୍ତିତ ସ୍ୱରୂପର ଯାତ୍ରାକୁ ନାରୀ ବିମର୍ଶରେ ତିନି ଗୋଟି ପର୍ଯ୍ୟାୟ ଭାବରେ ଗ୍ରହଣ କରାଯାଏ ।(୨) ଉକ୍ତ ପର୍ଯ୍ୟାୟଗୁଡ଼ିକ ମଧ୍ୟରୁ ତୃତୀୟ ପର୍ଯ୍ୟାୟ ଅର୍ଥାତ ୧୯୮୦ ପରବର୍ତ୍ତୀ କାଳରେ ନାରୀବାଦୀ ମାନସିକତାର ସ୍ୱରଗତ ବୈଶିଷ୍ଟ୍ୟ ଓ ପ୍ରତିବାଦୀ ଆଭିମୁଖ୍ୟ ଅଧିକ ସ୍ପଷ୍ଟ ।
- ନାରୀର ଶିକ୍ଷା, ସ୍ଥିତି, ବିକାଶ, ସ୍ୱାବଲମ୍ବନଶୀଳତା ଆଦି ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଥିବା ଅଗ୍ରଗତିର ସ୍ୱର ଏହି ସମୟର ଲେଖିକାଙ୍କ ଲେଖନୀରେ ପରିଦୃଷ୍ଟ । ଆଲୋଚ୍ୟ ସମୟରେ ନାରୀ ସ୍ରଷ୍ଟା ଆପଣା ଅସ୍ମିତା ଓ ଅସ୍ତିତ୍ୱ ପ୍ରତି ଯଥେଷ୍ଟ ସଚେତନ ହୋଇଥିବା ଏ ସମୟର ନାରୀ ଲେଖନୀରେ ଦେଖିବାକୁ ମିଳେ ।
- ହିନ୍ଦୀ ଭାଷାର ପ୍ରୟୋଗ ଅଧିକ ହୋଇଥିବାରୁ ଏବଂ ଏହା ଏକ ବିସ୍ତୀର୍ଣ୍ଣ ପରିସରରେ ବ୍ୟବହୃତ ହେଉଥିବାରୁ ଏହି ଭାଷାରେ ରଚିତ ଲେଖିକାଙ୍କ ଉପନ୍ୟାସ ବହୁଦିଗକୁ ଉନ୍ମୋଚିତ କରିଆଞ୍ଚଳିକ ଉପନ୍ୟାସ, ଦଳିତ ଉପନ୍ୟାସ ଭଳି ଉପନ୍ୟାସର ଅନ୍ୟଶାଖାରେ ବ୍ୟାପ୍ତ ହୋଇଥିଲାବେଳେ ଓଡ଼ିଆ ଭାଷାରେ ଏହା ସାମାନ୍ୟ ସୀମିତ ।
- ଉପନ୍ୟାସର ପରିବ୍ୟାପ୍ତ ପରିସର, ନାରୀ ଜୀବନର ବହୁବିଧ ଦିଗକୁ ଉନ୍ମୋଚିତ କରିବାରେ ସଫଳ ହୋଇଛି । ସାମାଜିକ ନିୟମ, ରୂଢ଼ିବାଦୀ ଧର୍ମ ବ୍ୟବସ୍ଥା ମଧ୍ୟରେ ନିହିତ ନାରୀବିରୋଧୀ ତତ୍ତ୍ୱ ସହିତ ଏ ସମୟର ନାରୀ ସ୍ରଷ୍ଟା ପରିଚିତ । ପୂର୍ବରୁ ଏ ସଂପର୍କରେ ସଚେତନ ହୋଇଥିଲେ ମଧ୍ୟ ଶୋଷଣର ଚିତ୍ର ଉପସ୍ଥାପନାରେ ଅଧିକ ଯତ୍ନଶୀଳ ହୋଇଥିବା ନାରୀ ଲେଖନୀ ଆଲୋଚ୍ୟ କାଳରେ ପ୍ରତିବାଦର ଭାବନାକୁ ବହୁ ମାତ୍ରାରେ ଉପସ୍ଥାପିତ କରିପାରିଛି ।
- ନାରୀ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନାରୀ ସ୍ରଷ୍ଟାଙ୍କ ଉପନ୍ୟାସର ମୁଖ୍ୟ ଅବଲମ୍ବନ ଓ ପରିଚୟ ଭାବରେ ପରିଣତ ହୋଇଛି । ଅବଶ୍ୟ କର୍ମଜୀବୀ ନାରୀର ସଂଘର୍ଷ, ସ୍ୱାଭିମାନ, ସ୍ଥିତିଜନିତ ଦ୍ୱନ୍ଦ୍ୱ ଯେତିକି ହିନ୍ଦୀ ଉପନ୍ୟାସରେ ରୂପାୟିତ ହୋଇଅଛି, ସେହି ଅନୁପାତରେ ଓଡ଼ିଆ ଉପନ୍ୟାସରେ ସଂଖ୍ୟାଦୃଷ୍ଟିରୁ ଅଧିକ ହୋଇପାରିନି ।
- ଜଗତୀକରଣର ଫଳଶ୍ରୁତି ଭାବରେ ନାରୀ ଭାଗ୍ୟର ଦିଗ୍‌ବଳୟ ପ୍ରସାରିତ ହୋଇଛି । ଜଗତୀକରଣର ବିଯୁକ୍ତାତ୍ମକତା ମଧ୍ୟ ଏ ସମୟ ଭୋଗିଛି । ଏ ଉଭୟ ଆଦର୍ଶବୋଧର ସୀମିତତା ଓ ସମନ୍ୱୟ ମଧ୍ୟରୁ ମୁକ୍ତିର ନାନା ମାର୍ଗ ଆବିଷ୍କାର କରିବା ଦିଗରେ ପଦକ୍ଷେପ ନେଇ ଆଲୋଚ୍ୟ କାଳର ଲେଖିକା ତା'ର ଅସ୍ମିତା ଅନ୍ୱେଷଣରେ ବ୍ରତୀ ହୋଇଛି ।
- ଭାରତୀୟ ପରିବାର ମୂଳରେ ଦେଖାଦେଇଥିବା ନାରୀ ଉତ୍ପୀଡ଼ନ, ତା'ର କାରଣ ଓ ସମ୍ଭାବ୍ୟ ନିରାକରଣ ଦିଗରେ ମୂଳ ଲେଖିକାମାନେ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀ ପୋଷଣ କରିଛନ୍ତି । ପରିବାର ଭିତରୁ ଆରମ୍ଭ ହୋଇଥିବା ଏହି ପ୍ରତିବାଦର ସ୍ୱର କ୍ରମେ ସଂଚରିତ ହୋଇ ସମାଜ ଏବଂ କର୍ମ କ୍ଷେତ୍ରକୁ ବ୍ୟାପ୍ତ ହୋଇଛି । ଉଭୟ ଓଡ଼ିଆ ଓ ହିନ୍ଦୀ ଉପନ୍ୟାସରେ ଏ କ୍ଷେତ୍ରର ପ୍ରଭାବ ସ୍ପଷ୍ଟ ।
- ସମାଜରେ ନାରୀର ସ୍ଥିତିକୁ ସଂକଟାପନ୍ନ କରୁଥିବା ସମସ୍ତ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ ତୀବ୍ର ହୋଇଛି । ପୁନଶ୍ଚ କର୍ମଜୀବୀ ନାରୀମାନେ ନିଜର କର୍ମକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଉତ୍‌ଥାପନ ଏ ସମୟର ଲେଖିକାଙ୍କ ଲେଖନୀରେ ଅଧିକ ଜୀବନ୍ତ ମନେହୋଇଛି । ଓଡ଼ିଶା

ତୁଳନାରେ ଭାରତରେ ନାରୀ କର୍ମସଂସ୍ଥାନର ସୁଯୋଗ ଅଧିକ ହେତୁ ସାହିତ୍ୟରେ ମଧ୍ୟ ଏଇ ଧରଣର ହିନ୍ଦୀ ଉପନ୍ୟାସର ସଂଖ୍ୟା ଅଧିକ ।

- ବିବାହ ଛାଡ଼ପତ୍ର ଆଦି ସମସ୍ୟା ଭଳି ନାରୀର ଯୌନ ଆକାଙ୍‌କ୍ଷାର ମୁକ୍ତ ଚିତ୍ରଣ ଏହି କାଳରେ ରଚିତ ଉପନ୍ୟାସରେ ଦେଖାଯାଏ । ପୂର୍ବରୁ ଏ ସଂପର୍କରେ ବର୍ଣ୍ଣନା କରିବାକୁ କୁଣ୍ଠା ଓ ସଙ୍କୋଚ ଅନୁଭବ କରୁଥିବା ଲେଖିକା ଏ ସମୟରେ କାହାଣୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନାରୀର ଯୌନଜୀବନକୁ ଉଲ୍ଲେଖ କରିଛନ୍ତି ।

- ବୈବାହିକ ଜୀବନର ଅସନ୍ତୁଷ୍ଟି, ଯୌନ ଉତ୍ପୀଡ଼ନ ଭଳି ସମସ୍ୟାର ଚିତ୍ର ବିଭିନ୍ନ ନାରୀ ଚରିତ୍ରମାନଙ୍କ ଜୀବନରେ ସ୍ଥାନ ପାଇଛି । ଆଦର୍ଶବୋଧର ବନ୍ଧନରୁ ମୁକୁଳି ସାହିତ୍ୟ ଅବ୍ୟକ୍ତ ବେଦନାର ରୂପାୟନକୁ ଅଧିକ ଗୁରୁତ୍ୱ ଦେଇଛି । ଏ କ୍ଷେତ୍ରରେ ପରମ୍ପରାମାନ୍ୟତା ଓ ରକ୍ଷଣଶୀଳତା ଓଡ଼ିଆ ନାରୀ ଲିଖନର ବେଡ଼ି ହୋଇଥିବାବେଳେ ହିନ୍ଦୀ ଉପନ୍ୟାସର ବର୍ଣ୍ଣନା ଅପେକ୍ଷାକୃତ ମୁକ୍ତ । ମାତ୍ର ସାହିତ୍ୟର ନିଜସ୍ୱ ସୌନ୍ଦର୍ଯ୍ୟବୋଧଟି ଯଦି ମୁକ୍ତ, ଅବାଧ, ଉଷ୍ମ ବର୍ଣ୍ଣନା ଭିତରେ ସଙ୍କୁଚିତ ହୋଇଯିବ ତେବେ ଲାଭ କଣ ! ସାନ୍ତ୍ୱନାର କଥା ଯେ ଲେଖିକାମାନେ ସମ୍ବେଦନଶୀଳତାକୁ କଳାତ୍ମକ ଢଙ୍ଗରେ ପରିବେଷଣ କରିବାର ଉଦ୍ୟମ କରିଛନ୍ତି । ଅବଶ୍ୟ କେଉଁଠି କେଉଁଠି ଶାବ୍ଦିକ ଉତ୍ତେଜନା ମଧ୍ୟ ଉପନ୍ୟାସର କଥାଭାଗକୁ ନିୟନ୍ତ୍ରଣ କରିଛି ।

- ପୂର୍ବରୁ ନାରୀ ସ୍ରଷ୍ଟାଙ୍କ ଉପନ୍ୟାସରେ ସାମାଜିକ ବ୍ୟବସ୍ଥାର ସାହିତ୍ୟିକ ସଂହତିଧର୍ମୀ ଚିତ୍ରଣ ପରିବର୍ତ୍ତିତ ହୋଇ ସଚେତନଶୀଳ ଓ ପରିବର୍ତ୍ତନ ପ୍ରୟାସୀ ନାରୀ ମାନସିକତାକୁ ପ୍ରଦର୍ଶିତ କରିଛି । ଓଡ଼ିଆ ଲେଖିକାଙ୍କ ଉପନ୍ୟାସଗୁଡ଼ିକରେ ଏ ସ୍ୱର ଉଜ୍ଜ୍ୱଳ ଦିଶିବା ଏକ ପ୍ରାଦେଶିକତାମୁକ୍ତ କାଳଖଣ୍ଡର ପରିଚୟ ଦିଏ ।

- ରାଜନୀତି କ୍ଷେତ୍ରରେ ନାରୀର ପ୍ରତ୍ୟକ୍ଷ ଅଂଶଗ୍ରହଣଜନିତ ଅନୁଭୂତି ବଢ଼ିଛି । ଲେଖକଙ୍କ ଦ୍ୱାରା ରାଜନୀତି ତଥା ରାଜନୀତିକ ପରିବେଶର ପ୍ରକାଶ ବହୁପୂର୍ବରୁ ଉପନ୍ୟାସରେ ସ୍ଥାନ ପାଇଥିଲେ ମ୍ଧ ୧୯୮୦ ପରବର୍ତ୍ତୀ କାଳରେ ଏଥିରେ ମୁକ୍ତ ଓ ପ୍ରତ୍ୟକ୍ଷ ସମ୍ପୃକ୍ତି ଲକ୍ଷ୍ୟ କରାଯାଇପାରେ ।

- ନାରୀ ସ୍ରଷ୍ଟାଙ୍କ ଦ୍ୱାରା ଲିଖିତ ରାଜନୀତିକ ଉପନ୍ୟାସ ହେଉଛି ଏ କାଳରେ ନାରୀ ଲେଖନୀଜନିତ ସ୍ୱରଭିତ୍ତିକ ସ୍ପର୍ଦ୍ଧାର ଏକ ସ'ଳ ଦୃଷ୍ଟାନ୍ତ ।ଏ ଦିଗରେ ହିନ୍ଦୀ ଉପନ୍ୟାସର ପରିମାଣ ଅଧିକ ହେଲେ ହେଁ ଓଡ଼ିଆ ନାରୀ ଲିଖନରେ ଦେଖିବାକୁ ମିଳୁଥିବା ପ୍ରତିସ୍ପର୍ଦ୍ଧୀ ଦୃଷ୍ଟିକୋଣର ଗୁଣାତ୍ମକ ଆଭିମୁଖ୍ୟ ଉଲ୍ଲେଖନୀୟ ।

- ଅନୁରୂପ ଭାବରେ ପୁରାଣ ଓ ଇତିହାସର ପ୍ରମୁଖ ଚରିତ୍ରଙ୍କୁ ନେଇ ଉପନ୍ୟାସ ରଚନା ୧୯୮୦ ପରବର୍ତ୍ତୀ କାଳରେ ନାରୀ ସ୍ରଷ୍ଟାଙ୍କର ଅନ୍ୟତମ ବିଶେଷତ୍ୱ ଭାବରେ ଦେଖାଦେଇଛି । କେବଳ ମୁଖ୍ୟ ଚରିତ୍ର ନୁହେଁ ଇତିହାସ ତଥା ପୁରାଣର ସମ୍ମୁଖଭାଗଠାରୁ ଦୂର ଓ ଅନ୍ତରାଳରେ ଥିବା ନାରୀ ଚରିତ୍ରଙ୍କୁ ଆବିଷ୍କାର ଓ ବିଶ୍ଳେଷଣପୂର୍ବକ ଔପନ୍ୟାସିକାମାନେ ଉପନ୍ୟାସ ରଚନା କରିଛନ୍ତି ।

- ପୁରାଣର ନାରୀ ଚରିତ୍ରମାନଙ୍କ ସଂପର୍କରେ ସୃଷ୍ଟ ମିଥ୍‌ର ପ୍ରତିବାଦ କରି ପୌରାଣିକ ଉପନ୍ୟାସ ରଚନା କରିଛନ୍ତି ଆଲୋଚ୍ୟ କାଳର ଲେଖିକା । ପୁରାଣର ନାରୀ ଚରିତ୍ରଙ୍କ ବିଷୟରେ ଥିବା ପ୍ରଥାବଦ୍ଧ ବୈଶିଷ୍ଟ୍ୟକୁ ସଂପୂର୍ଣ୍ଣ ରୂପେ ପରିହାର କରି ନୂତନ ମୂଲ୍ୟବୋଧ ଭିତ୍ତିରେ ଉପନ୍ୟାସରେ ପ୍ରତିଷ୍ଠା କରିଛନ୍ତି ।

- ମିଥ୍‌ର ପୁନର୍ମୂଲ୍ୟାୟନ ମାଧ୍ୟମରେ ନାରୀ ଚରିତ୍ରର ବିଶେଷତ୍ୱକୁ ଉପସ୍ଥାପିତ କରାଯାଇଛି । ଏ କ୍ଷେତ୍ରରେ କେତେକ ଓଡ଼ିଆ ସୃଷ୍ଟି ଅନୁବାଦ ମାଧ୍ୟମରେ ସର୍ବଭାରତୀୟ ମର୍ଯ୍ୟାଦା ଲାଭ କରିଛନ୍ତି । କେତେକ ନକାରାତ୍ମକ ଓ ନୀରବ ମନେହେଉଥିବା ମିଥ୍‌କୁ ଓଡ଼ିଆ ଲେଖିକାମାନେ ଗଭୀରତା ପ୍ରଦାନ କରିଛନ୍ତି ।

- ନାରୀ ସମସ୍ୟାର ରୂପାୟନ ମ୍ଧରେ ନାରୀ ମନସ୍ତତ୍ତ୍ୱର ଯଥାଯଥ ବିଶ୍ଳେଷଣ ହୋଇଛି । ପରମ୍ପରା ଭିତରେ ବନ୍ଦୀ ହୋଇଥିବା ଦୀର୍ଘକାଳର ରୂଢ଼ିବାଦୀ ମାନସିକତା ଏବଂ ନିଜର ସ୍ଥିତି ଓ ଅସ୍ତିତ୍ୱ ବିଷୟରେ ସଚେତନଶୀଳ ମନୋଭାବ ଭିତରେ ନାରୀ ଯେଉଁ ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ସାମ୍ନା କରିଛି ତା'ର ନିଖୁଣ ପରିପ୍ରକାଶ ଦେଖାଯାଏ ଆଲୋଚ୍ୟ କାଳର ଉପନ୍ୟାସରେ । ଓଡ଼ିଆ ନାରୀସ୍ରଷ୍ଟାଙ୍କ ଉପନ୍ୟାସରେ ମଧ୍ୟ ଏହି ମନୋବିଶ୍ଳେଷଣଧର୍ମୀ ଆଭିମୁଖ୍ୟ ବୈଚିତ୍ର୍ୟ ଲାଭ କରିଛି ।

- ଭାଷା ଓ ଶୈଳୀ କ୍ଷେତ୍ରରେ ନାରୀ ସ୍ରଷ୍ଟା ଆପଣା ପାରଦର୍ଶିତା ଦେଖାଇଛନ୍ତି । ଅବାଧ ଓ ମୁକ୍ତ ଭାଷାର ପ୍ରୟୋଗନିମିତ୍ତ ସାହସ ପ୍ରଦର୍ଶନ କରିଛନ୍ତି । ଶୈଳୀଗତ ବିବିଧତାକୁ ଆଦରି ନେଇଛନ୍ତି । ସର୍ବୋପରି ବ୍ୟକ୍ତିସତ୍ତାର ପ୍ରତିଷ୍ଠା ପାଇଁ ୧୯୮୦ ପରବର୍ତ୍ତୀ କାଳରେ ଲେଖିକାମାନେ ଉପନ୍ୟାସର ବ୍ୟାପ୍ତ ପରିସରକୁ ଚୟନ କରିଛନ୍ତି ଏବଂ ବହୁଦିଗରୁ ଉପନ୍ୟାସ ବିଭାଗକୁ ସମୃଦ୍ଧ କରିବାରେ ସ'ଳ ହୋଇଛନ୍ତି ।

ଉପରୋକ୍ତ ବିଶେଷତ୍ୱ ଘେନି ଉପନ୍ୟାସର ବୈଚିତ୍ର୍ୟ ଆକଳନ କଲେ ଓଡ଼ିଆ ଓ ହିନ୍ଦୀ ଭାଷାରେ ଏହି ସମୟରେ କେତେଜଣ ପ୍ରମୁଖ ଲେଖିକା ଦୃଷ୍ଟି ଆକର୍ଷଣ କରନ୍ତି । ସେମାନଙ୍କର ଏକ ସଂକ୍ଷିପ୍ତ ପରିଚୟାତ୍ମକ ବୈଶିଷ୍ଟ୍ୟ ନିମ୍ନରେ ପ୍ରଦାନ କରାଗଲା ।

ଓଡ଼ିଆ ସାହିତ୍ୟରେ ୧୯୮୦ ପରବର୍ତ୍ତୀ କାଳରେ ଲେଖିକାଗଣ ସେମାନଙ୍କ ଉପନ୍ୟାସରେ ନାରୀର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଛନ୍ତି । ନାରୀ ଅନ୍ତର୍ମନର ଗୋପନ ଭାବ-ଭାବନାର ଉନ୍ମୀଳନ ପୂର୍ବକ ସେମାନଙ୍କ ଇଚ୍ଛା ଆକାଙ୍‌କ୍ଷା ତଥା ଅସ୍ତିତ୍ୱ ସଂପର୍କରେ ଦାବି ଉପସ୍ଥାପନ କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ(୧୯୩୨) ଜନ୍ମଗ୍ରହଣ କରିଥିବା ଗାୟତ୍ରୀବସୁ ମଲ୍ଲିକ ବହୁ ଉପନ୍ୟାସର ସ୍ରଷ୍ଟା । ତାଙ୍କ ଉପନ୍ୟାସର ପରିସର ଉଭୟ ପରିମାଣାତ୍ମକ ଏବଂ ଗୁଣାତ୍ମକ ମୂଲ୍ୟ ଦୃଷ୍ଟିରୁ ସମୃଦ୍ଧ । ଯୁଗ ଯୁଗ ଧରି ନାରୀ ଉପରେ ଥିବା ପାରମ୍ପରିକ ଅବଧାରଣାଗୁଡ଼ିକୁ ଭାଙ୍ଗି ନୂତନ ଏକ ସୁସ୍ଥ ସମାଜ ପରିକଳ୍ପନା କରିବା କ୍ଷେତ୍ରରେ ଏହି ନାରୀ ଲେଖକଙ୍କର ଲେଖନୀ ସଦା ଚଂଳ ଥିଲା । ନାରୀକୁ ଭୋଗସର୍ବସ୍ୱ କିମ୍ବା ତ୍ୟାଗ ସର୍ବସ୍ୱ ନ କରି ଉପଯୁକ୍ତ ମାନବିକ ମୂଲ୍ୟବୋଧର ପରିଧିରେ ନାରୀ ଭିତରେ ଥିବା ଚିନ୍ତା ଚେତନାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ସବୁବେଳେ ଚେଷ୍ଟା କରିଥିଲେ । ବିଂଶ ଶତକର ଷଷ୍ଠ ଦଶକରୁ ସେ ଉପନ୍ୟାସ ରଚନାରେ ହାତ ଦେଇ ଅନେକ କାଳଜୟୀ ଉପନ୍ୟାସ ରଚନା କରିଛନ୍ତି । ତାଙ୍କର ଉପନ୍ୟାସ ଗୁଡ଼ିକ ହେଲା– ତ୍ରିପର୍ଣ୍ଣା(୧୯୭୧), 'ଅୟନାନ୍ତ'(୧୯୭୨), 'ସୂର୍ଯ୍ୟପରାଗ'(୧୯୭୭), 'କାବେରୀ'(୧୯୭୯), 'ମାଧବୀର ମଧୁରାତି'(୧୯୮୧), 'ମୃଗତୃଷ୍ଣାର ଇତିହାସ'(୧୯୮୨), 'ମରୁଝର'(୧୯୮୩),'ଓଏସିସ୍'(୧୯୮୩), 'ପଦ୍ମତୋଳା'(୧୯୮୪), 'ନିଶାନ୍ତେ'(୧୯୮୭), 'ସାତ ସାଗର ତେର ନଦୀ ପାରେ'(୧୯୮୮), 'ଯାଯାବରର ଠିକଣା'(୧୯୮୯), ପ୍ରଭୃତି ।

ଓଡ଼ିଆ କଥା ସାହିତ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ ପରେ ଶାନ୍ତି ମହାପାତ୍ର(ବଳ) ହେଉଛନ୍ତି ପ୍ରଥମ ନାରୀ ଲେଖକ ଯିଏକି ଇତିହାସ ଓ ପୁରାଣର ପଟ୍ଟଭୂମିକୁ ଆଧାର କରି ରଚନା କରିଛନ୍ତି ଉପନ୍ୟାସ । ତାଙ୍କ ଲେଖାରେ ଇତିହାସର ବିକୃତାୟନ ନାହିଁ ବରଂ ଅଛି ବର୍ତ୍ତମାନ ଓ ଭବିଷ୍ୟତକୁ ସଜାଡ଼ିବାର ନିରୁତା ସଂକଳ୍ପ ।୨୦ ଜୁଲାଇ ୧୯୪୧ ମସିହାରେ ଭଦ୍ରକର ତାଳପଦା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ଶାନ୍ତି ମହାପାତ୍ର ବୃତ୍ତିରେ ଥିଲେ ଇତିହାସର ଅଧ୍ୟାପିକା । ସେଥିପାଇଁ ବୃତ୍ତିଗତ ଜୀବନର ଅଭିଜ୍ଞତାକୁ ସାଉଁଟି ତଥ୍ୟ ଓ କାହାଣୀ ପରିବେଷଣର ଉପଯୁକ୍ତ ଶୈଳୀକୁ ଆଧାର କରି ସେ ଓଡ଼ିଆ ସାହିତ୍ୟରେ ଆପଣାର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ତାଙ୍କ ରଚିତ ଉପନ୍ୟାସ ମଧ୍ୟରେ ରହିଛି – 'ବୁଦ୍ଧଂ ଶରଣଂ ଗଚ୍ଛାମି'(୧୯୬୮), 'ବେଗମ୍ ନୁର୍ଜାହାନ୍'(୧୯୭୭), 'ଆମ୍ରପଲୀ'(୧୯୮୩), 'ସୁଲତାନ ଆଲାଉଦ୍ଦିନ୍'(୧୯୯୦), 'ସ୍ୱାଧୀନତାର ଶେଷ ସୂର୍ଯ୍ୟ'(୧୯୯୬), 'ଦେବଯାନୀ'(୧୯୯୪), 'ମୁଁ କୈକେୟୀ କହୁଛି'(୨୦୦୦), 'ନିର୍ବାସିତ ବାଦ୍‌ଶା'(୨୦୦୬) ଇତ୍ୟାଦି ।

୧୯୪୧ ମସିହା ନଭେମ୍ବର ୧୧ ତାରିଖରେ ଲେଖିକା କୁମୁଦଲତା ମହାନ୍ତିଙ୍କ ଜନ୍ମ । ସାହିତ୍ୟର ବହୁ ବିଭାଗରେ ତାଙ୍କର ଲେଖନୀ ଚାଳନା ଏବଂ ପ୍ରଭାବ ଓ ପ୍ରତିଷ୍ଠା । ତେବେ ଉପନ୍ୟାସ ବିଭାଗଟିରେ ସେ ପାଇଛନ୍ତି ମନ ଖୋଲି ଆପଣା କଥା କହିବାର ଏକ ମୁକ୍ତ ପରିସର । ସେଥିପାଇଁ ତାଙ୍କର ଉପନ୍ୟାସଗୁଡ଼ିକ ପ୍ରସିଦ୍ଧିର ପାଇବାରେ ହୋଇଛନ୍ତି ସମର୍ଥ ମଧ୍ୟ । ଲେଖିକାଙ୍କ ଉପନ୍ୟାସଗୁଡ଼ିକ ବେଶ୍ ସହଜ ଓ ସାବଲୀଳ ଢ଼ଙ୍ଗରେ ଲିଖିତ । ତାଙ୍କ ଦ୍ୱାରା ରଚିତ ଉପନ୍ୟାସଗୁଡ଼ିକ ହେଉଛି – 'ଅବଲମ୍ବନ'(୧୯୬୧), 'ମନର କୁହେଳି'(୧୯୭୮), 'ବିବାହ ପରେ'(୧୯୮୦), 'ବିଛୁଳୀ'(୧୯୮୫), 'ଧରିତ୍ରୀର ଲୁହ'(୧୯୯୦), 'ଏକ ମନ ଦୁଇ ଧାର'(୧୯୯୮), 'ଝଡ଼ର ଶେଷକଥା'(୨୦୦୧), 'ବୋହୂ'(୨୦୦୮), 'ଶୂନ୍ୟ ମନ୍ଦିର'(୨୦୧୦), 'ତଥାପି ସଂପର୍କ'(୨୦୧୧) ଇତ୍ୟାଦି ।

ଔପନ୍ୟାସିକା ସୁକାମିନୀ ନନ୍ଦଙ୍କ ଜନ୍ମ ୧୯୪୨ ମସିହାରେ ଢେଙ୍କାନାଳର କୁଞ୍ଜକାନ୍ତ ସାହିରେ । ତାଙ୍କ ଲିଖିତ ଉପନ୍ୟାସ ମଧ୍ୟରେ ରହିଛି – 'ସୀତା'(୧୯୮୩), 'ବସୁମତୀ'(୧୯୮୩), 'ଶିଳା'(୧୯୮୩), 'ମାଧବୀଲତା'(୧୯୮୩), 'ଆରଣ୍ୟକ'(୧୯୮୩), 'ରାଇ ବିନୋଦିନୀ'(୧୯୮୪), 'ଅଶ୍ରୁ', 'କାକା କୋୟେଲ୍', 'ଅନନ୍ୟା', 'ଏଇ ଅନୁରାଧା', 'ଅନୁରାଗ'(୧୯୭୭), 'ଶ୍ରାବଣୀ', 'ପରାଜିତା ନାୟିକା', 'ସଉଦା ନାନୀ', 'ଅନେକ ଶୂନ୍ୟତା', 'ଅଜ୍ଞାତବାସ', 'କୋମଳ ନିଷାଦ', 'ଐକେନ୍ଦ୍ରିକ', 'କୃଷ୍ଣା', 'ଭିନ୍ନ ଏକ ସିଦ୍ଧାର୍ଥ', 'ଶେଷଭାଗ' ଇତ୍ୟାଦି । ଉପନ୍ୟାସ ରଚନା କ୍ଷେତ୍ରରେ ତାଙ୍କର ଅବଦାନ ତାଙ୍କୁ ଦେଇଛି ଅନେକ ପୁରସ୍କାର ଓ ସମ୍ମାନ ।

ସାମସମୟିକ କାଳର ଜଣେ ଉଚ୍ଚକୋଟିର ଔପନ୍ୟାସିକା ହେଉଛନ୍ତି ପ୍ରତିଭା ରାୟ ।ସେ ଜନ୍ମ ଗ୍ରହଣ କରନ୍ତି ୧୯୪୩, ଜାନୁୟାରୀ ୨୧ ତାରିଖରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଅଞ୍ଚଳର ଅଳାବୋଲା ଗ୍ରାମରେ । ଓଡ଼ିଆ ଉପନ୍ୟାସ କ୍ଷେତ୍ରରେ ତାଙ୍କର ଅବଦାନ ପରବର୍ତ୍ତୀ ପିଢ଼ିର ଲେଖିକାଙ୍କୁ ଯୋଗେଇଛି ଉତ୍ସାହ ଓ ପ୍ରେରଣା । ଓଡ଼ିଆ ସାହିତ୍ୟକୁ ସମଗ୍ର ଭାରତ ତଥା ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାରେ ତାଙ୍କର ଅବଦାନ ବେଶ୍ ମହତ୍ୱପୂର୍ଣ୍ଣ । ୧୯୭୪ ମସିହାରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ 'ବର୍ଷା ବସନ୍ତ ବୈଶାଖ'ରୁ

ଉପନ୍ୟାସର ଯାତ୍ରା ଆରମ୍ଭ ହୋଇ ଏଯାବତ୍ ତାଙ୍କର ଲେଖନୀ ସକ୍ରିୟ ରହିଛି । ଲେଖିକାଙ୍କ ଉପନ୍ୟାସର ପରିଧି ଭିତରେ ରହିଛି ପୁରାଣ, ଇତିହାସ, ସମାଜ, ଦର୍ଶନ, ବିଜ୍ଞାନ ଓ ଆଧ୍ୟାତ୍ମିକତା ଆଧାରିତ ବିଷୟବସ୍ତୁ । ୧୯୮୦ ପରବର୍ତ୍ତୀ ସମୟରେ ରଚିତ ତାଙ୍କ ଉପନ୍ୟାସ ମଧ୍ୟରେ ରହିଛି – 'ମେଘମେଦୂର' (୧୯୮୦), 'ଆଶାବରୀ' (୧୯୮୦), 'ଅୟମାରମ୍ଭ' (୧୯୮୧), 'ନୀଳତୃଷ୍ଣା' (୧୯୮୧), 'ସମୁଦ୍ରର ସ୍ୱର' (୧୯୮୨), 'ଶିଳାପଦ୍ମ' (୧୯୮୩), 'ଯାଜ୍ଞସେନୀ' (୧୯୮୪), 'ଦେହାତୀତ' (୧୯୮୬), 'ଉତ୍ତରମାର୍ଗ' (୧୯୮୮), 'ଆଦିଭୂମି' (୧୯୯୩), 'ମହାମୋହ' (୧୯୯୭), 'ମଗ୍ନମାଟି' (୨୦୦୪), 'ମହାରାଣୀ ପୁତ୍ର' (୨୦୦୮) । ପ୍ରତିଭାଙ୍କ ରଚିତ ଅର୍ଦ୍ଧାଧିକ ଉପନ୍ୟାସ ହିନ୍ଦୀ,ବଙ୍ଗଳା, ଗୁଜୁରାଟୀ, ଅସମୀୟା, ମରାଠୀ, ମାଲାୟଲମ୍, ପଞ୍ଜାବୀ, କନ୍ନଡ଼ ଆଦି ଭାଷାରେ ଅନୂଦିତ ହୋଇ ସର୍ବଭାରତୀୟ କ୍ଷେତ୍ରରେ ଆଦୃତ ଓ ଜନପ୍ରିୟ ହୋଇପାରିଛି ।

ଇତିହାସ, ପୁରାଣ,ଦର୍ଶନ,ମନସ୍ତତ୍ତ୍ୱ,ବିଜ୍ଞାନ ଓ ପାରମ୍ପରିକ ଜୀବନ ଭିତରୁ ସତ୍ୟ ଉଦ୍‌ଘାଟନ କରି ସେ ସ୍ୱଭାବତଃ ବାସ୍ତବବାଦୀ ଶିଳ୍ପୀସତ୍ତାର ପରିଚୟ ସୃଷ୍ଟି କରିପାରିଛନ୍ତି । ସମାଜର ପ୍ରଥାବଦ୍ଧତା ମଧ୍ୟରେ ପେଶିହୋଇଯାଉଥିବା ନାରୀ ମନର ଅନ୍ତଃସଂଘର୍ଷ ଏବଂ ସାମାଜିକ ସଂଘର୍ଷର ପ୍ରତିଫଳନ ଦେଖାଯାଏ ଲେଖିକାଙ୍କ ମେଘମେଦୂର,ଆଶାବରୀ, ନୀଳତୃଷ୍ଣା, ଅୟମାରମ୍ଭ ଓ ସମୁଦ୍ରର ସ୍ୱର ଭଳି ଉପନ୍ୟାସରେ । ସେହିପରି ପୁରାଣର ନାରୀ ଚରିତ୍ରକୁ ନୂତନ ମୂଲ୍ୟବୋଧ ଭିତ୍ତିରେ ଲେଖିକା ଉପସ୍ଥାପିତ କରିଛନ୍ତି 'ଯାଜ୍ଞସେନୀ' ଓ 'ମହାମୋହ' ଉପନ୍ୟାସରେ ।

ଲେଖିକା ମାନସୀ ଦାସଙ୍କ ଜନ୍ମ ୧୯୪୩ ମସିହା, ମେ ୦୬ ତାରିଖରେ ପୁରୀ ସହରରେ । ତାଙ୍କର ପ୍ରକାଶିତ ଉପନ୍ୟାସ ମଧ୍ୟରେ ରହିଛି, 'ବିଭାଜ୍ୟ'(୧୯୮୧), 'ତୃତୀୟ ପାହାଚ'(୧୯୯୨), 'ନିସ୍ତବ୍ଧ କୋଳାହଳ'(୧୯୯୪), 'ନିଜନିଜର ସୂର୍ଯ୍ୟ'(୧୯୯୯), 'ଛନ୍ଦ'(୨୦୦୧), 'ଯୁମାମିଆଁ'(୨୦୦୨), 'ଗୁପ୍ତ ଜୟଦେବ'(୨୦୦୯), 'ଚକ୍ରବ୍ୟୁହରେ' ଏବଂ 'ହାଇଦି' (ଜର୍ମାନ ଲେଖିକା ଯୋହାନା ସ୍ପିରିଙ୍କ ଉପନ୍ୟାସର ମର୍ମାନୁବାଦ-୨୦୦୮) । ତାଙ୍କର 'ନିସ୍ତବ୍ଧ କୋଳାହଳ' ଉପନ୍ୟାସଟି ସର୍ବପ୍ରଥମେ 'ନିଃସଙ୍ଗ ଆକାଶ' ନାମରେ ୧୯୭୪ ମସିହାରେ ଏକ ପତ୍ରିକାରେ ପ୍ରକାଶ ପାଇଥିଲା ।

ମାନସୀ ଦାସଙ୍କ ଉପନ୍ୟାସର ବିଶେଷତ୍ୱ ହେଉଛି, ସେ ସବୁର ଭାବଭୂମି ଗାଁରୁ ସହର ପର୍ଯ୍ୟନ୍ତ ବିସ୍ତୃତ । ପ୍ରାୟ ମଧ୍ୟ ବର୍ଗର ନାରୀ ଚରିତ୍ରମାନଙ୍କୁ ନେଇ ଲେଖିକାଙ୍କର ଉପନ୍ୟାସ ସବୁ ପରିପୁଷ୍ଟ । ଲେଖିକାଙ୍କ ବ୍ୟକ୍ତିତ୍ୱର ଛାପ ତାଙ୍କର ପ୍ରାୟ ଉପନ୍ୟାସରେ ଉପଲକ୍ଷ୍ୟ । ସମାଜ ପ୍ରତି କର୍ତ୍ତବ୍ୟବୋଧିତା ସହିତ ତାଙ୍କ ଉପନ୍ୟାସର ନାରୀ ଚରିତ୍ରମାନେ ଆଧୁନିକ ଚେତନଶୀଳତାରେ ଉଦ୍ଦୀପ୍ତ । ଉଭୟ ସମସ୍ୟା ଓ ସଂଘର୍ଷକୁ ସ୍ୱାଭିମାନର ସହ ଦମ୍ଭ ଧରି ସାମ୍ନା କରିଥାନ୍ତି ତାଙ୍କ ଉପନ୍ୟାସର ନାରୀମାନେ । କେବଳ ନାରୀର ସମସ୍ୟା ନୁହେଁ, ନକ୍ସଲ ଆନ୍ଦୋଳନ ଭଳି ଜାତୀୟ ସମସ୍ୟାକୁ ମଧ୍ୟ ନିଖୁଣ ଭାବରେ ସ୍ଥାନ ଦେଇଛନ୍ତି ସେ ତାଙ୍କ ସମସ୍ତ ଉପନ୍ୟାସର କାହାଣୀରେ ।

୧୯୪୪ ମସିହା ସେପ୍ଟେମ୍ବର ୨୩ରେ ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ବାଉଁଶିଆପଡ଼ା ଗାଁରେ ଜନ୍ମିତ ବିଜୟିନୀ ଦାସ ଏକାଧାରରେ ଜଣେ କବି, ଗାଳ୍ପିକା ଓ ଉପନ୍ୟାସିକା ଭାବରେ ପରିଚିତ । ତାଙ୍କର 'ଶିଖାପତଙ୍ଗ' (୧୯୮୦), 'ପଙ୍କ ତିଳକ' (୧୯୮୧), 'ଟିକେ ହସ ଟିକେ ଲୁହ' (୧୯୮୧), 'ନିଷିଦ୍ଧକାବ୍ୟ' (୧୯୮୨), 'ଅଜ୍ଞାତ ଅଧ୍ୟାୟ' (୧୯୮୫), 'ବାଗ୍‌ଦତ୍ତା' (୧୯୮୭), 'ଦେବଦାସୀ' (୧୯୮୯), 'ଡାଏରୀ' (୧୯୮୯), 'ଦେବକୀ' (୧୯୯୭), 'ନିଃଶବ୍ଦ ନିକ୍ୱଣ' (୧୯୯୭), 'ତ୍ରିନୟନା' (ତିନୋଟି ଉପନ୍ୟାସର ସମାହାର-୨୦୦୨) ଆଦି ଉପନ୍ୟାସରେ ନାରୀ ଉଗ୍ରବାଦୀ ନୁହେଁ ବରଂ ଆପଣାର ଏକ ସ୍ୱତନ୍ତ୍ର ଭୂମି ପ୍ରତିଷ୍ଠା ଦିଗରେ ଉଦ୍ୟମଶୀଳ ତଥା ପାରମ୍ପରିକ ଓ ପରିବର୍ତ୍ତିତ ସମାଜ ସଂପର୍କରେ ପୂର୍ଣ୍ଣ ସଚେତନଶୀଳ ।୧୯୯୧ ମସିହାରେ ତାଙ୍କର ଉପନ୍ୟାସ 'ଦେବଦାସୀ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ପୁନଶ୍ଚ ତାଙ୍କର ଟିକେ ହସ ଟିକେ ଲୁହ ଉପନ୍ୟାସଟି ଚଳଚ୍ଚିତ୍ର ଭାବରେ ମଧ୍ୟ ପରିବେଶିତ ହୋଇ ଲୋକପ୍ରିୟତା ହାସଲ କରିଛି ।

ପ୍ରାୟ ବିଗତ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବରେ ଅନେକ ସାହିତ୍ୟ କୃତି ରଚନା କରି ବର୍ତ୍ତମାନର ଜଣେ ପ୍ରତିଶ୍ରୁତି ସଂପନ୍ନ କାଥା ସାହିତ୍ୟକାର ଭାବରେ ବେଶ୍ ଖ୍ୟାତିର ଅଧିକାରୀଣୀ ହେଉଛନ୍ତି ଇନ୍ଦିରା ଦାଶ । ୧୯୪୬ ମସିହା ଫେବୃଆରୀ ୬ ତାରିଖରେ ପୁରୀର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଲେଖିକାଙ୍କର ଜନ୍ମ । ତାଙ୍କ ରଚିତ ଉପନ୍ୟାସଗୁଡ଼ିକାର ବିଶେଷତ୍ୱ ହେଉଛି, ସେ ମଣିଷର ଦୈନନ୍ଦିନ ସାଧାରଣ ଜୀବନଧାରା ମଧ୍ୟରେ ପ୍ରତିଟି ସୂକ୍ଷ୍ମାତିସୂକ୍ଷ୍ମ ଘଟଣାବଳୀକୁ ବିଶ୍ଳେଷଣ କରନ୍ତି ଏବଂ ତାହା ରୂପପାଏ ତାଙ୍କର ସମସ୍ତ ଉପନ୍ୟାସରେ । ଲେଖିକାଙ୍କର ପ୍ରକାଶ ପାଇଛି ମୋଟ ଚାରିଗୋଟି ଉପନ୍ୟାସ – 'ବହ୍ନିସ୍ନାତା'(୨୦୦୪), 'ବନ୍ଧନ ନୁହେଁ ବନ୍ଧୁତ୍ୱ ଚାହେଁ'(୨୦୧୦), 'ନିର୍ବାଣ ଅଭିସାର'(୨୦୧୨) ଏବଂ 'ନୀଳଜ୍ୟୋସ୍ନା'(୨୦୧୬) ।

ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ ଜନ୍ମ ୧୯୪୮ ମସିହା ଅକ୍ଟୋବର ୨ ତାରିଖରେ ଯାଜପୁର ଜିଲ୍ଲାର ନୂଆ ଶାସନ ଗ୍ରାମରେ । ତାଙ୍କ ଉପନ୍ୟାସଗୁଡ଼ିକ ମଧ୍ୟରୁ 'ଅସ୍ତଜନ୍ମ'(୧୯୭୨) ଏବଂ 'ଅରଣ୍ୟର ଛାଇ'(୨୦୦୬)କୁ ଛାଡ଼ି ବାକି ଛଅ ଖଣ୍ଡ ଉପନ୍ୟାସ ପୁରାଣ ଆଧାରିତ ଯଥା– 'ପିତାମହ ଭୀଷ୍ମ'(୧୯୯୮), 'ନିଭୃତ ସଂଳାପ : ମୈଥିଳୀ'(୨୦୦୩), 'ମହାନାୟକ ଶ୍ରୀକୃଷ୍ଣ'(୨୦୦୪),

'କୁନ୍ତୀପୁତ୍ର'(୨୦୦୭), 'ନିଃଶବ୍ଦ ବସନ୍ତ : ଉତ୍ତରା'(୨୦୦୮), 'ଏବଂ ଦ୍ରୋଣ'(୨୦୦୮) । ଶ୍ରୀମତୀ ଆଚାର୍ଯ୍ୟଙ୍କ ଉପନ୍ୟାସରେ ନାରୀର ସ୍ଥାନ ସଂପର୍କରେ ସେ କହନ୍ତି – '' ମୋର ଉପନ୍ୟାସର ନାରୀଚରିତ୍ରମାନେ ଦୋଷ, ତ୍ରୁଟି ସମନ୍ୱିତ ରକ୍ତମାଂସର ମଣିଷ । ସେଭଳି ଚରିତ୍ର ନିକଟରେ ଯେତିକି ସହନଶୀଳତା ଓ ତ୍ୟାଗ ସମ୍ଭବ ତା' ସେମାନେ ପ୍ରଦର୍ଶନ କରିଛନ୍ତି, ମାର୍ଜିତ ଓ ଶାଳୀନ ଭାବେ । ଅନ୍ୟାୟର ପ୍ରତିବାଦ ମଧ୍ୟ କରିଛନ୍ତି । ନାରୀ ସଶକ୍ତିକରଣ ହିଁ ମୋ ଗଳ୍ପ ଉପନ୍ୟାସର ମୁଖ୍ୟ ସ୍ୱର ।'' (୩) ବାସ୍ତବରେ ଦୋଷ-ତ୍ରୁଟି ବିଜଡ଼ିତ ମଣିଷ ହିସାବରେ ନାରୀର ବ୍ୟକ୍ତିତ୍ୱ ଫୁଟାଇବାରେ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ସାମସମୟିକ ସମାଜରୁ ଚରିତ୍ର ବାଛିଛନ୍ତି ।

ସରୋଜିନୀ ସାହୁ ନାରୀବାଦ ଓ ନାରୀବାଦୀ କଥା ସାହିତ୍ୟ କ୍ଷେତ୍ରରେ ଏକ ପରିଚିତ ନାମ । ଲେଖିକାଙ୍କ ଜନ୍ମ ୧୯୫୬ ମସିହା ଜାନୁଆରୀ ୪ ତାରିଖରେ । ତାଙ୍କର କୃତି ମଧ୍ୟରେ ରହିଛି – 'ଉପନିବେଶ' (୧୯୯୭ ରେ ଅମୃତାୟନ ପତ୍ରିକାରେ ଓ ବହି ଆକାରରେ ୧୯୯୮ ମସିହାରେ ପ୍ରକାଶିତ), 'ପ୍ରତିବନ୍ଦୀ'(୧୯୯୯), 'ସ୍ୱପ୍ନ ଖୋଜାଳିମାନେ'(୧୯୯୯), 'ମହାଯାତ୍ରା'(୨୦୦୧), 'ଗମ୍ଭିରିଘର'(୨୦୦୬), 'ବିଷାଦ ଈଶ୍ୱରୀ'(୨୦୦୬), 'ପକ୍ଷୀବାସ'(୨୦୦୬) 'ଅସାମାଜିକ'(୨୦୦୮) । ତାଙ୍କ ଉପନ୍ୟାସ ଗମ୍ଭିରିଘର 'The Dark Aboard' ଏବଂ ବିଷାଦଈଶ୍ୱରୀ 'The Goddess of Exile' ନାମରେ ଇଂରାଜୀରେ ଅନୁଦିତ । ନାରୀବାଦ ସଂପର୍କରେ ତାଙ୍କର ଏକ ବହୁଚର୍ଚ୍ଚିତ ପ୍ରବନ୍ଧ ପୁସ୍ତକ ହେଉଛି 'The sensible sensuality' । ତାଙ୍କ ଉପନ୍ୟାସରେ ପୁରୁଷତାନ୍ତ୍ରିକ ସମାଜରେ କ୍ଷତାକ୍ତ ଓ ବ୍ୟଥିତ ନାରୀର ବିଭିନ୍ନ ଅବସ୍ଥା ଓ ଭୂମିକାର ଚିତ୍ରଣ ଦେଖିବାକୁ ମିଳେ ।

୧୯୫୯ ମସିହା ମାର୍ଚ୍ଚ ମାସ ୧୧ ତାରିଖରେ ଜନ୍ମଗ୍ରହଣ କରିଥିବା ଲେଖିକା ରଶ୍ମି ରାଉଳଙ୍କ ବିଶେଷତ୍ୱ ହେଉଛି ତାଙ୍କ ଉପନ୍ୟାସଗୁଡ଼ିକର ଚରିତ୍ରମାନେ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅନେକ ବଳିଷ୍ଠ । ତାଙ୍କର ଉପନ୍ୟାସଗୁଡ଼ିକ ହେଲା - 'ସବୁଜ ଅନ୍ଧାର'(୨୦୦୨), 'ଅନ୍ତରଙ୍ଗ ଦୀର୍ଘଶ୍ୱାସ'(୨୦୦୩), 'ଏଠି ଗୋଟେ ଗାଁ ଥିଲା'(୨୦୦୩), 'ମା' ଝିଅଙ୍କ ଆକାଶ'(୨୦୦୮), 'ଦୁଃସ୍ୱପ୍ନର ସୌଦାଗର'(୨୦୧୦), 'ତିନିଗାର ସେପାଖର ସତୀ'(୨୦୧୧), 'ଅକଳ୍ପିତ କାହାଣୀ'(୨୦୧୧) ଇତ୍ୟାଦି ।

ଜୀବନରେ ସଫଳତାର ପାହାଚ ସବୁ ଅତିକ୍ରମ କରୁଥିବା ବେଳେ ନାରୀ ଜୀବନର ଯେଉଁ ସବୁ ବାଧା, ସମସ୍ୟାଦିର ସମ୍ମୁଖୀନ ହୋଇଥାଏ ଏବଂ ସାହସର ସହିତ ସେହି ସମସ୍ତ ସମସ୍ୟାକୁ ଲଘିଁଯିବାର ପ୍ରୟାସ କରିଥାଏ, ସେ ସମସ୍ତର ମାର୍ମିକ ପରିପ୍ରକାଶ ରହିଛି ସୁସ୍ମିତା ବାଗଚୀଙ୍କ ଉପନ୍ୟାସରେ । ୧୯୮୦ ମସିହାରୁ ସାହିତ୍ୟ ସାଧନାରେ ଲିପ୍ତ ରହିଥିବା ଏହି ନାରୀ ସ୍ରଷ୍ଟା ଜଣକ ନିଜର ବ୍ୟକ୍ତିଗତ ଜୀବନରେ ସମାଜର ମନୋଟନୀକୁ ଆଡ଼େଇ ଯିବାରେ ଯେତିକି ସଫଳ, ତାଙ୍କର ସେହି ଅଙ୍ଗେ ନିଭା ଅନୁଭୂତି ପ୍ରସୂତ ଉପନ୍ୟାସ ଗୁଡ଼ିକ ମ୍ଧ ଅନୁରୂପ ଭାବରେ ସଫଳ । ୧୯୬୦ ମସିହା ସେପ୍ଟେମ୍ବର ୨୫ ତାରିଖରେ ଜନ୍ମିତ ସୁସ୍ମିତାଙ୍କର ରହିଛି ୬ଟି ଉପନ୍ୟାସ । ଲେଖିକାଙ୍କର ଗଳ୍ପ ଓ ଉପନ୍ୟାସ ସବୁ ବିଭିନ୍ନ ଭାରତୀୟ ତଥା ଇଂରାଜୀ ଭାଷାରେ ଅନୂଦିତ ହୋଇ ଲୋକପ୍ରିୟତା ଲାଭ କରିଛି । ତାଙ୍କ ରଚିତ ଉପନ୍ୟାସଗୁଡ଼ିକ ହେଉଛି – 'ପ୍ରବାସର ପକ୍ଷୀ'(୧୯୯୮), 'ସ୍ରୋତପର୍ଣ୍ଣା'(୨୦୦୦), 'ସ୍ୱପ୍ନ ନିହାରିକା'(୨୦୦୩), 'ଦେବଶିଶୁ'(୨୦୦୬), 'ପ୍ରାଚୀ ପ୍ରତିଚୀ'(୨୦୦୯) ଏବଂ 'ସାତତାଳ ପାଣି'(୨୦୧୨) ।

ଲେଖିକା ତାଙ୍କର ଉପନ୍ୟାସ ରଚନା ସଂପର୍କରେ କହନ୍ତି – ''କାହାଣୀର ପାଦେ ପାଦେ ଆଗେଇ ଯିବାବେଳେ ଚରିତ୍ରମାନେ ଆବିର୍ଭୂତ ହୁଅନ୍ତି । ଏଇ ଚରିତ୍ରମାନଙ୍କୁ ସୁନ୍ଦର ଭାବେ ପରିସ୍ଫୁଟ କରିବା ପାଇଁ ମୁଁ ଚେଷ୍ଟା କରେ, କିନ୍ତୁ ବିନା କାରଣରେ କାହାକୁ ଅଧିକ ଗୁରୁତ୍ୱ ଦେବାର ପକ୍ଷପାତୀ ମୁଁ ନୁହଁ । ତେବେ ମୁଁ ନାରୀ । ପୁରୁଷ ଅପେକ୍ଷା ନାରୀର ଭାବନା, ଚିନ୍ତାଧାରା, ଅନ୍ତର୍ଦ୍ୱନ୍ଦ୍ୱକୁ ମୁଁ ଅଧିକ ଉପଲବ୍ଧି କରିପାରେ ।''(୪) ସେଇଥିପାଇଁ ବୋଧହୁଏତାଙ୍କର ପ୍ରଥମ ଉପନ୍ୟାସ 'ପ୍ରବାସର ପକ୍ଷୀ' ଓ 'ପ୍ରାଚୀ ପ୍ରତିଚୀ'କୁ ବାଦ୍‌ଦେଲେ ଅନ୍ୟ ଚାରିଟିଯାକ ଉପନ୍ୟାସରେ ନାରୀମାନେ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରତିଭାତ ହୁଅନ୍ତି ଏବଂ ମୁଖ୍ୟ ଚରିତ୍ର ଭାବରେ ଅବତୀର୍ଣ୍ଣ ହୋଇଛନ୍ତି ।

ମମତାମୟୀ ଚୌଧୁରୀଙ୍କ ଜନ୍ମ ୧୯୭୦ ମସିହା ଅକ୍ଟୋବର ୦୧ ତାରିଖରେ ଭୁବନେଶ୍ୱରଠାରେ । ତାଙ୍କ ଉପନ୍ୟାସ ମ୍ଧରେ ରହିଛି – 'ଦିଗ୍‌ବଳୟ ଏଠି ନୁହେଁ'(୨୦୦୭), 'ବୈଶ୍ରବଣୀ'(୨୦୦୮), 'ସାରାଂଶ'(୨୦୦୯), 'ସବୁଠୁ ଉଚ୍ଚା ଡାଳର ବସା'(୨୦୧୦), 'ଅନିନ୍ଦିତାର ଡାଏରୀ'(ତ୍ରିୟୋ), 'ସରୀସୃପ', 'ଦୁର୍ଗ ତଥାପି ଭାଙ୍ଗେନାହିଁ', 'କ୍ୟାମ୍ପସ୍ କ୍ୟାମ୍ପସ୍', 'ଫର୍ଚ୍ଚା', 'ସ୍ମିତି ସଂହିତା', 'The women within a women', 'ହୋମୋସାପିଏନ୍‌ସ୍' ଓ 'ଯଦି ଋତୁ ବଦଳେ' ଇତ୍ୟାଦି । ମମତାମୟୀ ଚୌଧୁରୀଙ୍କ ଉପନ୍ୟାସର ନିଆରାପଣ, ସେ ସବୁରର ଚରିତ୍ର ଓ ଭାବବସ୍ତୁ ସହିତ ଜଡ଼ିତ । ନାରୀର ନାରୀତ୍ୱକୁ ଗୁରୁତ୍ୱ ଦେଇଛନ୍ତି ସେ ଉପନ୍ୟାସଗୁଡ଼ିକରେ । ନାରୀର ଉତ୍ତରଣ କଥା କହିବା ସହିତ ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ତଥା ରାଜନୀତିକ ପରବର୍ତ୍ତୀ ପରିସ୍ଥିତିରେ ନିର୍ଣ୍ଣୟ ନେଇପାରିବାର କ୍ଷମତାକୁ ସେ ଦେଖାଇଛନ୍ତି । ସବୁ ବର୍ଗର ତଥା ସମାଜରେ ଶ୍ରେଣୀ ସଂଘର୍ଷର ନିଖୁଣ ଚିତ୍ର ରହିଛି ତାଙ୍କ ଲେଖାରେ । ତାଙ୍କ ଉପନ୍ୟାସର ନାରୀ ଚରିତ୍ରମାନେ ନିଜକୁ ସବୁ ପ୍ରକାରର

ପରିସ୍ଥିତିରେ ଛିଡ଼ା କରାଇ ପାରନ୍ତି । ଦମ୍ଭ ସହକାରେ ନିର୍ଣ୍ଣୟ ନେଇ ପାରନ୍ତି ।

ଉଭୟ ଗୁଣାତ୍ମକ ତଥା ପରିମାଣାତ୍ମକ ଦୃଷ୍ଟିରୁ ଉପନ୍ୟାସ ରଚନା କରି ଓଡ଼ିଆ କଥା ସାହିତ୍ୟକୁ ସମୃଦ୍ଧ କରିଥିବା ଉପରୋକ୍ତ ଲେଖିକାଙ୍କ ବ୍ୟତୀତ ଅଦ୍ୟାବଧି ବହୁ ଲେଖିକା ମଧ୍ୟ ଉପନ୍ୟାସ କ୍ଷେତ୍ରରେ ବେଶ୍ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିବାର ଦେଖାଯାଏ । ଏମାନଙ୍କ ଉପନ୍ୟାସରେ ନାରୀବାଦର ସ୍ୱର କେତେକ ସ୍ଥାନରେ ଉହ୍ୟ ଏବଂ କିଛି କିଛି ସ୍ଥାନରେ ଅପେକ୍ଷାକୃତ ଶାଣିତ ହେଉଥିବାର ମଧ୍ୟ ଲକ୍ଷ୍ୟ କରାଯାଏ । ଓଡ଼ିଆ ସାହିତ୍ୟର ପରିବର୍ତ୍ତିତ ସ୍ୱରକୁ ଘେନି ଏକ ମିଶ୍ରିତ ପ୍ରତିକ୍ରିୟା ଦେଖାଯାଏ ସେମାନଙ୍କ ଉପନ୍ୟାସରେ । ସେମାନେ ହେଲେ, କବିତା ବାରିକ(ପର୍ଦ୍ଦା ପଛର ଗୀତ, ସମ୍ପର୍କ, ମନର ଘର, ଜୀବନ ନଈ, ଇପ୍‌ସିତ ସକାଳ), ସୁଲୋଚନା ଦାସ(ଅନନ୍ତିକା, ସ୍ୱପ୍ନାହତା, ମରୁତୀର୍ଥ), ପ୍ରବୀଣା ମହାନ୍ତି(ସ୍ୱାତୀ, ଏବେ ବି ସୁନ୍ଦର ଧରା, ନୀଡ଼, ଶ୍ୟାମଳ ସୁଗନ୍ଧ, ନିବିଡ଼ ନିଃସ୍ୱନ, ସ୍ତିମିତ ନକ୍ଷତ୍ର, ଶ୍ରେୟସୀ ଓ ପୁନଶ୍ଚ ମୌସୁମୀ, ତନୁ, ତନ୍ନିମା ତବସୁମ), ରୋଜାଲି ନନ୍ଦ(ଉର୍ମିଳା, କର୍ଣ୍ଣ), ଜ୍ୟୋତ୍ସ୍ନା ରାଉତରାୟ(ପରାଜିତା ସାମ୍ରାଜ୍ଞୀ), ମହାପାତ୍ର ଶାନ୍ତା ନାୟକ(ନିଶିଦ୍ଧ ନାୟିକା, ଶେଷ ସ୍ୱପ୍ନ), ମମତା ଦାଶ(ଅରୁନ୍ଧତୀର ସନ୍ଧ୍ୟା, କେହି ଜଣେ ବିଶାଖା), ବୀଣା ମହାପାତ୍ର(ତାରା ବାଈ, ଢେଉ ପରେ ଢେଉ), ପ୍ରଫୁଲ୍ଲତା ମହାପାତ୍ର(ପ୍ରଥମ କଦମ୍ବ ଫୁଲ, ତାପସୀ ତପସ୍ୟା, ଯେଉଁଠି ଫୁଲ ଫୁଟେ), ସ୍ୱର୍ଣ୍ଣ ଦେବୀ(ଦୂରାନ୍ତର ପକ୍ଷୀ, ଶୃଙ୍ଖଳିତା, ଏତେ ପାଖରେ ଆକାଶ), ସଂଯୁକ୍ତା ମହାନ୍ତି(ସବୁଜ ଅନ୍ଧାର, ସମ୍ମୁଖେ ରହିଛି ପଥ ବହୁଦୂର, ଗୋଟିଏ ବର୍ଷା ରାତିର ଅପେକ୍ଷାରେ, ହାରିଯାଉଥିବା ଦୃଶ୍ୟଟିଏ, ଦାୟବଦ୍ଧ, ଛାଇ ଆଲୁଅର ଖେଳ, ନୀଳ ନୀରବତା), ସଂଯୁକ୍ତା ରାଉତ(ମୁକ୍ତ ବିହଙ୍ଗୀ, ଯୂପ କାଠରେ ପଶୁ, ଯେଉଁଠି ଆରମ୍ଭ ସେଇଠି ଶେଷ), ପୁଣ୍ୟପ୍ରଭା ଦେବୀ(ସ୍ମୃତି ଓ ସମାପ୍ତି, ଅସ୍ତରଙ୍ଗ,ପୁନଶ୍ଚ ପୃଥିବୀ), ଅର୍ଚ୍ଚନା ନାୟକ(ସାତପଦ୍ମର ଦ୍ୱୀପ, ରାଣୀ ଶ୍ୟାମାବତୀ), ଶାନ୍ତି ମହାନ୍ତି(ନୀଳ ଜହ୍ନର ଉପତ୍ୟକା), ଜ୍ୟୋତିର୍ମୟୀ ମହାନ୍ତି(ଅନ୍ୱେଷାର ଡାଏରୀ, କଳମୀ ମଣିଷ), ଅଞ୍ଜଳୀ ଭୂୟାଁ(ମୁକ୍ତ ବନାନୀ, ଅଙ୍କାବଙ୍କା ନଈ), ସୁଧାଂଶୁବାଳା ପଣ୍ଡା(ମନ ଉପତ୍ୟକାର ଉପାଖ୍ୟାନ, ଅଧିକରୁ କିଛି ଉର୍ଦ୍ଧ୍ୱ, ସଲୋନୀ), ପ୍ରୀତି ମହାପାତ୍ର(ବଧୂ, ଜାୟା, ଜନନୀ), ବନଜ ଦେବୀ(ନଦୀ ଓ ନୌକା), ମହାଶ୍ୱେତା ସାହୁ(ଦର୍ପଣର ଛାଇ, ପାପୁଲିଏ କ୍ଷତ), ପାରମିତା ଶତପଥୀ(ଅପଥଚାରିଣୀ, ପ୍ରାପ୍ତି) ଆଦି ।

ଭାରତର ସମସ୍ତ ପ୍ରାନ୍ତୀୟ ଭାଷା-ସାହିତ୍ୟ ପରି ହିନ୍ଦୀ ସାହିତ୍ୟ ଉପରେ ମଧ୍ୟ ଏହି ନାରୀବାଦୀ ଆନ୍ଦୋଳନର ପ୍ରଭାବ ପଡ଼ିଛି ବହୁଳଭାବରେ । ପ୍ରାନ୍ତୀୟ ସାହିତ୍ୟ ଭାବରେ ହିନ୍ଦୀ ସାହିତ୍ୟ ଜଗତ ଏହି ଆନ୍ଦୋଳନରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛି । ଏହି ସମୟରେ ରଚିତ ଔପନ୍ୟାସିକାଙ୍କ ପ୍ରମୁଖ ସ୍ୱର ହେଉଛି ପ୍ରଚଳିତ 'ବ୍ୟବସ୍ଥା ବିରୋଧ' । ସ୍ତ୍ରୀ ଶିକ୍ଷାର ଗୁରୁତ୍ୱ ତଥା ପ୍ରସାର ଦିଗରେ ଲେଖିକାଗଣ ସଚେତନ ହୋଇଛନ୍ତି ଏହି ସମୟରେ । ଶିକ୍ଷିତ ନାରୀ ଆପଣା ସତ୍ତାକୁ ଚିହ୍ନିବା ସହିତ ଯାବତୀୟ ଶୋଷକ ତତ୍ତ୍ୱ ବିରୁଦ୍ଧରେ ସଂଘର୍ଷ ଆରମ୍ଭ କରିଛି ଏହି କାଳରେ ।

ହିନ୍ଦୀ ସାହିତ୍ୟ ଜଗତରେ ଶ୍ରୀମତୀ ଶଶିପ୍ରଭା ଶାସ୍ତ୍ରୀଙ୍କ ଉପନ୍ୟାସଗୁଡ଼ିକ କେବଳ ପରିମାଣାତ୍ମକ ଦୃଷ୍ଟିରୁ ନୁହେଁ ବରଂ ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ସମୃଦ୍ଧ । ଲେଖିକାଙ୍କ ଜନ୍ମ ୧୯୨୩ ମସିହାରେ ମିରଠର ଏକ ଅଭିଜାତ ପରିବାରରେ ହୋଇଥିଲା । 'ଅମଲତାସ'(୧୯୬୮), 'ନାୱେଁ'(୧୯୭୪), 'ସୀଢିୟାଁ'(୧୯୭୬), 'ପରଛାଇୟୋଁ କେ ପୀଛେ'(୧୯୭୯), 'କ୍ୟୋଁକୀ'(୧୯୮୦), 'କର୍କରେଖା'(୧୯୮୩), 'କୋର୍ଡୱାର୍ଡ'(୧୯୮୩) 'ପର୍ସୌଁ କେ ବାଦ୍'(୧୯୮୫), 'ୟେ ଛୋଟେ ମହାୟୁଦ୍ଧ'(୧୯୮୮), 'ଉମ୍ର ଏକ୍ ଗଲିୟାରେ କୀ'(୧୯୮୯), 'ସାଗର ପାର କା ସଂସାର'(୧୯୮୯), 'ମୀନାରେ'(୧୯୯୨), 'ଖାମୋସ ହୋତେ ସୱାଲ୍'(୧୯୯୩), 'ହିଁ ଦିନ୍ ଇତିହାସ'(୧୯୯୫) ଆଦି ତାଙ୍କର କେତେକ ଉଲ୍ଲେଖନୀୟ ଉପନ୍ୟାସ ।

ଲେଖିକାଙ୍କ କୃତିରେ ମୁଖ୍ୟତଃ ନାରୀର ସଂଘର୍ଷଶୀଳ ପରିସ୍ଥିତିକୁ ଜୀବନର ବିବିଧ ସନ୍ଦର୍ଭରେ ଉପସ୍ଥାପିତ କରିବାର ପ୍ରଚେଷ୍ଟା ରହିଛି । ଅଧୁନା ପଥଭ୍ରଷ୍ଟ ଯୁବପୀଢୀଙ୍କ ସମସ୍ୟା, ବିଭିନ୍ନ ପକ୍ଷରୁ ଉପୁଜୁଥିବା ପାରିବାରିକ ସମସ୍ୟା, ନାରୀର ଉଭୟ ଅନ୍ତର୍ନିହିତ ଏବଂ ବାହ୍ୟ ସମସ୍ୟା, ଆତ୍ମନିର୍ଭରଶୀଳ ଭାବରେ ବଞ୍ଚିବା ପାଇଁ ନାରୀକୁ ସାମ୍ନା କରିବାକୁ ପଡୁଥିବା ପ୍ରତ୍ୟେକ ସମସ୍ୟା, ଆତ୍ମନିର୍ଭରଶୀଳ ହେବା ପରେ ମଧ୍ୟ ପାରିବାରିକ ମର୍ଯ୍ୟାଦାରେ ବାନ୍ଧିହୋଇ ସ୍ୱାଧୀନ ଭାବରେ ବଂଚିବାର ଅଧିକାର ନମିଳିବା ଭଳି ଅନେକ ପ୍ରସଙ୍ଗକୁ ଉତ୍‌ଥାପିତ କରିଛନ୍ତି ଲେଖିକା ।

କୃଷ୍ଣା ସୋବତିଙ୍କ ଜନ୍ମ ୧୯୨୫ ମସିହା ଫେବୃୟାରୀ ୧୮ ତାରିଖରେ ଗୁଜୁରାଟରେ ହୋଇଥିଲା । ତାଙ୍କ ଜନ୍ମ ସମୟରେ ଭାରତ ବିଭାଜନରେ ଲୋକମାନେ ଭୋଗିଥିବା ବ୍ୟଥା-ପୀଡ଼ାକୁ ସେ ଦେଖିଛନ୍ତି-ଅନୁଭବ କରିଛନ୍ତି । ସେଥିପାଇଁ ଦେଶ ବିଭାଜନରେ ଉଜୁଡ଼ି ଯାଇଥିବା ନାରୀର ଭାଗ୍ୟକୁ ଅତି ସ୍ପଷ୍ଟ ଓ ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି ସେ ଉପନ୍ୟାସରେ । ଭାରତୀୟ ଭାଷା-ସାହିତ୍ୟ ମଧ୍ୟରେ ନାରୀ ମନର ସଂଗୁପ୍ତ ଗଣ୍ଠି ଖୋଲିବାରେ ଯେଉଁ କେତେଜଣ ଲେଖିକାଙ୍କ ନାମ ଉଚ୍ଚାରଣ କରାଯାଏ, ତନ୍ମଧ୍ୟରେ କୃଷ୍ଣା ସୋବତୀ ଅନ୍ୟତମ । ତାଙ୍କ ସୃଷ୍ଟି ସମ୍ଭାରର ବଶେଷତ୍ୱ ହେଉଛି, ସେଥିରେ ଫୁଟିଉଠିଥିବା ନାରୀ

ଚରିତ୍ରଗଣ ସମାଜରେ, ଗ୍ରାମ-ସହରରେ ବାସ କରୁଥିବା ନାରୀ ଯେଉଁମାନେ ନିଜର ଦୁଃଖ ଯନ୍ତ୍ରଣାଦିକୁ ପ୍ରକାଶ୍ୟରେ କହିପାରିବାର ସାହସ ଓ ସାମର୍ଥ୍ୟ ଯୁଟେଇ ପାରନ୍ତି ନାହିଁ ।

ତାଙ୍କର ଉପନ୍ୟାସ ମଧ୍ୟରେ ରହିଛି, 'ଜୀନ୍ଦେଗୀନାମା' (୧୯୭୯), 'ସୂରଜମୁଖୀ ଅନ୍ଧେରେ କେ'(୧୯୭୯), 'ଦିଲୋ-ଦାନିଶ' (୧୯୯୩), ଏବଂ ସମୟସରଗମ୍ (୨୦୦୦) ।ଏହାଛଡ଼ା ୨୦୧୭ ମସିହାରେ ରଚିତ 'ଗୁଜରାତ ପାକିସ୍ତାନ ସା ଗୁଜରାତ ହିନ୍ଦୁସ୍ତାନ' ହେଉଛି ତାଙ୍କର ଏକ ଆତ୍ମଜୀବନୀମୂଳକ ଉପନ୍ୟାସ । କୃଷ୍ଣା ସୋବତିଙ୍କ ଭାଷାର ଘନତ୍ୱ ତଥା ପ୍ରାଞ୍ଜଳତା ତାଙ୍କ ଉପନ୍ୟାସର ଛତ୍ରେ ଛତ୍ରେ ପ୍ରତିଫଳିତ । ତାଙ୍କର ନିଆରା ଶୈଳୀ ତାଙ୍କୁ ଅନ୍ୟ ସାମସମୟିକ ଲେଖକମାନଙ୍କଠାରୁ ସ୍ୱତନ୍ତ୍ର ସ୍ଥାନ ଦେଇଥାଏ । ନାରୀର ଭିନ୍ନ ଭିନ୍ନ ସ୍ୱରୂପ ନିର୍ଦ୍ଧାରଣ କରିବା ସହିତ ସମସ୍ତ ସମସ୍ୟାର ସମାଧାନ ଶ୍ରୀମତୀ ସୋବତୀଙ୍କ ଲେଖନୀର ଅନ୍ୟତମ ବୈଶିଷ୍ଟ୍ୟ ।

କୃଷ୍ଣା ଅଗ୍ନିହୋତ୍ରୀଙ୍କ ଜନ୍ମ ୧୯୩୪ ମସିହା ଅକ୍ଟୋବର ମାସ ୦୮ ତାରିଖରେ ରାଜସ୍ଥାନର ନଜୀରାବାଦଠାରେ । 'ଟପ୍‌ରେଓ୍ୱାଲେ'(୧୯୭୬), 'ବାତ୍ ଏକ ଔରତ୍ କୀ'(୧୯୮୪), 'ବୌନୀ ପରଛାଇୟାଁ'(୧୯୮୬), 'ଅଭିଷେକ', 'ଟେସୁ କୀ ଟହନୀୟାଁ'(୧୯୮୮), 'ନିଷ୍କୃତି'(୧୯୮୭), 'ନୀଲୋର୍ଫ'(୧୯୯୮), 'ମୈ ଅପରାଧୀ ହୁଁ'(୨୦୦୧),'ବିଓ୍ୱାର୍ଭ କୀ ଛୋକ୍‌ରୀ'(୨୦୦୧), 'କୁମାରୀକାଏଁ'(୨୦୧୦) ଇତ୍ୟାଦି ତାଙ୍କର ପ୍ରକାଶିତ ଉପନ୍ୟାସ ।

ସାମଗ୍ରିକ ଭାବରେ ଅନୁଶୀଳନ କଲେ ଦେଖାଯାଏ କୃଷ୍ଣା ଅଗ୍ନିହୋତ୍ରୀଙ୍କ ଉପନ୍ୟାସଗୁଡ଼ିକ ନାରୀକୈନ୍ଦ୍ରିକ । ଶୋଷିତ-ପୀଡ଼ିତ ନାରୀର କ୍ଷତକୁ ବ୍ୟକ୍ତ କରିବାରେ ଅପେକ୍ଷାକୃତ ସଫଳ ମଧ୍ୟ । ତାଙ୍କ ଉପନ୍ୟାସରେ ନାରୀର ସତ୍ତା ବର୍ଣ୍ଣନାକୁ ନେଇ ଲେଖିକା କହନ୍ତି – ''ବହୁତ ଝେଲା, ବହୁତ ଭୋଗା, ନହୀଁ ସହନ ହୁଆ ତୋ ଲିଖ୍ ଡାଲା'' (୫) ତାଙ୍କ ଜୀବନର ଅନୁଭବ, ଅଭିଜ୍ଞତା ହିଁ ତାଙ୍କ ଉପନ୍ୟାସର କଥାବସ୍ତୁ । କେଉଁଠି କେଉଁଠି ମଧ୍ୟ ସେ ସ୍ୱୟଂ ଉପନ୍ୟାସର ଚରିତ୍ର । ଆଲୋଚ୍ୟ କାଳର ଉପନ୍ୟାସ ଲେଖିକାଙ୍କ ମଧ୍ୟରେ ତାଙ୍କର ଏକ ନିଆରା ପରିଚୟ ସେ ସୃଷ୍ଟି କରିଛନ୍ତି ଉପନ୍ୟାସର ଭାଷା, ଶୈଳୀ ଏବଂ ଚରିତ୍ରମାନଙ୍କ ମାଧ୍ୟମରେ । ତାଙ୍କ ସୃଷ୍ଟିର ପ୍ରେରଣା ସେ ନିଜେ ଓ ତାଙ୍କ ଜୀବନର ଅଭିଜ୍ଞତା । ସେଥିପାଇଁ ନାରୀର ବାସ୍ତବିକ କଥା-ବ୍ୟଥାର ସତ୍ୟତା ତାଙ୍କ ଉପନ୍ୟାସର ପ୍ରମୁଖ ଭାବଭୂମି ।

ଲେଖିକା ମୃଦୁଲା ଗର୍ଗଙ୍କ ଜନ୍ମ ୧୯୩୮ ମସିହା ଅକ୍ଟୋବର ମାସ ୨୫ ତାରିଖରେ କଲିକତା, ପଶ୍ଚିମବଙ୍ଗ ଠାରେ ହୋଇଥିଲା । ମୃଦୁଲା ଗର୍ଗଙ୍କର ପ୍ରାୟ ସମସ୍ତ ଉପନ୍ୟାସରେ ନିଜର ଅସ୍ମିତାକୁ ଘେନି ନାରୀ ସଂଘର୍ଷର ଚିତ୍ରଣ ଦେଖିବାକୁ ମିଳେ । ଉପନ୍ୟାସ 'ଚିତ୍ତକୋବରା'(୧୯୭୯), 'ଅନିତ୍ୟ' (୧୯୮୦) 'ମୈ ଔର ମୈ'(୧୯୮୪) 'ଉସ୍‌କେ ହିସ୍‌ସେ କୀ ଧୂପ୍'(୧୯୮୫) ଅଥବା 'କଠ୍ ଗୁଲାବ'(୧୯୯୬) – ଏ ସବୁରେ ଔପନ୍ୟାସିକାଙ୍କ ନାରୀବାଦୀ ମନୋବିଶ୍ଳେଷଣାତ୍ମକ ଭାବର ପରିଚୟ ମିଳେ । ମୃଦୁଲା ଗର୍ଗଙ୍କ ଉପନ୍ୟାସରେ ମୁଖ୍ୟତଃ ଅଭିଜାତବର୍ଗୀୟ ନାରୀର ସ୍ୱାତନ୍ତ୍ର୍ୟ, ପ୍ରେମ-ବିବାହ, ବୈବାହିକ ଜୀବନର ପ୍ରବାହ ଓ ପରିଣତି, ତଥା ଅସ୍ମିତା ସନ୍ଧାନ ବାଟରେ ପୁରୁଷ ପ୍ରତି ଆହୁରି ଆନୁଗତ୍ୟର ପରିପ୍ରକାଶ ଦେଖିବାକୁ ମିଳେ ।

କଥାକାର ଚନ୍ଦ୍ରକାନ୍ତାଙ୍କ ଜନ୍ମ ୧୯୩୮ ମସିହା ଡିସେମ୍ବର ୦୩ ତାରିଖରେ ଶ୍ରୀନଗର ଠାରେ ହୋଇଥିଲା । ହିନ୍ଦୀ ସାହିତ୍ୟର ଆଧୁନିକ କାଳରେ ସେ ଆପଣା ଲେଖନୀ ମାଧ୍ୟମରେ ସୃଷ୍ଟି କରିଛନ୍ତି ଆପଣାର ଏକ ସ୍ୱତନ୍ତ୍ର ପରିଚିତି । ତାଙ୍କ ରଚିତ ଉପନ୍ୟାସ ମଧ୍ୟରେ ରହିଛି, 'ଅର୍ଥାନ୍ତର', 'ଅନ୍ତିମ ସାକ୍ଷ୍ୟ'(୧୯୮୧), 'ବାକୀ ସବ୍ ଖୈରିୟତ ହୈ'(୧୯୮୩), 'ଐଲାନ୍ ଗଲି ଜିନ୍ଦା ହୈ'(୧୯୮୪), 'ୟହାଁ ବିତସ୍ତା ବହତୀ ହୈ'(୧୯୯୨), 'ଅପନେ ଅପନେ କୋଣାର୍କ'(୧୯୯୫), 'କଥା ସତୀସର'(୨୦୦୧) ଇତ୍ୟାଦି । ଚନ୍ଦ୍ରକାନ୍ତା ତାଙ୍କ ଉପନ୍ୟାସଗୁଡ଼ିକରେ ଆଧୁନିକ ମଧ୍ୟବର୍ଗୀୟ ପରିବାରର ବିଘଟନ ତଥା ପାରମ୍ପରିକ ମୂଲ୍ୟ ଏବଂ ନୂତନ ମାନସିକତା ମାଧ୍ୟରେ ଉପୁଜୁଥିବା ଅନ୍ତର୍ବିରୋଧକୁ ଉଦ୍‌ଜୀବିତ କରିଛନ୍ତି ।

ଉପନ୍ୟାସ 'ବାକି ସବ୍ ଖୈରିୟତ ହୈ' ଉପନ୍ୟାସରେ ଲେଖିକା ଦେଖାଇଛନ୍ତି ଆଜିର ସମୟରେ ଯୁବପିଢ଼ୀ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ଆକର୍ଷିତ ହୋଇ ବିଦେଶ ଯିବା ପରେ କେବଳ ପାଶ୍ଚାତ୍ୟ ଚାଲିଚଳଣୀକୁ ଆପଣାଇ ନିଜର ମୂଲ୍ୟବୋଧକୁ ପାସୋରି ଦେଉଛନ୍ତି । ଚିନ୍ତା ଓ ଚେତନାରେ ଆଧୁନିକତା ପରିବର୍ତ୍ତେ କେବଳ ପୋଷାକ ପରିଚ୍ଛଦ ତଥା ବାହ୍ୟିକ ଆବରଣକୁ ଆଧୁନିକ ହେବାର ମାନଦଣ୍ଡ ଭାବରେ ବିଚାର କରୁଛନ୍ତି । 'ଐଲାନ ଗଲୀ ଜିନ୍ଦା ହୈ' ଉପନ୍ୟାସଟିରେ କାଶ୍ମୀରର ଗୋଟିଏ ବିଖ୍ୟାତ ଅଞ୍ଚଳର ଜୀବନ ଶୈଳୀ ତଥା ବୈଶିଷ୍ଟ୍ୟ ଚିତ୍ରଣ ରହିଛି । ବର୍ଷ ବର୍ଷ ଧରି ଜୀବନ କିପରି ପ୍ରାଚୀନ ପରମ୍ପରା, କ୍ଷୁର୍ଣ୍ଣ ବିଶ୍ୱାସବୋଧକୁ ଜାବୁଡ଼ିଧରି ବଞ୍ଚି ରହିଛି, ତା'ର ବାସ୍ତବ ବର୍ଣ୍ଣନା ଦିଏ ଉକ୍ତ ଉପନ୍ୟାସ । ଏଥିରେ ଦେଖାଇ ଦିଆଯାଇଛି ଯେ ନୂତନ ପୀଢ଼ିର ତରୁଣ ତରୁଣୀ ଯଦିଓ ଏହି ପାରମ୍ପରିକତାରୁ ନିଜକୁ ମମୁକ୍ତ କରିବାକୁ ଚାହିଁ ନୂତନ ସୂର୍ଯ୍ୟୋଦୟର ପ୍ରୟାସ କରୁଛନ୍ତି କିନ୍ତୁ ମଟାଳ ବ୍ୟାପି ବ୍ୟାପ୍ତ ପରମ୍ପରାର ଶକ୍ତ ବନ୍ଧନ ସେମାନଙ୍କୁ ବିଶେଷ କିଛି କରାଇ ଦେଉନାହିଁ । ବାରମ୍ବାର ପ୍ରୟାସ ସତ୍ତ୍ୱେ ମଧ୍ୟ ବିଫଳ ହେବାକୁ ପଡୁଛି । ଯଦିଓ ଉପନ୍ୟାସରେ ଆନୁସଙ୍ଗିକ ଭାବରେ ସ୍ୱତନ୍ତ୍ର କାଶ୍ମୀରର କିଛି

ପ୍ରସଙ୍ଗ ଉଠାଯିବାର ପ୍ରଚେଷ୍ଟା ରହିଛି କିନ୍ତୁ ତାହା ଫଳବତୀ ହୋଇପାରୁନାହିଁ ।

ମମତା କାଲିୟାଙ୍କ ଜନ୍ମ ୧୯୪୦ ମସିହା ନଭେମ୍ବର ମାସ ୦୨ ତାରିଖରେ ଉତ୍ତର ପ୍ରଦେଶର ବୃନ୍ଦାବନଠାରେ ହୋଇଥିଲା । ତାଙ୍କ ରଚିତ ଉପନ୍ୟାସ ମୂଳରେ ରହିଛି 'ବେଘର'(୧୯୭୧), 'ନରକ ଦର ନରକ'(୧୯୭୫), 'ପ୍ରେମ୍ କହାନୀ'(୧୯୮୦), 'ସାଥୀ'(୧୯୮୦), 'ଲଡ଼କିୟାଁ'(୧୯୮୫), 'ଏକ୍ ପତ୍ନୀ କେ ନୋଟ୍ସ୍'(୧୯୯୭), 'ଦୌଡ଼'(୨୦୦୦), 'ଦୁଃଖମ୍ ସୁଖମ୍' ଇତ୍ୟାଦି ।

ଲେଖିକା ତାଙ୍କର ପ୍ରାୟ ସମସ୍ତ ଉପନ୍ୟାସରେ କହିବାକୁ ଚାହିଁଛନ୍ତି ଯେ ନାରୀର ପବିତ୍ରତା ତା'ର ମାନସିକ ଏକାତ୍ମକତା ଏବଂ ସମର୍ପଣରେ ଥାଏ, ଶାରୀରିକ କୁମାରୀତ୍ୱରେ ନୁହେଁ । ଏହା ବ୍ୟତୀତ ତାଙ୍କର ଅନ୍ୟ ଏକ ଉପନ୍ୟାସ 'ଏକ୍ ପତ୍ନୀ କେ ନୋଟସ୍'(୧୯୯୭) ସମ୍ଭ୍ରାନ୍ତ ମଧ୍ୟବର୍ଗୀୟ ପରିବାର ମୂଳରେ ରହିଥିବା ଅନ୍ତର୍ବିରୋଧ ଏବଂ ତହିଁରେ ପେଶିହୋଇଯାଉଥିବା ନାରୀ ଜୀବନର ଅକୁହା ଆତ୍ମନେପଦୀକୁ ଉଜାଗର କରିବାରେ ଏକ ସଫଳ ଉପନ୍ୟାସ । ମମତା କାଲିୟାଙ୍କ ଉପନ୍ୟାସ ବିଶେଷ ରୂପରେ ଭାରତୀୟ ନାରୀର ଚତୁଃପାର୍ଶ୍ୱକୁ ଘେରି ରହିଥିବାର ଦେଖାଯାଏ । ପାଶ୍ଚାତ୍ୟ ଆଧୁନିକା ନାରୀର ପ୍ରଭାବରେ ପ୍ରଭାବିତ ହୋଇ ଭାରତୀୟ ସଂସ୍କାର ତଥା ସଂସ୍କୃତିକୁ ସେମାନେ ଭୁଲି ନାହାନ୍ତି । ଯଦିଓ ଆପଣା ଅଧିକାର ପ୍ରସଙ୍ଗରେ ଖୁଲମ୍‌ଖୁଲ୍ଲା ପ୍ରତିବାଦ କରିବାକୁ ଆଗେଇ ଆସିଛନ୍ତି ତଥାପି ନାରୀତ୍ୱର ବନ୍ଧନରୁ ମୁକୁଳି ପାରି ନାହାଁନ୍ତି ।

ହିନ୍ଦୀ କଥା ସାହିତ୍ୟ କ୍ଷେତ୍ରରେ ଔପନ୍ୟାସିକା ପ୍ରଭା ଖେତାନ ଏକ ପରିଚିତ ନାମ । ସେ ଜନ୍ମଗ୍ରହଣ କରିଥିଲେ ୧୯୪୨ ମସିହା ନଭେମ୍ବର ୦୧ ତାରିଖରେ କଲିକତାଠାରେ । ତାଙ୍କ ରଚନା ସମୂହରେ କେବଳ ନାରୀ ଜୀବନର ବିଭିନ୍ନ ସମସ୍ୟାଗୁଡ଼ିକର ଉତ୍ଥାପନ ଦେଖିବାକୁ ମିଳେ ନାହିଁ; ଉକ୍ତ ସମସ୍ୟାଗୁଡ଼ିକୁ ବଳବତ୍ତର କରୁଥିବା ସମାଜର ବିଭିନ୍ନ ସାମାଜିକ ସତ୍ୟତାକୁ ମଧ୍ୟ ସେ ଉପସ୍ଥାପନ କରିଥାନ୍ତି । ତାଙ୍କର ଉପନ୍ୟାସରେ ପିତୃସତ୍ତାତ୍ମକ ସାମାଜିକ ବ୍ୟବସ୍ଥା ମୂଳରେ ସ୍ୱତନ୍ତ୍ରତା ତଥା ସମାନତାର ଅଧିକାର ନିମନ୍ତେ ସଂଘର୍ଷରତା ବିଭିନ୍ନ ନାରୀ ଚରିତ୍ର ଆଦିଙ୍କୁ ଗଢିଥିବାର ଦେଖିବାକୁ ମିଳେ । ଉକ୍ତ ନାରୀ ଚରିତ୍ରଗୁଡ଼ିକ ଏକ ପକ୍ଷରେ ପିତୃସତ୍ତାତ୍ମକ ସମାଜର ରୂଢ଼ ଅର୍ଗଳିରୁ ବାହାରିବାର ପ୍ରୟାସ କରୁଥିଲାବେଳେ ଅନ୍ୟ ପକ୍ଷରେ ନିଜ ପାଇଁ ସ୍ୱତନ୍ତ୍ର ସରଣୀ ସୃଷ୍ଟି କରିବାରେ ମଧ୍ୟ ପଛେଇଯାଇ ନାହାନ୍ତି । ପ୍ରଭା ଖେତାନ, ସିମୋନ୍ ଦି ବିଭୁଆ (Simone de Beauvoir)ଙ୍କ 'The Second Sex'ର ଅନୁବାଦ କରି ପ୍ରକାଶ କରନ୍ତି 'ସ୍ତ୍ରୀ: ଉପେକ୍ଷିତା' ପୁସ୍ତକ । ସାହିତ୍ୟର ପ୍ରେକ୍ଷାପଟ ମୂଳରେ ବିଭିନ୍ନ ପ୍ରବନ୍ଧ, ପରିବେଶ, ସାଂସ୍କୃତିକ ଅଧ୍ୟୟନ ଦ୍ୱାରା ନାରୀ ସଂଘର୍ଷର ଚିତ୍ର ଉପସ୍ଥାପିତ କରିବା ସହିତ ରଚନା କରିଛନ୍ତି ବହୁ ଉପନ୍ୟାସ । 'ଆଓ ପେପେ ଘର ଚଲେ' (୧୯୯୦), 'ତାଲାବନ୍ଦୀ' (୧୯୯୧), 'ଅଗ୍ନିସମ୍ଭବା' (୧୯୯୨), 'ଛିନ୍ନମସ୍ତା' (୧୯୯୩), 'ଅପନେ ଅପନେ ଚେହରେ' (୧୯୯୪), 'ପୀଲୀ ଆଁଧୀ' (୧୯୯୬), 'ସ୍ତ୍ରୀ ପକ୍ଷ'(୧୯୯୯) ପ୍ରଭୃତି ଉପନ୍ୟାସ ତାଙ୍କର ଏହି ବୋଲ୍ଡ୍ ଲେଖିବା ଶୈଳୀର ଫଳଶ୍ରୁତି ।

ମୈତ୍ରେୟୀ ପୁଷ୍ପା ଏ ସମୟର ଜଣେ ସଚେତନ ଲେଖିକା । ମୈତ୍ରେୟୀ ପୁଷ୍ପାଙ୍କର ଜନ୍ମ ଉତ୍ତର ପ୍ରଦେଶର ଅଲିଗଡ଼ ଜିଲ୍ଲାର ସିକୁରା ଗାଁରେ ୧୯୪୪ ମସିହା ନଭେମ୍ବର ୩୦ ତାରିଖରେ ହୋଇଥିଲା । ଉତ୍ତର ଅଶୀ ସମୟରେ ହିନ୍ଦୀ ସାହିତ୍ୟର କଥାକାରମାନଙ୍କ ମୂଳରେ ତାଙ୍କ ଲେଖନୀର ନିଆରାପଣ ନିମନ୍ତେ ସେ ସମୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇପାରିଥିଲେ । ଉଚ୍ଚଶିକ୍ଷା ପାଇଁ ଦିଲ୍ଲୀ ଆସିଥିଲେ ମଧ୍ୟ ସହରୀ ସଭ୍ୟତା ସଙ୍ଗେ ସଙ୍ଗେ ବୁନ୍ଦେଲଖଣ୍ଡର ଗ୍ରାମୀଣ ସଂସ୍କାର-ସଂସ୍କୃତି ତାଙ୍କ ଭିତରେ ସୁରକ୍ଷିତ ରହିଥିଲା; ଯାହା ତାଙ୍କ ଲେଖନୀରେ ସ୍ପଷ୍ଟ ଭାବରେ ପରିଦୃଷ୍ଟ ହୋଇଥାଏ । 'ସ୍ମୃତିଦଂଶ'(୧୯୯୦), 'ବେତଓ୍ୱା ବହତୀ ରହୀ'(୧୯୯୩), 'ଇଦନ୍ନମମ'(୧୯୯୪), 'ଚାକ୍'(୧୯୯୭), 'ଝୁଲା ନଟ' (୧୯୯୯), 'ଅଲ୍ମା କବୁତରୀ'(୨୦୦୦), 'କହୀ ଇସୁରୀଫାଗ'(୨୦୦୪), 'ତ୍ରିୟା ହଠ'(୨୦୦୫) ଆଦି ତାଙ୍କର କେତେକ ପ୍ରମୁଖ ଉପନ୍ୟାସ । ନାରୀ ଅନ୍ତର୍ଦେଶରେ ଉଠିଥିବା ବିଦ୍ରୋହର ସ୍ୱର ଶୁଣାଇ ତାଙ୍କ ଉପନ୍ୟାସ ସବୁ ପିତୃସତ୍ତାତ୍ମକ ସମାଜରେ ପୁରୁଷର ପ୍ରତ୍ୟେକ ପଦକ୍ଷେପକୁ ଚ୍ୟାଲେଞ୍ଜ କରିଛି । ସେ ସମସ୍ତ ଶୃଙ୍ଖଳା ବା ନିୟମକୁ ଅସ୍ୱୀକାର କରିଛି, ଯାହାସବୁ ପୁରୁଷତନ୍ତ୍ରକୁ ପ୍ରାଧାନ୍ୟ ଦେଇଥାଏ ।

କଥାକାର ଚିତ୍ରା ମୁଦ୍‌ଗଲଙ୍କ ଜନ୍ମ ୧୯୪୪ ମସିହା ଡିସେମ୍ବର ୧୦ ତାରିଖରେ ମାଡ୍ରାସ୍(ବର୍ତ୍ତମାନର ଚେନ୍ନାଇ) ଠାରେ ହୋଇଥିଲା । ତାଙ୍କର ବଳିଷ୍ଠ ରଚନାତ୍ମକତା ତାଙ୍କୁ ସ୍ୱାଧୀନତୋତ୍ତର ହିନ୍ଦୀ କଥା ସାହିତ୍ୟରେ ଏକ ବିଶିଷ୍ଟ ସ୍ଥାନ ଦେଇଛି । କ୍ରମପରିବର୍ତ୍ତନୀୟ ସାମାଜିକ ପରିସ୍ଥିତିରେ ଚିତ୍ରା ମୁଦ୍‌ଗଲଙ୍କ ସାହିତ୍ୟ କୃତି ଯଥାର୍ଥବାଦୀ ସାହିତ୍ୟର ବହୁମୂଲ୍ୟ ଦସ୍ତାବିଜ୍ । ଆପଣାର ସମ୍ବେଦନଶୀଳ ମନୋବୃତ୍ତିକୁ ନିପୁଣତାର ସହିତ ତାଙ୍କ ସାହିତ୍ୟ କୃତି ବିଶେଷ କରି ଉପନ୍ୟାସ ସମୂହରେ ପ୍ରତିଷ୍ଠା ଦେବା ତାଙ୍କର ସିଦ୍ଧହସ୍ତତାର ପ୍ରମାଣ ଦିଏ । ସମକାଳୀନ ସମୟର ସମସ୍ତ ପ୍ରକାର ସଙ୍ଗତି-ବିଷଙ୍ଗତି ତାଙ୍କ ଉପନ୍ୟାସରେ କଥାବସ୍ତୁ ଭାବରେ ଉତ୍ତରିତ । ହିନ୍ଦୀ କଥାସାହିତ୍ୟ ଜଗତରେ ମୁଖ୍ୟତଃ ଜଣେ ଗାଳ୍ପିକା ଭାବରେ ପ୍ରସିଦ୍ଧି ଲାଭ କରିଥିବା ଚିତ୍ରା ମୁଦ୍‌ଗଲ ମାତ୍ର ତିନୋଟି ଉପନ୍ୟାସ ରଚନା କରିଥିଲେ ମଧ୍ୟ ଉପନ୍ୟାସଗୁଡ଼ିକରେ ତାଙ୍କର ରଚନାତ୍ମକତା, ପ୍ରଭାବୀ ଶୈଳୀ ଏବଂ କଥାବସ୍ତୁର ବଳିଷ୍ଠତା ଓ ଯୁଗୋପଯୋଗୀ ଆବଶ୍ୟକତାକୁ ଘେନି ତାଙ୍କର ରହିଛି ବେଶ୍ ପ୍ରସିଦ୍ଧି । ପ୍ରକାଶିତ ତାଙ୍କର ତିନିଗୋଟ ଉପନ୍ୟାସ ହେଲା,

'ଏକ୍ ଜମୀନ୍ ଅପନୀ'(୧୯୯୦), 'ଆଓ୍ୱାଁ'(୧୯୯୯), 'ଗିଲିଗଡୁ'(୨୦୦୨) ।

ଔପନ୍ୟାସିକ ମେହେରୁନ୍ନିସା ପରଓ୍ୱେଜଙ୍କ ଜନ୍ମ ୧୯୪୪ ମସିହାରେ ମଧ୍ୟପ୍ରଦେଶରେ ହୋଇଥିଲା । ତାଙ୍କ ରଚିତ ଉପନ୍ୟାସରେ ମୁଖ୍ୟତଃ ନାରୀ ସୁଲଭ ସମ୍ବେଦନଶୀଳତା ଦେଖାଯାଇଥାଏ । ସାମାଜିକ ଜୀବନରେ ଅଭିଳାଶ ତଥା ନାରୀଜୀବନର କରୁଣତମ ଅଭିବ୍ୟକ୍ତି ତାଙ୍କ ଉପନ୍ୟାସର ଛତ୍ରେ ଛତ୍ରେ ପ୍ରତିଫଳିତ । ତାଙ୍କର ସମସ୍ତ ଚରିତ୍ର ସମାଜ ଦ୍ୱାରା ସୃଷ୍ଟ ବାଧାବିଘ୍ନକୁ କୌଣସି ସମୟରେ ନିଜର ଗତିପଥରେ ଆସିବାକୁ ଦେଇନାହାଁନ୍ତି ବରଂ ଆପଣାର ସ୍ୱାର୍ଥ ନିମନ୍ତେ ଜୀବନ ପଥରେ ଆସୁଥିବା ସେହି ବାଧାକୁ କାଟି ନିଜ ପାଇଁ ସ୍ୱତନ୍ତ୍ର ଏକ ସରଣୀ ନିର୍ମିତ କରିଆସିଛନ୍ତି ସବୁ ସମୟରେ ।

ମେହେରୁନ୍ନିସା ପରଓ୍ୱେଜ, 'ଉସ୍‌କା ଘର'(୧୯୭୨), 'କୋରଜା'(୧୯୮୧), 'ଅକେଲା ପଲାଶ'(୧୯୮୧), 'ଆଖୋଁ କୀ ଦହଲୀଜ୍'(୧୯୮୯) 'ସମରାଂଗନ'(୨୦୦୩), 'ପାସଂଗ'(୨୦୦୫) ଆଦି ଉପନ୍ୟାସର ସ୍ରଷ୍ଟା । ମେହେରୁନ୍ନିସା ପରଓ୍ୱେଜ୍‌ଙ୍କ ଉପନ୍ୟାସର କେନ୍ଦ୍ରୀୟ ବିଷୟବସ୍ତୁ ନିମ୍ନମଧ୍ୟବର୍ଗୀୟ ନାରୀ ଜୀବନର ସଂଘର୍ଷକୁ ନେଇ । ପ୍ରେମ, ବିବାହ, ଛାଡ଼ପତ୍ର, ସ୍ୱାମୀମାନଙ୍କର ଅକର୍ମଣ୍ୟ ମାନସିକତା, ଅବୈଧ ସଂପର୍କ, ଶାଶୁ ତଥା ସାବତ ମା'ର ଅତ୍ୟାଚାର, ପରିତ୍ୟକ୍ତା ନାରୀର ଏକାକୀତ୍ୱ ବଞ୍ଚିବା ପାଇଁ ଅବାଞ୍ଛିତ ପରିସ୍ଥିତିକୁ ବାଧ୍ୟତାମୂଳକ ଭାବରେ ସ୍ୱୀକାର କରିବା ଆଦି ଅନେକ ସମସ୍ୟାର ଚିତ୍ର ମେହେରୁନ୍ନିସା ପରଓ୍ୱେଜ୍‌ଙ୍କ ଉପନ୍ୟାସର ସାରଭାଗ ଭାବରେ ହୋଇଛି ବର୍ଣ୍ଣିତ । ନାନା ସଂସ୍କାରମୂଳକ ଆନ୍ଦୋଳନ ପରେ ମଧ୍ୟ ନାରୀ ପ୍ରତି ଶୋଷଣର ମାତ୍ରା ଆଜିବି ସମାନ ଭାବରେ ବଢ଼ିଚାଲିଛି । ସେଥିପାଇଁ ଲେଖିକା ତାଙ୍କର ବକ୍ତବ୍ୟ ଆନ୍ଦୋଳନାତ୍ମକ ଭାବରେ ନୁହେଁ ବରଂ ନିଛକ ବାସ୍ତବତାକୁ ପାଠକ ସମାଜ ସାମ୍ନାକୁ ଆଣିଛନ୍ତି ପ୍ରତ୍ୟେକ ଉପନ୍ୟାସରେ ।ମେହେରୁନ୍ନିସା ପରଓ୍ୱେଜଙ୍କ ବିଶେଷତ୍ୱ ଏହିଯେ ସେ ନାରୀର ବିଦ୍ରୋହିଣୀ ରୂପ ନୁହେଁ ବରଂ ତା'ର ଅଭିଶପ୍ତ ଜୀବନକୁ ଉତାରିଛନ୍ତି ତାଙ୍କ ଉପନ୍ୟାସର କାନ୍‌ଭାସ୍‌ରେ ।

ନାସିରା ଶର୍ମାଙ୍କ ଜନ୍ମ ୧୯୪୮ମସିହା ଅଗଷ୍ଟ ମାସ ୨୨ ତାରିଖରେ ଇଲାହାବାଦ ସହରରେ ହୋଇଥିଲା । ସେ ହିନ୍ଦୀ ସାହିତ୍ୟ କ୍ଷେତ୍ରରେ ଜଣେ ପ୍ରଗତିଶୀଳ ମାନବବାଦୀ ଲେଖିକା ଭାବରେ ପରିଚିତ । ତାଙ୍କର ପ୍ରକାଶିତ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି – 'ଶାଲ୍ମଲୀ'(୧୯୮୭), 'ଠୀକରେ କୀ ମଁଗନୀ'(୧୯୮୯), 'ଜିନ୍ଦା ମୁହାଓ୍ୱରେ' (୧୯୯୩), 'ସାତ ନଦିୟାଁ ଏକ ସମନ୍ଦର'(୧୯୯୫), 'ଅକ୍ଷୟ ଓ୍ୱଟ'(୨୦୦୩), 'କୁଇୟାଁ ଜାନ'(୨୦୦୫) ଇତ୍ୟାଦି । ନାସିରା ଶର୍ମାଙ୍କ ଉପନ୍ୟାସରେ ନାରୀ ଉପରେ ହୋଇ ଆସୁଥିବା ଶୋଷଣ, ତା ସାଥିରେ କରାଯାଉଥିବା ଭେଦଭାବ, ଅତ୍ୟାଚାର, କର୍ମଜୀବୀ ମହିଳାଙ୍କର ଅସହାୟତା, ନାରୀ ପ୍ରତି ଥିବା ସମାଜ ମାନସିକତା, ବିବାହର ଔପଚାରିକତା ତଥା ଯୌତୁକ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ, ମହାନଗରୀୟ ଜୀବନଶୈଳୀର ପ୍ରଭାବରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେବଢୁଥିବା ଦୂରତ୍ୱ, ସ୍ତ୍ରୀର ସଫଳତା ଦ୍ୱାରା ସ୍ୱାମୀ ପୁରୁଷୋଚିତ ଅହଙ୍କାର(Male-ego) କ୍ଷୁର୍ଣ୍ଣ ହେବା ମନେକରିବା ବିବିଧ ଦିଗକୁ ଉନ୍ମୋଚନ କରିବାଯାଇଥିବାର ଦେଖିବାକୁ ମିଳେ । ଏ ସମସ୍ତ ଦିଗ ମଧ୍ୟରେ ଲେଖିକାଙ୍କର ବିଶେଷତ୍ୱ ଏହି ଯେ ତାଙ୍କର ପ୍ରାୟ ସମସ୍ତ ଉପନ୍ୟାସରରେ ନାୟିକା ମାନଙ୍କୁ କର୍ମଜୀବୀ ନାରୀ ଭାବରେ ଉତ୍‌ଥାପିତ କରାଇ ସେ ନାରୀ ସଶକ୍ତିକରଣ ପ୍ରତି ଗୁରୁତ୍ୱ ଦେଇଛନ୍ତି । ଏଥି ସହିତ ସାଂପ୍ରତିକ ସମୟର ବିଭିନ୍ନ ସମସ୍ୟାକୁ ଲେଖିକା ତାଙ୍କର ଉପନ୍ୟାସରେ ସ୍ଥାନ ଦେଇଛନ୍ତି, ଯାହା ତାଙ୍କର ଚେତନଶୀଳ ମାନସିକତାର ପରିଚାୟକ ।

ଗୀତାଞ୍ଜଳୀ ଶ୍ରୀଙ୍କର ଜନ୍ମ ୧୯୫୭ ମସିହା ଜୁନ୍ ମାସ ୧୨ ତାରିଖରେ ଉତ୍ତରପ୍ରଦେଶର ମୈନପୁରୀଠାରେ । ଉଭୟ କଥନଶୈଳୀ ଏବଂ କଥାବସ୍ତୁ ଦୃଷ୍ଟିରୁ ତାଙ୍କ ସ୍ରଷ୍ଟାପଣର ନିଆରା ଦୃଷ୍ଟିଭଙ୍ଗୀ ବାରିହୋଇପଡ଼େ । ଏହା ହିଁ ତାଙ୍କ ଉପନ୍ୟାସର ବୈଶିଷ୍ଟ୍ୟ । ପରିମାଣ ଦୃଷ୍ଟିରୁ ଅଧିକ ନହେଲେ ବି ତାଙ୍କର ପ୍ରତ୍ୟେକ ଉପନ୍ୟାସ ହିନ୍ଦୀ ଉପନ୍ୟାସ ସାହିତ୍ୟରେ ଗୋଟିଏ ଗୋଟିଏ ଉଲ୍ଲେଖନୀୟ କୃତି ଭାବରେ ପରିଚିତ । 'ମାଇ'(୧୯୯୩), 'ହମାରା ସହର ଉସ୍ ବରସ'(୧୯୯୮), 'ତିରୋହିତ'(୨୦୦୧), 'ଖାଲୀ ଜଗହ'(୨୦୦୬) ତାଙ୍କର ପ୍ରକାଶିତ ଉପନ୍ୟାସ । ଏବେ ମଧ୍ୟ ଲେଖିକାଙ୍କର ପ୍ରଭାବଶାଳୀ ଲେଖନୀ ସକ୍ରିୟ ରହିଛି । ଗୀତାଞ୍ଜଳୀ ଶ୍ରୀଙ୍କର ପ୍ରଥମ ଉପନ୍ୟାସ 'ମାଇ' ସାମନ୍ତୀୟ ଡାଞ୍ଚାରେ ଜୀବନ ଜୀଉଁଥିବା ତିନୋଟି ପିଢ଼ୀର କାହାଣୀ କହିଛି । ତିନି ପିଢ଼ୀ ମଧ୍ୟରେ ମାନସିକତା, ବିଚାରବୋଧରେ ପାର୍ଥକ୍ୟକୁ ଅତି ନିପୁଣତାର ସହ ଫୁଟାଇଛନ୍ତି ଲେଖିକା ।

୧୯୬୦ ମସିହା ନଭେମ୍ବର ୧୭ ତାରିଖରେ ପଶ୍ଚିମ ବଙ୍ଗର କଲିକତାଠାରେ ଜନ୍ମିତ ଅଲ୍‌କା ସରାଓ୍ୱଗୀଙ୍କ ଉପନ୍ୟାସ ଭିତରେ ରହିଛି, 'କଲି-କଥା : ଭାୟା ବାଇପାସ୍'(୧୯୯୮), 'ଶେଷ କାଦମ୍ବରୀ'(୨୦୦୧), 'ଔର୍ କୋଇ ବାତ୍ ନହିଁ'(୨୦୦୪), 'ଏକ୍ ବ୍ରେକ୍ କେ ବାଦ୍'(୨୦୦୮) । ଅଲକା ସରାଓ୍ୱଗୀଙ୍କ ଉପନ୍ୟାସକୁ କେବଳ ନାରୀବିମର୍ଶଭିତ୍ତିକ ଉପନ୍ୟାସ ଭାବରେ ନୁହେଁ ବରଂ ଜୀବନକୁ ଦେଖିବାର, ଜୀବନରେ ଆସୁଥିବା ବିଭିନ୍ନ ପ୍ରକାରର ଆହ୍ୱାନକୁ ସାମ୍ନା କରିବାରେ ଏକ ଆଇନା ଭାବରେ ଗ୍ରହଣ କରାଯାଏ । ସେଥିପାଇଁ ଜୀବନବାଦୀ ଲେଖିକା ଭାବରେ ହିନ୍ଦୀ ଉପନ୍ୟାସ ଜଗତରେ ଶ୍ରୀମତୀ ସରାଓ୍ୱଗୀ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି ।

ଉପରୋକ୍ତ ଲେଖିକାଙ୍କ ବ୍ୟତୀତ ହିନ୍ଦୀ ଉପନ୍ୟାସ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତଥା ୧୯୮୦ ପରବର୍ତ୍ତୀ କାଳରେ ନିଜର ପ୍ରଭାବ ବଜାୟ ରଖିଥିବା ଅନ୍ୟାନ୍ୟ ଲେଖିକାମାନେ ହେଲେ, ଦିନେଶନନ୍ଦିନୀ ଡାଲମିୟା, ଦିପ୍ତୀ ଖଣ୍ଡେଲୱାଲ୍, ରାଜୀ ସେଠ୍, ମଞ୍ଜୁଲ ଭଗତ, କୁସୁମ କୁମାର, କାନ୍ତା ଭାରତୀ, ସୂର୍ଯ୍ୟବାଲା, ମୃଣାଲ ପାଣ୍ଡେୟ, କମଲ୍ କୁମାର, ନିରୂପମା ସୋବତି, ଚିତ୍ରା ଚତୁର୍ବେଦୀ, ବୀଣା ସିହ୍ନା, ମଧୁ କାଙ୍କରିୟା, ନୀରଜା ମାଧବ, ଜୟା ଜାଦୱାନୀ, ସୁଧା ଆରୋରା ଆଦି ।ଆଲୋଚ୍ୟ ଓପନ୍ୟାସିକାଙ୍କ ବ୍ୟତୀତ ଅହୁରି ଅନେକ ଔପନ୍ୟାସିକା ଅଛନ୍ତି ଯେଉଁମାନେ ଉତ୍ତରଅଶୀ ସମୟରେ ସାମାଜିକ, ରାଜନୀତିକ, ଆର୍ଥନୀତିକ ତଥା ସାହିତ୍ୟିକ ଆଦି ବିଭିନ୍ନ ଯୁଗୀୟ ସମସ୍ୟାକୁ ଆପଣା ଲେଖନୀ ଦ୍ୱାରା ପ୍ରକାଶ କରିବାରେ ସ'ଳ ହୋଇଛନ୍ତି । ଉପନ୍ୟାସର ବିସ୍ତୀର୍ଣ୍ଣ ପରିସରକୁ ଉପଯୁକ୍ତ ଭାବରେ ବ୍ୟବହାର କରି ଏହି ସମୟର ନାରୀ ସ୍ରଷ୍ଟା କଥା ସାହିତ୍ୟ କ୍ଷେତ୍ରରେ ନିଜର କୁଶଳତାକୁ ପ୍ରମାଣ କରିଛନ୍ତି ।

ଉତ୍ତର ଅଶୀ ସମୟରେ ସମଗ୍ର ଭାରତୀୟ ସାହିତ୍ୟରେ ନାରୀବାଦ ଏକ ଆନ୍ଦୋଳନରୁ ସାହିତ୍ୟିକ ସ୍ୱରୂପ ଆଡ଼କୁ ଅଗ୍ରସର ହୋଇଛି ; ଯାହାର ପ୍ରତିଫଳନ ଓଡ଼ିଆ ଓ ହିନ୍ଦୀ ସାହିତ୍ୟରେ ପରିଦୃଷ୍ଟ । ଏ କ୍ଷେତ୍ରରେ ଲେଖିକାଙ୍କ ଅବଦାନ କେବଳ ପରିମାଣାତ୍ମକ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ମ୍ଭ ଉତ୍କର୍ଷତା ଲଭିଛି । ପ୍ରଥମ ପର୍ଯ୍ୟାୟରେ ପାରମ୍ପରିକ ଓ ମାତ୍ରାଧିକ ସଂସ୍କାରଧର୍ମୀ ଏବଂ ସାମାଜିକ ମନେହେଉଥିବା ଔପନ୍ୟାସିକାମାନେ ଅଶୀ ପରବର୍ତ୍ତୀ ସମୟରେ ଦୃଢ଼ତାର ସହିତ ସେମାନଙ୍କ ସ୍ୱର ଉପସ୍ଥାପନ କରିଛନ୍ତି । ପରମ୍ପରା, ରକ୍ଷଣଶୀଳତା ଓ ପ୍ରଥାବଦ୍ଧତା ପ୍ରତି ସେମାନଙ୍କର ପ୍ରଶ୍ନ ସମାଜ ସମ୍ମୁଖରେ ଉଠାଇଛନ୍ତି । ଏ ସମୟରେ ସମାଜ ତଥା ପୁରୁଷ ନିର୍ମିତ ନିୟମର ଯୌକ୍ତିକତା ପ୍ରତି ସେମାନେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ନାରୀକୁ ଅସହାୟ କରିବାକୁ ଏକରକମ ବ୍ମ କରାଉଥିବା ପାରମ୍ପରିକ ମୂଲ୍ୟବୋଧ, ଚଳଣୀ, ଲୋକବିଶ୍ୱାସ ଆଦିକୁ ବିରୋଧ କରିଛନ୍ତି । ନାରୀର ସାମାଜିକ ସ୍ଥିତି, ମାନବିକତା ସହିତ ତା'ର ଶରୀରକୁ ନେଇ ଥିବା ବିଭିନ୍ନ ପ୍ରଶ୍ନ ମ୍ଭ ଔପନ୍ୟାସିକାଙ୍କ ପ୍ରସଙ୍ଗଭୁକ୍ତ ହୋଇଛି । ପୂର୍ବବର୍ତ୍ତୀ ସମୟରେ ଲେଖନୀ ଚାଳନା କରିଥିବା ଲେଖିକାଙ୍କ ଉପନ୍ୟାସ ମ୍ଭରେ ସମାଜ ଏବଂ ବ୍ୟକ୍ତିମାନସ ମ୍ଭରେ ଲାଗିରହିଥିବା ଦ୍ୱନ୍ଦ୍ୱ ଏହି ପର୍ଯ୍ୟାୟରେ ଯଥେଷ୍ଟ ଉନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହାର ପ୍ରତି'ଳନ ଉପନ୍ୟାସିକାଙ୍କ କୃତିରେ ନାରୀ ଚରିତ୍ରମାନଙ୍କ ମ୍ଭରେ ବଦଳୁଥିବା ଚିନ୍ତା-ଚେତନା ମ୍ଭଦେଇ ଉପଲକ୍ଷ୍ୟ କରିହୁଏ ।

**ପ୍ରାନ୍ତଟୀକା:**


୧. ଓଡ଼ିଶା ସାହିତ୍ୟ ଏକାଡେମୀ, ସଂକଳନ । ନାରୀର ସମ୍ମାନ ଓ ସ୍ୱାଧିକାର । (ଅନ୍ତର୍ଭୁକ୍ତ) ରଥ, କିରଣବାଳା, ନାରୀଜାତିର ସମ୍ମାନ ଓ ତା'ର ଅଧିକାର ରକ୍ଷା ଦିଗରେ ଲେଖିକାଙ୍କ ଭୂମିକା , ଓ.ସା.ଏ., ଭୁବନେଶ୍ୱର, ୧୯୯୨, ପୃ – ୧୨୧ ।

2. Betty Friedan. The Three Waves of Feminism, Sage Publications Web Source: https://www.sagepub.com/sites/default/files/upm-binaries/6236_Chapter _1_Krolokke _2nd Rev Final_Pdf.pdf

୩. (ସଂ)ଇତି ସାମନ୍ତ, ସଂପାଦକ । କଥାରେ କଥାରେ ଉପନ୍ୟାସରେ ନାରୀ ଚରିତ୍ର(ଦ୍ୱିତୀୟ ଭାଗ) । ୨୦୧୨, ପୃ-୧୭୫

୪. ସେହିଠାରେ , ପୃ-୨୭୧

୫. ମହେନ୍ଦ୍ର ସିଂହ । ହିନ୍ଦୀ ଉପନ୍ୟାସ : ସ୍ତ୍ରୀ ଦୃଷ୍ଟି । ସଚେତନା । ୧ମ ସଂଖ୍ୟା, ମାର୍ଚ୍ଚ ୨୦୦୯, ପୃ – ୧୧

ମୂଳ ପ୍ରବନ୍ଧ

# ଢେଙ୍କାନାଳ ଜିଲ୍ଲାରେ ଶୈବ ସଂସ୍କୃତିର ଉନ୍ମେଷ ଓ ଉତ୍ତରଣ

**ସନ୍ତୋଷ ଭୋଇ**

**ସାରାଂଶ :**

ଆଦିବାସୀ ସଂସ୍କୃତି ଢେଙ୍କାନାଳ ମୌଳିକ ସଂସ୍କୃତି ହୋଇଥିଲେ ହେଁ ଓଡ୍ରମାନେ ନିବାସ କରିବା ପରେ ଆଦିବାସୀ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ମହାମିଳନ ଏହି ଭୂଖଣ୍ଡରେ ହୋଇଥିଲା । ଶୈବ ସଂସ୍କୃତି ପରେ ପରେ ଏଠାରେ ଶାକ୍ତ, ବୈଷ୍ଣବ, ମହିମା ସଂସ୍କୃତିର ଏଠାରେ ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା । ପୁରାଣ ଯୁଗରୁ ଢେଙ୍କାନାଳରେ ଶୈବ ସଂସ୍କୃତିର ଉନ୍ମେଷ ଘଟି ସପ୍ତମ ଶତାବ୍ଦୀ ସମୟକୁ ଏହା ସମ୍ପୂର୍ଣ୍ଣ ବିକାଶଲାଭ କରିସାରିଥିଲା । ସୋମ, ଗଙ୍ଗ ଓ ସୂର୍ଯ୍ୟବଂଶ ରାଜତ୍ୱ ତଥା କରଦ ରାଜ୍ୟ ଭାବରେ ଶୁଲ୍କୀ, ତୁଙ୍ଗ ଏବଂ ନନ୍ଦମାନଙ୍କ ରାଜତ୍ୱ କାଳରେ ସୈବଧର୍ମ ରାଜକୀୟ ପୃଷ୍ଠପୋଷକତା ଲାଭ କରି ଲିଙ୍ଗ ଉପାସନାର ଏକ ଧାରାବାହିକ ପ୍ରକ୍ରିୟା ଚାଲୁରହିଥିଲା । ଯାହାର ନିଦର୍ଶନ ସ୍ୱରୂପ ଢେଙ୍କାନାଳରେ ଦୃଶ୍ୟମାନ ଶୈବ ସ୍ମାରକୀଗୁଡ଼ିକ ଏହାର ପ୍ରାମାଣିକତା ବହନ କରିଆସୁଛନ୍ତି ।

**ସଂକେତ ଶବ୍ଦ :**

ଶୈବ, କପିଳାସ, କୋଦାଳକ ନଗରୀ, ନଗାନା, ନାଗନାଥେଶ୍ୱର, ଢେଙ୍କାନାଳ, ଭୀମନଗରୀ ।

ଆଦିବାସୀ ସଂସ୍କୃତି ଢେଙ୍କାନାଳ ମୌଳିକ ସଂସ୍କୃତି ହୋଇଥିଲେ ହେଁ ଓଡ୍ରମାନେ ନିବାସ କରିବା ପରେ ଆଦିବାସୀ ସଂସ୍କୃତି ଓ ଆର୍ଯ୍ୟ ସଂସ୍କୃତିର ମହାମିଳନ ଏହି ଭୂଖଣ୍ଡରେ ହୋଇଥିଲା । ଶୈବ ସଂସ୍କୃତି ପରେ ପରେ ଏଠାରେ ଶାକ୍ତ, ବୈଷ୍ଣବ, ମହିମା ସଂସ୍କୃତିର ଏଠାରେ ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା । ପୁରାଣ ଯୁଗରୁ ଢେଙ୍କାନାଳରେ ଶୈବ ସଂସ୍କୃତିର ଉନ୍ମେଷ ଘଟି ସପ୍ତମ ଶତାବ୍ଦୀ ସମୟକୁ ଏହା ସମ୍ପୂର୍ଣ୍ଣ ବିକାଶଲାଭ କରିସାରିଥିଲା । ସୋମ, ଗଙ୍ଗ ଓ ସୂର୍ଯ୍ୟବଂଶ ରାଜତ୍ୱ ତଥା କରଦ ରାଜ୍ୟ ଭାବରେ ଶୁଲ୍କୀ, ତୁଙ୍ଗ ଏବଂ ନନ୍ଦମାନଙ୍କ ରାଜତ୍ୱ କାଳରେ ଶୈବଧର୍ମ ରାଜକୀୟ ପୃଷ୍ଠପୋଷକତା ଲାଭ କରି ଲିଙ୍ଗ ଉପାସନାର ଏକ ଧାରାବାହିକ ପ୍ରକ୍ରିୟା ଚାଲୁରହିଥିଲା । ଯାହାର ନିଦର୍ଶନ ସ୍ୱରୂପ ଢେଙ୍କାନାଳରେ ଦୃଶ୍ୟମାନ ଶୈବ ସ୍ମାରକୀଗୁଡ଼ିକ ଏହାର ପ୍ରାମାଣିକତା ବହନ କରିଆସୁଛନ୍ତି ।

ଢେଙ୍କାନାଳ ବ୍ରାହ୍ମଣୀ ଅବବାହିକାରେ ଚତୁର୍ଥ-ପଞ୍ଚଦଶମ ଶତାବ୍ଦୀ ବେଳକୁ ଲକୁଳୀଶ ସଂପ୍ରଦାୟ ଦ୍ୱାରା ଶୈବ ଧର୍ମ ପ୍ରଚାର ହୋଇଥିଲା । ଏଥିରେ ପ୍ରଭାବିତ ହୋଇ ଢେଙ୍କାନାଳରେ ଶାସନ କରୁଥିବା ରାଜାମାନେ ଶୈବଧର୍ମ ଗ୍ରହଣ କରିଥିଲେ । ତତ୍କାଳୀନ କୋଦାଳକ ନଗରୀ (କୁଆଳୋ) ଠାରେ ନିର୍ମିତ କନକେଶ୍ୱର ମନ୍ଦିର 'ଶୈବ ସିଦ୍ଧାନ୍ତ'ର ମୁଖ୍ୟ ପେଣ୍ଠସ୍ଥଳୀ ଥିଲା ।[୧] ଏତଦ୍ ବ୍ୟତୀତ ଲକୁଳୀଶଙ୍କ ଦ୍ୱାରା ପ୍ରଚାରିତ ପ୍ରାଚୀନ ଶୈବ ମତବାଦ ପାଶୁପତ ସିଦ୍ଧାନ୍ତ ମ୍ଭ ଏଠାରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା । ଏହ ମନ୍ଦିରଟି ପ୍ରାଥମିକ ପର୍ଯ୍ୟାୟରେ ପଞ୍ଚୟାତନ ଶୈଳୀରେ ନିର୍ମିତ ହୋଇଥିଲା । ଯେଉଁଠାରେ ମୁଖ୍ୟ ମନ୍ଦିର ଠାରୁ ସମଦୂରତ୍ୱରେ ଚାରି କୋଣରେ ସମ ଆକାରର ଚାରିଗୋଟି ମନ୍ଦିର ଥାଏ ସେହି ମନ୍ଦରି ପୁଞ୍ଜକୁ ପଞ୍ଚାୟତନ ମନ୍ଦିର କୁହାଯାଏ ।

**ଯୋଗାଯୋଗ :**
**ସନ୍ତୋଷ ଭୋଇ,** ସହକାରୀ ପ୍ରଫେସର
ମଡ଼େଲ ଡ଼ିଗ୍ରୀ କଲେଜ, ସୋନପୁର
**E-Mail ID:** bhoisantosh643@gmail.com
**ORCID ID:** https://orcid.org/0009-0001-2616-1799

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୬.୨୦୨୪ | ୭.୭.୨୦୨୪ | ୧୫.୭.୨୦୨୪ | ୧.୮.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ସନ୍ତୋଷ, ୨୦୨୪ । ଢେଙ୍କାନାଳ ଜିଲ୍ଲାରେ ଶୈବ ସଂସ୍କୃତିର ଉନ୍ମେଷ ଓ ଉତ୍ତରଣ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଢ଼, ପୃଷ୍ଠା :୪୪-୪୮ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :** https://pracheenews.com/

**DOI:** https://doi.org/10.5281/zenodo.13619867
Article No - BPPP00217

ଏଥିରେ ମୁଖ୍ୟ ମନ୍ଦିର ସହ ଅନ୍ୟ ଚାରିଗୋଟି ମନ୍ଦିର ଏହିପରି ପାଞ୍ଚଟି ମନ୍ଦିର ଥାଏ । କୁଆଳୋ ଠାରେ ଆୟତକ୍ଷେତ୍ର ମୂ୍ନ ଭାଗରେ କନକେଶ୍ୱର ମନ୍ଦିର ସହିତ ଚତୁଃପାର୍ଶ୍ୱରେ ଚାରୋଟି କୋଣରେ ଚାରୋଟି ଗୌଣ ଶୈବ ମନ୍ଦିର ଅବସ୍ଥିତ । ସେହି ମନ୍ଦିରଗୁଡ଼ିକ ନାମ ହେଉଛି– ବୈଦ୍ୟନାଥେଶ୍ୱର, ପଶ୍ଚିମେଶ୍ୱର, ବାଲୁଙ୍କେଶ୍ୱର ଏବଂ କପିଳେଶ୍ୱର । ପଞ୍ଚାୟତନ ମନ୍ଦିରଗୁଡ଼ିକ ସାଧାରଣତଃ ଦୁର୍ଗା, ଗଣେଷ, ସୂର୍ଯ୍ୟ ଓ ବିଷ୍ଣୁଙ୍କୁ ଗୌଣ ଦେବତା ଭାବରେ ଆରଧିତ କରାଯାଇଥାଏ ।କିନ୍ତୁ ଏଠାରେ ପଞ୍ଚାଯତନ ଶୈଳୀରେ ଶିବଲିଙ୍ଗମାନେ ଗୌଣ ଦେବତା ରୂପେ ପୂଜା ପାଉଛନ୍ତି । ଏହି ପଞ୍ଚାୟତନ ଦେବାଳୟ ସମୟକ୍ରମେ ଅଷ୍ଟପରିବାରରେ ପରିବର୍ତ୍ତିତ ହୋଇ ଅଷ୍ଟଶମ୍ଭୁ ପରମ୍ପରାରେ ଆଉ ତିନୋଟି ଲିଙ୍ଗ ସହ ଯୋଡି ହୋଇ ଅଷ୍ଟଶମ୍ଭୁ ନାମରେ ପୂଜିତ ହୋଉଛନ୍ତି । ଅନ୍ୟ ତିନୋଟି ଲିଙ୍ଗ ହେଲେ ବାଣେଶ୍ୱର, ସ୍ୱପ୍ନେଶ୍ୱର ଏବଂ ସିଦ୍ଧେଶ୍ୱର । ଏହି ମନ୍ଦିର ସମୂହକୁ କୋଦାଳକ ନଗରୀ ଅଧୁନା କୁଆଳୋ ଠାରେ ରାଜତ୍ୱ କରୁଥିବା ସ୍ତମ୍ଭ ଉପାଧିଧାରୀ ଶୁଳ୍କୀମାନେ ନିର୍ମାଣ କରାଇଥିଲେ । ମନ୍ଦିରଟି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପ୍ରତ୍ନତତ୍ୱ ବିଭାଗ ଦ୍ୱାରା ସଂରକ୍ଷିର ହୋଇ ରହିଛି । ଏହାର ଉପର ଅଂଶ ଭାଙ୍ଗି ଯାଇଥିବାରୁ ଏହାର ସଠିକ୍ ଉଚ୍ଚତା ନିର୍ନିତ ହୋଇପାରିନାହିଁ । ଢେଙ୍କାନାଳର ଗେଜେଟିୟରରେମୁଖ୍ୟ ମନ୍ଦିର କନକେଶ୍ୱର ମନ୍ଦିରର ଉଚ୍ଚତା ୮୦ ଫୁଟ୍ ବୋଲି ଦର୍ଶାଯାଇଥିବା ବେଳେ ଟି.ଇ. ଡୋନାଲ୍ଡସନ୍ ଏହା ୧୦୦ ଫୁଟ ଉଚ୍ଚତା ଥିଲା ବୋଲି ଦର୍ଶାଇଛନ୍ତି ।[୨] ଅନ୍ୟ ଚାରୋଟି ମନ୍ଦିରର ଉଚ୍ଚତା ୨୫ଫୁଟ୍ ଥିବା ସମୟରେ ପରେ ସଂଯୋଜିତ ତିନୋଟି ମନ୍ଦିର ଏହାଠାରୁ କମ୍ ଉଚ୍ଚତା ବିଶିଷ୍ଟ । ମନ୍ଦିରଟିର ବର୍ତ୍ତମାନ ଉଚ୍ଚତା ୭୦ ଫୁଟକୁ ବିଚାରକୁ ନେଲେ ଏହା ଯେ ତତ୍କାଳୀନ ଓଡ଼ିଶାରେ ଏକ ଉଲ୍ଲେଖନୀୟ କାର୍ତ୍ତିଥିଲା ଏଥିରେ ସନ୍ଦେହ ନାହିଁ । ଲୋକକଥାନୁଯାୟୀ ମନ୍ଦିରରେ ବ୍ୟବହୃତ ବାଲିପଥରଗୁଡ଼ିକ ନିକଟସ୍ଥ ପଳାସୁଣୀର ଜାରଡ଼ା ପାହାଡ଼ରୁ ଆସିଛି ।

ଢେଙ୍କାନାଳର ରାଜବଂଶ ଆନୁକୂଲ୍ୟରେ ମୂ୍ନଯୁଗରୁ ଢେଙ୍କନାଳରେ ଶୈବଧର୍ମ ଗଣଧର୍ମ ରୂପେ ମାନ୍ୟତାଲାଭ କରିଥିଲା ।ତତ୍କାଳୀନ ସମାଜରେ ରାଜା ଓ ଜନସାଧାରଣଙ୍କ ଧାର୍ମିକ ଜୀବନ ଚର୍ଯ୍ୟାରେ ତନ୍ତ୍ର ଓ ଯୋଗର ପ୍ରୟୋଗ ସମ୍ପର୍କରେ ତୃତୀୟ ଶୁଭକରଙ୍କ ହିନ୍ଦୋଳ ତାମ୍ରଶାସନଏବଂ ଶାନ୍ତିକରଙ୍କ ଅନୁଗୋଳ ତାମ୍ରଶାସନରେ ସୂଚନା ମିଳେ । ଲକୁଳୀଶ ସମ୍ପ୍ରଦାୟର ଚାରିଜଣ ଶିଷ୍ୟ ଯଥା–କୌଶିକ, ମିତ୍ରକ, ଗାର୍ଗ୍ୟ ଏବଂ ରୂଷ୍ଟାଙ୍କ ପ୍ରତିକୃତି କୁଆଳୋସ୍ଥିତ କନକେଶ୍ୱର ମନ୍ଦିରରେ ଖୋଦିତ ହୋଇଥିବାର ଦେଖାଯାଏ । ଭୌମକର ରାଜା ଓ ରାଣୀମାନେ ନିଜକୁ ଶିବଙ୍କ ଠାରେ ଉତ୍ସର୍ଗ କରି ନିଜକୁ 'ପରମମାହେଶ୍ୱର', 'ପରମ ମାହେଶ୍ୱରୀ', 'ପରମ ଭଟ୍ଟାରକ' ଆଦି ଉପାଧିରେ ଭୂଷିତ କରିଥିଲେ ।ତୃତୀୟ ଶୁଭକରଙ୍କ ହିନ୍ଦୋଳ ତାମ୍ରଶାସନରେ ପୁଲିଣ୍ଡେଶ୍ୱରଙ୍କ ଉଦ୍ଦେଶ୍ୟରେ ନଣ୍ଡିଲୋ ଗ୍ରାମଦାନ କରିଥିବା ଉଲ୍ଲେଖ ଅଛି ।[୩] ସମ୍ପ୍ରତି ପୁଲିଣ୍ଡେଶ୍ୱର ହେଉଛନ୍ତି କୁଣ୍ଡେଶ୍ୱର ଏବଂ ନଣ୍ଡିଲୋ ଅଧୁନା ହିନ୍ଦୋଳ ବ୍ଲକର ନଣ୍ଡେଇଲୋ ଗ୍ରାମକୁ ସୂଚିତ କରେ । ବ୍ରାହ୍ମଣୀ ଅବବାହିକାରେ ଥିବା ଜୟାଶ୍ରମ ବୌଦ୍ଧ ବିହାରକୁ ଶୈବ ମନ୍ଦିରରେ ରୂପାନ୍ତରିତ କରାଯାଇଛି । ଯାହାକି ପଶ୍ଚିମେଶ୍ୱର ନାମରେ ପରିଚିତ । ପଶ୍ଚିମେଶ୍ୱରଙ୍କ ଶିବଲିଙ୍ଗ ଏକ ଭଗ୍ନ ବୌଦ୍ଧସ୍ତୂପ ସଦୃଶ ପ୍ରତୀୟମାନ । ଏତଦ ବ୍ୟତୀତ ଏହାର ପଶ୍ଚିମରେ ବ୍ରାହ୍ମଣୀ ନଦୀ କୂଳରେ ବଜ୍ରକୋଟ ଠାରେ ନିର୍ମିତ ଭିଙ୍ଗେଶ୍ୱର ମନ୍ଦିର ଭୌମକରମାନଙ୍କର କୀର୍ତ୍ତି । ଭୌମକର ରାଣୀ ତ୍ରିଭୂବନ ମହାଦେବୀ ଭୁବନ ଗ୍ରାମ ବସାଇଥିବା ଢେଙ୍କାନାଳ ଇତିହାସରେ ଉଲ୍ଲେଖ ଅଛି । ଏଠାରେ ବ୍ରାହ୍ମଣୀ କୂଳରେ ଏକ ସ୍ତୂପ ପ୍ରତିଷ୍ଠା କରାଯାଇଥିଲା । ଯାହାକି ଶୈବ ସଂସ୍କୃତି ଉତ୍ତରଣରେ ବୁଦ୍ଧେଶ୍ୱର ମହାଦେବ ଭାବରେ ପରିଚିତ । ବର୍ତ୍ତମାନ ଗଙ୍ଗାଧର ପ୍ରସାଦ ସ୍ଥିତ ପଶ୍ଚିମେଶ୍ୱର ମନ୍ଦିରର ପୂର୍ବ ଦିଗରେ ଦୁଇଟି ପ୍ରାଚୀନ ଶିବ ମନ୍ଦିର ପରିଦୃଷ୍ଟ ହୁଏ । ଶିଳ୍ପ ସ୍ଥାପତ୍ୟରୁ ପ୍ରମାଣିତ ହୁଏ ଯେ ଏ ଦୁଇଟି ମନ୍ଦିର ଅଷ୍ଟମ-ନବମ ଶତାବ୍ଦୀର ।

ଶୁଳ୍କୀମାନଙ୍କ ଦ୍ୱାରା ନିର୍ମିତ ଅନ୍ୟ ଏକ କୀର୍ତ୍ତି ହେଉଛି ଯୋରନ୍ଦା ଠାରୁ ଆଠକିଲୋମିଟର ଦୂରରେ କରମୁଳ ପାଟଣାରେ ଦୌଡ଼େଶ୍ୱର ମହାଦେବ । ଭଗ୍ନସ୍ତୂପ  ହୋଇପଡ଼ି ରହିଥିବା ଏହି ମନ୍ଦିରଟି ଅଧୁନା ଭାରତୀୟ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ନୂତନ ଭାବେ ନିର୍ମିତ । ଉକ୍ତ ମନ୍ଦିରର ସ୍ଥାପତ୍ୟ ଓ ଶିଳ୍ପକଳା ବର୍ତ୍ତମାନ ଇତସ୍ତଃ ହୋଇ ପଡ଼ିରହିଛି । ଏବଂ ଅନେକ ଭଗ୍ନାବଶେଷ ବ୍ରାହ୍ମଣୀ ନଦୀ ଜଳର ସ୍ରୋତରେ ବିଲୀନ ହୋଯାଇଛି । ଏହି ନଷ୍ଟପ୍ରାୟ ଅଂଶବିଶେଷରେ ଅନେକ ପୁରାତନ ମୂର୍ତ୍ତି, ପୂର୍ଣ୍ଣ କଳସର କାରୁକାର୍ଯ୍ୟ ଓ ପ୍ରସ୍ତର କଳାକୃତିର ନଷ୍ଟ ହୋଇଯାଇଛି ।

ଭୌମକରମାନଙ୍କ ଅଧୀନସ୍ଥ କରଦ ରାଜ୍ୟ ଭାବରେ କୋଦାଳକ ମଣ୍ଡଳ (କୁଆଳୋ)ରେ ଶାସନ ଶୁଳ୍କୀ, ଯମଗର୍ତ୍ତ ମଣ୍ଡଳରେ ଶାସନ କରୁଥିବା ତୁଙ୍ଗ ଓ ଐରାବତ ମଣ୍ଡଳରେ ଶାସନ କରୁଥିବା ନନ୍ଦବଂଶମାନେ ମହେଶ୍ୱରଙ୍କ ଉପାସକ ଥିବା ତାଙ୍କ ପ୍ରଦତ୍ତ ତାମ୍ରଶାସନ ଏବଂ ମୁଦ୍ରାରେ ଥିବା ବୃଷଭରୁ ଅନୁମାନ କରାଯାଇପାରେ । ଶୁଳ୍କୀ ରାଜା ରଣସ୍ତମ୍ଭ ନିଜକୁ ମହେଶ୍ୱରଙ୍କ ଶ୍ରେଷ୍ଠ ଭକ୍ତ ରୂପେ ଘୋଷଣା କରିଥିଲେ ।ସେ ଭୀମ ନଗରୀର ଅପରପାର୍ଶ୍ୱରେ ରଣଶ୍ୱେର ମନ୍ଦିର ନିର୍ମାଣ କରିଥିଲେ ।

ବ୍ରାହ୍ମଣୀ ଉପତ୍ୟାକାରେ ଶୈବ ସଂସ୍କୃତିର ଉତ୍ତରଣ ପୂର୍ବରୁ ଢେଙ୍କାନାଳରେ ନାଗ ସଂସ୍କୃତିର ବ୍ୟାପକ ପ୍ରସାର ହୋଇଥିଲା । ଏହି ନାଗ ସଂସ୍କୃତିର କେନ୍ଦ୍ରବିନ୍ଦୁ ଥିଲା ନାଗନା ନଗରୀ । ଲକୁଳୀଶ ସମ୍ପ୍ରଦାୟର ଶୈବଧର୍ମ ପ୍ରଚାର 'ଳରେ ନାଗନା ଶୈବ କ୍ଷେତ୍ରରେ ପରିଣତ ହେଲା ।

ଏହା ଶୈବ ସଂସ୍କୃତିର ଉତ୍ତରଣରେ ନାଗନା ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମଧ୍ୟରୁ ଅନ୍ୟତମ ନାଗନାଥେଶ୍ୱରଙ୍କର ଲୀଳା ଭୂମି ରୂପେ ପରିଗଣିତ ହୋଇଥିଲା । ଭାରତରେ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ଯଥା- ସୋମନାଥ, ମଲ୍ଲିକାର୍ଜୁନ, ମହାକାଳ, ମନ୍ଦେଶ୍ୱର, ବୈଦ୍ୟନାଥ, ଭୀମଶଙ୍କର, ରାମେଶ, ତ୍ର୍ୟମ୍ବକ, କେଦାରଶ୍ୱର, ଘୃସୁଣେଶଙ୍କ ପରି ନାଗନାଥେଶ୍ୱର ହେଉଛନ୍ତି ଅନ୍ୟତମ । ନାଗନାଥଙ୍କର ଅବସ୍ଥିତି ହେଉଛି ଦାରୁକା ବନ । ନାଗନାସ୍ଥିତ ରୂପାବଳିଆ ପର୍ବତ ଠାରୁ ବ୍ରାହ୍ମଣୀ ନଦୀ ପର୍ଯ୍ୟନ୍ତ ସୁବିସ୍ତୃତ ତୀର୍ଥ ଭୂମିରେ ଦାରୁକାବନ ଥିବାର ପ୍ରମାଣ ମିଳେ । ବର୍ତ୍ତମାନ ପଶ୍ଚିମ ଭାରତବାସୀ ଦ୍ୱାରିକ ସନ୍ନିକଟ ନାଗେଶଙ୍କୁ ଜ୍ୟୋର୍ତିଲିଙ୍ଗ ରୂପେ ଚିହ୍ନିତ କରୁଥିଲେ ହେଁ ପ୍ରକୃତରେ ବ୍ରାହ୍ମଣୀ ତଟସ୍ଥ ନାଗେଶ ତା ଠାରୁ ବହୁ ପ୍ରାଚୀନ । ଉଭୟେ ଶିବଲିଙ୍ଗ ଦର୍ଶନ କଲେ ହୃଦବୋଧ ହୁଏ ଯେ ଦ୍ୱାରିକା ସନ୍ନିକଟ ନାଗେଶ ପଞ୍ଚଦଶ ବା ଷୋଡ଼ଶ ଶତାବ୍ଦୀର ହୋଇଥିବା ବେଳେ ବହୁ ପ୍ରାଚୀନ କାଳରୁ ନାଗନାସ୍ଥିତ ନାଗନାଥ ମନ୍ଦିର ନିର୍ମାଣ କରାଯାଇଛି ।

ମାତ୍ର ସେହି ସମୟରୁ ବ୍ରାହ୍ମଣ ତଟସ୍ଥ ନାଗନାଥ ପ୍ରସିଦ୍ଧିଲାଭ କରିଥିଲେ । ଏହି ପ୍ରାଚୀନ ମନ୍ଦିରଟି ରୂପାବଳିଆ ପାହାଡ଼ରେ ଶାସନ କରୁଥିବା ନାଗବଂଶୀୟ ରାଜାଙ୍କ ଦ୍ୱାରା ପ୍ରଥମେ ନିର୍ମାଣ କରାଯାଇଥରଲା । ସେ ପ୍ରାଚୀନ ମନ୍ଦିରଟି ଭାଙ୍ଗିଯିବାରୁ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶୀୟ ରାଜା ତୃତୀୟ ଅନଙ୍ଗଭୀମ ଦେବଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ନାଗନା ସନ୍ନିକଟ ଭୀମପୁର ଓ ପଶ୍ଚିମସ୍ଥ ଭୀମନଗରୀ ଦୁର୍ଗ ଅନଙ୍ଗଭୀମଦେବଙ୍କ କୀର୍ତ୍ତି । ତଦୀୟ ପୁତ୍ର ପ୍ରଥମ ନରସିଂହ ଦେବ କପିଳାସ୍ଥ ଦଧିନଉତି ଶିଳାଲେଖରେ ନାଗନା ଏବଂ ଭୀମପୁର ଗ୍ରାମ ଦ୍ୱୟ ନାମ ଉଲ୍ଲେଖ କରିଥିବା ଦେଖାଯାଏ ।

ଏହି ସମୟଖଣ୍ଡ ଭିତରେ କଟକ-ସମ୍ବଲପୁର ରାସ୍ତାରେ ଗଲାବେଳେ ସାପୁଆ ନଦୀର ବାମପାର୍ଶ୍ୱରେ ପଡୁଥିବା ଚଷାପଡ଼ା ଗ୍ରାମର କିଛି ଚାଷଜମି ମଝିରେ ଦୁଇଟି ଶୈବ ମନ୍ଦିର (ସିଦ୍ଧେଶ୍ୱର ମନ୍ଦିର ଓ ଶମ୍ଭୁନାଥ ମନ୍ଦିର) ଭଗ୍ନପ୍ରାୟ ଅବସ୍ଥାରେ ଅଛି । ଗ୍ରାମବାସୀମାନେ ଏହାକୁ ବୁଦ୍ଧ ମହାଦେବ ବୋଲି କହୁଛନ୍ତି । ମନ୍ଦିର ଦୁଇଟି ପରସ୍ପରକୁ ପୂର୍ବ ଓ ପଶ୍ଚିମ ମୁହାଁ ହୋଇ ଦଣ୍ଡାୟମାନ । ଏହାର ସ୍ଥାପତ୍ୟ ଓ ନିର୍ମାଣ ଶୈଳୀକୁ ଅବଲୋକନ କଲେ ଏହା ଗୁପ୍ତ ପରବର୍ତ୍ତୀ ସମୟର ବୋଲି ଜଣାଯାଏ ।ମାତ୍ର ଏହା ତତ୍କାଳୀନ ଓଡ଼ିଶାରେ ଶାସନ କରୁଥିବା ଭୌମକର କିମ୍ବା ଶୁଳ୍କୀମାନଙ୍କର କୀର୍ତ୍ତି ବୋଲି ଅନୁମାନ କରାଯାଇପାରେ ।

ଭୌମକରମାନଙ୍କ ପରେ ଓଡ଼ିଶା ସୋମବଂଶୀମାନଙ୍କ ଦ୍ୱାରା ଶାସିତ ହେଲା । ସୋମବଂଶୀମାନେ ନିଜକୁ ଶିବଙ୍କ ନିଷ୍ଠାବାନ ସେବାୟତ ଭାବରେ ମନେକରି ନିଜକୁ 'ପରମମାହେଶ୍ୱର' ଉପାଧିରେ ଭୂଷିତ କରିଥିଲେ ଏବଂ ଶୈବ ସମ୍ପ୍ରଦାୟର ପ୍ରତୀକ ସ୍ୱରୂପ ଷଣ୍ଢର ପ୍ରତୀକକୁ ସେମାନଙ୍କ ପ୍ରଚଳିତ ମୁଦ୍ରାରେ ବ୍ୟବହାର କରିଥିଲେ ।[୩] ଏହି ବଂଶର ଚନ୍ଦ୍ରକେଶରୀ ଚାନ୍ଦପୁର ଠାରେ ହରିହର ମନ୍ଦିର ନିର୍ମାଣ କରିଥିବା ଢେଙ୍କାନାଳରେ ପ୍ରବାଦ ରହିଛି । ବର୍ତ୍ତମାନ ସେହି ମନ୍ଦିରଟିର କୌଣସି ଅସ୍ତିତ୍ୱ ନାହିଁ । ମାତ୍ର ହରିହରଙ୍କ ମୂର୍ତ୍ତି ଭୀମନଗରୀ ସନ୍ନିକଟ ନାଧରା ଶକ୍ତିପୀଠ ଠାରେ ବିରାଜିତ । ଏହାର ବାମାର୍ଦ୍ଧ ହରି ଓ ଦକ୍ଷିଣାର୍ଦ୍ଧ ହର । ଏଥିରୁ ପ୍ରମାଣିତ ହୁଏ ଯେ ସୋମବଂଶ ଶାସନ କାଳରୁ ଢେଙ୍କାନାଳରେ ହରିରହ ଉପାସନାରେ ବିକାଶଲାଭ ହୋଇଥିଲା । ଏତଦ ବ୍ୟତୀତ ଚନ୍ଦ୍ରକେଶରୀଙ୍କର ଅନ୍ୟତମ କୀର୍ତ୍ତି ହେଉଛି କପିଳାସ ମନ୍ଦିର । ଯାହାକି ପ୍ରାଚୀନ ବୃଷଭ ଅଭିଲେଖରୁ ଜଣାପଡ଼େ । ମନ୍ଦିରଟି ଭାଙ୍ଗିଯିବାରୁ ପରବର୍ତ୍ତୀ ସମୟରେ ଅନଙ୍ଗଭୀମ ଦେବ ଏହି ମନ୍ଦିରଟିକୁ ନିର୍ମାଣ କରିଥିଲେ । ଭୌମନଗରୀ ଦୁର୍ଗର ପୂର୍ବ ଦିଗରେ କନକକେଶରୀଙ୍କ ଦ୍ୱାରା କନକେଶ୍ୱର ଶିବ ମନ୍ଦିର ନିର୍ମାଣ କରାଯାଇଥିଲା । ସେହିପରି ଭୌମନଗରୀର ପଶ୍ଚିମ ଭାଗରେ ଥିବା ରଣେଶ୍ୱର ମନ୍ଦିର ରାଣକ ରଣକେଶରୀଙ୍କ ଦ୍ୱାରା ପୁର୍ନଃନିର୍ମିତ ହୋଇଥିଲା । ଢେଙ୍କନାଳ ଇତିହାସ ଅନୁଯାୟୀ, ଭୁବନ ସନ୍ନିକଟ ବ୍ରାହ୍ମଣୀ ନଦୀ କୂଳରେ ବୁଦ୍ଧକେଶରୀଙ୍କ ଦ୍ୱାରା ବୁଦ୍ଧେଶ୍ୱର ମନ୍ଦିର ନିର୍ମାଣ କରାଯାଇଥିଲା । ଏତଦ ବ୍ୟତୀତ ଭୌମନଗରୀ ପଶ୍ଚିମ ପାର୍ଶ୍ୱସ୍ଥ କମଳାଙ୍ଗ ଗ୍ରାମରେ କମଳକେଶରୀଙ୍କ ଦ୍ୱାରା କମଳେଶ୍ୱର ଏବଂ ଦକ୍ଷିଣ ପାର୍ଶ୍ୱରେ କୁଣ୍ଡଳକେଶରୀଙ୍କ ଦ୍ୱାରା କୁଣ୍ଡଳେଶ୍ୱର ମନ୍ଦିର ପ୍ରତିଷ୍ଠା କରାଯାଇଥିବା ଢେଙ୍କନାଳ ଇତିହାସରେ ଉଲ୍ଲେଖ ଅଛି ।[୪] ଏଥିରୁ ଅନୁମିତ ହୁଏ ଯେ କେଶରୀ ବଂଶର ରାଜାମାନେ ବ୍ରାହ୍ମଣୀ ଅବବାହିକାରେ ବହୁ ଶିବ ଲିଙ୍ଗ ପ୍ରତିଷ୍ଠା କରାଯାଇଥିଲା ।

ଗଙ୍ଗମାନେ ଶୈବ ଥିବା ତାଙ୍କ ପ୍ରଦତ୍ତ ତାମ୍ର୍ର ଲକରୁ ଜଣାପଡେ । ଗଙ୍ଗବଂଶର ସମ୍ରାଟ ଅନଙ୍ଗଭୀମ ଦେବ ଭୌମନଗରୀରରେ ଅବସ୍ଥାନ କରୁଥିଲେ । କୋଦାଳକ ନଗରୀରରେ ଅବସ୍ଥାନ କରୁଥିବା ସ୍ତମ୍ଭ ଉପାଧି ରାଜାମାନଙ୍କୁ ଅନଙ୍ଗଭୀମଦେବ ପରାସ୍ତ କରିଥିଲେ । ଭୀମନଗରୀ ସନ୍ନିକଟ ଖଣ୍ଡାଧୁଆ ପୋଖରୀ ପାଖରେ ଏ ଯୁଦ୍ଧ ସଂଘଟିତ ହୋଇଥିଲା । ଲୋକକଥାନୁଯାୟୀ ଏହି ଯୁଦ୍ଧରେ ଅନଙ୍ଗଭୀମ ଦେବ ବହୁ ବ୍ରାହ୍ମଣ ସୈନ୍ୟକୁ ବଧ କରିଥିବାରୁ ବ୍ରହ୍ମହତ୍ୟା ପାପରେ ଲିପ୍ତ ହୋଥିଲେ । ବ୍ରହ୍ମହତ୍ୟା ପାପରୁ ମୁକ୍ତି ପାଇବା ନିମନ୍ତେ ସେ କପିଳାସବାସୀ ଶିଖରେଶ୍ୱରଙ୍କ ଶରଣାପନ୍ନ ହୋଇଥିଲେ । ସେହି ସମୟରେ ଚନ୍ଦ୍ରକେଶରୀଙ୍କ କୃତ ମନ୍ଦିରଟି ବିଦ୍ୟମାନ ଥିଲା । ତେଣୁ ସେ ପୀଠର ପୂର୍ବ ଦିଗରେ ବିଶ୍ୱନାଥ (ବୁଢ଼ାଲିଙ୍ଗ)ଙ୍କ ମନ୍ଦିରଟି ତୋଳାଇଥିଲେ । ଏତଦବ୍ୟତୀତ ସେ ନାଗନାର ନାଗନାଥ ମନ୍ଦିର ନିର୍ମାଣ କରି ସ୍ୱନାମରେ ଭୀମପୁର ଗ୍ରାମ ବସାଇଥିଲେ । ତଦୀୟପୁତ୍ର ପ୍ରଥମ ନରସିଂହ ଦେବ କପିଳାସରେ ଚନ୍ଦ୍ରଶେଖର ମନ୍ଦିର ନିର୍ମାଣ କରିଥିଲେ । କପିଳାସ ପୀଠ ସ୍ଥିତ ଦଧିନଉତି ଅଭିଲେଖରୁ ଜଣାଯାଏ ଯେ ମନ୍ଦିରଟି ନରସିଂହଦେବଙ୍କ ରାଜତ୍ୱର ୧୦ମ ଅଙ୍କ ଅର୍ଥାତ ୧୨୪୬ ଖ୍ରୀଷ୍ଟାବ୍ଦରେ

ନିର୍ମାଣ କରାଯାଇଥିଲା ।[୫] ଉପରୋକ୍ତ ଆଲୋଚନାରୁ ଏହା ପ୍ରମାଣିତ ହୁଏ ଯେ ସପ୍ତମ ଶତାବ୍ଦୀ ଠାରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଢେଙ୍କାନାଳରେ ଶୈବଧର୍ମର ବିକାଶ ଚରମସୀମାରେ ଉପନୀତ ହୋଇ କପିଳାସ, ନାଗନା ଏବଂ କୁଆଲୋ ଶୈବକ୍ଷେତ୍ର ରୂପେ ପ୍ରସିଦ୍ଧିଲାଭ କରିଥିଲା ।

ଷୋଡ଼ଶ ଶତାବ୍ଦୀରେ ଅଭିନବ ଢେଙ୍କାନାଳ ରାଜ୍ୟ ଗଠନ କରି ହରିସିଂହ ବିଦ୍ୟାଧର କରମୂଳ ଉଆସର ପୂର୍ବ ଦିଗରେ ବ୍ରାହ୍ମଣୀ ତଟରେ ସ୍ୱପ୍ନେଶ୍ୱର ମନ୍ଦିରର ପୁନଃନିର୍ମାଣ ନିର୍ମାଣ କରିଥିଲେ । ସମ୍ପ୍ରତି ମନ୍ଦିରଟି ଭାଙ୍ଗିଯାଇଥିଲେ ହେଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଦ୍ୱାରା ଏଠାରେ ପ୍ରାଚୀନ ଶୈଳୀର ଗୋଟିଏ ମନ୍ଦିର ନିର୍ମାଣ କରାଯାଇଛି । ମନ୍ଦିର ପରିସର ମୂଳରେ ଥିବା ପଥର ଭଗ୍ନ ପଥର ମୂର୍ତ୍ତିସବୁକୁ ଅବଲୋକନ କଲେ ଏହା ଅଷ୍ଟମ ନବମ ଶତାବ୍ଦୀର ବୋଲି ମନେହୁଏ । ସେହିପରି ମୂର୍ତ୍ତି କୁଆଲୋ ଠାରେ ମଧ୍ୟ ଦେଖିବାକୁ ମିଳେ । ସ୍ୱପ୍ନେଶ୍ୱର ମହାଦେବଙ୍କୁ ସ୍ଥାନୀୟ ଅଧିବାସୀ ଦୌଢ଼େଶ୍ୱର ମହାଦେବ ବୋଲି କହିଥାନ୍ତି । ପୂର୍ବେ ଏଠାରେ ଅଷ୍ଟଶମ୍ଭୁ ପୂଜିତ ହେଉଥିଲେ । ନଦୀବଢ଼ି ଯୋଗୁଁ ନିକଟସ୍ଥ ଗ୍ରାମ କରମୂଳ, ଅଶ୍ୱଖୋଲ, ସୁଗର, ବାରୁଆଁ ଇତ୍ୟାଦିକୁ ସ୍ଥାନାନ୍ତରିତ କରାଯାଇଛି । ଏହି ସମୟରେ ବାରୁଅାଁ ଠାରେ ବାଲୁଙ୍କେଶ୍ୱର, ବ୍ରାହ୍ମଣଖଣ୍ଡଖୋଲରେ ବରାହବାଲୁଙ୍କେଶ୍ୱର, ଓଡ଼ିଶରେ ସୁରେଶ୍ୱର, ଭୁବନରେ ଭୁବନେଶ୍ୱର, ଗୋବିନ୍ଦ ବିଦ୍ୟାଧରପୁରରେ ସ୍ୱପ୍ନେଶ୍ୱର, ହାଟୁଆରୀରେ କପିଳେଶ୍ୱର, ସୋଗରରେ ସୋଗରେଶ୍ୱର, କନ୍ଦରସିଂହାରେ ରାମେଶ୍ୱର ପ୍ରଭୃତି ସ୍ଥାନରେ ଶୈବ ମନ୍ଦିରମାନ ନିର୍ମାଣ ହୋଇଥିଲା । ତାଙ୍କ ପରେ ତଦୀୟ ପୁତ୍ର ଲୋକନାଥ ରାୟସିଂହ ଭ୍ରମରବର ବଣିଆପଡ଼ାରେ ସ୍ୱପ୍ନେଶ୍ୱର ଓ ଖଙ୍କିରାରେ ରାମେଶ୍ୱର ମହାଦେବଙ୍କ ନିମନ୍ତେ ଜମିବାଡ଼ି ଖଞ୍ଜିଦେଇଥିଲେ । ଏତଦ ବ୍ୟତୀତ ସେ ମଲାଙ୍ଗଡିହ ମଠର ଉତ୍ତର ଦିଗରେ ରାମିଆଳ ନଦୀଧାର ମୂଳରେ କପିଳେଶ୍ୱର ମନ୍ଦିର ନିର୍ମାଣ କରାଇଥିଲେ ଓ ଜିନେଇଲୋ ଏବଂ ବେଢ଼ାପାଳ ଗ୍ରାମ ଦୁଇଟିକୁ କପିଳାସ ଠାକୁରଙ୍କୁ ଦାନ ଦେଇଥିଲେ ।[୬] ରାଜା ନୃସିଂହ ଭ୍ରମରବର ଲତାଦେଇପୁରର ଅନ୍ନକୋଟୀଶ୍ୱର ମନ୍ଦିର ତେନ୍ତୁଳିସିଂହାର ରାମେଶ୍ୱର ମନ୍ଦିର ନିର୍ମାଣ କରିବା ସହିତ ନୃସିଂହପୁର ଶାସନରେ ବେଲେଶ୍ୱର ମହାଦେବଙ୍କ ଶିବ ଲିଙ୍ଗ ସ୍ଥାପନ କରି ସେବା ନିମନ୍ତେ ଭୂମିଖଞ୍ଜା କରିଥିଲେ ।

ଢେଙ୍କାନାଳର ସପ୍ତମ ରାଜା ଦାମୋଦର ଭ୍ରମରବରରାୟ ମୁକ୍ତାଦେଇପୁର ଶାସନରେ ସୋମନାଥେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଏତଦ ବ୍ୟତୀତ ଢେଙ୍କନାଳ ରାଜବଂଶ ଦ୍ୱାରା ଗୋବିନ୍ଦ ବିଦ୍ୟାଧରପୁରରେ ସ୍ୱପ୍ନେଶ୍ୱର, ଲୋକନାଥ ପୁରରେ ଲୋକନାଥେଶ୍ୱର, ହାଟୁଆରୀରେ କପିଳେଶ୍ୱର, ଭାଗିରଥିପୁରରେ କେଦାରେଶ୍ୱର, ଶିବୁଳାପଶିରେ ସ୍ୱପ୍ନେଶର, ବୁଢ଼ୀବିଲିରେ ନୀଳକଣ୍ଠେଶ୍ୱର, ରାୟନୃସିଂହପୁରରେ ନୀଳକଣ୍ଠେଶ୍ୱର, ସରାଙ୍ଗରେ ଐଶାନ୍ୟେଶ୍ୱର, କମଳାଙ୍ଗରେ କମଳେଶ୍ୱର, ନୟାଭଗୀରଥୀପୁରରେ ରଣନେଶ୍ୱର ଓ ରାମେଶ୍ୱର, ଭୋଜଦେଇପୁରରେ ଭୋଳେଶ୍ୱର, ସଦାଶିବପୁରରେ ବାଲୁଙ୍କେଶ୍ୱର, ଘିଟିପିରିରେ ରାମେଶ୍ୱର ଓ ଗଙ୍ଗାଧରପ୍ରସାଦରେ ପଶ୍ଚିମେଶ୍ୱର ମନ୍ଦିର ପ୍ରତିଷ୍ଠା ହୋଇ ସେବାୟତଙ୍କ ନିମନ୍ତେ ବିଭିନ୍ନ ଜମି ଖଞ୍ଜିଦିଆଯାଇ ଶୈବ ସଂସ୍କୃତିର ବ୍ୟାପକ ପ୍ରସାର କରାଯାଇଥିଲା ।

ସ୍ୱାଧୀନତା ପରେ ପରେ ଢେଙ୍କାନାଳର ଶୈବ ସଂସ୍କୃତି ବ୍ୟାପକ ପ୍ରସାରଲାଭ କରି ଢେଙ୍କାନାଳର କୋଣ ଅନୁକୋଣେ ଶୈବ ମନ୍ଦିରମାନ ଗଢ଼ି ଉଠିଶିବମନ୍ଦିର ସର୍ବତ୍ର ଶୈବ ପର୍ବପର୍ବାଣୀ ମହାସମାରୋହରେ ପାଳିତ ହୋଇ ଶୈବ ସସ୍କୃତିର ଉତ୍ତରଣରେ ଏକ ଭବ୍ୟ ପରମ୍ପରା ସୃଷ୍ଟିହୋଇଛି । ତନ୍ମଧ୍ୟରୁ ଜିରାଳର ଜଳେଶ୍ୱରେ ମହାଦେବ, ଦେଓପଡ଼ାର କୁମ୍ଭେଶ୍ୱର ମହାଦେବ, ହରିପୁରର ମହାକାଳ ମନ୍ଦିର, ନୂଆପୋଖରୀ ହୁଡ଼ାର ଆଖଣ୍ଡଳମଣି ମନ୍ଦିର, ଅମଲାପଡ଼ାର ରାମେଶ୍ୱର, କୁଞ୍ଜକାନ୍ତର ସିଦ୍ଧେଶ୍ୱର, ମାର୍ଥାପୁରର ସ୍ୱପ୍ନେଶ୍ୱର ଇତ୍ୟାଦି ପ୍ରାଧାନ ।

ଯୁଗେଯୁଗେ ଢେଙ୍କନାଳରେ ଶୈବସନ୍ନ୍ୟାସୀ ଓ ସାଧକବୃନ୍ଦ ପଦାର୍ପଣ କରି ଏମାଟିକୁ ପବିତ୍ର କରିଛନ୍ତି । ପୁରାଣ ଯୁଗରେ ମାର୍କଣ୍ଡେୟ, କପିଳମୁନି, ରାଜା ସୌଦାସ ପ୍ରଭୃତି ଶିବ ଉପାସକ ପୁରାଣ ପ୍ରସିଦ୍ଧ ଉତ୍ତ୍ର କୈଳାସ ବା କପିଳାସ ଠାରେ ସାଧନାରତ ଥିଲେ । ଏହି କପିଳାସ ହେଉଛି ନାଥଯୋଗୀମାନଙ୍କର ଆଦିପୀଠ ବୋଲି ଗୋରେଖ ସଂହିତାରୁ ଜଣାପଡ଼େ । ଏହିଠାରେ ଆଦି ସିଦ୍ଧାଚାର୍ଯ୍ୟ ମତ୍ସ୍ୟେନ୍ଦ୍ରନାଥଙ୍କୁ ଶିବ କାନଚିରି ନାଥଧର୍ମରେ ଦୀକ୍ଷିତ କରି ଯୋଗମାର୍ଗର ଶିକ୍ଷା ଦେଇଥିବାର ପ୍ରମାଣ ନାଥସାହିତ୍ୟରୁ ମିଳେ । ଏତଦ ବ୍ୟତୀତ ଏହା ନାଥ ସିଦ୍ଧାଚାର୍ଯ୍ୟ ମତ୍ସ୍ୟେନ୍ଦ୍ରନାଥ, ଗୋରେଖ ନାଥ ଓ ମୀନନାଥଙ୍କର ପ୍ରିୟ ଭୂମି ଥିଲା । ସେହି ସମୟରୁ ନାନଯୋଗୀମାନେ କପିଳାସ ପୀଠର ସେବ ରହି ଆସିଛନ୍ତି । ଏହି ପୀଠରେ ଥିବା ବ୍ରହ୍ମଚାରୀ ମଠରେ ବିଶ୍ୱପ୍ରସିଦ୍ଧ ଭାଗବତ ଟୀକାକାର ଜଗତଗୁର ଶ୍ରୀଧର ସ୍ୱାମୀ ନୃସିଂହ ମନ୍ତ୍ରରେ ସିଦ୍ଧିଲାଭ କରି ଭାଗବତର ଟୀକା ପ୍ରଣୟନ କରିବା ସହିତ ଅନ୍ୟାନ୍ୟ ଗୀତା, ବିଷ୍ଣୁପୁରାଣ ଆଦି ଦୁର୍ଲଭ ଶାସ୍ତ୍ରର ଭାଷ୍ୟ ରଚନା କରିଥିଲେ । ସେହିପରି ଶ୍ରୀ ଚୈତନ୍ୟ ବୃନ୍ଦାବନ ଯାତ୍ରା କାଳରେ ଏହି ଠାରେ ପଦାର୍ପଣ ପୂର୍ବକ ତାଙ୍କ ପାଦଚିହ୍ନ ରହିଛି । ମହିମା ସ୍ୱାମୀ ଏହି ପୀଠରେ ଦୀର୍ଘ ଚବିଶ ବର୍ଷ ତପସ୍ୟା କରି ମହିମା ଧର୍ମର ପ୍ରଚାର ଆରମ୍ଭ କରିଥିଲେ । ତଣ୍ଣେ ଏହି ପୀଠ ଯୁଗେଯୁଗେ ଶୈବପନ୍ଥୀ ଓ ଯୋଗୀମାନଙ୍କୁ ସାଧନା ପାଇଁ ଆକୃଷ୍ଟ କରିଛି ।

ପୁରାଣଯୁଗରୁ ଆରମ୍ଭ କରି ସପ୍ତମ ଶତାବ୍ଦୀ ବେଳକୁ ଢେଙ୍କାନାଳରେ ଶୈବ ଧର୍ମର ପ୍ରସାର ହୋଇସାରିଥିଲା । ଢେଙ୍କାନାଳରେ ପାଳିତ ହେଉଥିବା ଶୈବ ପର୍ବପର୍ବାଣୀ ମଧ୍ୟରେ ଶିବରାତ୍ରି, ବଡ଼ ଓଷା, ଶୀତଳଷଷ୍ଠୀ, ଚତୁର୍ଦ୍ଦଶୀ ବେଢ଼ା, ଦେବାଭିଷେକ, ଜଳଛାୟା, ମକର

ସଂକ୍ରାନ୍ତି, ବିଷୁବ ସଂକ୍ରାନ୍ତି, ଧନୁ ସଂକ୍ରାନ୍ତି ଇତ୍ୟାଦି ପ୍ରଧାନ । ଢେଙ୍କାନାଳରେ ପାଳିତ ହେଉଥିବା ପର୍ବପର୍ବାଣୀରୁ ଜଣାପଡ଼େ ଯେ ଶୈବଧର୍ମ ହେଉଛି ଢେଙ୍କାନାଳର ଗଣଧର୍ମ ।

**ପ୍ରାନ୍ତଟୀକା :**


1. Panda L.K. Kualo Kanakeswar Temple an Archaeological Study, Saptasjya (Dhenkanal College Magazine), Dhenkanal, 1985-86, p-17-18.
2. Donaldson E. Thomas: Hindu Tample Art of Orissa (Vol-1). E. J. Brill, Leiden, The Netherlands, 1st edtion-1985. P-119.
3. Mishra Binayak: Hindol Copper Plate Charter of Subhakaradeva. Journal of Bihar and Orissa Research Society, Vol-II, Pt-IV, 1930, P-69-83.

୪. ମିଶ୍ର ଅନ୍ତର୍ଯ୍ୟାମୀ : ଢେଙ୍କାନାଳ ଐତିହ୍ୟ ଓ ସଂସ୍କୃତି । ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୨ । ୧ମ ପ୍ରକାଶନ- ୨୦୧୨, ପୃ-୩୫୪ ।

5. Sircar D.C. : Kapilas Inscription of Narasimha I. Epigraphia Indica- Vol-XXXIII, 1950-60, P-41-45.

୬. ମିଶ୍ର ଅନ୍ତର୍ଯ୍ୟାମୀ, ଢେଙ୍କାନାଳ ଐତିହ୍ୟ ଓ ସଂସ୍କୃତି,ପୃ-୧୧୫-୧୬ ।


❖ ❖ ❖

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
          ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
          ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
          ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
          ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
          ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
          ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
          ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
          ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
          ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
          ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
          କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
          କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
          ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
          କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
          କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
          ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
          ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
          ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
          ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
          ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
          ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
          ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
          ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
          ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
          ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
          ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
          ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ